R.N.I. REGN. No. 65000/96 POSTAL REGN. No. OR/BN-32/12-14

10 October 2025, Friday

ତ୍ରିଂଶତ୍ତମ ବର୍ଷ
ସଂଖ୍ୟା : ୦୬
ତିଥି : ତୃତୀୟା
୧୦ ଅକ୍ଟୋବର ୨୦୨୫, ଶୁକ୍ରବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ
SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

29th ANNIVERSARY

Bhubaneswar | Balasore | Angul | Berhampur | Sambalpur

## ଭାରତ-ବ୍ରିଟେନ୍ ସହଭାଗିତା ଆର୍ଥିକ ପ୍ରଗତିର ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ : ମୋଦୀ

ନୂଆଦିଲ୍ଲୀ, ୯ ।୧୦ : ଭାରତ ଓ ବ୍ରିଟେନ୍ ମଧ୍ୟରେ ସହଭାଗିତା ବିଶ୍ୱର ସ୍ଥାୟୀତ୍ୱ ଓ ଆର୍ଥିକ ପ୍ରଗତି ଲାଗି ଏକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ। ଅନ୍ତଃରାଷ୍ଟ୍ରୀୟ ଅସ୍ଥିରତାର ଯୁଗ ମଧ୍ୟରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବ୍ରିଟେନ୍ ପ୍ରଧାନମନ୍ତ୍ରୀ କିର୍ ଷ୍ଟାର୍ମରଙ୍କ ସହ ଆଲୋଚନା ପରେ ମନ୍ତବ୍ୟ ଦେଇଛନ୍ତି। ଉଭୟ ଦେଶର ପ୍ରଧାନମନ୍ତ୍ରୀଙ୍କ ମଧ୍ୟରେ ମୁମ୍ବାଇରେ ଆଲୋଚନା ହୋଇଛି। ବାଣିଜ୍ୟ, ପ୍ରତିରକ୍ଷା ଓ ବୈଷୟିକ ଜ୍ଞାନ ଆଦାନ ପ୍ରଦାନ ଉପରେ ଆଲୋଚନା କରାଯିବା ସହ ପୂର୍ବରୁ ସ୍ୱାକ୍ଷରିତ ହୋଇଥିବା ମୁଖ୍ୟ ବାଣିଜ୍ୟ ଚୁକ୍ତିର ସଫଳ ରୂପାୟନ ପାଇଁ ବେଶ୍ ସକରାତ୍ମକ ଦୃଷ୍ଟିରେ ଆଲୋଚନା ହୋଇଛି।




ବୁଧବାର ମୁମ୍ବାଇ ଆସିଥିବା ବ୍ରିଟେନ୍ ପ୍ରଧାନମନ୍ତ୍ରୀଙ୍କୁ ୧୨୬ ଜଣ ବାଣିଜ୍ୟିକ ପ୍ରତିନିଧି ଭେଟିଥିଲେ। ଷ୍ଟାର୍ମରଙ୍କ ଏହି ଦୁଇଦିନିଆ ଗସ୍ତରେ ବ୍ୟବସାୟ ଓ ପୁଞ୍ଜି ନିବେଶର ଲକ୍ଷ୍ୟ ରହିଛି। ୩ ମାସ ପୂର୍ବରୁ ଭାରତ ଓ ବ୍ରିଟେନ୍ ମଧ୍ୟରେ ମୁକ୍ତ ବାଣିଜ୍ୟ ଚୁକ୍ତି ହୋଇଥିଲା। ଏବେ ଏହାର ବୁଝାମଣା ଆରମ୍ଭ ହୋଇଛି। ଏହି ମୁକ୍ତ ବାଣିଜ୍ୟ ଚୁକ୍ତି ଦ୍ୱାରା ବଜାର କ୍ଷେତ୍ରରେ ଉନ୍ନତି ଆସିବା ସହ ବାଣିଜ୍ୟିକ କାରବାରକୁ ପ୍ରୋତ୍ସାହନ ମିଳିବ ଏବଂ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଉଭୟ ଶିଳ୍ପ ଓ ଦୁଇ ଦେଶର ଉପଭୋକ୍ତା ଏହାଦ୍ୱାରା ଲାଭବାନ ହେବେ। ସେହିଭଳି ଆଲୋଚନା ମଧ୍ୟରେ ସୁରକ୍ଷା ସଂକ୍ରାନ୍ତିୟ ( ୯ ପୃଷ୍ଠାରେ)

- ଭାରତ-ବ୍ରିଟେନ୍ ମଧ୍ୟରେ ୪୬୮ ନିୟୁତ ଡଲାରର ପ୍ରତିରକ୍ଷା ଚୁକ୍ତି
- ଭାରତରେ ଖୋଲିବ ୯ ବ୍ରିଟେନ୍ ବିଶ୍ୱବିଦ୍ୟାଳୟର କ୍ୟାମ୍ପସ
- ମୁକ୍ତ ବାଣିଜ୍ୟ ଚୁକ୍ତି ଉଭୟ ଦେଶକୁ ଲାଭବାନ କରିବ

### ଏସ୍ଆଇ ନିଯୁକ୍ତି ଘୋଟାଲା

## ବଣିକ୍ କୋଚିଂ ସେଣ୍ଟରରେ କ୍ରାଇମ୍ବ୍ରାଞ୍ଚ

ଭୁବନେଶ୍ୱର, ୯ ।୧୦ (ସବ୍ୟୁ) : ଏସ୍ଆଇ ନିଯୁକ୍ତି ଘୋଟଲାରେ ଭୁବନେଶ୍ୱର ସିଆର୍‌ପି ଛକରେ ଥିବା ବଣିକ କୋଚିଂ ସେଣ୍ଟରରେ କ୍ରାଇମ୍ବ୍ରାଞ୍ଚ ଚଢାଉ କରିଛି । କମ୍ପ୍ୟୁଟର ଓ ଲାପ୍‌ଟପ୍ ପ୍ରଭୃତିରୁ ୫ବର୍ଷର ରେକର୍ଡ ଯାଞ୍ଚ କରାଯାଇଥିବା ବେଳେ ବଣିକ କୋଚିଂସେଣ୍ଟର ପକ୍ଷରୁ ଘୋଟଲାରେ ସମ୍ପୃକ୍ତିକୁ ଖଣ୍ଡନ କରାଯାଇଛି । କ୍ରାଇମ୍ବ୍ରାଞ୍ଚ ଡିଏସ୍‌ପିଙ୍କ କହିବାନୁଯାୟୀ ଏସ୍ଆଇ ନିଯୁକ୍ତି ଘୋଟଲାରେ ଗିରଫ ହୋଇଥିବା ୧୧୪ଜଣ ଆଶାୟୀଙ୍କ ମଧ୍ୟରୁ ୧୦/୧୨ଜଣ ବଣିକ କୋଚିଂସେଣ୍ଟରର । ଗିରଫ ସମୟରେ ସେମାନଙ୍କ ବୟାନକୁ ଭିତ୍ତିକରି ଏହି ଚଢାଉ କରାଯାଉଛି ବୋଲି ସେ ଗଣମାଧ୍ୟମକୁ କହିଛନ୍ତି ।

ଏସ୍ଆଇ ଘୋଟଲାରେ ୧୧୪ଜଣ ଆଶାୟୀ ଓ ୫ଜଣ ଦଲାଲ ଗିରଫ ହୋଇ ଜେଲ୍‌ରେ ଥିବାବେଳେ ବୁଧବାର ତାଙ୍କ ଜାମିନ ନାମଞ୍ଜୁର ହୋଇଛି । ଫେରାର୍ ଥିବା ମୁଖ୍ୟ କାର୍ପେଟଦାର ଶଙ୍କର ପୁଷ୍ଟି ଓ ମୁନା ମହାନ୍ତିଙ୍କୁ ଗିରଫ କରିବା ପାଇଁ ରାଜ୍ୟର ବିଭିନ୍ନ ସ୍ଥାନରେ ଚଢାଉ କରୁଛି । ଶଙ୍କର ପୁଷ୍ଟି ରାଜ୍ୟ ବାହାରକୁ ଖସିଯାଇଥିବା କୁହାଯାଇଥିବା ବେଳେ ନିର୍ଦ୍ଦିଷ୍ଟ ସୂଚନା ମିଳିଲେ ତଦନ୍ତକାରୀ ଟିମ୍ ରାଜ୍ୟ ବାହାରକୁ ଯାଇପାରେ। ସେ ଦୁହିଁଙ୍କ ଗିରଫ ପାଇଁ ତଦନ୍ତ ପ୍ରକ୍ରିୟା ତ୍ୱରାନ୍ୱିତ ହେଉଥିବା ବେଳେ ତାଙ୍କ ସମ୍ପୃକ୍ତିକୁ ନେଇ ଭୁବନେଶ୍ୱରର ଦୁଇଟି ସ୍ଥାନରେ ଚଢାଉ ହେଲାଣି । ପ୍ରଥମେ ନନ୍ଦନକାନନ ଥାନା ଅଧୀନ ରଘୁନାଥପୁରଠାରେ (୯ ପୃଷ୍ଠାରେ)

### ନୂଆପଡ଼ା ଉପନିର୍ବାଚନ ଲାଗି ସର୍ବଦଳୀୟ ବୈଠକ

## ମୁକ୍ତ, ଅବାଧ, ନିରପେକ୍ଷ ନିର୍ବାଚନକୁ ଗୁରୁତ୍ୱ

ଭୁବନେଶ୍ୱର, ୯ ।୧୦ (ସବ୍ୟୁ) : ନୂଆପଡ଼ା ଉପନିର୍ବାଚନକୁ ମୁକ୍ତ, ଅବାଧ ଓ ନିରପେକ୍ଷ କରିବା ପାଇଁ ସବୁ ପ୍ରକାର ବନ୍ଦୋବସ୍ତ କରାଯାଇଛି । ଏଣୁ ନିର୍ବାଚନକୁ ସଫଳ କରିବା ପାଇଁ ଭାରତ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଜାରି ହୋଇଥିବା ସମସ୍ତ ମାର୍ଗଦର୍ଶିକାର କଡ଼ାକଡ଼ି ଅନୁପାଳନ କରିବା ଲାଗି ସମସ୍ତ ରାଜନୈତିକ ଦଳର ପ୍ରତିନିଧିଙ୍କୁ ପରାମର୍ଶ ଦେଇ ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍‌ଏସ୍ ଗୋପାଳନ ଏହା କହିଛନ୍ତି ।

ଆସନ୍ତା ନଭେମ୍ବର ୧୧ରେ ହେବାକୁ ଥିବା ନୂଆପଡ଼ା ଉପନିର୍ବାଚନ ପରିପ୍ରେକ୍ଷୀରେ ସମସ୍ତ ରାଜନୈତିକ ଦଳର ପ୍ରତିନିଧିଙ୍କୁ ନେଇ ଏକ ବୈଠକ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଗୋପାଳନ ବୈଠକରେ ଅଧ୍ୟକ୍ଷତା କରି କହିଲେ, ଉପନିର୍ବାଚନ ତାରିଖ ଘୋଷଣା ସହ ଆଦର୍ଶ ଆଚରଣବିଧି ଲାଗୁ ହୋଇଥିବାରୁ ବୈଦ୍ୟୁତିକ, ମୁଦ୍ରଣ ଓ ସାମାଜିକ ଗଣମାଧ୍ୟମ ଏବଂ ୱେବ୍‌ମିଡ଼ିଆ ସମେତ ସିନେମାହଲ୍, ରେଡ଼ିଓ, ପୋଷ୍ଟର ଓ ହୋର୍ଡ଼ିଂ ଆଦି ଜରିଆରେ ବିଜ୍ଞାପନ ଜାରି ପୂର୍ବରୁ ଆୟୋଗଙ୍କ ଅନୁମତି ଜରୁରୀ । ଏଥି ସହିତ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରୁଥିବା ପ୍ରାର୍ଥୀଙ୍କ (୯ ପୃଷ୍ଠାରେ)

## ଆଜିଠୁଁ ୧୩ ଯାଏଁ ବର୍ଷା

ଭୁବନେଶ୍ୱର, ୯ ।୧୦ (ସବ୍ୟୁ): ରାଜ୍ୟରେ ପୁଣି ଘୂର୍ଣ୍ଣିବଳୟ ପ୍ରଭାବରେ ବର୍ଷିବ । ବିଭିନ୍ନ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବ । ସେପଟେ ଦେଶର ଅବଶିଷ୍ଟ ଭାଗରୁ ଦକ୍ଷିଣ ପଶ୍ଚିମ-ମୌସୁମୀ ବାୟୁ ପ୍ରତ୍ୟାହାର ପାଇଁ ପାରିପାର୍ଶ୍ୱିକ ପରିସ୍ଥିତି ପ୍ରଥମ ସପ୍ତାହର ଅର୍ଥାତ ୧୦ରୁ ୧୬ ତାରିଖ ପ୍ରଥମାର୍ଦ୍ଧରେ ଅନୁକୂଳ ହେବାର ସମ୍ଭାବନା ରହିଛି । ଏନେଇ ପାଣିପାଗ ବିଜ୍ଞାନୀ ଉମା ଶଙ୍କର ଦାଶ ସୂଚନା ଦେଇଛନ୍ତି ।

ଦକ୍ଷିଣ ଉପଦ୍ୱୀପୀୟ ଭାରତ, ଦକ୍ଷିଣ ଏବଂ ସଲଗ୍ନ କେନ୍ଦ୍ରୀୟ ବଙ୍ଗୋପସାଗର ଉପରେ ପୂର୍ବାଳୀ ଓ ଉତ୍ତରା-ପୂର୍ବାଳୀ ବାୟୁ ପ୍ରବେଶ କରିବ । ସେହି ସମୟରେ ଦକ୍ଷିଣ-ପୂର୍ବ ଉପଦ୍ୱୀପୀୟ ( ୯ ପୃଷ୍ଠାରେ)

## ବ୍ୟବସାୟୀଙ୍କୁ ହତ୍ୟା ଉଦ୍ୟମ ଘଟଣା, ମାଷ୍ଟରମାଇଣ୍ଡ ଗିରଫ

ଟିଟିଲାଗଡ଼, ୯ ।୧୦ (ସବ୍ୟୁ) : ଟିଟିଲାଗଡ଼ ସହରରେ ଚାଞ୍ଚଲ୍ୟ । ଜଣେ ଯୁବ ବ୍ୟବସାୟୀଙ୍କୁ ଜୀବନରୁ ମାରି ଦେବାର ହୋଇଥିଲା ଷଡ଼ଯନ୍ତ୍ର। ତେବେ କେଉଁ କାରଣ ପାଇଁ ଏଭଳି ଜଘନ୍ୟ କାଣ୍ଡ ଘଟିଲା ତାହାକୁ ନେଇ କଳ୍ପନା ଜଳ୍ପନା ଜାରି ରହିଛି। ତେବେ ଏହି ଘଟଣାରେ ସ୍ଥାନୀୟ ବିଧାୟକଙ୍କ ମୁଖ୍ୟ ପରାମର୍ଶଦାତା ଅଙ୍କୁର ଅଗ୍ରୱାଲଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଘଟଣା ପଛରେ ରାଜନୈତିକ ଓ ବ୍ୟବସାୟୀକ କାରଣ ଥିବାନେଇ ସ୍ଥାନୀୟ ମହଲରେ ଚର୍ଚ୍ଚା ହେଉଛି।

ଅଭିଯୋଗ ଅନୁଯାୟୀ ଗତ ସେପ୍ଟେମ୍ବର ୨୮ ତାରିଖ ଦିନ ଟିଟିଲାଗଡ଼ ସହର ରେଲୱେ ଷ୍ଟେସନ ନିକଟରେ ଥିବା ହୋଟେଲ ସନ ଭ୍ୟୁର ମାଲିକ ଶିବ ଦୟାଲ (୯ ପୃଷ୍ଠାରେ)

KALINGA INSTITUTE OF INDUSTRIAL TECHNOLOGY

KIIT Deemed to be University (Declared U/S 3 of UGC Act, 1956), Bhubaneswar, Odisha, India

KIIT is only 28 years old as an institute (1997 – 2025) and 22 years old as a university.


THE World University Rankings 2026

KIIT placed globally in the Top 501 Cohort

Ranked 259th Globally in Academic Excellence

5th Best in India

KIIT's Rank Over the Years




Top Performer in India in Three Parameters

Industry Integration

International Outlook

Social Commitment
Strong alignment with SDG goals 4, 10 & 16

Times Higher Education Summary Statement

"KIIT's performance in THE (Times Higher Education) World University Rankings 2026 reflects a decade of transformation from Local Excellence to Global Excellence. The institution has demonstrated that a socially inclusive university from Odisha can compete with the world's finest through innovation, compassion, and quality education."

"ପ୍ରତି ରାଜ୍ୟ ଚାହାନ୍ତି ସେହି ରାଜ୍ୟର ଏକ ଶିକ୍ଷାନୁଷ୍ଠାନ ବିଶ୍ୱର ୫୦୦ ର୍‍ୟାଙ୍କ ମଧ୍ୟରେ ଆସୁ। ମୁଁ ଅତ୍ୟନ୍ତ ଖୁସି ଯେ, ଠାକୁରଙ୍କ ଆଶୀର୍ବାଦ ଓ ଓଡ଼ିଶାବାସୀଙ୍କ ଶୁଭେଚ୍ଛା ଯୋଗୁଁ କିଟ୍ ମାତ୍ର ୨୮ ବର୍ଷର ଅନୁଷ୍ଠାନ ଓ ୨୨ ବର୍ଷର ବିଶ୍ୱବିଦ୍ୟାଳୟ ହୋଇ ବିଶ୍ୱର ବହୁ ଲବ୍ଧ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟ ମଧ୍ୟରେ ୫୦୧ କୋହର୍ଟ ମଧ୍ୟ ସ୍ଥାନ ପାଇବାର ଗୌରବ ଅର୍ଜନ କରିଛି। ଏହି ସଫଳତା ଓଡ଼ିଶା ତଥା ଭାରତ ପାଇଁ ଗର୍ବ ଓ ଗୌରବର ବିଷୟ।"

ଅଚ୍ୟୁତ ସାମନ୍ତ
ପ୍ରତିଷ୍ଠାତା, କିଟ୍, କିସ୍ ଓ କିମ୍ସ

OTHER RANKINGS

17th Among Indian Universities Ranked by NIRF, Govt. of India 2025

A++ Grade Accredited by NAAC

Tier 1 Re-accredited by NBA All Engineering Programs for 6 Years

5th in India, 101-200 global rank, Impact Rankings 2025

1st in Odisha, 9th in India Among private universities

8th Best in India Among Govt. & Pvt. Institutions, World University Rankings 2025 Asia

ABET (US) Accreditation

Special Consultative Status by the UN-ECOSOC

KIIT-DU, Patia, Bhubaneswar, Odisha, India 751024 | kiit@kiit.ac.in | www.kiit.ac.in

KIIT (Deemed to be University) has only one permanent campus in Bhubaneswar, Odisha. It has no other campus / off campus anywhere else in the country and globe.



## ଆଜି ଜନ୍ମଦିନ
# ଆର.କେ.ନାରାୟଣ

୧୯୦୬ ମସିହାରେ ଅକ୍ଟୋବର ୧୦ ତାରିଖରେ ମାଡ୍ରାସରେ ଜନ୍ମଗ୍ରହଣ କରିଥିଲେ ସାରା ବିଶ୍ୱରେ ପରିଚିତ ଭାରତୀୟ ଔପନ୍ୟାସିକ ଆର୍.କେ ନାରାୟଣ । ସେ ପ୍ରଥମ ଦକ୍ଷିଣ ଭାରତୀୟ ଯିଏ କି ଇଂରାଜୀରେ ବହି ଲେଖା ଆରମ୍ଭ କରିଥିଲେ । ସେ ଏକ ଧାରାରେ ଔପନ୍ୟାସିକ, ଗାଳ୍ପିକ ଓ ପ୍ରାବନ୍ଧିକ ଥିଲେ । ତାଙ୍କର ପ୍ରଥମ ୪ଟି ବହି ଗାଁର ପରିବେଶ, ସାମାଜିକ ପରମ୍ପରା, ସାଧାରଣ ଜନସାଧାରଣଙ୍କର ଜୀବନଯାପନ ପ୍ରଣାଳୀ, ଗରିବ ମହିଳାଙ୍କ ଉପରେ ହେଉଥିବା ନିର୍ଯ୍ୟାତନା ସମ୍ବନ୍ଧରେ ଥିଲା । ସେ ସାଧାରଣ ଲୋକଙ୍କ ଉନ୍ନତି ପାଇଁ ସବୁବେଳେ ଚେଷ୍ଟିତ ଥିଲେ । ସେ ତାଙ୍କ ଲେଖା ପାଇଁ ଦେଶ ବିଦେଶରେ ଖ୍ୟାତି ଅର୍ଜନ କରିଥିଲେ । ମାଡ୍ରାସର ମିଶନ ସ୍କୁଲ, ସି.ଆର.ସି. ହାଇସ୍କୁଲ ଓ ଖ୍ରୀଷ୍ଟିୟାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସେ ପାଠ ପଢ଼ିଥିଲେ । ମାତ୍ର ବାର ବର୍ଷ ବୟସରେ ସ୍ୱାଧୀନତା ସଂଗ୍ରାମ ପଦଯାତ୍ରାରେ ସେ ଭାଗନେଇଥିଲେ । ସେ ଉଚ୍ଚ ବିଦ୍ୟାଳୟରୁ ପାସ କଲାପରେ ବିଶ୍ୱ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷାରେ ଅକୃତକାର୍ଯ୍ୟ ହୋଇଥିଲେ । ସେଥିପାଇଁ ସେ ଗୋଟିଏ ବର୍ଷ ଘରେ ରହି ପାଠପଢ଼ା ସହ ଲେଖା ଆରମ୍ଭ କରିଥିଲେ । ଏହାପରେ ସେ ବି.ଏ ଏବଂ ପରେ ଏମ.ଏ. ପାସ କରିଥିଲେ । ନାରାୟଣ ଶିକ୍ଷକତାରୁ ହିଁ ତାଙ୍କର କର୍ମମୟ ଜୀବନ ଆରମ୍ଭ କରିଥିଲେ । ପ୍ରଥମେ ସେ ଖବର କାଗଜ ଓ ପତ୍ରିକା ପାଇଁ ଗଳ୍ପ ଲେଖିଥିଲେ । ଏହାପରେ ସେ ସ୍ୱାଧୀନଭାବେ ନିଜ ଅନୁଭୂତି ଲେଖିବା ଆରମ୍ଭ କରିଥିଲେ । ତାଙ୍କର ପ୍ରଥମ ଉପନ୍ୟାସ ଥିଲା ସ୍ୱାମୀ ଆଣ୍ଡ ଫ୍ରେଣ୍ଡସ ଯାହାକୁ ସେ ୧୯୩୫ରେ ପ୍ରକାଶ କରିଥିଲେ । ଏହାପରେ ଅନେକ ବହି ଯଥା ଦି ଡାର୍କ ରୁମ, ଦି ଇଂଲିସ ଟିଚର, ଦି ଗାଇଡ, ଦି ଭେଣ୍ଡର ଅଫ ସୁଇଟ୍ସ ତାଙ୍କୁ ଖୁବ ପରିଚୟ ପ୍ରଦାନ କରିଥିଲା । ତାଙ୍କର ମାଲଗୁଡି ଡେଜ୍ କାହାଣୀ ଏବେବି ଲୋକପ୍ରିୟ । ତାଙ୍କର ଲେଖା ତାଙ୍କୁ ଦେଶବିଦେଶରେ ପରିଚିତ କରାଇଥିଲା । ଏହି ମହାନ ଲେଖକଙ୍କର ୨୦୦୧ ମସିହା ମେ' ୧୩ରେ ୯୪ ବୟସରେ ଦେହାନ୍ତ ହୋଇଥିଲା । ତାଙ୍କ ଉପନ୍ୟାସକୁ ଭିତ୍ତିକରି 'ଗାଇଡ୍' ହିନ୍ଦୀ ଚଳଚ୍ଚିତ୍ର ଖୁବ୍ ଲୋକପ୍ରିୟ ହୋଇଥିଲା । ଏହାର ନାୟକ ଭୂମିକାରେ ଦେବାନନ୍ଦ ଓ ନାୟିକା ଭୂମିକାରେ ୱାହିଦା ରେହମନ ଅଭିନୟ କରିଥିଲେ ।

# ବିବାଦରେ ଦୀପିକା

ଦୀପିକା ପାଦୁକୋନ୍ ବର୍ତ୍ତମାନ କିଛି ଦିନ ଧରି ଚର୍ଚ୍ଚାରେ ରହୁଛନ୍ତି । ତେବେ ନିକଟରେ ପୁଣି ଏକ ଘଟଣାକୁ ନେଇ ଚର୍ଚ୍ଚାକୁ ଆସିଛନ୍ତି ଅଭିନେତ୍ରୀ । ନିକଟରେ ଉଭୟ ରଣବୀର ଓ ଦୀପିକାଙ୍କର ଏକ ଆଡ ରିଲିଜ୍ ହୋଇଛି, ଯେଉଁଥିରେ ଅଭିନେତ୍ରୀ ହିଜାବ ପିନ୍ଧିଥିବାର ଦେଖିବାକୁ ମିଳୁଛି । ସୂଚନା ଅନୁସାରେ ଉଭୟ ଆବୁଧାବି ଟୁରିଜିମ ସହିତ ଏକ ନୂଆ ବିଜ୍ଞାପନ ସୁଟିଂ କରିଛନ୍ତି । ଯେଉଁଥିରେ ଦୀପିକା କଷ୍ଟ୍ୟୁମରେ ହିଜାବ ପିନ୍ଧିଛନ୍ତି । ହେଲେ ଏହାକୁ ନେଇ ସୋସିଆଲ ମିଡିଆ ୟୁଜର୍ସ ଦୀପିକାଙ୍କ ଉପରେ ରାଗୁଥିବା ଦେଖିବାକୁ ମିଳୁଛି । ସେମାନେ ଦୀପିକାଙ୍କୁ ଖୁବ ଅଧିକ ମାତ୍ରାରେ ଟ୍ରୋଲ କରୁଥିବା ଦେଖିବାକୁ ମିଳିଛି । ତେବେ ଦୀପିକାଙ୍କ ଫ୍ୟାନମାନେ ଟ୍ରୋଲରଙ୍କୁ ଯବାବ ଦେଇଛନ୍ତି । ସେମାନଙ୍କ ମତରେ ଦୀପିକା ନିଜ କାମ ପାଇଁ ଏହା କରିଛନ୍ତି । ସେହିଭଳି ଉଭୟ ଭାରତୀୟ ମନ୍ଦିର ମଧ୍ୟ ଯାଇଥାଆନ୍ତି ଏବଂ ହିନ୍ଦୁ ଧର୍ମରେ ସଦାବେଳେ ସମ୍ମାନ କରିଥାଆନ୍ତି । ତେବେ ଘଟଣାରେ ରଣବୀର କିମ୍ବା ଦୀପିକା କାହାର ମନ୍ତବ୍ୟ ମିଳିପାରି ନାହିଁ ।




# ଚୁଇଁଗମ୍ ଚିହ୍ନିବ ଫ୍ଲୁ




ସାଧାରଣତଃ ଫ୍ଲୁ ହେଲେ ସମସ୍ତେ ଖୁବ ହଇରାଣ ହୋଇଥାଆନ୍ତି । ଏହାକୁ ଭଲ କରିବାକୁ କିମ୍ବା ଚିହ୍ନଟ କରିବାକୁ ଡାକ୍ତରମାନେ ବିଭିନ୍ନ ପ୍ରକାରର ପନ୍ଥା ଆପଣାଇଥାଆନ୍ତି । ବର୍ତ୍ତମାନ ବୈଜ୍ଞାନିକମାନେ ଏକ ଚୁଇଗମର ଉଦ୍ଭାବନ କରିଛନ୍ତି ଯାହା ଫ୍ଲୁ ଭାଇରସକୁ ଚିହ୍ନଟ କରିବାରେ ସମର୍ଥ । ସୂଚନା ଅନୁସାରେ ଏହି ଚୁଇଗମରେ ଏକ ସେନ୍ସର ଲଗାଯାଇଛି ଯାହା ଫ୍ଲୁ ଭାଇରସର ସମ୍ପର୍କରେ ଆସିବାକ୍ଷଣି ଜୁଆଣି ଫୁଲର ସ୍ୱାଦ ବାହାର କରିବ । ଯାହାଫଳରେ ଆପଣ ଜାଣିପାରିବେ ଆପଣଙ୍କ ଶରୀରରେ ଫ୍ଲୁ ସଂକ୍ରମଣର ଜୀବାଣୁ ଅଛନ୍ତି ଏବଂ ଆପଣ ଉପଚାର ଆରମ୍ଭ କରିପାରିବେ । ତେବେ ଏହି ସେନ୍ସରଟି ଜିଭ ସାହାଯ୍ୟରେ ଏହି ଫ୍ଲୁର ଚିହ୍ନଟ କରିବ । ଚୁଇଗମଟି ଲୋକଙ୍କ ପାଇଁ ଖୁବ ଉପକାରୀ ହେବ ବୋଲି ଏହାକୁ ପ୍ରସ୍ତୁତ କରିଥିବା ବୈଜ୍ଞାନିକମାନେ ପ୍ରକାଶ କରିଛନ୍ତି ।

## ସୋସିଆଲ କୋଟ୍ସ



"ଟ୍ରେଲର ମୋଠାରୁ ଆରମ୍ଭ ହେବା ବଡ ସୌଭାଗ୍ୟର ବିଷୟ । ଏହା ଦେଖି ଖୁବ ଖୁସି ଲାଗିଥିଲା । ଲାଗିଥିଲା ମୋର ବର୍ଷବର୍ଷର ପରିଶ୍ରମ ସଫଳ ହୋଇଥିଲା ।

ଏଜାଜ୍ ଖାନ୍, ଅଭିନେତା



"ହମ୍ ସାଥ୍ ସାଥ୍ ହେ ଫିଲ୍ମର ଅଂଶ ଶାହରୁଖ ଖାନ୍ ହୋଇ ପାରିଥାଆନ୍ତେ । ସୈଫ ଅଲ୍ଲୀ ଖାନଙ୍କ ରୋଲ ପାଇଁ ତାଙ୍କୁ ଆପ୍ରୋଚ କରାଯାଇଥିଲା । ହେଲେ କୌଣସି କାରଣ ପାଇଁ ଏହା ହୋଇ ପାରିନଥିଲା ।

ସୂରଜ ବଡଜାତ୍ୟା, ଫିଲ୍ମ ମେକର



"ବର୍ତ୍ତମାନ ମୁଁ ବିବାହ କଥା ଚିନ୍ତା ବି କରିନି । ଏବେ କେବଳ କ୍ୟାରିୟର ଉପରେ ଧ୍ୟାନ ଦେଉଛି । କ୍ୟାରିୟରରେ ଆହୁରି ଅନେକ ମାଇଲ୍‌ଷ୍ଟୋନ ଅଛି ଆଚିଭ୍ କରିବାକୁ ।

କ୍ରିତି ସନନ୍, ଅଭିନେତ୍ରୀ




# ହୋଟେଲରେ ରହିବାକୁ ମିଳୁଛି ଅର୍ଥ

ସାଧାରଣତଃ ଲୋକମାନେ ହୋଟେଲରେ ରହିଲେ ସେମାନଙ୍କୁ ପଇସା ଦେବାକୁ ହୋଇଥାଏ । ହେଲେ ଆମେରିକାରେ ଏଭଳି ଏକ ହୋଟେଲ ରହିଛି ଯେଉଁଠାରେ ରହିଲେ ଗ୍ରାହକଙ୍କୁ ପଇସା ମିଳିଥାଏ । ଆମେରିକାର ଲାସ ବେଗାସର ଏକ ହୋଟେଲରେ ଏକ ସ୍ୱତନ୍ତ୍ର ଧରଣର ପ୍ରତିଯୋଗିତାର ଆୟୋଜନ କରାଯାଇଛି । ଏହି ପ୍ରତିଯୋଗିତା ଅଧିନରେ ଯଦି ଜଣେ ବ୍ୟକ୍ତି ହୋଟେଲରେ ରହୁଛନ୍ତି ତେବେ ତାଙ୍କୁ ୪ଲକ୍ଷରୁ ଅଧିକ ଟଙ୍କା ଦିଆଯାଉଛି । ହେଲେ ଏଥିରେ ଏକ ଟୁଇଷ୍ଟ ରହିଛି । ସୂଚନା ଅନୁସାରେ ହୋଟେଲରେ କିଛି ଭୂତପ୍ରେତଙ୍କ ବାସ ରହିଛି । ତେଣୁ ଯେଉଁ ଗ୍ରାହକ ଏଠାରେ ରହିବେ ସେମାନଙ୍କୁ ଏହା ଉପରେ ଅଧିକ ତର୍ଜମା କରିବାର ଅଛି । ତେଣୁ ଏହି ପ୍ରତିଯୋଗିତାର ନାଁ ସେମାନେ ରଖିଛନ୍ତି ହଣ୍ଟେଡ କଣ୍ଟେଷ୍ଟ । ଏହି ହୋଟେଲଟି ସେଠିକାର ସବୁଠାରୁ ପୁରୁଣା ହୋଟେଲ, ଯାହାର ନିର୍ମାଣ ୧୯୪୧ରେ ହୋଇଥିଲା । ତେବେ ବିଗତ ଅନେକ ବର୍ଷ ହେବ ଏଠାରେ ଭୂତପ୍ରେତଙ୍କର ପ୍ରଭାବ ରହିଥିବାନେଇ ସ୍ଥାନୀୟ ଅଞ୍ଚଳରେ ଆଲୋଚନା ରହିଛି । ଏଠାରେ ରହିବାକୁ ଆସୁଥିବା ଅତିଥି ମଧ୍ୟ ଏନେଇ ଅନେକ ସମୟରେ ସୂଚନା ଦେଇଥାଆନ୍ତି ।

# ଚିକିତ୍ସା କ୍ଷେତ୍ରରେ ଏଆଇ

ଆଜିକାଲି ଏଆଇର ବ୍ୟବହାର ଚିକିତ୍ସା କ୍ଷେତ୍ରରେ ଅନେକ ପ୍ରକାରର ପରିବର୍ତ୍ତନ ଆଣିଛି । ଚିକିତ୍ସାର ପ୍ରକ୍ରିୟାକୁ ଏହା ଅନେକାଂଶରେ ବଦଳାଇ ସାରିଲାଣି । ଏହି କ୍ରମରେ ବ୍ରିଟେନ୍ ଓ ଜାପାନ ୟୁନିଭର୍ସିଟିର ଗବେଷକମାନେ ଏକ ନୂଆ ଅଧ୍ୟାୟ କରିବାକୁ ଯାଉଛନ୍ତି । କିଛି ବର୍ଷ ପୂର୍ବେ ସେମାନେ ପ୍ରସ୍ତୁତ କରିଥିବା ନାନୋ ରୋବଟର ମାନବିକ ପରୀକ୍ଷଣ କରାଯିବ । ଏହି ରୋବଟ ଆମ ଶରୀରରେ ଭିତରେ ଏଣ୍ଟ୍ରି କରି ବିଭିନ୍ନ ଇଣ୍ଟରନାଲ ଡିଜିଜ୍ ସମ୍ବନ୍ଧରେ ତଥ୍ୟ ବାହାର କରିବ । ତେବେ ଏହି ପରୀକ୍ଷଣ ପାଇଁ ସେମାନେ ୨୦ଟି ରୋବଟ ପ୍ରସ୍ତୁତ କରିଛନ୍ତି । ଏହି ରୋବଟଗୁଡିକରେ ସେନ୍ସର ଓ କ୍ୟାମେରା ଲାଗିଛି । ଯାହାଫଳରେ ଏହା ଆମ ଶରୀରରେ ପ୍ରବେଶ କରିବା ପରେ ଶରୀରର ଭିତର ଭାଗରେ କଣ ହେଉଛି ସେ ନେଇ ସମସ୍ତ ତଥ୍ୟ ପାଇପାରିବେ । ଯାହାକୁ ଆଧାର କରି ସେମାନେ ଏହି ରୋବଟ ଗୁଡିକୁ ଚଳାଇବେ । ଏହି କ୍ୟାପସୁଲ ରୋବଟଙ୍କୁ ଆମେ ମାନେ ବଟିକା ଭଳି ଗିଳି ଶରୀରର ଭିତରକୁ ପଠାଇ ପାରିବା । ଯାହାପରେ ସେମାନେ ନିଜର କାର୍ଯ୍ୟ ଆରମ୍ଭ କରିବେ । ଏହା କୋଲନ୍‌ସ୍କୋପିର ବିକଳ୍ପ ଭାବେ ବ୍ୟବହାର କରାଯାଇପାରିବ । ଏହି ପ୍ରକ୍ରିୟା ସଫଳ ହେଲେ ଏହା କୋଲନ୍‌ସ୍କୋପିର ଏକ ଭଲ ବିକଳ୍ପ ହୋଇପାରେ ବୋଲି ଗବେଷକମତ ଦେଇଛନ୍ତି । ଏହି ରୋବଟକୁ ପ୍ରସ୍ତୁତ କରିବାକୁ ସେମାନଙ୍କୁ ୧୫ ବର୍ଷ ସମୟ ଲାଗିଛି ।




ଏହି କାହାଣୀଟି ହେଉଛି ଜାପାନରେ ରହୁଥିବା କୋଇଚି ମତ୍ସୁବାରାଙ୍କର । ୫୬ ବର୍ଷୀୟ ଏହି ବ୍ୟକ୍ତିଙ୍କର ସମ୍ପତ୍ତି ୧୫ କୋଟି ଟଙ୍କା । ଏହି ବ୍ୟକ୍ତିଙ୍କର ସାତୋଟି ଫ୍ଲାଟ ରହିଛି ଯାହା ଭଡାରେ ଦିଆଯାଇଛି ଏହାସହିତ ସେୟାର ମାର୍କେଟରେ ମଧ୍ୟ ତାଙ୍କର ପଇସା ଲାଗିଛି । ଯେଉଁଥିରୁ ବର୍ଷକୁ ପାଖାପାଖି ୧.୫ କୋଟି ଟଙ୍କାର ଆୟ ହେଉଛି । ଏତେ ଧନୀ ହେଲେ ମଧ୍ୟ ଏହି ବ୍ୟକ୍ତି ଜଣଙ୍କ ଏବେ ମଧ୍ୟ ଚୌକିଦାରୀ କାମ କରିଥାଆନ୍ତି । ସପ୍ତାହକରେ ସେ ତିନି ଦିନ ଧରି ଚୌକିଦାରୀ କାମ କରିଥାଆନ୍ତି । ଏହିଭଳି ଛୋଟମୋଟ କାମ କରିବା ତାଙ୍କୁ ମାନସିକ ଶାନ୍ତି ଦେଇଥାଏ ଏବଂ ସୁସ୍ଥ ରଖିଥାଏ ବୋଲି ସେ ମତ ଦେଇଛନ୍ତି । ତେଣୁ ସେ ଏଭଳି ଛୋଟଛୋଟ କାମ ସବୁବେଳେ କରିଥାଆନ୍ତି ।

# କୋଟିପତି କରୁଛନ୍ତି ଚୌକିଦାରୀ

୧୯୦୬– ଭାରତୀୟ ଔପନ୍ୟାସିକ ଆର୍.କେ. ନାରାୟଣଙ୍କ ଜନ୍ମ ।
୧୯୧୦– ବାରାଣସୀରେ ମଦନ ମୋହନ ମାଲବୀୟଙ୍କ ଅଧ୍ୟକ୍ଷତାରେ ପ୍ରଥମ ଅଖିଳ ଭାରତୀୟ ହିନ୍ଦୀ ସମ୍ମିଳନୀ ଆୟୋଜିତ ।
୧୯୬୪– ଟୋକିଓରେ ହୋଇଥିବା ଗ୍ରୀଷ୍ମକାଳୀନ ଅଲିମ୍ପିକ୍‌ର ପ୍ରଥମକରି ଦୂରଦର୍ଶନରେ ସିଧା ପ୍ରସାରଣ କରାଗଲା ।
୧୯୭୮– ପ୍ରଥମ ମହିଳା ରୂପେ ରାଷ୍ଟ୍ରୀୟ ଚେସ୍ ପ୍ରତିଯୋଗିତାରେ ରୋହିଣୀ ଖାଦିଲକର ବିଜୟୀ ।
୧୯୯୧– ଭାରତକୁ ବିଶ୍ୱ କ୍ୟାରମ୍ ପ୍ରତିଯୋଗିତା ଟାଇଟେଲ୍ ।
୧୯୯୨– କଲିକତାରେ ଦ୍ୱିତୀୟ ହୁଗଲୀ ପୁଲ୍ ବିଦ୍ୟାସାଗର ସେତୁ ଖୋଲିଲା ।
୨୦୦୫– ଆଞ୍ଜେଲା ମାର୍କେଲ୍ ଜର୍ମାନୀର ପ୍ରଥମ ମହିଳା ଚାନ୍ସେଲର ହେଲେ ।
୨୦୧୪– ଭାରତର କୈଳାଶ ସତ୍ୟାର୍ଥୀଙ୍କୁ ନୋବେଲ ପୁରସ୍କାର ପ୍ରଦାନ ଲାଗି ଘୋଷଣା ।
୨୦୨୨– ପ୍ରସିଦ୍ଧ ଭାରତୀୟ ରାଜନୀତିଜ୍ଞ, ସମାଜବାଦୀ ନେତା ତଥା ପୂର୍ବତନ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ମୁଲାୟମ ସିଂହ ଯାଦବଙ୍କ ଦେହାନ୍ତ ।

**ସାମଗ୍ରୀ–** ବୋନଲେସ ମଟନ, ଚର୍ବି, ଅଦା ପେଷ୍ଟ, ରସୁଣ ବଟା, କଞ୍ଚା ଅମୃତଭଣ୍ଡା ପେଷ୍ଟ, ଚାଟ୍ ମସଲା, ଲଙ୍କା ଗୁଣ୍ଡ, ଧନିଆ ଗୁଣ୍ଡ, ଜିରା ଗୁଣ୍ଡ, ହଳଦୀ, ଭଜା ବେସନ, କର୍ଣ୍ଣଫ୍ଲୋର, ଭଜା ପିଆଜ, ଧନିଆ ପତ୍ର, ପୋଦିନା ପତ୍ର, କଞ୍ଚା ଲଙ୍କା, ଲେମ୍ବୁ ରସ, କୋଇଲା ।

**ପ୍ରଣାଳୀ–** ପ୍ରଥମେ ଗ୍ରାଇଣ୍ଡରରେ ଛୋଟଛୋଟ ବୋନ୍ ଲେସ ମଟନ, ଚର୍ବି, ଅଦା, ରସୁଣ ପେଷ୍ଟ, ଅମୃତଭଣ୍ଡା ପେଷ୍ଟ, ସମସ୍ତ ଗୁଣ୍ଡ ମସଲା, ଭଜା ପିଆଜ, ଭଜା ବେସନ, କର୍ଣ୍ଣଫ୍ଲୋର, ଧନିଆ ପତ୍ର, ପୋଦିନା ପତ୍ର, କଞ୍ଚା ଲଙ୍କା, ଲେମ୍ବୁ ରସକୁ ମିଶାଇ ବାଟି ନିଅନ୍ତୁ । ଏହାପରେ ଏହି ମିଶ୍ରଣକୁ ଏକ ପାତ୍ରକୁ କାଢନ୍ତୁ । ଏହାକୁ କବାବ ଭଳି ଆକାର ଦିଅନ୍ତୁ । ଯାହାପରେ ଏହାକୁ ଡିପ ଫ୍ରାଏ କରନ୍ତୁ । ଶେଷରେ କଟା ପିଆଜ, ଲେମ୍ବୁ ଓ ଧନିଆ ପତ୍ର ଦେଇ ପରଷନ୍ତୁ ଫ୍ରାଏଡ୍ ମଟନ ଗୋଲା କବାବ ।



# ମଟନ ଗୋଲା କବାବ


ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଅବସରରେ ବିଧାନସଭା ପ୍ରାଙ୍ଗଣରେ ଥିବା ଉତ୍କଳମଣିଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ମାନ୍ୟଗଣ୍ୟ ଅତିଥି ଶ୍ରଦ୍ଧା ସୁମନ ଅର୍ପଣ କରୁଛନ୍ତି ।

# ରାଜ୍ୟସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ ପାଳିତ

ଭୁବନେଶ୍ୱର (ସବ୍ୟୁ): ଲୋକସେବା ଭବନର କନଭେନସନ ସେଣ୍ଟରରେ ୭୧ତମ ରାଜ୍ୟସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ, ୨୦୨୫ ପାଳିତ ହୋଇଯାଇଛି । ରାଜ୍ୟପାଳ ଡକ୍ଟର ହରି ବାବୁ କମ୍ଭମପାଟି, ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ, ଶ୍ରମ ଏବଂ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ଶ୍ରୀ ଗଣେଶ ରାମ ସିଂଖୁଣ୍ଟିଆଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଏହି ଉତ୍ସବରେ ଯୋଗଦେଇ ଓଡ଼ିଶାର ଜୈବବିବିଧତାର ସୁରକ୍ଷା ପାଇଁ ବନ ବିଭାଗର ପ୍ରତିବଦ୍ଧତାକୁ ପ୍ରଶଂସା କରିଥିଲେ । ପରିବେଶ ପର୍ଯ୍ୟଟନ, ମାନବ-ବନ୍ୟପ୍ରାଣୀ ସଂଘର୍ଷ ହ୍ରାସ ସହ ମନିଟରିଂରେ ପ୍ରଯୁକ୍ତି ବିଦ୍ୟାର ବ୍ୟବହାର ଭଳି ପଦକ୍ଷେପ ଗ୍ରହଣ କରି ଓଡ଼ିଶା ବନ ବିଭାଗ ବନ୍ୟପ୍ରାଣୀ ସଂରକ୍ଷଣକୁ ସୁଦୃଢ଼ କରିପାରିଛି ବୋଲି ରାଜ୍ୟପାଳ ମତପ୍ରକାଶ କରିଥିଲେ । ଜଙ୍ଗଲ ନିକଟରେ ବାସ କରୁଥିବା ଜନସାଧାରଣ ଏବଂ ବିଭିନ୍ନ ଗୋଷ୍ଠୀଙ୍କ ସହଯୋଗରେ ବନ୍ୟପ୍ରାଣୀ ଓ ମନୁଷ୍ୟଙ୍କ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ସୁନିଶ୍ଚିତ କରାଯାଇପାରିବ ବୋଲି ସେ କହିଥିଲେ । ବନ୍ୟପ୍ରାଣୀ ସଂରକ୍ଷଣ ଦିଗରେ ଉଲ୍ଲେଖନୀୟ ଅବଦାନ ରଖିଥିବା ଅବସରପ୍ରାପ୍ତ ଅଧିକାରୀଙ୍କ ଭୂମିକାକୁ ଅତିଥିମାନେ ପ୍ରଶଂସା କରିଥିଲେ । ଏହି ଅବସରରେ ଡକ୍ଟର ଶରତ ଚନ୍ଦ୍ର ମିଶ୍ରଙ୍କୁ ସିମିଳିପାଳର ବିରଳ ଏବଂ ସ୍ଥାନୀୟ ଅର୍କିଡ଼ର ଡକ୍ୟୁମେଣ୍ଟେସନ୍ ପାଇଁ ମୁଖ୍ୟମନ୍ତ୍ରୀ ବନ୍ୟପ୍ରାଣୀ ପୁରସ୍କାର, ୨୦୨୫ ପ୍ରଦାନ କରାଯାଇଥିଲା । ଏଥି ସହ ଅନଲାଇନ୍ କୁଇଜ୍, ସିଟ୍ ଆଣ୍ଡ ଡ୍ର ଏବଂ ଫଟୋଗ୍ରାଫି ପ୍ରତିଯୋଗିତାର ରାଜ୍ୟସ୍ତରୀୟ ବିଜେତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

### ପୁଲିସ୍ ଏଏଏସ୍ଆଇ ପରୀକ୍ଷାରେ ଜାଲିଆତି ଘଟଣା

# ସିବିଆଇ ତଦନ୍ତ ଦାବିରେ ହାଇକୋର୍ଟରେ ମାମଲା

କଟକ,(ସବ୍ୟୁ): ପୁଲିସ୍ ଏଏଏସ୍ଆଇ ପରୀକ୍ଷାରେ ହୋଇଥିବା ଜାଲିଆତି ଘଟଣା ଶେଷରେ ହାଇକୋର୍ଟକୁ ଆସିଛି । ଏହି ଘଟଣାରେ କୋଟିଏ ଟଙ୍କାରୁ ଅଧିକ କାରବାର, ଉଚ୍ଚପଦସ୍ଥ ପୁଲିସ୍ ଅଧିକାରୀଙ୍କ ସମ୍ପୃକ୍ତି ଏବଂ ଦୁଇ/ତିନୋଟି ରାଜ୍ୟକୁ ଏହାର ଚେର ଲମ୍ବିଥିବାରୁ ଏହାକୁ କ୍ରାଇମ୍ବ୍ରାଞ୍ଚର ଜଣେ ଡିଏସ୍ପି କ୍ୟାଡ଼ର ଅଧିକାରୀ କରିପାରିବେ ନାହିଁ ଓ ତେଣୁ ଏହି ଜାଲିଆତି ଘଟଣାର ସିବିଆଇ ତଦନ୍ତ ପାଇଁ ହାଇକୋର୍ଟରେ ପ୍ରାର୍ଥନା କରାଯାଇଛି ।ଆଇନଜୀବୀ ତଥା ସମାଜସେବୀ ଶିବ ଶଙ୍କର ମହାନ୍ତି ଏହି ମାମଲା ରୁଜୁ କରିଛନ୍ତି । ସେ ପିଟିସନ୍‌ରେ ଦର୍ଶାଇଛନ୍ତି ଯେ, ଓଡ଼ିଶା ପୁଲିସ୍ ନିଯୁକ୍ତି ବୋର୍ଡ(ଓପିଆରବି) ପକ୍ଷରୁ ପ୍ରଥମେ ଗତ ମାର୍ଚ୍ଚରେ ୯୩୩ଟି ପୁଲିସ୍ ପଦରେ ପରୀକ୍ଷା ପାଇଁ ଦିନଧାର୍ଯ୍ୟ ହୋଇଥିଲା । କିନ୍ତୁ ବିନା କୌଣସି କାରଣ ଦର୍ଶାଇ ଏହି ପରୀକ୍ଷାକୁ ବାତିଲ୍ କରି ଦିଆଯାଇଥିଲା । ସାନି ଏହି ପରୀକ୍ଷା କରାଯିବା ଲାଗି ଓପିଆରବି ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ଚଳିତ ମାସ ୫ ଏବଂ ୬ତାରିଖରେ ଏହି ପରୀକ୍ଷା କରାଯିବାକୁ ଦିନ ଧାର୍ଯ୍ୟ ହୋଇଥିଲା । କିନ୍ତୁ ଗତମାସ ୩୦ତାରିଖରେ ଗୋଳନ୍ଥରା ଥାନା ପକ୍ଷରୁ ପ୍ରାୟ ଦୁଇ/ତିନୋଟି ବସ୍‌ରେ ଯାଉଥିବା ୧୧୪ଜଣ ଆଶାୟୀ ପ୍ରାର୍ଥୀକୁ ଗିରଫ କରଯାଇଥିଲା । ଏହି ଗିରଫଦାରୀ ପରେ ପରୀକ୍ଷାରେ ହେବାକୁ ଥିବା ଜାଲିଆତିର ପର୍ଦ୍ଦାଫାସ୍ ହୋଇଥିଲା । ବ୍ୟାପକ ଜାଲିଆତିକୁ ନେଇ ଏହି ପରୀକ୍ଷାକୁ ବାତିଲ୍ କରାଯାଇଥିଲା । ଏହି ପରୀକ୍ଷା ଜାଲିଆତି ପଛରେ ଲକ୍ଷଲକ୍ଷ ଟଙ୍କାର କାରବାର ହୋଇଥିବା ଜଣାପଡ଼ିଛି । ଏହା ପଛରେ ପୁଲିସ୍ ବିଭାଗର ବହୁ ବଡ଼ବଡ଼ ଅଧିକାରୀମାନେ ସମ୍ପୃକ୍ତ ମଧ୍ୟ ଅଛନ୍ତି ।

# ବଜ୍ରପାତରେ ପୋଡିଗଲା ଶ୍ରୀଲିଙ୍ଗରାଜଙ୍କ ପତାକା

ଭୁବନେଶ୍ୱର, (ସବ୍ୟୁ) : ଶ୍ରୀ ଲିଙ୍ଗରାଜ ମନ୍ଦିର ଚୂଡ଼ାରେ ଲାଗିଥିବା ପତାକା ବଜ୍ରପାତରେ ଜଳିଯାଇଥିବାରୁ ଗୁରୁବାର ଏଏସ୍ଆଇର ୫ଜଣିଆ ଟିମ୍ ଆସି ନୂଆ ପତାକା ଲଗାଇଛନ୍ତି ।

ବୁଧବାର ଦୁଇଘଣ୍ଟା ମୂଷଳ ଧାରାରେ ବର୍ଷା ସାଙ୍ଗକୁ ଜୋର୍‌ରେ ଘଡଘଡି (ବଜ୍ର) ଆବାଜ ହୋଇଥିଲା । ଶ୍ରୀଲିଙ୍ଗରାଜ ମନ୍ଦିରରେ ବଜ୍ରପାତ ହେବାରୁ ପତାକା ପୋଡିଯିବା ସହ ଲାଗିଥିବା ୪୦ କ୍ୟାମେରାରୁ ଅର୍ଦ୍ଧାଧିକ ନଷ୍ଟ ହୋଇଯାଇଛି । କ୍ୟାମେରା ସାଙ୍ଗକୁ ବଲ୍‌ବ ମଧ୍ୟ ଧ୍ୱଂସ ହୋଇଛି । ବଜ୍ରପାତ ସମୟରେ ଉପସ୍ଥିତ ଥିବା ସେବାୟତ ଓ ଶ୍ରଦ୍ଧାଳୁଙ୍କୁ ବିଦ୍ୟୁତ୍ ଆଘାତ ପରି ଆଘାତ ଲାଗିଥିଲା ।

ଏ ସମ୍ପର୍କରେ ଗୁରୁବାର ଏଏସ୍ଆଇ ଖବର ପାଇବା ପରେ ୫ଜଣିଆ ଟିମ୍ ପରିଦର୍ଶନରେ ଆସି କ୍ଷୟକ୍ଷତି ଆକଳନ କରିବା ସହ ମନ୍ଦିର ଚୂଡ଼ାରେ ନୂଆ ପତାକା ଲଗାଇଛନ୍ତି । ଏଏସ୍ଆଇ ଅଧିକାରୀଙ୍କ କହିବାନୁଯାୟୀ ମନ୍ଦିରର ସେପରି କିଛି କ୍ଷତି ହୋଇନାହିଁ । ସେବାୟତଙ୍କ କହିବା କଥା ଏଏସ୍ଆଇ ନିମ୍ନମାନର ଆର୍ଥିଂ କରିଥିବାରୁ ବଜ୍ରପାତ ହେଲା । ଯଦି ଏଏସ୍ଆଇ ମନ୍ଦିରର ରକ୍ଷଣାବେକ୍ଷଣ କାର୍ଯ୍ୟ ଠିକ୍ ଭାବେ ନକରନ୍ତି ତେବେ ଧ୍ୱଂସ ହେବା ଆଶଙ୍କାକୁ ଏଡାଇ ଦିଆଯାଇନପାରେ ବୋଲି ସଂସ୍କୃତି ବିଶେଷଜ୍ଞ ମତ ଦେଇଛନ୍ତି ।





### ଦୁର୍ଗା ପୂଜା ଭସାଣୀ ଗଣ୍ଡଗୋଳ ଓ ବେଆଇନ ଶୋଭାଯାତ୍ରା ଘଟଣା

# ଘର ଘର ବୁଲି ଛାନ୍‌ଭିନ୍ କରୁଛି ପୁଲିସ, ୨୯ ଗିରଫ

କଟକ, (ସବ୍ୟୁ): ଦୁର୍ଗା ପୂଜା ଭସାଣୀ ଓ ବେଆଇନ ଶୋଭାଯାତ୍ରା କରିବା ଘଟଣାରେ ପୁଲିସ ଆଜି ସୁଦ୍ଧା ସମୁଦାୟ ୨୯ଜଣଙ୍କୁ ଗିରଫ କରି ସାରିଲାଣି । ଶୋଭାଯାତ୍ରାରେ ଗଣ୍ଡଗୋଳ ଘଟଣାରେ ୨୦ଜଣ ଗିରଫ ହୋଇଥିବା ବେଳେ ସୋସିଆଲ୍ ମିଡ଼ିଆରେ ସମ୍ବେଦନଶୀ ଭିଡ଼ଓ ଓ ଅଡିଓ ପ୍ରଚାର କରି ୯ଜଣ ଗିରଫ ହୋଇଛନ୍ତି । ଏହି ଗଣ୍ଡଗୋଳ ଘଟଣାରେ କମିଶନରେଟ ପୁଲିସ ପକ୍ଷରୁ ଆଜି ଠାରୁ କଡାକଡି ଭାବେ ଯାଞ୍ଚ ଆରମ୍ଭ କରାଯାଇଛ । ଦରଘାବଜାର ଥାନା ଅନ୍ତର୍ଗତ ହାତୀପୋଖରୀ ଅଞ୍ଚଳରେ ଘରେ ଘରେ ପଶି ପୁଲିସ ଯାଞ୍ଚ ଆରମ୍ଭ କରିଛି । ପ୍ରାଥମିକ ପର୍ଯ୍ୟାୟରେ ୫ଟି ଘରେ ଯାଞ୍ଚ କରାଯାଇଥିବା ଜଣାପଡ଼ିଛି ।

ପୁଲିସ ସୂଚନା ଅନୁସାରେ, ୨ ଏସିପି ଓ ୩ ଆଇଆଇସି ସହ ପୁଲିସ ଫୋର୍ସ ଓ କେନ୍ଦ୍ରୀୟ ଟିମ୍ ନିୟୋଜିତ ରହି ଯାଞ୍ଚ କରୁଛନ୍ତି । ଏନେଇ ଯାଞ୍ଚର ନେତୃତ୍ୱ ନେଉଥିବା ଏସିପି ଗିରିଜା ଶଙ୍କର ଚକ୍ରବର୍ତ୍ତୀ କହିଛନ୍ତି ଯେ, କମିଶନରେଟ ପୁଲିସ ଏହି ଘଟଣାକୁ ଗୁରୁତର ଭାବେ ନେଇଛି । ପ୍ରଥମ ପର୍ଯ୍ୟାୟରେ ଘରେ ଘରେ ଯାଞ୍ଚ କରାଯାଉଛି ଏବଂ ଯାଞ୍ଚ ସମୟରେ ଗଣ୍ଡଗୋଳକାରୀଙ୍କ ପରିଚୟ ପତ୍ର ଯାଞ୍ଚ ହେଉଛି । ସେମାନେ କଟକରେ କେବେଠୁ ରହିଛନ୍ତି, ପ୍ରକୃତରେ କେଉଁଠିକାର ବାସୀନ୍ଦା, ସେମାନଙ୍କର ପରିଚୟ କଣ ସେନେଇ ପଚରାଉଚରା କରାଯାଇଛି । ଏହି ଘଟଣାରେ ଲିପ୍ତ ଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ଟ୍ରାକ୍ କରାଯାଉଛି ଏବଂ ଗିରଫଦାରୀ ସଂଖ୍ୟା ବଢ଼ିବ ବୋଲି ସେ କହିଛନ୍ତି । ତେବେ ସହରରେ ଏବେ ସ୍ଥିତି ଧୀରେ ଧୀରେ ସୁଧୁରିବାରେ ଲାଗିଛି ହେଲେ କୌଣସି ଅପ୍ରୀତିକାର ପରିସ୍ଥିତିକୁ ସମ୍ଭାଳିବାକୁ ପୁଲିସ ପୁରା ସଜାଗ ରହିବା ସହ ସତର୍କମୂଳକ ବ୍ୟବସ୍ଥା ଭାବେ ରାତି କଟକଣା ଲାଗୁ କରିଛି । ଏପରିକି ରାତି ୯ଟାରୁ ୧୦ଟା ସୁଦ୍ଧା ପୁଲିସ ପକ୍ଷରୁ ସହରରେ ସମସ୍ତ ଦୋକାନ ବଜାର ବନ୍ଦ କରାଯିବାକୁ କୁହାଯାଉଛି । ଏହାସହ ରାସ୍ତାଘାଟରେ ଛିଡା ହୋଇଥିବା ଲୋକଙ୍କୁ ମଧ୍ୟ ପୋଲିସ ଘଉଡାଇ ଦେବା ସହ ରାତି ୧୦ଟା ପରେ କାମ ନଥିଲେ ରାସ୍ତାକୁ ଆସିବାକୁ ବାରଣ କରିଛି । ଏହିକ୍ରମରେ କଟକରେ ଏକପ୍ରକାରର ରାତ୍ରକାଳୀନ କଟକଣା ଜାରି କରାଯାଇଛି । ଆଗକୁ ଯେପରି ସାମ୍ପ୍ରଦାୟିକ ସଦଭାବନା ପ୍ରଭାବିତ ନହେବ, ସେଥିପାଇଁ କୈଣସି ଗୁଜବ କିମ୍ବା ମିଥ୍ୟା ସୂଚନାରେ ବିଶ୍ୱାସ ନ କରିବାକୁ ପୁଲିସ ନିବେଦନ କରିଛି । ଗୁଜବ ସୃଷ୍ଟିକାରୀଙ୍କ ସମ୍ପର୍କରେ ସୂଚନା ଦେବାକୁ ପୁଲିସ ଦୁଇଟି ହ୍ୱାଟସ୍ ଆପ୍ ନମ୍ବର (୭୩୨୮୦୭୭୩୪୨ , ୮୪୮୦୫୧୩୦୦୭) ଜାରି କରାଯାଇଛି । ଅନ୍ୟପଟେ ଏବେ ଯାଏଁ ଦଶହରା ଭସାଣୀର ଗଣ୍ଡଗୋଳ ସମାଧାନ ହୋଇ ନଥିବାବେଳେ କାଳୀପୂଜାକୁ ଆଉ ମାତ୍ର ୧୦ ଦିନ ରହିଛି ।

ପ୍ରକାଶ ଥାଉ କି, ଗତ ଶୁକ୍ରବାର ଭସାଣୀ ଯାତ୍ରାରେ ହାତୀପୋଖରୀ ଅଞ୍ଚଳରେ ୨ ପୂଜା କମିଟି କର୍ମକର୍ତ୍ତାଙ୍କ ଉପରେ ଆକ୍ରମଣ କରାଯାଇଥିଲା । ଏହା ପରେ ଏହାର ପ୍ରତିବାଦ କରି ରବିବାର ବିଭିନ୍ନ ସଂଗଠନ ପକ୍ଷରୁ ଏକ ଶୋଭାଯାତ୍ରା କରାଯାଇଥିଲା । ଏବଂ ଶୋଭାଯାତ୍ରା ସମୟରେ ପୁଲିସ ଅଟକାଇବାରୁ ଏହାକୁ ଶୋଭାଯାତ୍ରାକାରୀ ବିରୋଧ କରିବା ସହ ବିଶୃଙ୍ଖଳା ସୃଷ୍ଟି କରିଥିଲେ । ଏହି ବିଶୃଙ୍ଖଳା ସୃଷ୍ଟି କରିବା ଅଭିଯୋଗରେ ସମୁଦାୟ ୨୯ଜଣଙ୍କୁ ଗିରଫ କରାଯାଇଥିବା ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓ ସୂଚନା ଦେଇଛନ୍ତି ।




### ୩୭ ଦିନରେ ପୋକ୍ସୋ ମାମଲାର ବିଚାର ଶେଷ

# ଆସାମୀକୁ ୨୦ବର୍ଷ ଜେଲ୍

ଭୁବନେଶ୍ୱର, (ସବ୍ୟୁ) : ମାତ୍ର ୩୭ ଦିନରେ ଗୋଟିଏ ପୋକ୍ସୋ ମାମଲାର ବିଚାର ଶେଷ ହୋଇଥିବା ବେଳେ ଆସାମୀକୁ ଗୁରୁବାର ୨୦ବର୍ଷ ଜେଲ୍ ଦଣ୍ଡାଦେଶ ଦେଇଛନ୍ତି ବିଚାରପତି ଶୁଭ ରଞ୍ଜନ ମହାନ୍ତି । ଅଗଷ୍ଟ ୩୧ ତାରିଖ ଖୁଦରକୁଣୀ ଦିନ ଘଟଣା ଘଟିଥିବା ବେଳେ ସେପେଫମ୍ବର ୨ ତାରିଖରେ ଚନ୍ଦକା ଥାନାରେ ଏତଲା ହୋଇଥିଲା । ଏତଲା ଅନୁଯାୟୀ ଆସାମୀ ମୁନା ବେହେରାକୁ ପୋଲିସ ଗିରଫ କରି ଦ୍ରୁତ ଚାର୍ଜସିଟ୍ କରିଥିଲା ।

ଅଗଷ୍ଟ ମାସ ୩୧ ତାରିଖ ଦିନ ଖୁଦରକୁଣୀ ଓଷା ପାଳନ କରିବା ପାଇଁ ୧୩ବର୍ଷୀୟା ନାବାଳିକା ପଡୋଶୀଙ୍କ ଘରକୁ ଯାଇଥିଲା । ଫେରିବାପରେ ବହୁତ ସମୟ ଡେରି ହେବାରୁ ତାଙ୍କ ମା'ତାକୁ ଖୋଜାଖୋଜି କରିଥିଲେ । କିଛି ସମୟ ଖୋଜାଖୋଜି କରିବା ପରେ ଝିଅକୁ ପାଇଲେ । ଘରକୁ ଆଣି କୁଆଡେ ଯାଇଥିଲୁ ବୋଲି ପଚରାଉଚରା କରିବା ବେଳେ ନାବାଳିକା ପ୍ରଥମେ କିଛି କହିନଥିଲେ । କିଛି ସମୟ ବୁଝାସୁଝା କରିବା ପରେ ଘଟଣା ସମ୍ପର୍କରେ କହିଥିଲେ । ଆସାମୀ ମୁନା ବେହେରା ତାଙ୍କ ସହିତ ଖରାପ କାମ କରିଥିବା କହିଥିଲେ । ଘଟଣା ପରେ ଅଭିଯୁକ୍ତ ମୁନା କାହାରିକୁ ନକହିବାକୁ ଧମକାଇଥିଲା । ଯଦି ଘରେ କହୁ ଭୟଙ୍କର ପରିଣାମ ଭୋଗିବାକୁ ପଡ଼ିବ ବୋଲି ମୁନା ଧମକ ଦେଇଥିଲା । ଯାହା ଫଳରେ ପୀଡିତା ଭୟରେ କିଛି ସମୟ ପାଇଁ ଚୁପ୍ ରହିଥିଲା । ପରେ ସେ ସମସ୍ତ କଥା ଘରେ କହିବା ପରେ ତାଙ୍କ ବାପା ଚନ୍ଦକା ଥାନାରେ ସେପେଫମ୍ବର ୨ ତାରିଖ ଦିନ ଏତଲା କରିଥିଲେ ।

ଅଭିଯୋଗ ଆଧାରରେ ଚନ୍ଦକା ଥାନା ପୋଲିସ କେସ୍ ନମ୍ବର ୩୪୭ରେ ଦଫା ୬୫ (୧) ବିଏନ୍ଏସ୍‌ରେ ଏକ ମାମଲା ରୁଜୁ କରିଥିଲା । ତଦନ୍ତ ଦାୟିତ୍ୱ ସବ୍‌ଇନ୍ସପେକଫର ଜ୍ୟୋତ୍ସ୍ନାରାଣୀ ପ୍ରଧାନଙ୍କୁ ଦିଆଯାଇଥିଲା । ବିଭିନ୍ନ ଦିଗରୁ ଆଧାର କରି ତଦନ୍ତକାରୀ ଅଫିସର ତଦନ୍ତ କରିବା ସହ ଆସାମୀ ମୁନା ବେହେରାକୁ ଗତ ମାସ ୩ ତାରିଖରେ ଗିରଫ କରିଥିଲେ । ସେପେଫମ୍ବର ୧୦ ତାରିଖରେ ତାଙ୍କ ବିରୋଧରେ ଅଦାଲତରେ ଚାର୍ଜସିଟ୍ ଦାଖଲ କରିଥିଲେ ଜ୍ୟୋତ୍ସ୍ନାରାଣୀ । ୧୨ ତାରିଖରେ ପୋକ୍ସୋ କୋର୍ଟରେ ପ୍ରମାଣ ଦାଖଲ କରିଥିଲା ପୋଲିସ । ବିଚାର କାର୍ଯ୍ୟ ଗତ ମାସ ୨୩ ତାରିଖରୁ ଆରମ୍ଭ ହୋଇଥିଲା ।

୯ଜଣ ସାକ୍ଷୀଙ୍କ ଜମାନବନ୍ଦୀ, ୧୭ଟି ସାମଗ୍ରୀ ଯାଞ୍ଚ ଓ ୫୦ଟି ପ୍ରାସଙ୍ଗିକ ଦସ୍ତାବିଜ୍ ଅଧ୍ୟୟନ କରି ୩୭ଦିନ ମଧ୍ୟରେ ବିଚାର ପ୍ରକ୍ରିୟା ଶେଷ ହେଲା । ଗୁରୁବାର (ତା ୯ ।୧୦ ।୨୦୨୫) ପୋକ୍ସୋ କୋର୍ଟ ବିଚାରପତି ଶୁଭଞ୍ଜନ ମହାନ୍ତି ଆସାମୀ ମୁନା ବେହେରାକୁ ପୋକ୍ସୋ ଆଇନର ଧାରା ୬ ଅନୁଯାୟୀ ୨୦ବର୍ଷ ସଶ୍ରମ ଜେଲ୍‌ଦଣ୍ଡାଦେଶ ଦେବା ସହ ୫୦ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ଦେଇଛନ୍ତି । ଜରିମାନା ଅନାଦେୟ ହେଲେ ଅଧିକ ବର୍ଷେ ସଶ୍ରମ ଜେଲ୍‌ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ କୋର୍ଟ କହିଛନ୍ତି । ଏହି ମାମଲାକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ସୁବ୍ରତ ପ୍ରିୟଦର୍ଶୀ ପରିଚାଳନା କରିଥିଲେ । ଭୁବନେଶ୍ୱର ଡିସିପି ଜଗମୋହନ ମିନାଙ୍କ ସମୟୋପଯୁକ୍ତ ନିର୍ଦ୍ଦେଶନା ଓ ନିରୀକ୍ଷଣରେ ଚନ୍ଦକା ଥାନା ଅଧିକାରୀଙ୍କ ସହଯୋଗ ସହିତ ଡେପୁଟି ପବ୍ଲିକ୍ ପ୍ରସିକ୍ୟୁଟର ହେମନ୍ତ ସ୍ୱାଇଁ ଏବଂ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟରଙ୍କ ନିଷ୍ଠାପୂର୍ଣ୍ଣ ପ୍ରୟାସ ପାଇଁ ୩୭ଦିନରେ ଜେଲ୍ ଦଣ୍ଡାଦେଶ ହେବା ସମ୍ଭବ ହୋଇଛି । ପୀଡିତାଙ୍କୁ ୬ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ପାଇଁ ଖୋର୍ଦ୍ଧା ଜିଲ୍ଲା ଆଇନ ସେବା ପ୍ରାଧିକରଣକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ବିଚାର ଶେଷ ହେବା ପର୍ଯ୍ୟନ୍ତ ମାମଲାକୁ ତ୍ୱରାନ୍ୱିତ କରିଥିବା ପୋଲିସ ଅଫିସର ଓ ଓକିଲଙ୍କୁ ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ ଗୁରୁବାର ସନ୍ଧ୍ୟାରେ ପୁରସ୍କୃତ କରିଛନ୍ତି ।

### ଜନଜାତି ସଙ୍କୁଳ ବିକାଶ ପରିଯୋଜନା କର୍ମଶାଳା

# ଜନଜାତି ସମାଜର ସାମଗ୍ରିକ ବିକାଶ ପାଇଁ ମୋଦୀ ସରକାର ପ୍ରତିଶ୍ରୁତିବଦ୍ଧ

ଭୁବନେଶ୍ୱର, (ସବ୍ୟୁ): ଭାରତରେ ଜନଜାତି ସମାଜର ସାମାଜିକ ସ୍ଥିତି ବହୁ ବିଶାଳ ଓ ଗୌରବମୟ। ବ୍ରିଟିଶମାନେ ଆମ ଦେଶକୁ ବଦ୍‌ନାମ କରିବା ପାଇଁ ଜନଜାତି ସମାଜର ଶିକ୍ଷା ଓ ବିକାଶ ପାଇଁ ନୂଆ ଢ଼ାଂଚା ତିଆରି କରିଥିଲେ। ଦେଶ ସ୍ୱାଧୀନତା ପରେ ଜନଜାତି ସମାଜର ଉନ୍ନତି ପାଇଁ କୌଣସି କାର୍ଯ୍ୟ କରାଯାଇନଥିଲା। ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହାରଲାଲ୍ ନେହେରୁ ଜନଜାତି ସମାଜର ଆବଶ୍ୟକତାକୁ ଅଣାଦେଖା କରି ବିଦେଶୀ ଢ଼ାଂଚାରେ ସେମାନଙ୍କ ଉପରେ ବିଭିନ୍ନ ଯୋଜନା ଜୋର ଜବରଦସ୍ତ କରି ଥୋପି ଦେଇଥିଲେ। ମାତ୍ର ଜନଜାତି ସମାଜ କ'ଣ ଚାହୁଁଚି ତା' ଉପରେ ଧ୍ୟାନ ଦିଆଯାଇ ନ ଥିଲା। ଫଳରେ ଏହି ସମାଜର ବିକାଶ ବାଧାପ୍ରାପ୍ତ ହୋଇଥିଲା। ମାନନୀୟ ନରେନ୍ଦ୍ର ମୋଦୀ ଦେଶର ପ୍ରଧାନମନ୍ତ୍ରୀ ହେବା ପରେ ଏ ବିଷୟରେ ଗହନ ଚିନ୍ତା କରି ୫ ବର୍ଷ ପୂର୍ବେ ଜନଜାତି ସଙ୍କୁଳ ବିକାଶ ପରିଯୋଜନା ଆରମ୍ଭ କରିଥିଲେ। ଜନଜାତି ସମାଜର ସାମଗ୍ରିକ ଓ ସନ୍ତୁଳିତ ବିକାଶ ସମେତ ଯେପରି ଦାଦନ ଖଟିବାକୁ ଅନ୍ୟ ରାଜ୍ୟକୁ ନ ଯିବେ ତାହା ହେଉଛି ଏହି ଯୋଜନାର ମୂଳ ଉଦ୍ଦେଶ୍ୟ। ଏନେଇ ରାଜ୍ୟ କାର୍ଯ୍ୟାଳୟରେ ଦିନିକିଆ ଜନଜାତି ସଙ୍କୁଳ ବିକାଶ ପରିଯୋଜନା କର୍ମଶାଳା ଆୟୋଜନ କରାଯାଇଛି ବୋଲି ସାଂସଦ ଅନନ୍ତ ନାୟକ ସୂଚନା ଦେଇଛନ୍ତି। କର୍ମଶାଳା ସଂପର୍କରେ



ସୂଚନା ଦେଇ ଶ୍ରୀ ନାୟକ କହିଛନ୍ତି ଯେ, ଏହି ଯୋଜନାରେ ଜନଜାତି ସମାଜ ଯେପରି ନିଜ ଅଂଚଳରେ କାମ ପାଇପାରିବେ, ସେମାନେ ସ୍ୱଇଚ୍ଛାରେ ନିଜ ଅଂଚଳର ବିକାଶରେ ଭାଗିଦାରୀ ହୋଇପାରିବେ, ସେନେଇ ବିଜେପି ସରକାର ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ଏହି ଯୋଜନାରେ କେବଳ ସରକାରଙ୍କ ଉପରେ ନିର୍ଭର ନ କରି ଭାରତର ଜଣେ ନାଗରିକ ହିସାବରେ ପ୍ରଶାସନ, ଜନପ୍ରତିନିଧି, ସ୍ୱେଚ୍ଛାସେବୀ ସଂଗଠନକୁ ସାଙ୍ଗରେ ନେଇ ଜନଜାତିର ବିକାଶ କରିବା ପାଇଁ ସାମୂହିକ ଭାବେ ପ୍ରୟାସ କରାଯିବ। ଏନେଇ ଆଦିବାସୀବହୁଳ ଗାଁକୁ ଚୟନ କରାଯାଇ ତାର ମୁଖ୍ୟ ସମସ୍ୟାର ସମାଧାନ କରି ଉକ୍ତ ଅଂଚଳର ବିକାଶ କରାଯିବ। ଯୋଜନା ଥୋପା ନ ଯାଇ ଆଦିବାସୀମାନଙ୍କ ଇଚ୍ଛା ଅନୁସାରେ ଉକ୍ତ ଅଂଚଳର କିପରି ବିକାଶ କାର୍ଯ୍ୟ କରାଯିବ ସେନେଇ କର୍ମଶାଳାରେ ବିଚାରବିମର୍ଶ କରାଯାଇଥିଲା।

ସ୍ୱେଚ୍ଛାସେବୀ ସଂଗଠନ ତଥା ବ୍ୟକ୍ତିଗତ ଭାବେ ପ୍ରଶାସନ ସହ ମିଶି ଏନେଇ ମିଳିତ ପ୍ରୟାସ କରାଯିବ। ଜନଜାତି ସାଂସଦ, ବିଧାୟକମାନେ ନିଜ ନିଜ ନିର୍ବାଚନମଣ୍ଡଳୀର ୨୦ ରୁ ୨୫ ଗ୍ରାମକୁ ପୌଷ୍ୟ ଭାବେ ଗ୍ରହଣ କରି ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରିବେ। ଯଶସ୍ୱୀ ପ୍ରଧାନମନ୍ତ୍ରୀ ମୋଦିଜୀ ବିକଶିତ ଭାରତର ଯେଉଁ ସ୍ୱପ୍ନ ଦେଖୁଛନ୍ତି, ଏହା ଦ୍ୱାରା ଜନଜାତି ସମ୍ପ୍ରଦାୟର ସାମଗ୍ରିକ ଓ ସନ୍ତୁଳିତ ବିକାଶ ସମ୍ଭବ ହୋଇପାରିବ ବୋଲି ସାଂସଦ ଶ୍ରୀ ନାୟକ କହିଛନ୍ତି। ଏହି କର୍ମଶାଳା ପୂର୍ବରୁ ଭଗବାନ ବିର୍ସା ମୁଣ୍ଡା ଏବଂ ଉତ୍କଳମଣି ଗୋପବନ୍ଧୁ ଦାଶଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ରାଜ୍ୟ ସଭାପତି ମନମୋହନ ସାମଲ, ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂହ ତୋମାର, ସହପ୍ରଭାରୀ ସୁଶ୍ରୀ ଲତା ଉସେଣ୍ଡି, ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ପ୍ରମୁଖଙ୍କ ସମେତ ଅନେକ ବିଧାୟକ ଓ ଦଳୀୟ ନେତୃବୃନ୍ଦ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହା ପର ଜନଜାତି ସଙ୍କୁଳ ବିକାଶ ପରିଯୋଜନା ଆଧାରିତ ପ୍ରଦର୍ଶନୀକୁ ଉଦଘାଟନ ହୋଇଥିଲା। ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ସଭାପତି ମନମୋହନ ସାମଲ, କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ରାଷ୍ଟ୍ରୀୟ ସାଧାରଣ ସଂପାଦକ (ସଂଗଠନ) ବି. ଏଲ୍ ସନ୍ତୋଷ, ରାଷ୍ଟ୍ରୀୟ ସଂଗଠକ ଭି. ସତୀଶ, ବିଜେପି ଜନଜାତି ମୋର୍ଚ୍ଚା ରାଷ୍ଟ୍ରୀୟ ଅଧ୍ୟକ୍ଷ ସମୀର ଓରାମ, ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର, ସହପ୍ରଭାରୀ ଲତା ଉଷେଣ୍ଡି, 'ଯୋଜକ' ଅଧ୍ୟକ୍ଷ ଗଜାନନ୍ ଡାଙ୍ଗେ ଓ ଉପାଧ୍ୟକ୍ଷ କପିଳ ସହସ୍ରବୁଦ୍ଧେ, ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ରବି ନାରାୟଣ ନାୟକ ପ୍ରମୁଖ ଯୋଗ ଦେଇ ପରିଯୋଜନାର ପରିକଳ୍ପନା, ପ୍ରସ୍ତୁତି, ଅନୁଭବ, ଜନଜାତି ବିକାଶ ପାଇଁ ମୋଦି ସରକାରର ସଂକଳ୍ପ, ବିକାଶ ପଥରେ ଭାରତୀୟ ସଂକଳ୍ପନା ସଂପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଏହି କର୍ମଶାଳାରେ ସାଂସଦ, ବିଧାୟକ, ପଦାଧିକାରୀଗଣ ଉପସ୍ଥିତ ଥିଲେ। ସାଂସଦ ବଳଭଦ୍ର ମାଝୀ କର୍ମଶାଳାକୁ ସଂଯୋଜନା କରିଥିଲେ।




ରୋଗୀ ସେବାରେ ଉତ୍କର୍ଷତା ଓ ଶ୍ରେଷ୍ଠ ରୋଗୀକେନ୍ଦ୍ରୀକ ହସ୍ପିଟାଲ ଭାବେ ପରିଗଣିତ ଭୁବନେଶ୍ୱର ଆପୋଲୋ ହସ୍ପିଟାଲର ସିଓଓ ଏବଂ ଡିଏମ୍‌ଏସ୍ ଡା. ଆଲୋକ ଶ୍ରୀବାସ୍ତବଙ୍କୁ ଓଟିଭି ବିଜିନେସ୍ ଓଡିଶା ସମ୍ମାନ- ୨୦୨୫ ରେ ସମ୍ମାନିତ କରୁଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ।

### ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କୁ ରାଜ୍ୟସ୍ତରୀୟ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି

# ପଣ୍ଡିତ ଗୋପବନ୍ଧୁ ଥିଲେ ସମଗ୍ର ଆର୍ଯ୍ୟାବର୍ତ୍ତର ମଣି : ମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶା ମାଟି ଏପରି କିଛି ମଣିଷଙ୍କୁ ଜନ୍ମ ଦେଇଛି ଯେଉଁମାନେ ନିଜ ସ୍ୱାର୍ଥକୁ ଭୁଲି ଜନସେବାକୁ ନିଜ ଧର୍ମ ଭାବେ ଗ୍ରହଣ କରିଥିଲେ । ସେହିପରି ଜଣେ ବିରଳ ବ୍ୟକ୍ତିତ୍ୱ ହେଉଛନ୍ତି ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ । ଏକାଧାରରେ ସେ ଥିଲେ ମହାନ୍ ଦେଶଭକ୍ତ, ମାନବବାଦୀ କବି, ଆର୍ତ୍ତଜନତାର ବନ୍ଧୁ ଓ ସର୍ବୋପରି ନୀତିନିଷ୍ଠ ଜନନାୟକ । ଯଥାର୍ଥରେ ସେ ଥିଲେ ସେବା ଓ ତ୍ୟାଗର ଦୀପ୍ତିମନ୍ତ ପୁରୁଷ । ତାଙ୍କର ମହତ ଚିନ୍ତାଧାରା ଓ ଜୀବନ ଦର୍ଶନ ଆଜି ବି ସମଗ୍ର ବିଶ୍ୱକୁ ଦିଗଦର୍ଶନ ପ୍ରଦାନ କରୁଛି ବୋଲି ଗୋପବନ୍ଧୁ ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି ।

ସୂଚନା ଓ ଲୋକସଂପର୍କ ବିଭାଗ ଆନୁକୂଲ୍ୟରେ ଜୟଦେବ ଭବନଠାରେ ଆୟୋଜିତ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ, ଏମ.ଏସ.ଏମ.ଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଲେ ଯେ ପୁଣ୍ୟାତ୍ମା ଗୋପବନ୍ଧୁ ଦାସଙ୍କୁ ଆମେ ଉତ୍କଳମଣି ବୋଲି କହୁଛେ, ମାତ୍ର ମୋ ମତ ମତରେ ସେ ସମଗ୍ର ଆର୍ଯ୍ୟାବର୍ତ୍ତର ମଣି । ଗୋପବନ୍ଧୁଙ୍କ ଜୀବନୀ ଆମ ଜାତିର ଏକ ମହତ୍ତ୍ୱପୂର୍ଣ୍ଣ ଅଧ୍ୟାୟ । ସମ୍ମାନିତ ଅତିଥି ଭାବେ ଯୋଗଦେଇ



ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ କହିଲେ ଯେ ଗୋପବନ୍ଧୁଙ୍କ ଜୀବନୀ ଆମ ଜାତିର ଏକ ମହତ୍ତ୍ୱପୂର୍ଣ୍ଣ ଅଧ୍ୟାୟ, ଇତିହାସର ଅଂଶ ।

ମୁଖ୍ୟବକ୍ତା ବିଶିଷ୍ଟ ଶିକ୍ଷାବିତ୍ ଡ. ଶରତ ଚନ୍ଦ୍ର ରଥ ପଣ୍ଡିତ ଗୋପବନ୍ଧୁଙ୍କ ଜୀବନୀ ଓ ଆଦର୍ଶ ଉପରେ ବିଶଦ ଭାବେ ଆଲୋଚନା କରିଥିଲେ। ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ ଅନୁଜ କୁମାର ଦାସପଟ୍ଟନାୟକ କାର୍ଯ୍ୟକ୍ରମରେ ସଭାପତିତ୍ୱ କରି କହିଲେ ଯେ ସ୍ୱାଧୀନଚେତା ପଣ୍ଡିତ ଗୋପବନ୍ଧୁ ଥିଲେ ମାନବବାଦର ସର୍ବଶ୍ରେଷ୍ଠ ଅଗ୍ରଦୂତ । ଶିକ୍ଷାର ପ୍ରସାର ସହ 'ସମାଜ' ଖବରକାଗଜ ପ୍ରତିଷ୍ଠାପୂର୍ବକ ଆଧୁନିକ ସାମ୍ବାଦିକତାର ବୀଜ ବପନ କରିଥିଲେ ପଣ୍ଡିତ ଗୋପବନ୍ଧୁ । ପ୍ରାରମ୍ଭରେ ଅତିଥିମାନେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ରାଜଧାନୀ କଳା ନିକେତନ ତରଫରୁ ଦେଶାତ୍ମବୋଧକ ସଂଗୀତ ପରିବେଷଣ କରା ଯାଇଥିଲା । ସୂଚନା ଓ ଲୋକସଂପର୍କ ବିଭାଗର ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ବିମାନର ଜରୁରୀ ଅବତରଣ

ଭୁବନେଶ୍ୱର, (ସବ୍ୟୁ) : ଭୁବନେଶ୍ୱର ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନ ବନ୍ଦରରେ ଏୟାର ଇଣ୍ଡିଆର ଏକ ବିମାନ ଜରୁରୀ ଅବତରଣ କରିଥିଲା । ଗୁରୁବାର ଅପରାହ୍ନରେ ଜରୁରୀ ଅବତରଣ କରିବାର କାରଣ ଜଣେ ଯାତ୍ରୀଙ୍କ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ । ବିମାନର ଜରୁରୀ ଅବତରଣ ପରେ ଯାତ୍ରୀଙ୍କୁ ଭୁବନେଶ୍ୱରର ଏକ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି । ୧୭୪ ଯାତ୍ରୀଙ୍କୁ ନେଇ ବେଙ୍ଗାଲୁରୁରୁ ଗୁଆହାଟୀ ଯାଉଥିବା ଏୟାର ଇଣ୍ଡିଆ ବିମାନ ଯାତ୍ରୀଙ୍କ ଜୀବନ ରକ୍ଷା ପାଇଁ ବିଜୁ ପଟ୍ଟନାୟକ ବିମାନବନ୍ଦରରେ ଜରୁରୀ ଅବତରଣ କରିବା ପରେ ଅସୁସ୍ଥ ଯାତ୍ରୀଙ୍କୁ ଆମ୍ବୁଲାନ୍ସ ଯୋଗେ ଏକ ପ୍ରତିଷ୍ଠିତ ବେସରକାରୀ ହସ୍ପିଟାଲକୁ ଚିକିତ୍ସା ପାଇଁ ନିଆଯାଇଥିଲା । ଏହି କାର୍ଯ୍ୟ ସରିବା ପରେ ବିମାନ ତା'ର ଗନ୍ତବ୍ୟ ପଥରେ ଯାଇଥିଲା ।

## ରାୟଗଡ଼ା ପୌର ଉପାଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ମାମଲା : ଫଳ ପ୍ରକାଶ ଉପରେ ରୋକ୍ ଲଗାଇଲେ ହାଇକୋର୍ଟ

କଟକ,(ସବ୍ୟୁ): ରାୟଗଡ଼ା ପୌର ଉପାଧ୍ୟକ୍ଷାଙ୍କ ବିରୋଧରେ ଆଗତ ଅନାସ୍ଥା ହେବ। କିନ୍ତୁ ଅଦାଲତଙ୍କ ଅନୁମତି ବିନା ଏହି ଫଳ ପ୍ରକାଶ ପାଇବ ନାହିଁ ବୋଲି ହାଇକୋର୍ଟ ଆଜି ଅନ୍ତରୀଣ ଆଦେଶରେ ସ୍ପଷ୍ଟ କରିଛନ୍ତି । ଯେହେତୁ ଅନାସ୍ଥା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି ସେହି ଆଧାରରେ ଅଦାଲତ ଏହା ଉପରେ କୌଣସି ଆଦେଶ ଦେବାକୁ ମନା କରି ଦେଇଛନ୍ତି । ରାୟଗଡ଼ା ଉପାଧ୍ୟକ୍ଷା ଶୁଭ୍ର ପଣ୍ଡାଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଭି. ନରସିଂହ ଏହି ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ଜବାବ ଦାଖଲ ଲାଗି ନୋଟିସ୍ ଜାରି କରିଛନ୍ତି। ଆସନ୍ତା ୧୫ ତାରିଖକୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ସମୟ ଧାର୍ଯ୍ୟ ହୋଇଛି। ରାୟଗଡ଼ା ପୌର ଉପାଧ୍ୟକ୍ଷଙ୍କ ବିରୋଧରେ ଅନାସ୍ଥା ପାଇଁ ନୋଟିସ୍ କରାଯାଇଥିଲା। ଏହି ଅନାସ୍ଥାକୁ ଚାଲେଞ୍ଜ କରି ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଆଦେଶରେ ଦର୍ଶାଇଛନ୍ତି ଯେ, ଯେହେତୁ ଆବେଦନକାରିଣୀଙ୍କ ବିରୋଧରେ ଅନାସ୍ଥା ପ୍ରକ୍ରିୟା ଆରମ୍ଭ ହୋଇଯାଇଛି ଏପରିସ୍ଥଳେ ଏଥିରେ ଅଙ୍କୁଶ ଲଗାଯାଇ ପାରିବ ନାହିଁ। କିନ୍ତୁ ଅଦାଲତଙ୍କ ଅନୁମତି ବିନା ଏହି ଫଳ ପ୍ରକାଶ ପାଇପାରିବ ନାହିଁ ବୋଲି ହାଇକୋର୍ଟ କହିଛନ୍ତି।

## ମାର୍ଗଦର୍ଶନ ସେବା କେନ୍ଦ୍ର ଉଦ୍‌ଘାଟିତ

ଭୁବନେଶ୍ୱର (ସବ୍ୟୁ): ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତ ଓ ସାଇ ଶକ୍ତି ମହିଳା ସମିତି ସହଯୋଗ ରେ ଭୁବନେଶ୍ୱର ସ୍ଥିତ ବଡ଼ବଡ଼ ବ୍ରିଟ୍ କଲୋନୀରେ ଗ୍ରାହକ ମାର୍ଗଦର୍ଶନ ସେବା କେନ୍ଦ୍ର ଉଦଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତର ଭୁବନେଶ୍ୱର ମହାନଗର ର ସଭାପତି ଅଜୟ କୁମାର ଚୌଧୁରୀ, ଉପସଭାପତି ପ୍ରିୟଦର୍ଶୀ ବରାଳ, ସମ୍ପାଦକ ଉଜ୍ଜ୍ୱଳ କୁମାର ପଣ୍ଡା, ମହିଳା ପ୍ରମୁଖ ସସ୍ମିତା ମଙ୍ଗରାଜ ଓ ଅନେକ ଅଞ୍ଚଳରେ ଥିବା ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତ ର ପ୍ରମୁଖ ମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ରେ ଅନେକ ସାଧାରଣ ନାଗରିକ ମଧ୍ୟ ସାମିଲି ହୋଇଥିଲେ । ଏହି ମାର୍ଗଦର୍ଶନ ସେବା କେନ୍ଦ୍ର ବର୍ତ୍ତମାନ ସପ୍ତାହ ରେ ୨ ଦିନ ସୋମବାର ଓ ଶୁକ୍ରବାର ସନ୍ଧ୍ୟା ୫ ଟା ରୁ ୭ ଟା ପର୍ଯ୍ୟନ୍ତ ଖୋଲା ରହିବ



। ଏହି କେନ୍ଦ୍ର ରେ ଯେ କୌଣସି ଗ୍ରାହକ ସମ୍ବନ୍ଧୀୟ ସମସ୍ୟା ର ସରଳ ସମାଧାନ ପାଇଁ ପରାମର୍ଶ ନିଶୁଳ୍କ ପ୍ରଦାନ କରାଯିବ ବୋଲି ସଂଗଠନ ର ସମ୍ପାଦକ ଉଜ୍ଜ୍ୱଳ କୁମାର ପଣ୍ଡା ସୂଚନା ପ୍ରଦାନ କରିଛନ୍ତି। ଏଠାରେ ଉପସ୍ଥିତ ଥିବା ସାଧାରଣ ନାଗରିକ ମାନେ ଏହାକୁ ସ୍ୱାଗତ ଗତ କରିବା ସହିତ ଲୋକମାନଙ୍କ ପାଇଁ ନିଶୁଳ୍କ ସେବା କୁ ପ୍ରଶଂଶା କରିଛନ୍ତି। ଏଭଳି ଭୁବନେଶ୍ୱରରେ ଅନ୍ୟ ସ୍ଥାନ ରେ ମଧ୍ୟ ମାର୍ଗଦର୍ଶନ ସେବା କେନ୍ଦ୍ର ଖୋଲାଯିବା ପାଇଁ ବ୍ୟବସ୍ଥା କରାଯାଉଛି ବୋଲି ସଂଗଠନ ର ସମ୍ପାଦକ ସୂଚନା ପ୍ରଦାନ କରିଛନ୍ତି।

## ୨୦ରେ କାଳୀପୂଜା ଓ ୨୪ରେ ଭସାଣି

କଟକ, (ସବ୍ୟୁ):ଚଳିତ ମାସ ୨୦-ମହାକାଳୀଙ୍କ ପୂଜା, ୨୧-ଦୀପାବଳୀ, ୨୨ ଓ ୨୩ ଦୁଇ ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ୨୪ ଶୁକ୍ରବାର ଭସାଣୀ ଉତ୍ସବ ଅନୁଷ୍ଠିତ ହେବ ବୋଲି କଟକ ମହାନଗର ଶାନ୍ତି କମିଟି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି । ମଙ୍ଗଳାବାଗସ୍ଥିତି ମୋହନ ମଣ୍ଡପଠାରେ ଶାନ୍ତି କମିଟିର ପୂର୍ଣ୍ଣାଙ୍ଗ କାର୍ଯ୍ୟକାରିଣୀ ବୈଠକ କମିଟିର ସଭାପତି ଦେବେନ୍ଦ୍ରନାଥ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ସାଧାରଣ ସମ୍ପାଦକ ଭିକାରୀ ଦାସ କାଳୀପୂଜା ଓ ଭସାଣୀ ଉତ୍ସବ ସଂକ୍ରାନ୍ତୀୟ ଏକ ପ୍ରସ୍ତାବ ଆଗତ କରିଥିଲେ- ଏହା ସର୍ବସମ୍ମତକ୍ରମେ ଗୃହୀତ ହୋଇଥିଲା । ଚଳିତ ଦୁର୍ଗାପୂଜା ଭସାଣୀ ଶୋଭାଯାତ୍ରାରେ ଉପୁଜିଥିବା ଗୋଷ୍ଠୀ ସଂଘର୍ଷ ଏବଂ ଏହାକୁ କେନ୍ଦ୍ର କରି କଟକ ସହରରେ ଯେଉଁ ଅଭାବନୀୟ ଘଟଣା ଘଟିଲା, ସେଥିରେ କମିଟି ଗଭୀରଭାବେ ମର୍ମାହତ ହେବା ସହ ଦୁଃଖ ପ୍ରକାଶ କରିଛି । ଭବିଷ୍ୟତରେ ଯେପରି ଏଭଳି ଘଟଣା ନ ଉପୁଜେ, ସେଥିପାଇଁ ସମସ୍ତ ସମ୍ପ୍ରଦାୟକୁ କମିଟି ପକ୍ଷରୁ ନିବେଦନ କରାଯାଇଛି। ଏହି ବୈଠକରେ କର୍ମକର୍ତ୍ତା ପ୍ରଦୀପ ସିହ୍ନା, ନୃସିଂହ ଚୌଧୁରୀ, ଦେବାଶିଷ ରାୟ, ନରେଶ ସାହୁ, ଶେଖ ଜବାହର ଅଲ୍ଲୀ, ଅଶୋକ ରାଉତରାୟ, ରମେଶ ବେହେରା ଓ ଚନ୍ଦ୍ରମଣି ଦେବତା ପ୍ରମୁଖ କର୍ମକର୍ତ୍ତାମାନେ ଉପସ୍ଥିତ ରହି ନିଜ ନିଜର ମତ ବ୍ୟକ୍ତ କରିଥିଲେ । ଶେଷରେ ଉପ-ସଭାପତି ଶିବେନ୍ଦ୍ର ହାତୀ ଧନ୍ୟବାଦ ଅର୍ପଣ କରିଥିଲେ ।



ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଡିଏଭି ସ୍କୁଲରେ ଉତ୍କଳମଣୀ ଗୋପବନ୍ଧୁ ଦାଶଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ବିଦ୍ୟାଳୟର ପ୍ରିନ୍ସପାଲ ଡ. ସୁଜାତା ସାହୁ ଯୋଗ ଦେଇ କର୍ମଚାରୀ, ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ପଣ୍ଡିତ ଗୋପବନ୍ଧୁଙ୍କ ଆଦର୍ଶରେ ଅନୁପ୍ରାଣୀତ ହେବା ପାଇଁ ଆହ୍ୱାନ ଦେଇଥିଲେ । ଏହି ଉପଲକ୍ଷେ ବିଦ୍ୟାଳୟରେ ଏକ ଅନ୍‌ଲାଇନ୍ କୁଇଜ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

### ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ସ୍ଥିତ ଗୋପବନ୍ଧୁ ଛାତ୍ରାବାସରେ

# ୧୪୮ ତମ ଗୋପବନ୍ଧୁ ଜୟନ୍ତୀ ପାଳିତ

ଭୁବନେଶ୍ୱର, (ସବ୍ୟୁ): ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ସ୍ଥିତ ପୁରାତନ ଛାତ୍ର ଅନୁଷ୍ଠାନ ଅନିକୁଲ୍ୟ ରେ ଗୋପବନ୍ଧୁ ଛାତ୍ରାବାସ ପରିସର ରେ ସ୍ଥିତ ଉତ୍କଳମଣି ପଣ୍ଡିତ। ଗୋପବନ୍ଧୁ ଦାସ ଙ୍କ ୧୪୮ ତମ ପାବିତ୍ର



ଜନ୍ମ ଦିବସ ପାଳିତ ହୋଇ ଯାଇଛି। ଏଥିରେ ପୁରାତନ ଛାତ୍ର ସଂଗଠନ ର ସଭାପତି ଡ. ହାଡିବନ୍ଧୁ ପଟ୍ଟନାୟକ ସ୍ୱାଗତ ଭାଷଣ ରେ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ତ୍ୟାଗ, ସଂଗ୍ରାମ ଓ ସାଧନା ର ଏକ ଅଲିଭା ସ୍ୱାକ୍ଷର ଭାବରେ ପ୍ରତିପାଦିତ କରି ଥିଲେ। ମୁଖ୍ୟ ଅତିଥି ଭାବରେ ସରାଙ୍ଗ ସ୍ଥିତ ସରକାରୀ ଇନ୍ଦିରା ଗାନ୍ଧୀ ଇନଷ୍ଟିଚ୍ୟୁଟେ ଅଫ ଟେକ୍ନୋଲୋଜି ଅନୁଷ୍ଠାନ ର ପ୍ରଫେସର୍ ନଳିନୀ କାନ୍ତ ଚୌଧୁରୀ ଯୋଗଦେଇ ପଣ୍ଡିତ ଗୋପବନ୍ଧୁଙ୍କୁ ଦେଶ ପାଇଁ ନିଜକୁ ଉତ୍ସର୍ଗ କରିଥିବା ଏକ କର୍ମଯୋଗୀ ଓ ଜଗତ ଜନ ମାନଙ୍କ ପାଇଁ ନିଜକୁ ସମର୍ପିତ ଦେଇଥିବା ଜଣେ ଉଜ୍ଜଳ ଜ୍ୟୋତିଷ୍କ ଯାହାଙ୍କର ପ୍ରଭା ଓ ଆଭା ଆଜି ମଧ୍ୟ ସର ଜଗତ କୁ ନିଃସ୍ୱାର୍ଥପର ସମାଜସେବା ର ରାସ୍ତା ଦେଖାଉଛି ବୋଲି କହିଥିଲେ । କାର୍ଯ୍ୟକାରି ସଦସ୍ୟ ଚକ୍ରଧର ଦାଶ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ସ୍ମୃତି ଚାରଣ କରିଥିଲେ । ଅନୁଷ୍ଠାନ ର ସମ୍ପାଦକ ରମେଶ ଚନ୍ଦ୍ର ପାତାଳ ସିଂହ ଶ୍ରଦ୍ଧା ସୁମନ ଅର୍ପଣ ସହିତ ତାଙ୍କ ବାର୍ତ୍ତା ରେ ଉତ୍କଳମଣି ଙ୍କୁ ବିଶ୍ୱ ମଣି ଓ ଭାରତ ରତ୍ନ ଉପାଧି ପ୍ରଦାନ କରାଯିବ ଉଚିତ ବୋଲି ମତ ଦେଇଥିଲେ । ଐତିହାସିକ ଡ଼. ନଗେନ୍ଦ୍ର ନାଥ ମିଶ୍ର ତାଙ୍କ ସ୍ମୃତି ଚାରଣ ରେ ଉତ୍କଳ ମଣି ଗୋପବନ୍ଧୁଙ୍କର ଜୀବନୀ ଏବଂ ସାହିତ୍ୟିକ କୃତି ର ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ।ସହ ସମ୍ପାଦିକା ଜ୍ୟୋତ୍ସ୍ନା ରାଣୀ ଦାଶ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ଅଧ୍ୟକ୍ଷା ମାନସୀ ଗୋସ୍ୱାମୀ ଙ୍କ ପ୍ରେରଣା ଓ ଅନୁଷ୍ଠାନ ର ଶିକ୍ଷକ, ଅନ୍ୟାନ୍ୟ କର୍ମଚାରୀ ମାନଙ୍କ ଭୂୟସୀ ପ୍ରଶଂସା କରି କୃତଜ୍ଞତା ଜ୍ଞାପନ କରିଥିଲେ। ଅନୁଷ୍ଠାନ ର କୋଷାଧ୍ୟକ୍ଷ ବିଜୟ କୁମାର ରାଉତ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବରେ ସମସ୍ତ କାର୍ଯ୍ୟ ନିର୍ବାହ କରିଥିଲେ।

### ବିଜେଡିର ଜନସମ୍ପର୍କ ପଦଯାତ୍ରା କାର୍ଯ୍ୟକ୍ରମର ଶୁଭାରମ୍ଭ

# ସରକାରଙ୍କ ବିଫଳତା ବିଷୟରେ ଲୋକଙ୍କୁ ସଚେତନ କରିବ ବିଜେଡି

ଭୁବନେଶ୍ୱର, (ସବ୍ୟୁ): ପୂର୍ବ ଘୋଷିତ କାର୍ଯ୍ୟକ୍ରମ ଅନୁଯାୟୀ, ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଅବସରରେ, ତାଙ୍କର ଜନ୍ମମାଟି ସୁଆଣ୍ଡୋ ଗ୍ରାମରେ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ବିଜୁ ଜନତା ଦଳ ତାର ପଦଯାତ୍ରା ଅଭିଯାନ କାର୍ଯ୍ୟକ୍ରମ ଆରମ୍ଭ କରିଛି । ଗାନ୍ଧୀ ଜୟନ୍ତୀରେ ଅର୍ଥାତ ଅକ୍ଟୋବର ୨ ତାରିଖରେ, ଏହି ପଦଯାତ୍ରା କାର୍ଯ୍ୟକ୍ରମ ପାଇଁ ଦଳ ତରଫରୁ ସଙ୍କଳ୍ପ ନିଆଯାଇଥିଲା । ଏହି ପଦଯାତ୍ରା କାର୍ଯ୍ୟକ୍ରମ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ଜାଗାରେ ଅନୁଷ୍ଠିତ ହୋଇଥିଲା । ଏହି ପଦଯାତ୍ରା କାର୍ଯ୍ୟକ୍ରମ ଗୋଟିଏ ମାସ ପାଇଁ ଅର୍ଥାତ ନଭେମ୍ବର ୯ ତାରିଖ ପର୍ଯ୍ୟନ୍ତ ଜାରି ରହିବ ବୋଲି ଦଳ ତରଫରୁ ସୂଚନା ଦିଆଯାଇଛି । ବିଜୁ ଜନତା ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ସଞ୍ଜୟ ଦାସବର୍ମା, ଡ. ଅରୁଣ କୁମାର ସାହୁ, ଡ. ଅମର ପଟ୍ଟନାୟକ, ଉମାକାନ୍ତ ସାମନ୍ତରାୟ, ସୁନିଲ ମହାନ୍ତି, ଅମରେଶ ପତ୍ରୀ, ସଂଜିତ ମହାନ୍ତି, ସୁବ୍ରତ ଛାଟୋଇ, ସୁନିଲ ପଣ୍ଡା ଇତ୍ୟାଦି ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜନ୍ମମାଟି ସୁଆଣ୍ଡୋରେ ଉପସ୍ଥିତ



ହୋଇ ତାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହି ଅବସରରେ, ପଞ୍ଚଶଖାଙ୍କ ପ୍ରତିମୂର୍ତ୍ତିରେ ମଧ୍ୟ ମାଲ୍ୟାର୍ପଣ କରାଯାଇଥିଲା । ସାକ୍ଷୀଗୋପାଳ ମନ୍ଦିର ନିକଟରୁ ସୁଆଣ୍ଡୋ ଗ୍ରାମ ପର୍ଯ୍ୟନ୍ତ ପଦଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ହଜାର ହଜାର କର୍ମୀ ଅଂଶଗ୍ରହଣ କରିଥିଲେ ।

ଏହି ଅବସରରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଦେବୀ ପ୍ରସାଦ ମିଶ୍ର କହିଥିଲେ, ରାଜ୍ୟବାସୀଙ୍କୁ ଅନେକ ମିଥ୍ୟା ପ୍ରତିଶ୍ରୁତି ଦେଇ ବିଜେପି କ୍ଷମତାକୁ ଆସିଥିବା ବେଳେ ଗତ ୧୫ ମାସର ବିଜେପି ଶାସନରେ ଯେଉଁଭଳି ଭାବେ ସୁଶାସନ ପ୍ରଦାନ କରିବାରେ ଓ ପ୍ରତିଶ୍ରୁତି ପାଳନ କରିବାରେ ବିଫଳ ହୋଇଛି, ସେଥିରୁ ରାଜ୍ୟବାସୀ ଅତିଷ୍ଠ ହେଲେଣି । ରାଜ୍ୟର ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହେବା ସହିତ ମହିଳାମାନେ ଅସୁରକ୍ଷିତ ହୋଇ ପଡିଛନ୍ତି । ଆଜି ସାର ମୁଠେ ପାଇବା ପାଇଁ ରାଜ୍ୟର କୃଷକ ମାନେ ରାଜରାସ୍ତାରେ । ବିଏସକେୱାଇ ବଦଳରେ ଆୟୁଷ୍ମାନ ଆଣିଲେ, କିନ୍ତୁ ବିଏସକେୱାଇରେ ମିଳୁଥିବା ସୁବିଧା ଆୟୁଷ୍ମାନରେ ମିଳିପାରୁନାହିଁ । ବିଜେପିର କୁଶାସନ ଓ ବିଫଳତାକୁ ପଦଯାତ୍ରା ମାଧ୍ୟମରେ ଲୋକଙ୍କୁ ସଚେତନ କରାଯିବ ବୋଲି ଶ୍ରୀ ମିଶ୍ର କହିଥିଲେ । ସେହିପରି ଭୁବନେଶ୍ୱରରେ ଆୟୋଜିତ ଜନସଂପର୍କ ପଦଯାତ୍ରା କାର୍ଯ୍ୟକ୍ରମରେ ଦେବୀ ପ୍ରସାଦ ମିଶ୍ର, ଅଶୋକ ପଣ୍ଡା, ଅନନ୍ତ ନାରାୟଣ ଜେନା, ସୁଶାନ୍ତ ରାଉତ, ସୁଲୋଚନା ଦାସ, ମନ୍ମଥ ରାଉତରାୟ, ମଂଜୁଲତା କହଁରଙ୍କ ସହ ବହୁ କର୍ପୋରେଟର, ପୂର୍ବତନ କର୍ପୋରେଟର, ମହିଳା, ଯୁବ ଓ ଛାତ୍ରଙ୍କ ସମେତ ବହୁ ନେତା ସାମିଲ ଥିଲେ ।

ଆଇନଜୀବୀ ପିତବାସଙ୍କ ହତ୍ୟା ଘଟଣା...

## ମୋ ବାପାଙ୍କର କେହି ଶତ୍ରୁ ନଥିଲେ: ସୌରଭ

ବ୍ରହ୍ମପୁର,(ସବ୍ୟୁ): ବ୍ରହ୍ମପୁର ସହରର ଜଣେ ଜଣାଶୁଣା ବ୍ୟକ୍ତି ବରିଷ୍ଠ ଆଇନଜୀବୀ ତଥା ବିଜେପି ନେତା ପିତବାସ ପଣ୍ଡାଙ୍କ ହତ୍ୟା ଘଟଣାରେ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଥିବା ବେଳେ ତାଙ୍କ ପୁତ୍ର ସୌରଭ ପଣ୍ଡା ମୁହଁ ଖୋଲିଛନ୍ତି । ବାପାଙ୍କ ଶତ୍ରୁ କେହି ନାହାନ୍ତି ବୋଲି ସେ ଗଣମାଧ୍ୟମକୁ କହିଥିବା ବେଳେ ତୁରନ୍ତ ଘଟଣାର ତଦନ୍ତ କରି ଦୋଷୀମାନଙ୍କୁ ଫାଶି ଦେବାପାଇଁ ସେ କହିଛନ୍ତି । ଘଟଣାଦିନ କୁମାର ପୂର୍ଣ୍ଣିମା ଥିବା ଯୋଗୁଁ ସୌରଭ ନିଜ ବାପା ପିତବାସଙ୍କ ସହ ଦୁଇ ଥର ଫୋନରେ କଥା ହୋଇ ପୂଜା ସାମଗ୍ରୀ ଆଣିବାକୁ କହିଥିଲେ ବୋଲି ଗଣମାଧ୍ୟମକୁ ସେ ସୂଚନା ଦେଇଛନ୍ତି । ତେବେ ବର୍ତ୍ତମାନ ପର୍ଯ୍ୟନ୍ତ ଏହି ହତ୍ୟାକାଣ୍ଡ ଘଟଣାରେ ପୋଲିସ ପକ୍ଷରୁ ବଛାବଛା ପୋଲିସ ଅଧିକାରୀମାନଙ୍କୁ ନେଇ ୬ଟି ସ୍ୱତନ୍ତ୍ର ଟିମ୍ ଗଠନ କରାଯିବା ସହ ୫୦ରୁ ଉର୍ଦ୍ଧ୍ୱ ସିସି ଟିଭି ଫୁଟେଜ୍ ଯାଞ୍ଚ୍ କରାଯାଇଛି । କିନ୍ତୁ ଏହି ହତ୍ୟାକାଣ୍ଡ କିଏ ଓ କାହିଁକି କଲା ତାହା ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ହୋଇପାରୁନଥିବା ବେଳେ ଏହାକୁ ନେଇ ସହରରେ ନାନା ପ୍ରକାର ଚର୍ଚ୍ଚା ହେଉଥିବା ଜଣାପଡ଼ିଛି ।

# ଡ୍ରିମ୍ସ ବିଶ୍ୱବିଦ୍ୟାଳୟରେ ଗୋପବନ୍ଧୁ ଜୟନ୍ତୀ



କଟକ,(ସ୍ୱପ୍ର) : ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ପକ୍ଷରୁ ପୁଣ୍ୟାତ୍ମା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୧୪୮ ତମ ଜୟନ୍ତୀ ପାଳିତ ହୋଇଥିଲା । ଏହି ଉପଲକ୍ଷେ ବିଶ୍ୱବିଦ୍ୟାଳୟ ପରିସରରେ ଥିବା ଉତ୍କଳମଣିଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ବ୍ୟକ୍ତି ଓ ବରିଷ୍ଠ କର୍ମକର୍ତ୍ତା ଏବଂ ଚାତ୍ରଛାତ୍ରୀ ମାଲ୍ୟାର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ, କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ମେଡିକାଲ କଲେଜ ଅଧ୍ୟକ୍ଷ ପ୍ରଫେସର ଡା. ବିରଂଚି ନାରାୟଣ ମହାପାତ୍ର ଶ୍ରଦ୍ଧାଞ୍ଜଳି ଜଣାଇବା ଅବସରରେ ଗୋପବନ୍ଧୁଙ୍କ ସେବା ଓ ସଂଗ୍ରାମୀ ଜୀବନୀର ଗାଥା ଅବିସ୍ମରଣୀୟ ଏବଂ ତାଙ୍କରି ଆଦର୍ଶରେ ଛାତ୍ରଛାତ୍ରୀ ଅନୁପ୍ରାଣିତ ହେବାକୁ ଦିଗ୍ଦର୍ଶନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ନିର୍ଦ୍ଦେଶକ(ଛାତ୍ର କଲ୍ୟାଣ) ଲୋକନାଥ ବେହେରା,କ୍ରୀଡା ନିର୍ଦ୍ଦେଶକ ନବକିଶୋର ମିଶ୍ର, ପ୍ରଫେସର ସୁଶାନ୍ତ କୁମାର ଦାସ, ପ୍ରାଧ୍ୟାପକ ଦିଲ୍ଲୀପ କୁମାର ମଲ୍ଲିକ, ଡା, ଦୁର୍ଗାପ୍ରସାଦ ମିଶ୍ର, ପ୍ରାଧ୍ୟାପକ ସୁଶାନ୍ତ କୁମାର ସେଠୀ , ଅଧ୍ୟାପକ ଡ. ଅଜିତ୍ କୁମାର ମହାପାତ୍ର, ଅଧ୍ୟାପକ ଗୁରୁପ୍ରସାଦ ମୁଖାର୍ଜୀ, ଇଂ ପ୍ରଶାନ୍ତ କୁମାର ନାୟକ, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ବିଭିନ୍ନ ବିଭାଗର ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ, ପଦ୍ମିନୀ କେୟାର ହସ୍ପିଟାଲର ଡାକ୍ତର ଓ ପଦାଧିକାରୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ଲୋକ ସଂପର୍କ ଅଧିକାରୀ ନିରାକର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

## ଶ୍ରୀକ୍ଷେତ୍ର ଭଜନ ସନ୍ଧ୍ୟା ପକ୍ଷରୁ ଭକ୍ତି ସଂଗୀତ କାର୍ଯ୍ୟକ୍ରମ

କଟକ, (ସ୍ୱପ୍ର): ଶ୍ରୀକ୍ଷେତ୍ର ଭଜନ ସଂଧ୍ୟା ପକ୍ଷରୁ ଶାରଦୀୟ ପୂଜା ଅବସରରେ ମା' ବାଟ ମଙ୍ଗଳାଙ୍କ ପୀଠରେ ଭକ୍ତି ସଂଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବିଶିଷ୍ଟ କଣ୍ଠଶିଳ୍ପୀ ଶୈଳଭାମା ମହାପାତ୍ର, ବାଦଲ କୁମାର ଆଚାର୍ଯ୍ୟ, ଇପ୍ସିତା ପଣ୍ଡା, ଡଲିରାଣୀ ରାଓ, ଧନେଶ୍ୱର ବେହେରା, ଅଶୋକ ନାୟକ, ବନିତା ରାଓ ପ୍ରମୁଖ ଭକ୍ତି ସଂଗୀତ ପରିବେଷଣ କରିଥିଲେ । ମା'ଙ୍କର ମୁଖ୍ୟ ସେବକ ଭାସ୍କର ଚନ୍ଦ୍ର ପଣ୍ଡା କାର୍ଯ୍ୟକ୍ରମକୁ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍ଘାଟନ କରିଥିଲେ । ସଂଗୀତ ନିର୍ଦ୍ଦେଶକ ବସନ୍ତ କୁମାର ଶତପଥୀ ଏହାକୁ ପରିଚାଳନା କରିଥିଲେ ।

## ହ୍ୱାର୍ଟସ୍ଆପ୍ ଲିଙ୍କ କ୍ଲିକ୍ ପରେ ୨ ଲକ୍ଷ ଆକାଉଣ୍ଟରୁ ଗାଏବ

ବ୍ରହ୍ମପୁର, (ସବ୍ୟୁ): ହ୍ୱାର୍ଟସ୍ଆପକୁ ଆସିଥିବା ଏକ ଲିଙ୍କ୍ କ୍ଲିକ କରିବାରୁ ଜଣେ ମହିଳାଙ୍କ ଆକାଉଣ୍ଟରୁ ୨ ଲକ୍ଷ ଟଙ୍କା ଗାଏବ ହୋଇଯାଇଛି । ମହିଳା ଓ ତାଙ୍କ ପୁଅ ସାଇବର ଠକେଇର ଶିକାର ହେବା ପରେ ବ୍ରହ୍ମପୁର ସାଇବର ଓ ଅର୍ଥନୈତିକ ଅପରାଧ ଥାନାରେ ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ ଜାରି ରଖିଛି । ବ୍ରହ୍ମପୁର ଜଗବନ୍ଧୁ ସାହିରେ ରହୁଥିବା ଜଣେ ମହିଳା ହ୍ୱାର୍ଟସଆପ ବ୍ୟବହାର କରୁଥିବା ବେଳେ ତାଙ୍କ ପୁଅ ମଧ ସେହି ହ୍ୱାର୍ଟସଆପ ଚଳାଉଥିଲେ । ଆଜକୁ ୨ ଦିନ ତଳେ ମହିଳାଙ୍କ ହ୍ୱାର୍ଟସଆପକୁ ଏକ ଅଜଣା ନମ୍ବରରୁ ଲିଙ୍କ ଆସିଥିଲା । କିଛି ସମୟ ପରେ ମହିଳାଙ୍କ ପୁଅ ମୋବାଇଲ ଧରିଥିବା ବେଳେ ହ୍ୱାର୍ଟସଆପ ଖୋଲିଥିଲେ । ଅଜଣା ନମ୍ବରରୁ ଆସିଥିବା ଉକ୍ତ ଲିଙ୍କରେ କ୍ଲିକ କରି ଦେଇଥିଲେ । ପରେ ଆକାଉଣ୍ଟରୁ ଟଙ୍କା କଟିଯାଇଥିଲା ।

## ମାକାଓ ମୃତ ବଂଶ ଲୋପ

ବାରଙ୍ଗ,(ସବ୍ୟୁ): ପ୍ରାଣିଉଦ୍ୟାନ ନନ୍ଦନକାନନର ୧୨ ନମ୍ବର ଖୁଆଡ ରେ ରହୁଥିବା ଗୋଟିଏ ନାଲି ଓ ସବୁଜ ରଙ୍ଗର ମାକାଓର ମୃତ୍ୟୁହୋଇଛି। ମୃତ୍ୟୁ ର ପକୃତ କାରଣ ଜଣାପଡ଼ିନଥିବା ବେଳେ ବ୍ୟବଛେଦ ରିପୋର୍ଟ ଆସିଲେ ମୃତ୍ୟୁ ର ପ୍ରକୃତ କାରଣ ଜଣାପଡିବ ବୋଲି ସୂଚନା ମିଳିଛି। ତେବେ କିଛି ଦିନ ହେବ ଏହି ମାକାଓଟି ଅସୁସ୍ଥ ରହିଥିଲା। ଖାଦ୍ୟ ଠିକ୍ ସେ ଖାଉନଥିବା ସହିତ ପତଳା ଝାଡ଼ା ହେଉଥିଲା। ସେ ଗୋଟେ ଜାଗାରେ ପଡି ରହୁଥିଲା। ପ୍ରାଣୀ ଉଦ୍ୟାନ ର ଚିକିତ୍ସକ ମାକାଓର ଚିକିତ୍ସା କରୁଥିବା ସେ%ୋ ବୁଧବାର ବିଳମ୍ବିତ ରାତିରେ ତାର ମୃତ୍ୟୁ ହୋଇଛି। ସକାଳେ ଦାୟିତ୍ୱରେ ଥିବା କର୍ମଚାରୀ ଜଣଙ୍କ ଖୁଆଡ୍ ଖୋଲିବାପରେ ମାକାଓଟି ମରିପଡିଥିବାର ଦେଖିବାକୁ ପାଇଥିଲେ। ଏହି ମାକାଓ ର ମୃତ୍ୟୁ ପରେ ନନ୍ଦନକାନନ ରେ ଏହି ପ୍ରଜାତିର ମାକାଓ ବଂଶ ଲୋପ ପାଇଛି।

ଶୁଭେଚ୍ଛା ବାର୍ତ୍ତା
ଦୈନିକ ଖବରକାଗଜ 'ସମୟ'ର ୨୯ତମ ଜନ୍ମବାର୍ଷିକୀ ତଥା ଗଜଲକ୍ଷ୍ମୀ ପୂଜା ଅବସରରେ ଗୋଲାମୁଣ୍ଡା ବ୍ଲକ୍‌ର ସମସ୍ତ ଜନସାଧାରଣଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।
ଶ୍ରୀଯୁକ୍ତ ବିନ୍ଦୁ ମହାନନ୍ଦ
ବ୍ଲକ୍ ଅଧ୍ୟକ୍ଷ, ଗୋଲାମୁଣ୍ଡା, କଳାହାଣ୍ଡି

ଶୁଭେଚ୍ଛା ବାର୍ତ୍ତା
'ସମୟ'ର ୨୯ତମ ସ୍ୱନକ୍ଷତ୍ର ତଥା ପବିତ୍ର ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ସମଗ୍ର ଓଡ଼ିଶାବାସୀ ତଥା ବିଶେଷକରି ଅନୁଗୋଳ ନିର୍ବାଚନମଣ୍ଡଳୀର ସମସ୍ତ ଭାଇ, ଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।
ଶ୍ରୀ ରଜନୀକାନ୍ତ ସିଂହ
(ମଣ୍ଟୁଭାଇ)
ପୂର୍ବତନ ଉପବାଚସ୍ପତି, ଓଡ଼ିଶା ବିଧାନସଭା,
ପୂର୍ବତନ ମନ୍ତ୍ରୀ, ଖଣି ଓ ଇସ୍ପାତ,
ପୂର୍ବତନ ବିଧାୟକ, ଅନୁଗୋଳ ନିର୍ବାଚନମଣ୍ଡଳୀ, ଅନୁଗୋଳ
ତ୍ରୁଟି ସଂଶୋଧନ : କ୍ଷମା ପ୍ରାର୍ଥନା

ଶୁଭେଚ୍ଛା ବାର୍ତ୍ତା
'ସମୟ'ର ୨୯ତମ ପ୍ରତିଷ୍ଠା ଦିବସ ତଥା ଗଜଲକ୍ଷ୍ମୀ ପୂଜା ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।
ନୀଳକଣ୍ଠ ମହାନ୍ତି
ମା ପେଡି ଇଣ୍ଡଷ୍ଟ୍ରି
ଲଇଗାଁ, ବୌଦ୍ଧ

ଶୁଭେଚ୍ଛା ବାର୍ତ୍ତା
'ସମୟ'ର ୨୯ତମ ପ୍ରତିଷ୍ଠା ଦିବସ ତଥା ଗଜଲକ୍ଷ୍ମୀ ପୂଜା ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।
ଇଂ. ସୁବ୍ରତ କୁମାର ମଲ୍ଲିକ
ଜିଲ୍ଲା ଜଳସେଚନ ବିଭାଗ, ବୌଦ୍ଧ

ଶୁଭେଚ୍ଛା ବାର୍ତ୍ତା
'ସମୟ'ର ୨୯ତମ ପ୍ରତିଷ୍ଠା ଦିବସ ତଥା ଗଜଲକ୍ଷ୍ମୀ ପୂଜା ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।
ଶ୍ରୀକ୍ରୀଷ୍ଣା ରାଇସ୍ ଇଣ୍ଡଷ୍ଟ୍ରି
ରାମ୍ଭିକଟା, ବୌଦ୍ଧ

ଶୁଭେଚ୍ଛା ବାର୍ତ୍ତା
'ସମୟ'ର ୨୯ତମ ପ୍ରତିଷ୍ଠା ଦିବସ ତଥା ଗଜଲକ୍ଷ୍ମୀ ପୂଜା ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।
ସଂଜିବ କୁମାର ଅଗ୍ରୱାଲା
ମା ଭୈରବୀ ରାଇସ ମିଲ
ଲାଣ୍ଡିବନ୍ଧ, ବୌଦ୍ଧ

ଶୁଭେଚ୍ଛା ବାର୍ତ୍ତା
'ସମୟ'ର ୨୯ତମ ପ୍ରତିଷ୍ଠା ଦିବସ ତଥା ଗଜଲକ୍ଷ୍ମୀ ପୂଜା ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।
ପ୍ରେମାନନ୍ଦ ମିଶ୍ର
ଜିଲ୍ଲା ସଭାପତି
ଭାରତୀୟ ଜନତା ପାର୍ଟି, ବୌଦ୍ଧ

ଶୁଭେଚ୍ଛା ବାର୍ତ୍ତା
'ସମୟ'ର ୨୯ତମ ପ୍ରତିଷ୍ଠା ଦିବସ ତଥା ଗଜଲକ୍ଷ୍ମୀ ପୂଜା ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।
ଶିବ ଶଙ୍କର ମିଶ୍ର
ଭବାନୀ ରାଇସ ମିଲ୍
ବି.ରାମଚନ୍ଦ୍ରପୁର, ବୌଦ୍ଧ

ଶୁଭେଚ୍ଛା ବାର୍ତ୍ତା
'ସମୟ'ର ୨୯ତମ ପ୍ରତିଷ୍ଠା ଦିବସ ତଥା ଗଜଲକ୍ଷ୍ମୀ ପୂଜା ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।
କମଳ କୁମାର ଅଗ୍ରୱାଲା
ଗୋପୀନାଥ ରାଇସ ମିଲ୍
ଲାଣ୍ଡିବନ୍ଧ, ବୌଦ୍ଧ

ଶୁଭେଚ୍ଛା ବାର୍ତ୍ତା
'ସମୟ'ର ୨୯ତମ ପ୍ରତିଷ୍ଠା ଦିବସ ତଥା ଗଜଲକ୍ଷ୍ମୀ ପୂଜା ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।
ଅଶୋକ କୁମାର ଅଗ୍ରୱାଲା
ରାଣୀସତୀ ପେଡି ପ୍ରୋସେସିଂ ପ୍ରା.ଲି.
ପୁରୁଣାକଟକ, ବୌଦ୍ଧ

ଶୁଭେଚ୍ଛା ବାର୍ତ୍ତା
ବିଗତ ୨୯ବର୍ଷ ଧରି ନିରବଚ୍ଛିନ୍ନ ଭାବେ ଓଡ଼ିଶାରୁ ପ୍ରକାଶ ପାଇଆସୁଥିବା ଦୈନିକ ନିରପେକ୍ଷ ସମ୍ବାଦପତ୍ର 'ସମୟ'ର ଜନ୍ମୋତ୍ସବ ସମାବେଶ ପାଳନ ଅବସରରେ ସମୟ ପରିବାରକୁ ହାର୍ଦ୍ଦିକ ଅଭିନନ୍ଦନ । ଏହି ଜନ୍ମୋତ୍ସବର ସଫଳତା ଏବଂ ଏହାର ଉତ୍ତରୋତ୍ତର କାମନା କରୁଅଛି । ଏହି ଅବସରରେ କେନ୍ଦୁଝର ଜିଲ୍ଲାର ସମସ୍ତ ପାଠକ ପାଠିକାମାନଙ୍କ ସହିତ ମା' ଭଉଣୀ, ଗୁରୁଜନ ଓ ଯୁବକ, ଛାତ୍ରଛାତ୍ରୀମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ । ଜଗତରନାଥ ଶ୍ରୀଜଗନ୍ନାଥ ଓ ଜଗଜ୍ଜନନୀ ଘଟଗାଁ ବାସିନୀ ମା' ତାରିଣୀଙ୍କ କୃପାରୁ ସମସ୍ତେ କୁଶଳରେ ରୁହନ୍ତୁ, ଏତିକି ମୋର କାମନା ।
ଶ୍ରୀଯୁକ୍ତ ଯଦୁମଣି ବାରିକ
ଚମ୍ପୁଆ ନିର୍ବାଚନମଣ୍ଡଳୀ
କଂଗ୍ରେସର ପୂର୍ବତନ ବିଧାୟକ ପ୍ରାର୍ଥୀ
ଭଦ୍ରାସାହି, ବଡ଼ବିଲ, କେନ୍ଦୁଝର

ଶୁଭେଚ୍ଛା ବାର୍ତ୍ତା
इंडियनऑयल
Indian oil
'ସମୟ'ର ୨୯ତମ ସ୍ୱନକ୍ଷତ୍ର ତଥା ପବିତ୍ର ଶାରଦୀୟ ପୂଜା ଅବସରରେ କେନ୍ଦୁଝର ଜିଲ୍ଲାର ସମସ୍ତ ଜନସାଧାରଣମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସହ ସେମାନଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରୁଛୁ ।
ଅଶୋକ ରାଜପଥ ସର୍ଭିସ
ଇଣ୍ଡିଆନ ଅଏଲ ଡିଲର
ଶାଳପଡ଼ା, କେନ୍ଦୁଝର- ୭୫୮୦୨୦
ମୋ.: ୯୯୩୭୫୨୩୫୦୭
ଆପଣଙ୍କର ଟିକିଏ ହସ, ଆମର ଶ୍ରେଷ୍ଠ ପାରିଶ୍ରମିକ

ଶୁଭେଚ୍ଛା ବାର୍ତ୍ତା
ବିଗତ ୨୯ ବର୍ଷ ଧରି ନିରବଚ୍ଛିନ୍ନ ଭାବେ ଓଡ଼ିଶାରୁ ପ୍ରକାଶ ପାଇ ଆସୁଥିବା ଦୈନିକ ନିରପେକ୍ଷ ସମ୍ବାଦପତ୍ର 'ସମୟ'ର ପବିତ୍ର ଜନ୍ମୋତ୍ସବ ସମାରୋହ ପାଳନ ଅବସରରେ ମୋର ସମୟ ପରିବାରକୁ ହାର୍ଦ୍ଦିକ ଅଭିନନ୍ଦନ । ଏହି ଜନ୍ମୋତ୍ସବର ସଫଳତା ଏବଂ ଏହାର ଉତ୍ତରୋତ୍ତର କାମନା କରୁଅଛି । ଏହି ଅବସରରେ କେନ୍ଦୁଝର ଜିଲ୍ଲାର ସମସ୍ତ ପାଠକ ପାଠିକାମାନଙ୍କ ସହିତ ମା, ଭଉଣୀ, ଗୁରୁଜନ ଓ ଯୁବକ, ଛାତ୍ରଛାତ୍ରୀମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ । ଜଗତରନାଥ ଶ୍ରୀଜଗନ୍ନାଥ ଓ ଜଗଜ୍ଜନନୀ ଘଟଗାଁ ବାସିନୀ ମା' ତାରିଣୀଙ୍କ ଆଶୀର୍ବାଦରୁ ସମସ୍ତେ କୁଶଳରେ ରୁହନ୍ତୁ । ଏତିକି ମୋର ପ୍ରାର୍ଥନା ।
ଶ୍ରୀଯୁକ୍ତ ସୁବ୍ରତ କୁମାର ଚକ୍ର
ଘସିପୁରା ନିର୍ବାଚନମଣ୍ଡଳୀ
ପୂର୍ବତନ କଂଗ୍ରେସ ବିଧାୟକ ପ୍ରାର୍ଥୀ
ଘସିପୁରା, କେନ୍ଦୁଝର

## ମୋବାଇଲ୍ ଚୋରି ଘଟଣାର ପର୍ଦ୍ଦାଫାସ

# ୨ ଆନ୍ତଃରାଜ୍ୟ ଲୁଟେରା ଗିରଫ, ୨୪ ମୋବାଇଲ୍ ଜବତ



ବାରିପଦା, (ସବ୍ୟୁ) : ବାରିପଦା ଟାଉନ ଥାନାକୁ ମିଳିଛି ବଡସଫଳତା । ଏନେଇ ଗୁରୁବାର ବାରିପଦା ଟାଉନ ଥାନାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବାରିପଦା ଏସ୍‌ଡିପିଓ ପ୍ରଭାତ କୁମାର ମଲ୍ଲିକ ଓ ବାରିପଦା ଟାଉନ ଥାନା ଅଧିକାରୀ କରୁଣାକର ରାଉତ ପ୍ରମୁଖଙ୍କ ସହ ପୋଲିସ ଅଧିକାରୀ ମାନେ ଯୋଗଦେଇ ମୋବାଇଲ୍ ଚୋରି ଘଟଣାର ପର୍ଦ୍ଦାଫାସ କରିବା ସହ ଏହି ଚୋରି ଘଟଣାରେ ଦୁଇ ଆନ୍ତଃରାଜ୍ୟ ଚୋରକୁ ଗିରଫ କରିବା ସହ ୨୪ଟି ମୋବାଇଲ୍ ଜବତ କରିଥିବା ନେଇ ସୂଚନା ଦେଇଥିଲେ । ଏହି ଲୁଟେରା ମାନେ ହେଲେ ଝାରଖଣ୍ଡ ରାଜ୍ୟ ସାହେବ୍‌ଗଞ୍ଜ ଜିଲ୍ଲାର ଅମିରତ୍ କୁମାର ମହାନ୍ତ(୩୩) ଓ ଗଙ୍ଗା ନନିଆ(୨୫) । ସୂଚନାନୁଯାୟୀ ଲଗାତାର ଭାବରେ ବାରିପଦା ସହର ଓ ଆଖପାଖ ରୁ ଚାଲିଥିଲା ମୋବାଇଲ ଚୋରି। କେଉଁଠି ଘର ଭିତରୁ ଚୋରି ହେଉଥିଲା ତକେଉଁଠି ରାସ୍ତାରେ ହାତରୁ ଝମ୍ପିନେଇ ଯାଉଥିଲେ ଲୁଟେରା। ବିଶେଷ କରି ସକାଳ ପରିବା ବଜାରକୁ ଆସୁଥିବା ଲୋକଙ୍କୁ ଲୁଟେରା କରୁଥିଲେ ଟାର୍ଗେଟ। ଆଜି ଏହି ଗ୍ୟାଙ୍ଗର ଦୁଇଜଣ ଲୁଟେରାଙ୍କୁ ଧରିବା ସହିତ ୨୪ଟି ମୋବାଇଲ ଜବତ କରିଛି ବାରିପଦା ଟାଉନ ପୋଲିସ । ତେବେ ବାରିପଦା ଏସଡିପିଓଙ୍କ ସୂଚନା ଅନୁଯାୟୀ ଏହି ଆନ୍ତଃରାଜ୍ୟ ଲୁଟେରା ଗ୍ୟାଙ୍ଗ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ସହିତ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ କିଛିଦିନ ରହି ସ୍ଥାନୀୟ ଅସାମାଜିକ ଯୁବକଙ୍କ ସହାୟତାରେ ଛିନ୍‌ତାଇ କରୁଥିଲେ । ଅନ୍ୟ କୌଣସି ବଡ଼ ଅପରାଧ ସହିତ ଏମାନଙ୍କ କୌଣସି ସମ୍ପର୍କ ଅଛି କି ନାହିଁ ସେ ବାବଦରେ ଅଧିକ ତଦନ୍ତ ଜାରି ରହିଛି। ମୋବାଇଲ ଚୋରିରେ ରୁଜୁ କରାଯାଇଥିବା ମାମଲା ଅନୁଯାୟୀ ଲୋକଙ୍କୁ ଡାକି ମୋବାଇଲ ଫେରସ୍ତ କରାଯାଇଥିଲା। ଏନେଇ ବାରିପଦା ଟାଉନ ଥାନା ୬୦୬/୨୫ରେ ମାମଲା ରୁଜୁ କରାଯିବା ସହ ଏହି ଦୁଇ ଆନ୍ତଃରାଜ୍ୟ ଲୁଟୋରଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି ।

# ସ୍ୱାଭାବିକ ହୋଇପାରୁନି କଳିଙ୍ଗା ଘାଟି

## ବିଧାୟକ ଓ ଉପଜିଲ୍ଲାପାଳଙ୍କୁ ଭେଟିଲେ ଅଞ୍ଚଳବାସୀ

ଭଞ୍ଜନଗର, (ସବ୍ୟୁ): ଗଂଜାମ ଜିଲ୍ଲା ଭଂଜନଗର ବିଧାୟକ ଏବଂ ଉପଜିଲ୍ଲାପାଳଙ୍କୁ ଭେଟିଲେ କଳିଙ୍ଗା ଘାଟିକୁ ଲାଗିରହିଥିବା ଗଂଜାମ ଏବଂ କନ୍ଧମାଳ ଜିଲ୍ଲାର ସ୍ଥାନୀୟ ଅଞ୍ଚଳବାସୀ। କଳିଙ୍ଗା ଘାଟି ଭୁସ୍ଖଳନକୁ ୨୪ ଦିନ ବିତିବା ପରେ ଅବସ୍ଥାରେ ପରିବର୍ତ୍ତନ ଆସୁନି । ବାରମ୍ବାର ଚେଷ୍ଟା ସତ୍ତ୍ୱେ ବି' ସ୍ୱାଭାବିକ ଅବସ୍ଥାକୁ ଆସି ପାରୁନି କଳିଙ୍ଗା ଘାଟି । ବାଧକ ସାଜୁଛି ବର୍ଷା । ଭୂସ୍ଖଳନ ପରଠାରୁ ଏବେ ବି ' ଗଂଜାମ-କନ୍ଧମାଳ ଯୋଗାଯୋଗ ଏବେବି ବିଚ୍ଛିନ୍ନ ରହିଛି । ବ୍ରହ୍ମପୁର ମେଡ଼ିକାଲ ଉପରେ ନିର୍ଭର କରୁଥିବା କନ୍ଧମାଳ ଜିଲ୍ଲାର ରୋଗୀ ମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପ୍ରଭାବିତ ହୋଇଛନ୍ତି, ଘାଟି ତଳିଆ ଅଞ୍ଚଳ ଗଂଜାମ ଦୁର୍ଗାପ୍ରସାଦ ଗାଁର ବ୍ୟବସାୟୀ । ଏଣୁ ଘାଟି ନିର୍ମାଣ କାର୍ଯ୍ୟ ତୁରନ୍ତ ସାରିବାକୁ, କନ୍ଧମାଳ ଏବଂ ଗଂଜାମ ଜିଲ୍ଲାର ଅଞ୍ଚଳବାସୀ, ଭଂଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ଏବଂ ଉପଜିଲ୍ଲାପାଳ ଉମାଶଙ୍କର ବେହେରାଙ୍କୁ ସାକ୍ଷାତ କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ଦେଇଛନ୍ତି । ସେଥିରେ ଉଲ୍ଲେଖ କରିଛନ୍ତି, ବିକଳ୍ପ ରାସ୍ତା ଭାବେ ଗଂଜାମ ଦୁର୍ଗାପ୍ରସାଦ ଠାରୁ କନ୍ଧମାଳ ଜିଲ୍ଲା ଭାଲିଗିଁଆ ପର୍ଯ୍ୟନ୍ତ ବାଇପାସ୍ ରାସ୍ତା ନିର୍ମାଣ କରିବାକୁ ପ୍ରସ୍ତାବ ଦେଇଛନ୍ତି । ଗତମାସ ୧୬ ତାରିଖରେ ପ୍ରଥମଥର ପାଇଁ ଘାଟିରେ ବଡଧରଣର ଭୂସ୍ଖଳନ ହୋଇଥିଲା । ଛଅ ଦିନ ପରେ ପୁଣି ଥରେ ଭୂସ୍ଖଳନ ହୋଇଥିଲା । ଏକ ଅଭିଜ୍ଞ ସମ୍ପନ୍ନ ନିର୍ମାଣ ସଂସ୍ଥାକୁ ଦାୟିତ୍ୱ ନଦେଇ ସ୍ଥାନୀୟ ଠିକାଦାରଙ୍କ ଦ୍ୱାରା ରାସ୍ତା ମରାମତି କାମ ହେଉଥିବାରୁ ତାହା ସଠିକ୍ ଭାବରେ ହେଉନଥିବା ଅଭିଯୋଗ ହୋଇଛି । ଏଣୁ ଲୋକଙ୍କ ଦାବକୁ ଶୁଣିବା ସହ କଳିଙ୍ଗା ଘାଟିର ସମସ୍ୟା ସମାଧାନ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରି ତୁରନ୍ତ ପଦକ୍ଷେପ ଗ୍ରହଣ କହିବାକୁ ପ୍ରତିଶ୍ରୁତି ଦେଇଛନ୍ତି ବିଧାୟକ ଶ୍ରୀ ନାୟକ ।

## ଗୋପାଳପୁର ଗଣବଳାତ୍କାର ମାମଲା

# କୋର୍ଟରେ ରେଷ୍ଟୁରାଣ୍ଟ ମାଲିକଙ୍କ ସମେତ ୩ ଜଣଙ୍କ ବୟାନ ରେକର୍ଡ

ବ୍ରହ୍ମପୁର, (ସବ୍ୟୁ): ବହୁ ଚର୍ଚ୍ଚିତ ଗୋପାଳପୁର ଗଣ ବଳାତ୍କାର ମାମଲାର ବିଚାରଣ ବ୍ରହ୍ମପୁର ସ୍ଥିତ ଗଞ୍ଜାମ ଜିଲା ଅତିରିକ୍ତ ଜିଲା ଜଜ୍-୨ଙ୍କ ଆୟୁଷମାନ ମହନ୍ତଙ୍କ ଅଦାଲତରେ ଜାରି ରହିଛି । ଆଜି ଅଦାଲତରେ ଜଣେ ରେଷ୍ଟୁରାଣ୍ଟ ମାଲିକ ସମେତ ୩ ଜଣଙ୍କ ବୟାନ ରେକର୍ଡ ହୋଇଥିଲା । ଘଟଣା ଦିନ ଉକ୍ତ ବେଳାଭୂମିରେ କାର୍ଯ୍ୟରତ ଥିବା ହୋମାଗାର୍ଡ ଚିଟି ବାବୁଙ୍କ ବୟାନ ରେକର୍ଡ ହୋଇଥିବା ବେଳେ ବେଳାଭୂମି ନିକଟରେ ଥିବା ସାଜ ରେଷ୍ଟୁରାଣ୍ଟ ମାଲିକ ମହମ୍ମଦ ଅବଦୁଲ ଇସାକ ଓ ଅନ୍ୟ ଜଣେ ସାକ୍ଷୀଭାବେ ଦୀପକ ନାୟକଙ୍କ ବୟାନ ରେକର୍ଡ ହୋଇଥିବା ସୂଚନା ମିଳିଛି । ପୂର୍ବରୁ ଏହି ମାମଲାର ସାକ୍ଷୀ ଭାବେ ଜଣେ ହୋମଗାର୍ଡ କୋର୍ଟରେ ସାକ୍ଷୀ ଦେଇସାରିଛନ୍ତି । ଏହି ମାମଲାରେ ମୋଟ ୧୦ ଜଣ ଅଭିଯୁକ୍ତ ରହିଥିବା ବେଳେ ସେଥିରେ ୪ ଜଣ ନାବାଳକ ରହିଥିଲେ । ତେବେ ଏହି ୪ ଜଣ ନାବାଳକ ମଧ୍ୟରୁ ୩ ଜଣଙ୍କୁ ସାବାଳକ ଭାବେ କୋର୍ଟ ଗ୍ରହଣ କରିଛନ୍ତି । ସେହିକ୍ରମରେ ୯ ଜଣଙ୍କ ବିଚାରଣ ଏଡିଜେ-୨ ଅଦାଲତରେ ଚାଲୁଥିବା ବେଳେ ସଂପୃକ୍ତ ନାବାଳକଙ୍କ ବିଚାରଣ ଦ୍ୱିତୀୟ ଅତିରିକ୍ତ ବରିଷ୍ଠ ଦେଓ୍ୱାନୀ ବିଚାରପତି ଶର୍ମିଷ୍ଠା ଦାଶଙ୍କ ଅଦାଲତରେ ବିଚାରଣ ଜାରି ରହିଛି ।

# ସଦ୍‌ଭାବନା ସମିତିର ମାସିକ ସନ୍ଥ ଦିବସରେ ଗୋପବନ୍ଧୁ ଜୟନ୍ତୀ



ବାରିପଦା, (ସବ୍ୟୁ) : ସଦ୍‌ଭାବନା ସମିତି ଆନୁକୂଲ୍ୟରେ ସ୍ଥାନୀୟ ଗୋପବନ୍ଧୁ ଭବନ ଠାରେ ୫୫୬ତମ ମାସିକ ସନ୍ଥ ଦିବସରେ ଗୋପବନ୍ଧୁ ଜୟନ୍ତୀ ସମିତିର ପ୍ରତିଷ୍ଠାତା ଧର୍ମରତ୍ନ ପୂର୍ଣ୍ଣଚନ୍ଦ୍ର ବୁଗୁଡେଇଙ୍କ ପୌରହିତ୍ୟରେ ପାଳିତ ହୋଇଯାଇଛି। କବି ସଚ୍ଚିରାଉତରାୟଙ୍କ ସାହିତ୍ୟ ନୁହଁଇ କେବେ ବିଳାସର ଫୁଲ, ଜାତିକୁ ଦେବ ସେ ମୁକ୍ତି ତେବେ ଯାଇ ଅମୂଲ ତା ମୂଳ ପ୍ରସଙ୍ଗ ଉପରେ ଜୋର୍ ଦିଆଯାଇ ଆଧୁନିକ ସାହିତ୍ୟକୁ ପ୍ରାଧାନ୍ୟ ଦିଆ ନଯାଇ ମୂଳ ସାହିତ୍ୟ ହିଁ ସତ୍ ସାହିତ୍ୟ ଏବଂ ତାହା ସମାଜର ହିତ ଲାଗି ସ୍ୱସ୍ତିବାଚକ ହେତୁ ସାଧୁ, କଲମରୁ ସୁଧା ଉପୁଜୁ ବୋଲି ବକ୍ତବ୍ୟ ସ୍ଥାନ ପାଇଥିଲା। ଏହି ଦିବସରେ ମାନ୍ୟବର ରାଜ୍ୟସଭା ସାଂସଦ ମମତା ମହାନ୍ତ ଉଦ୍ଘାଟିକା, ସମ୍ମାନୀୟ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ମୁଖ୍ୟଅତିଥି ଭାବେ ଯୋଗଦେଇ ଗୋପବନ୍ଧୁ ସନ୍ଥ ସାହିତ୍ୟର ସମର୍ଥକ ଥିଲେ ବୋଲି ବକ୍ତବ୍ୟ ରଖିଥିଲେ। ବାରିପଦା ପୌରପାଳ କୃଷ୍ଣାନନ୍ଦ ମହାନ୍ତି, ବରିଷ୍ଠ ସାମ୍ବାଦିକ ଡଃ ବିଜୟ କୁମାର ଅଗରୱାଲା ସମ୍ମାନୀତ ଅତିଥି ଭାବେ ଯୋଗଦେଇ ମନ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା ଭାବେ ରୂପ୍ ଗୁରୁକୁଳ ଆଶ୍ରମର ସଞ୍ଚାଳକ ଆଚାର୍ଯ୍ୟ ଦେବ ବିଜୟଜୀ, ପୂଜ୍ୟପୂଜା ଅନୁଷ୍ଠାନର ସଭାପତି ଡଃ ରମାକାନ୍ତ ସିଂ ଏବଂ ଉଦଳାର ପ୍ରମିଳା ପଣ୍ଡା ବକ୍ତା ଭାବେ ଯୋଗଦେଇ ସେବାର ସନ୍ଥ ବୋଲି କହିଥିଲେ। ସଦ୍‌ଭାବନା ସମିତି ତରଫରୁ ବାରିପଦା ଉପଜିଲ୍ଲାପାଳ ଡଃ ଦୟାସିନ୍ଧୁ ପରିଡାଙ୍କୁ ସୁସାହିତ୍ୟିକ ଭାବେ ଓ ଜିଲ୍ଲାର ପ୍ରମୁଖ ସାରସ୍ୱତ ସଂଗଠନ ମୟୂରଭଞ୍ଜ ସାହିତ୍ୟ ପରିଷଦର ପଦ୍ମନାଭ ସାହୁ, ପ୍ରତିଶ୍ରୁତି ପ୍ରତିଷ୍ଠାନର ଭାଗବତ ପଣ୍ଡା, ପୂଜ୍ୟପୂଜାର ଡଃ ରମାକାନ୍ତ ସିଂ, ଉଦଳା ଗୋପବନ୍ଧୁ ମେମୋରିଆଲ୍ ସେବା ଟ୍ରଷ୍ଟର ପ୍ରମିଳା ପଣ୍ଡା, କପ୍ତିପଦା ଆରଣ୍ୟକ ସାହିତ୍ୟ ସଂସଦର ରାଜେନ୍ଦ୍ର କୁମାର ସାମଲ, ବେତନଟୀ ମୟୂର ସାହିତ୍ୟ ସଂସଦର ସଚ୍ଚିଦାନନ୍ଦ ମହାନ୍ତି, କରଞ୍ଜିଆ ଚେତନାର ମାନସ ରଞ୍ଜନ ଦାସ, ରାଇରଙ୍ଗପୁର ଶ୍ରୀଜଗନ୍ନାଥ ଚେତନା ଓ ସେବା ସଂଘର ପୁଷ୍ପାଞ୍ଜଳୀ ତ୍ରିପାଠୀ, ବଡସାହି ବାଣୀପୀଠର ସୌମରଞ୍ଜନ ନାୟକ ଏବଂ ବଡସାହି ପୂର୍ଣ୍ଣମାସୀ ସେବା ସଂସ୍ଥାନର ରାଜକିଶୋର ଆଚାର୍ଯ୍ୟଙ୍କୁ ସମିତି ତରଫରୁ ସତ୍ ସାହିତ୍ୟ ପ୍ରଚାର ପାଇଁ ସଦ୍‌ଭାବନା ଶ୍ୱେତପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସମିତି ସଦସ୍ୟ ସନ୍ଦୀପ କୁମାର ଚାନ୍ଦ ଓ ସମ୍ପାଦକ ମାନସ ରଞ୍ଜନ ମହାପାତ୍ର ସ୍ୱାଗତ ଏବଂ ଜିଲ୍ଲା ସଂସ୍କୃତି ଅଧିକାରୀ ସୁଭାଶିଷ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ସମିତିର ସଦସ୍ୟ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି ଏବଂ ସଦସ୍ୟ ମନୋଜ କୁମାର ପଣ୍ଡା ସହଯୋଗ କରିଥିଲେ। ଏହି ସବୁ ଦିବସରେ ଏ ମାସରେ ଆବିର୍ଭାବ ଶିବମୁନି, ମହାତ୍ମା ଗାନ୍ଧୀ ଏବଂ ଗୋପବନ୍ଧୁଙ୍କ ପ୍ରତି ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା।

# ଗୁଳି ଭର୍ତ୍ତି ପିସ୍ତଲ ଜବତ, ଦୁଇ ଯୁବକ ଗିରଫ

ଭଞ୍ଜନଗର, (ସବ୍ୟୁ): ପେଟ୍ରୋଲିଂ କରୁଥିବା ସମୟରେ ଗୁଳି ଭର୍ତ୍ତି ପିସ୍ତଲ୍ ଧରି ସନ୍ଦେହ ଜନକ ଅବସ୍ଥାରେ ବୁଲୁଥିବା ଦୁଇ ଯୁବକଙ୍କୁ କାବୁ କରି ଗିରଫ କଲା ଭଂଜନଗର ଥାନା ପୋଲିସ । ସେମାନଙ୍କ ଠାରୁ ଗୋଟିଏ ମାଗାଜିନ୍ ଏବଂ ୩ ରାଉଣ୍ଡ ଜୀବନ୍ତ ଗୁଳି ଜବତ କରିଛି ପୋଲିସ ଛ ଥାନାଧିକାରୀ ଜୀବନାନନ୍ଦ ଜେନା ଦେଇଥିବା ସୂଚନା ପ୍ରକାରେ, ସବୁଦିନ ଭଳି ବୁଧବାର ରାତିରେ ମଧ୍ୟ, ପୋଲିସ୍ ଟିମ ସହ ଏସଆଇ ଲକ୍ଷ୍ମୀଧର ମହାନ୍ତି ପେଟ୍ରୋଲିଙ୍ଗ କରୁଥିଲେ । ଭୋର ସମୟରେ, ନିକଟସ୍ଥ ଚକରା ବିଷୋୟୀ ଛକ ଠାରେ ଥିବା ଏକ ପାନ ଦୋକାନରେ ଦୁଇଜଣ ଯୁବକ ବସିଥିଲେ। ପୋଲିସର ସନ୍ଦେହ ହେବାରୁ ସେମାନଙ୍କୁ ପଚରାଉଚରା କରିଥିଲେ । ଦୁଇ ଯୁବକ ପୋଲିସକୁ ଦେଖି ଖରାପ ବ୍ୟବହାର ଦେଖାଇବା ସହ ଧମକ ଦେଇ ଗୁଳି ଭର୍ତ୍ତି ଥିବା ଗୋଟିଏ ପିସ୍ତଲ୍ ଦେଖାଇଥିଲେ। କୌଶଳ କ୍ରମେ ପୋଲିସ ସେମାନଙ୍କୁ କାବୁ କରି ଧରିଥିଲା । ଜେରା ପରେ ଜଣା ପଡିଥିଲା, ଦୁଇ ଯୁବକ ନିକଟସ୍ଥ ବାଉଁଶଲୁଣ୍ଡି ଗ୍ରାମର ସୁନିଲ୍ କୁମାର ସେଠୀ ଏବଂ ଗାମୁଣ୍ଡି ଗାଁର ଲାଲୁ ବେହେରା । ସେମାନଙ୍କ ଠାରୁ ଗୋଟିଏ ୭.୬୫ ପିସ୍ତଲ୍, ଗୋଟିଏ ମାଗାଜିନ୍ ଏବଂ ୩ ରାଉଣ୍ଡ ଜୀବନ୍ତ ଗୁଳି ଜବତ ହୋଇଥିଲା । ଏନେଇ ଭଂଜନଗର ଥାନା କେଶ୍ ନମ୍ବର ୧୧୩୮/୨୫ ରେ ଏକ ମାମଲା ରୁଜୁ କରି ତଦନ୍ତ କରିବା ସହ ଗିରଫ ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ସୂଚନା ଦେଇଛନ୍ତି ଥାନାଧିକାରୀ ଶ୍ରୀ ଜେନା ।

# ପାରିବାରିକ ଅଶାନ୍ତିରୁ ମହିଳାଙ୍କ ଆତ୍ମହତ୍ୟା

ବୁଗୁଡା, (ସବ୍ୟୁ): ବୁଗୁଡ଼ା ଏନଏସି ଅନ୍ତର୍ଗତ ଦାଶ କଲୋନୀରେ ଜନୈକା ମହିଳା ଆତ୍ମହତ୍ୟା କରି ମୃତ୍ୟୁ ବରଣ କରିଥିବା ଜଣାଯାଇଛି। ମୃତା ମହିଳା ଜଣକ ହେଲେ ହେଲେ ଭୂଷଣ ଭୂୟାଁଙ୍କ ପତ୍ନୀ ମଞ୍ଜୁଳା ଭୂୟାଁ (୩୬)। ପ୍ରକାଶ ଯେ, ବୁଗୁଡା ବ୍ଲକ ଅନ୍ତର୍ଗତ ସୋଲଣ୍ଡି ଗ୍ରାମରୁ ଆସି ସ୍ଥାନୀୟ ଦାଶ କଲୋନୀରେ ଏକ ଭଡା ଘରେ ରହୁଥିବା ମଞ୍ଜୁଳା ପାରିବାରିକ ଅଶାନ୍ତି କାରଣରୁ ଆଜି ପୂର୍ବାହ୍ନରେ ପାଇଖାନା ଘରେ ବେକରେ ଚୁନି ଲଗାଇ ଝୁଲି ପଡିଥିଲେ। ତାଙ୍କୁ ସେଠାରୁ ଉଦ୍ଧାର କରି ପରିବାର ଲୋକେ ବୁଗୁଡା ମେଡିକାଲକୁ ଆଣିଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଖବର ପାଇବା ପରେ ପୋଲିସ ମେଡିକାଲରେ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ କେସ୍ ନଂ ୧୮/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି ।

## ଦୁଇ ବାଇକ୍ ମୁହାଁମୁହିଁ ଧକ୍କା : ଜଣେ ମୃତ, ଦୁଇ ଗୁରୁତର

ବଅଁରପାଳ, (ସବ୍ୟୁ) ଗୁରୁବାର ଅପରାହ୍ନରେ ୫୫ ନମ୍ବର ଜାତୀୟ ରାଜପଥ ଅନୁଗୋଳ ପିଟିସ୍ ପୋଲିସ ଟ୍ରେନିଂ କଲେଜ ସମ୍ମୁଖରେ ଦୁଇ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କାରେ ଜଣକର ମୃତ୍ୟୁ ଘଟିଥିବା ବେଳେ ଦୁଇଜଣ ଗୁରୁତର ହୋଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଆଠମଲ୍ଲିକ ଅଞ୍ଚଳର ବଳଭଦ୍ର ବେହେରାଙ୍କ ପୁଅ ପ୍ରଦୀପ ବେହେରା ଏକ ବାଇକ୍‌ରେ ଅନୁଗୋଳରୁ ନାଲକୋ ଅଞ୍ଚଳକୁ ଯାଉଥିବା ବେଳେ ତାଳଚେର ବ୍ଲକ ଅନ୍ତର୍ଗତ ସାଉଥ୍ ବଲଣ୍ଡା ଗ୍ରାମର ରାକେଶ କୁମାର ବେହେରା ଓ ସୁମିତ ସାହୁ ଆସୁଥିବା ବେଳେ ପିଟିସ୍ ପୋଲିସ ଟ୍ରେନିଂ କଲେଜ ସମ୍ମୁଖରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହୋଇଥିଲା। ଯାହା ଫଳରେ ତିନି ଜଣ ଯାକ ରାସ୍ତା ଉପରେ ଛିଟିକି ପଡ଼ିଥିଲେ। ସେହି ରାସ୍ତା ଦେଇ ଆପାତକାଳିନ ଅଧିକାରୀ ସୁଭେନ୍ଦୁ ଜେନା ସମସ୍ତ ଗୁରୁତରଙ୍କୁ ଉଦ୍ଧାର କରି ଏକ ଅଟୋ ଯୋଗେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଚିକିତ୍ସାଳୟରେ ପ୍ରଦିପ ବେହେରାଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା ଓ ଅନ୍ୟ ଦୁଇ ଜଣ ଗୁରୁତର ଥିବା ଜଣାପଡିଛି। ଖବର ପାଇ ଟାଉନ ଥାନା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ପଶାସିଙ୍ଗ ବିଟ୍ ନିକଟସ୍ଥ ଜଙ୍ଗଲରୁ ଛୁଆ ହାତୀର ମୃତଦେହ ଠାବ

ରାସୋଳ, (ସବ୍ୟୁ): ହିନ୍ଦୋଳ ବନାଞ୍ଚଳ ରାସୋଳ ସେକ୍ସନ ପଶାସିଙ୍ଗ ବିଟ୍ ନିକଟସ୍ଥ ଏକ କାଜୁ ଜଙ୍ଗଲରୁ ଆଜି ଏକ ଦୁଇ ବର୍ଷର ଛୁଆ ହାତୀର ମୃତଦେହ ବନବିଭାଗ ଠାବ କରିଛି। କେତେଦିନ ଆଗରୁ ଏହି ଛୁଆ ହାତୀର ମୃତ୍ୟୁ ଘଟିଛି କେଉଁକାରଣରୁ ମୃତ୍ୟୁ ହୋଇଛି ବନ ବିଭାଗ ପାଖରେ କୌଣସି ଠୋସ ଖବର ନାହିଁ । ସ୍ଥାନୀୟ ଲୋକମାନଙ୍କ ଠାରୁ ଖବର ପାଇ ଘଟଣାସ୍ଥଳରେ ବନବିଭାଗ ପହଞ୍ଚି ତଦନ୍ତ ଆରମ୍ଭ କରିଛି। କିଛି ଦିନ ତଳେ ରାସୋଳ ସେକ୍ସନ ଗୁଲୁଗୁଣ୍ଡି ଠାରେ ରାସ୍ତା ପାର୍ଶ୍ୱରେ ଛିଡା ହୋଇ ଥିବା ଏକ ଟ୍ରାକ୍ଟରକୁ ଦନ୍ତା ହାତୀ ଆକ୍ରମଣ କରିଥିବା ବେଳେ ଦନ୍ତାହାତୀର ଦାନ୍ତ ଗଳିପଡିଥିଲା । ତାହା ବନବିଭାଗ ପାଖରେ ଖବର ନଥିଲାବେଳେ ପଶାସିଙ୍ଗ ବିଟ ଠାରୁ କିଛି ଦୂରରେ ହାତୀଛୁଆର ମୃତ୍ୟୁ ଘଟିଥିବାବେଳେ ପଶାସିଙ୍ଗ ଫରେଷ୍ଟ ଗାର୍ଡ କିପରୀ ଜାଣି ପାରିଲେ ନାହିଁ ତାହା ତାଙ୍କ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ତେବେ ହାତୀ ମୃତ୍ୟୁ ଘଟଣା ଗତକାଲି ସନ୍ଧ୍ୟାରେ ବନବିଭାଗକୁ ଖବର ମିଳିଥିଲେ ସୁଦ୍ଧା ଆଜି ସକାଳେ ଘଟଣାସ୍ଥଳରେ ପହଞ୍ଚିଥିଲେ ଫରେଷ୍ଟ ଗାର୍ଡ । ବିଟ ଠାରୁ ଅନତି ଦୂରରେ ହାତୀର ପଚା ମୃତ ଦେହ ବହୁ ବିଳମ୍ବରେ ଠାବ ହେବା ଘଟଣାରେ ସମ୍ପୃକ୍ତ ବନରକ୍ଷୀଙ୍କ କାର୍ଯ୍ୟ ଦକ୍ଷତା ଉପରେ ପ୍ରଶ୍ନ ବାଚି ସୃଷ୍ଟି କରୁଛି।

# ହିନ୍ଦୋଳରେ ବିଜେଡିର ଜନଜାଗରଣ ପଦଯାତ୍ରା

ହିନ୍ଦୋଳ, (ସବ୍ୟୁ): ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜନ୍ମଜୟନ୍ତୀ ପାଳନ ସହ ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଏନଏସିରେ ଆଜି ବିଜୁଜନତା ଦଳର ଆସନ୍ତା ନଭେମ୍ବର ୨ ପର୍ଯ୍ୟନ୍ତ ଚାଲିବାକୁ ଥିବା ଜନଜାଗରଣ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବିଜୁଜନତାଦଳ ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ହିନ୍ଦୋଳ ନିର୍ବାଚନମଣ୍ଡଳୀ ବିଧାୟକ ପ୍ରାର୍ଥୀ, ପୂର୍ବତନ ସାଂସଦ ମହେଶ ସାହୁଙ୍କ ନେତୃତ୍ୱରେ ଜନଜାଗରଣ ଜନସମ୍ପର୍କ ପଦଯାତ୍ରାର ଆରମ୍ଭ ସକାଳ ୧୯ ଘଣ୍ଟାରେ ହିନ୍ଦୋଳ ସଦର ମହକୁମା ଏନଏସି ସ୍ଥିତ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ମହେଶ ସାହୁ ମାଲ୍ୟାର୍ପଣ ପୂଜାର୍ଚ୍ଚନା କରି ଆରମ୍ଭ କରିଥିଲେ। ତତ୍ପରେ ହିନ୍ଦୋଳର ବରପୁତ୍ର ପୂର୍ବତନ ଜନପ୍ରିୟ ବିଧାୟକ ସ୍ୱର୍ଗତ ତ୍ରିନାଥ ନାଏକ, ମହାତ୍ମାଗାନ୍ଧୀ ସମେତ ସମସ୍ତ ମହାପୁରୁଷ,ବରପୁତ୍ର ମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଦାଣ୍ଡିଯାତ୍ରା ଠାରେ ଶେଷ ହୋଇଥିଲା। ଏହି ଅବସରରେ ହିନ୍ଦୋଳ ଏନଏସି ଉପାଧ୍ୟକ୍ଷା ପ୍ରତିମା ରାଉତ, ପୂର୍ବତନ କାଉନସିଲର ଏନଏସି ଆବାହକ ଜିଲ୍ଲାସମ୍ପାଦକ ପ୍ରଦ୍ୟୁମ୍ନ ବେହେରା, ରାଜ୍ୟ ଯୁବବିଜେଡି ସମ୍ପାଦକ ଦେବୀ ପ୍ରସାଦ ପଟ୍ଟନାୟକ, ଜିଲ୍ଲା ସମ୍ପାଦକ ପ୍ରଶାନ୍ତ ଦାସ, ବରିଷ୍ଠ ଆଇଟି ସେଲ ସଂଯୋଜକ ଶ୍ରୀକାନ୍ତ ମହାପାତ୍ର ପ୍ରମୁଖଙ୍କ ସହ ଶତାଧିକ ମହିଳା ପୁରୁଷ ବିଜେଡି ନେତା ଯୋଗ ଦେଇଥିଲେ। ତେବେ ଏହି ଅବସରରେ ବିଜେଡ଼ି ନେତା ମହେଶ ସାହୁ ବିଜେପି ସରକାରର ବିଭିନ୍ନ କ୍ଷେତ୍ରରେ ବିଫଳତା, ହିନ୍ଦୋଳ ଉପଖଣ୍ଡ ପ୍ରତି ବୈମାତୃକ ମନୋଭାବ ସହ ସ୍ଥାନୀୟ ଜନପ୍ରତିନିଧି ମାନଙ୍କ ଅପାରଗତାକୁ ନେଇ ତୀବ୍ର ସମାଲୋଚନା କରିବା ସହ ହିନ୍ଦୋଳ ବାସି ଜାଗ୍ରତ ହେବାର ସମୟ ଆସିଯାଇଛି ବୋଲି କହିଥିଲେ। ଏଥିସହ ହିନ୍ଦୋଳ ଡାକ୍ତରଖାନରେ ଡାକ୍ତର ଅଭାବ, କେନ୍ଦ୍ରୀୟବିଦ୍ୟାଳୟରେ ଚଞ୍ଚକତା ସହ ଅଞ୍ଚଳରେ ଥିବା ବିଭିନ୍ନ ସମସ୍ୟାକୁ ନେଇ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ଏହି ପଦଯାତ୍ରା ଆଗାମୀ ନଭେମ୍ବର ୨ ପର୍ଯ୍ୟନ୍ତ ଚାଲିବ ବୋଲି ଦଳିୟ ସୂତ୍ରରୁ ପ୍ରକାଶ ପାଇଛି ।

# ଆଠମଲ୍ଲିକରେ ଜମୁଛି ଗଜଲକ୍ଷ୍ମୀ ପୂଜା

ଆଠମଲ୍ଲିକ, (ସବ୍ୟୁ): ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ସହର ମଧ୍ୟରେ ୧୨ ଟି ପୂଜା ମଣ୍ଡପରେ ମା' ଗଜଲକ୍ଷ୍ମୀ ପୂଜା ପାଇ ଆସୁଛନ୍ତି । ପବିତ୍ର କୁମାର ପୂର୍ଣ୍ଣମୀ ଦିନ ପୂଜକ ଓ କମିଟି କର୍ମକର୍ତାଙ୍କ ଦ୍ୱାରା ପବିତ୍ର ଜଳ ପୂର୍ଣ୍ଣ କଳସ ଅଣାଯାଇ ପୂଜା ମଣ୍ଡପରେ ସ୍ଥାପନା କରା ଯାଇଥିଲା । ପୂଜକଙ୍କ ଦ୍ୱାରା ଯଥା ପୂଜା ରୀତିନୀତି କରାଯାଇ ମା' ଗଜଲକ୍ଷ୍ମୀଙ୍କ ପୂଜା ଆରାଧନା ଚାଲି ଆସିଛି । ସହର ମଧ୍ୟରେ ଚାରିଘରିଆ ସାହି, ରାମେଶ୍ୱର ପାଟଣା, ଲକ୍ଷ୍ମୀ ନାରାୟଣ ବଜାର, ଗୁଗୁଡ଼ି ସାହି, ପୁରୁଣା ଗଡ଼, ଗାନ୍ଧୀ ପାର୍କ, ନୂଆ ସାହି, ବଙ୍ଗଳା ସାହି, ରଥ ସାହି, ଲିପ୍ତିଙ୍ଗା, ବନ୍ଧ ସାହି, ବଡ଼ଦାଣ୍ଡ ସାହି, ପୂଜା ମଣ୍ଡପ ରେ ଧୁମଧାମରେ ଲକ୍ଷ୍ମୀ ପୂଜା ପାଳିତ ହୋଇଆସୁଛି । ପ୍ରତ୍ୟେକ ପୂଜା ମଣ୍ଡପର ସୃଦୃଶ୍ୟ ମେଢ଼ ସହିତ, ରଙ୍ଗୀନ ଆଲୋକ ମାଳାର ଲୋକଙ୍କୁ ଆକର୍ଷିତ କରୁଛି । ପ୍ରତିଦିନ ପୂଜା ମଣ୍ଡପର ଶ୍ରଦ୍ଧାଳୁ ମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ହେଉଛି । ମା' ଗଜଲକ୍ଷ୍ମୀଙ୍କ ଦର୍ଶନ ପାଇଁ ପୂଜା ମଣ୍ଡପରେ ସନ୍ଧ୍ୟାର ଭିଡ଼ ଲାଗି ରହିଥିବା ଦେଖିବାକୁ ମିଳୁଛି । ଗାନ୍ଧୀ ପାର୍କ ପୂଜା ମଣ୍ଡପ ନିକଟରେ ବୁଧବାର ହାର୍ଟବିଟ ଡ୍ୟାନ୍ସ ଅନୁଷ୍ଠିତ ହୋଇଥିଲା । ହାର୍ଟ ବିଟ ଡ୍ୟାନ୍ସ ଦେଖିବା ପାଇଁ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା।

# ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜିଲ୍ଲାସ୍ତରୀୟ ଜୟନ୍ତୀ



ଢେଙ୍କାନାଳ, (ସବ୍ୟୁ): ଢେଙ୍କାନାଳ ଜିଲ୍ଲା ଗୋପବନ୍ଧୁ ଟାଉନ୍ ହଲ ସମ୍ମୁଖସ୍ଥ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ଠାରେ ମହାପୁରୁଷଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସାଂସଦ ରୁଦ୍ର ନାରାୟଣ ପାଣି ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ଉତ୍କଳମଣିଙ୍କ ସ୍ମୃତି ଚାରଣ କରିଥିଲେ । ସେ କିଭଳି ନିଜର ସ୍ୱାର୍ଥ, ପରିବାରକୁ ବାଦ ଦେଇ ସମାଜର ବୃହତ୍ତର ସ୍ୱାର୍ଥ ପାଇଁ କାର୍ଯ୍ୟ କରୁଥିଲେ ଏହା ସହିତ ଓଡିଆ ସାହିତ୍ୟ ତଥା ଓଡିଶାରେ ସ୍ୱାଧୀନତା ସଂଗ୍ରାମରେ ତାଙ୍କର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଅବସରରେ ପୌରପରିଷଦର ଅଧକ୍ଷା ଜୟନ୍ତୀ ପାତ୍ର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଓ ନିର୍ବାହୀ ଅଧିକାରୀ ଦୀପ୍ତି ରଞ୍ଜନ ସେଠୀ, ପୌରପାଳିକାର ନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ଦାଶ, ସହରର ଜନ ପ୍ରତିନିଧି, ବୁଦ୍ଧିଜିବୀ ଓ ଗଣମାଧ୍ୟମର ପ୍ରତିନିଧି ବୃନ୍ଦ ଯୋଗ ଦେଇଥିଲେ ।

# କଳମଚ୍ଛୁଇଁ ଶିଶୁମନ୍ଦିରରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ

ତାଳଚେର, (ସବ୍ୟୁ): ତାଳଚେର ବ୍ଲକ କଳମଚ୍ଛୁଇଁ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୧୪୮ତମ ଜୟନ୍ତୀ ପାଳିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ଅନୀଲ କୁମାର ଦେହୁରୀଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଶିକ୍ଷାବିତ୍ ଦୁର୍ଯ୍ୟୋଧନ ସାହୁ ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବରେ ବିଦ୍ୟାଳୟ ପରିଚାଳନା ସମିତିର ସମ୍ପାଦକ ବିଭୂତି ଭୂଷଣ ସ୍ୱାଇଁ, ଯୁଗ୍ମ ସଂପାଦକ ବିକ୍ରମ ଜେନା, କୋଷାଧ୍ୟକ୍ଷ ପଞ୍ଚାନନ ବେହେରା ଓ ମୁଖ୍ୟ ବକ୍ତା ଭାବରେ ଆଚାର୍ଯ୍ୟ ମଳୟ ଦାସ ପ୍ରମୁଖ ଯୋଗ ଦେଇ ଉତ୍କଳମଣିଙ୍କ ପ୍ରତିଛବିରେ ମାଲ୍ୟାର୍ପଣ କରିଥିଲେ। ପ୍ରାରମ୍ଭରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଦେଶାତ୍ମବୋଧକ ସଙ୍ଗୀତ ଗାନ କରିଥିଲେ। ଆଚାର୍ଯ୍ୟ ଅନୀଲ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ପ୍ରଧାନାଚାର୍ଯ୍ୟ ଶ୍ରୀ ଦେହୁରୀ କାର୍ଯ୍ୟକ୍ରମର ଆଭିମୁଖ୍ୟ ସଂପର୍କରେ ବର୍ଣ୍ଣନା କରିଥିଲେ । ଅତିଥିମାନେ ପୁଣ୍ୟାତ୍ମା ଗୋପବନ୍ଧୁ ଦାସଙ୍କ ଜୀବନଦର୍ଶନ ଉପରେ ଆଲୋକପାତ କରିବା ସହ ଗୋପବନ୍ଧୁ ଥିଲେ ସେବା ଓ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ ବୋଲି କହିଥିଲେ । ଆଚାର୍ଯ୍ୟା ପ୍ରିୟଙ୍କା ବେହେରା ଓ ଦମୟନ୍ତୀ ନନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଆଚାର୍ଯ୍ୟ ସଂଜୟ ସାଲିମା ଧନ୍ୟବାଦ ଅର୍ପଣ କରିଥିଲେ ।

# ସୌର ଚାଳିତ ପାଣି ପମ୍ପ ଅଚଳ, ଅଞ୍ଚଳବାସୀ ପାଇପ୍ ଜଳରୁ ବଞ୍ଚିତ

ହିନ୍ଦୋଳ, (ସବ୍ୟୁ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଏନ୍‌ଏସି ୯ ନଂ ୱାର୍ଡ ପୁରୁଷୋତ୍ତମପୁର ମୁଣ୍ଡିଆ ତଳସାହି ବାସୀ ପାଇପ ଜଳ ପାଇବାରୁ ବଞ୍ଚିତ ରହୁଥିବାରୁ ତୁରନ୍ତ ପଦକ୍ଷେପ ନେଇ ଜଳ ଯୋଗାଣକୁ ନିୟମିତ କରିବାକୁ ସାହିର ୧୫ ରୁ ୨୦ ଜଣ ମହିଳା ଲିଖିତ ଦାବିପତ୍ର ନେଇ ସ୍ଥାନୀୟ ଜନ ସ୍ୱାସ୍ଥ୍ୟ ବିଭାଗୀୟ ଯନ୍ତ୍ରୀଙ୍କୁ ଅବଗତ କରାଇବା ସହ ତୁରନ୍ତ ଅଚଳ ପାଣି ପମ୍ପ ସେଟକୁ ସଚଳ କରାଇ ଜଳ ଯୋଗାଣ କରାଇବାକୁ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ସେମାନଙ୍କର ଦାବି ମୁତାବକ ସରକାରଙ୍କ ପକ୍ଷରୁ ଜଳ ଯୋଗାଣ ପାଇଁ ସେମାନଙ୍କ ସାହିରେ ଏକ ସୋଲାର ଚାଳିତ ବିଦ୍ୟୁତ୍ ସଂଯୋଗ ସମ୍ପନ୍ନ ପମ୍ପ ସେଟ୍ ବସିଥିଲା। ଯାହାକି ଦୀର୍ଘ ଦିନ ହେବ ଅଚଳ ହୋଇ ପଡ଼ିଛି। ଫଳରେ ବିଶୁଦ୍ଧ ପାଣି ପାଇଁ ସେମାନେ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି । ତୁରନ୍ତ ପଦକ୍ଷେପ ନେଇ ବଦ୍ୟୁତ୍ ସଂଯୋଗ କରାଇ ପୂର୍ବ ଭଳି ଜଳ ଯୋଗାଣ ଅବ୍ୟାହତ ରଖିବାକୁ ନିବେଦନ କରିଛନ୍ତି। ନଚେତ ଟ୍ୟାଙ୍କର ଯୋଗେ ଜଳ ଯୋଗାଣ ଆରମ୍ଭ କରିବାକୁ ଦାବି କରିଛନ୍ତି। ଆଜି ଏଭଳି ଦାବି ନେଇ ସାହିର ବନମାଳୀ ନାଏକଙ୍କ ସମେତ ରାଧା ନାଏକ, ତିଳୋତ୍ତମା ନାଏକ, ସସ୍ମିତା ନାଏକ, ପୁଷ୍ପଲତା ନାଏକ, ମାମି ନାଏକ, ଶୈଳ ନାଏକ, ଶ୍ରୀକାନ୍ତ ନାଏକ ଓ ବିକାଶ ନାଏକ ପ୍ରମୁଖ ସ୍ଥାନୀୟ ଜନ ସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟାଳୟକୁ ଆସିଥିଲେ ।


## ଜାତୀୟ ସେବା ଯୋଜନା ତରଫରୁ ଗୋପବନ୍ଧୁ ଜୟନ୍ତୀ

ତାଳଚେର, (ସବ୍ୟୁ): ତାଳଚେର ସ୍ଥିତ ନୀଳକଣ୍ଠେଶ୍ୱର ଡିଗ୍ରୀ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ମିଳିତ ବିଭାଗ ଆନୁକୂଲ୍ୟରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । କର୍ଯ୍ୟକ୍ରମ ଅଧିକାରୀଣୀ ଡ଼ ମଧୁମିତା ରାଉତ ରାୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ଅଧକ୍ଷ ଡ଼ ବଳଭଦ୍ର ଜେନା ପୁଣ୍ୟାତ୍ମା ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରି ଗୋପବନ୍ଧୁଙ୍କ ବହୁମୁଖୀ ପ୍ରତିଭାର ସ୍ମୃତିଚାରଣ କରିଥିଲେ । ସେବା ଯୋଜନା ସ୍ୱେଚ୍ଛାସେବୀ ମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ ।

## ୪ ଟି ପାଣି ପମ୍ପ ଚୋରୀ

ଠାକୁରଗଡ, (ସବ୍ୟୁ) : ଅନୁଗୋଳ ଜିଲ୍ଲା ହଣ୍ଡପା ଥାନା ମଧପୁର ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ୪ ଜଣ ଚାଷୀଙ୍କ ବଗିଚାରେ ଲାଗିଥିବା ପାଣି ପମ୍ପ ଚୋରୀ ହୋଇ ଯାଇଥିବା ଅଭିଯୋଗ ହୋଇଛି । ଏନେଇ ଚାଷୀ ସରୋଜ କୁମାର ସାହୁ ହଣ୍ଡପା ଥାନାରେ ଗୁରୁବାର ଦିନ ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି ଯେ ତାଙ୍କ ପୋଟଳ ବଗିଚାରେ ଲାଗିଥିବା ନଳକୂଅରେ ପାଣି ପମ୍ପ ସହ ପାଇପି ଓ ଅନ୍ୟାନ୍ୟ ସାମଗ୍ରୀ ଚୋର ଚୋରୀ ହୋଇଛି । ସେହିପରି ମନୋଜ କୁମାର ପ୍ରଧାନ, ଶିଶିର ସାହୁ, ନରେଶ କୁମାର ପ୍ରଧାନଙ୍କର ପୋଟଳ ବଗିଚାରେ ଲାଗିଥିବା ପାଣି ପମ୍ପ ଗୁଡିକ ଚୋରୀ ହୋଇ ଯାଇଛି । ଏନେଇ ପୋଲିସ ତଦନ୍ତ ଆରମ୍ଭ କରିଛି ।

# ପ୍ରାକ୍ତନ ସରପଞ୍ଚଙ୍କ ଅକାଳ ବିୟୋଗ



ଗୋଡ଼ିବନ୍ଧ,(ସବ୍ୟୁ) : ତାଳଚେର ବ୍ଲକ ଗୋଡ଼ିବନ୍ଧସ୍ଥ ବ୍ରଜନାଥପୁର ପଞ୍ଚାୟତର ପୁର୍ବତନ ସରପଞ୍ଚ ଭାଗିରଥି ସାହୁ(୫୩)ଙ୍କ ମଙ୍ଗଳବାର ଦିନ ନିଜ ବାସଭବନରେ ପରଲୋକ ହୋଇଯାଇଛି। କିଛି ମାସ ହେବ ଶାରୀରିକ ଅସୁସ୍ଥତା କାରଣରୁ ସେ ଚିକିତ୍ସିତ ହେଉଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରସାରିତ ହେବାପରେ ବହୁ ବିଶିଷ୍ଟ ଲୋକଙ୍କ ସହିତ ସମାଜସେବୀ କ୍ଷିରୋଦ ସାହୁ, ସରପଞ୍ଚ ନରେଶ ଚନ୍ଦ୍ର ବେହେରା, ମନୋଜ ପ୍ରଧାନ, ଜିଲ୍ଲା ପରିଷଦ ସଦସ୍ୟ ବିଭୁ ପ୍ରସାଦ ପତି, କଣିହାଁ ବ୍ଲକ ଅଧ୍ୟକ୍ଷ ରାମ କୃଷ୍ଣ ପ୍ରଧାନ, ସାମ୍ବାଦିକ ହିମାଂଶୁ ଗଡ଼ନାୟକ, କଂଗ୍ରେସ ନେତା ଦିଗାମ୍ବର ଗଡନାୟକ,ବିଜେପି ନେତା ତଥା ଶ୍ରମିକ ନେତା ନିରଞ୍ଜନ ପ୍ରଧାନ ପ୍ରମୁଖ ବାସ ଭବନରେ ପହଞ୍ଚି ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳୀ ଜଣାଇଥିଲେ । ଗ୍ରାମ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିଲା । ସମାଜସେବୀ କ୍ଷିରୋଦ ସାହୁ ଆରମ୍ଭରୁ ଅନ୍ତିମ ସଂସ୍କାରର ଶେଷ ପର୍ଯ୍ୟନ୍ତ ରହି ସହଯୋଗ କରିଥିଲେ । ସ୍ୱର୍ଗତ ସାହୁ ଜଣେ ମିଷ୍ଟଭାଷୀ, ପରୋପକାରୀ,ଶାନ୍ତ, ସରଳ, ନିର୍ବିବାଦୀୟ ଲୋକ ପ୍ରତିନିଧି ଥିଲେ । ସେ ସରପଞ୍ଚ ଥିବା ସମୟରେ ବ୍ରଜନାଥପୁର ପଞ୍ଚାୟତ ଶ୍ରେଷ୍ଠ ପଞ୍ଚାୟତ ମାନ୍ୟତା ପାଇଥିବା ସହିତ ସରପଞ୍ଚ ସଂଘର ସଭାପତି ଭାବେ ଦକ୍ଷତାର ସହ ଦାୟିତ୍ୱ ତୁଲାଇ ଥିଲେ ।

# ଔଷଧ ଦୋକାନରେ ଚଢ଼ାଉ



କେନ୍ଦୁଝର, (ସବ୍ୟୁ) : ମଧ୍ୟପ୍ରଦେଶରେ କଫ ସିରପ୍ ଖାଇ ଦୁଇବର୍ଷ ଶିଶୁଙ୍କ ମୃତ୍ୟୁ ଘଟଣା ପରେ ଓଡ଼ିଶା ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ତତ୍ପରତା ଦେଖାଯାଇଛି । ଓଡ଼ିଶା ଭେଷଜ ନିୟନ୍ତ୍ରକଙ୍କ ନିର୍ଦ୍ଦେଶରେ ୬ ତାରିଖ ସୋମବାରରୁ ଔଷଧ ଦୋକାନରେ ଚଢ଼ାଉ ଚାଲିଥିବାବେଳେ କେନ୍ଦୁଝର ସହରରେ ବୁଧବାର ବିଭିନ୍ନ ଔଷଧ ଦୋକାନରେ ଚଢ଼ାଉ ଜାରି ରହିଥିବା ସହ ସଚେତନତା ସୃଷ୍ଟି କରାଚାଲିଛି । ଆସିଷ୍ଟାଣ୍ଟ ଡ୍ରଗ୍ କଣ୍ଟ୍ରୋଲର୍ ପ୍ରଣତି ପ୍ରଭା ସାହୁ, କେନ୍ଦୁଝର ରେଞ୍ଜ ଡ୍ରଗ୍ ଇନ୍ସପେକ୍ଟର ଅମିତ ପ୍ରୀତମ ବେହେରା , କେନ୍ଦୁଝର -୨ ଡ୍ରଗ ଇନିସପେକ୍ଟର ଅରୁଣ କୁମାର ନାୟକ ଅଫିସ୍ ଆସିଷ୍ଟାଣ୍ଟ ଜିତେନ୍ଦ୍ର କୁମାର ସ୍ୱାଇଁ ପ୍ରମୁଖ ପାଖାପାଖି ୨୦ ଟି ଔଷଧ ଦୋକାନରେ ଚଢ଼ାଉ କରି ବିଭିନ୍ନ କମ୍ପାନୀର କଫ୍ ସିରପ କିଣା ଏବଂ ବିକ୍ରି ସଂପର୍କରେ ଯାଞ୍ଚ କରିଛନ୍ତି । ସେହିପରି ୨ ବର୍ଷ ବୟସରୁ କମ୍ ଶିଶୁଙ୍କୁ କଫ ସିରପ ନଦେବାକୁ ଡାକ୍ତର ଓ ଦୋକାନୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇଥିଲା । ଏହି ଚଢ଼ାଉରେ ସଂଗ୍ରହ ହୋଇଥିବା ନମୁନା ମାନ ଜାଣିବା ପାଇଁ ଲାବ୍ଧ ପଠାଯାଇଛି ।

## ସ୍ୱାସ୍ଥ୍ୟ ବିଭାଗର ଖାମଖିଆଲି ନୀତି

# ଆତ୍ମାହୁତି ଚେତାବନୀ ଦେଲେ ଯୋଗ୍ୟ ପ୍ରାର୍ଥୀ

ବାଲେଶ୍ୱର, (ସବ୍ୟୁ) : ସ୍ୱାସ୍ଥ୍ୟ ବିଭାଗରେ ନିଯୁକ୍ତିକୁ ନେଇ ମହାଘୋଟାଲା । ବିଭାଗର ଖାମଖିଆଲି ନୀତି ଯୋଗୁଁ ଯୋଗ୍ୟ ପ୍ରାର୍ଥୀ/ପ୍ରାର୍ଥୀନୀମାନେ ନିଯୁକ୍ତିରୁ ବଞ୍ଚିତ ରହିଛନ୍ତି। ସରକାରୀ ଭାବେ ରେଗୁଲାର ପୋଷ୍ଟିଂ ଦିଆନଯାଇ ଡୋନେସନ୍ ନେଇ ବିଭିନ୍ନ ଏଜେନ୍ସିଂ ଦ୍ୱାରା ଆଉଟସୋର୍ସିଂ ମାଧ୍ୟମରେ ନିଯୁକ୍ତିକୁ ଅଗ୍ରାଧିକାର ଦିଆଯାଉଥିବାରୁ ଅସନ୍ତୋଷ ଦେଖା ଦେଇଛି । ବିଭାଗୀୟ ନିର୍ଦ୍ଦେଶନାମାକୁ କାର୍ଯ୍ୟକାରୀ କରାଯାଉ ନାହିଁ ବୋଲି ବିଭିନ୍ନ ମହଲରୁ ଅଭିଯୋଗ ହୋଇଛି । ରାଜ୍ୟର ସମସ୍ତ ମେଡ଼ିକାଲ କଲେଜ, ଜିଲା ମୁଖ୍ୟ ଚିକିତ୍ସାଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପ୍ରାଥମିକ ଚିକିତ୍ସା କେନ୍ଦ୍ରଗୁଡ଼ିକରେ ଫାଙ୍କା ଥିବା ବିଭିନ୍ନ ପଦପଦବୀରେ ୫ହଜାର ପ୍ରାର୍ଥୀ/ପ୍ରାର୍ଥୀନୀଙ୍କୁ ନିଯୁକ୍ତି ଦିଆଯିବା ନେଇ ସରକାର ଘୋଷଣା କରିଥିଲେ । ନିଷ୍ପତ୍ତି ଅନୁସାରେ ସ୍ୱାସ୍ଥ୍ୟ ବିଭାଗରେ କିଛି ଡାକ୍ତର, ଏମ୍‌ପିଏଚ୍‌ଡବ୍ଲ୍ୟୁ(ଏମ୍)ଙ୍କୁ ନିଯୁକ୍ତି ଦିଆଯାଇଥିଲେ ହେଁ ଅନ୍ୟ ପଦପଦବୀ ଏପର୍ଯ୍ୟନ୍ତ ପୂରଣ ହୋଇପାରି ନାହିଁ ।ଫଳରେ ବର୍ଷ ବର୍ଷ ଧରି ୱେଟିଂ ଲିଷ୍ଟରେ ରହିଥିବା ବହୁ ଯୋଗ୍ୟ ପ୍ରାର୍ଥୀ/ପ୍ରାର୍ଥୀନୀ ଚିନ୍ତାରେ ପଡ଼ିଛନ୍ତି । ଏନେଇ ସେମାନେ ଜିଲା ଓ ରାଜ୍ୟସ୍ତରୀୟ ସଂଘମାନଙ୍କ ମାଧ୍ୟମରେ ପ୍ରଶାସନିକ ଅଧିକାରୀଙ୍କୁ ଅବଗତ କରାଇଥିଲେ । ପ୍ରାର୍ଥୀ/ପ୍ରାର୍ଥୀନୀମାନେ ସଂଘ ଜରିଆରେ ସ୍ୱାସ୍ଥ୍ୟବିଭାଗକୁ ଲିଖିତ ଦରଖାସ୍ତ ପ୍ରଦାନ ପୂର୍ବକ ଏ ସମ୍ପର୍କରେ ଆଲୋଚନା କରାଯାଇଥିଲା। ପ୍ରଥମେ ୱେଟିଂ ଲିଷ୍ଟରେ ଥିବା ପ୍ରାର୍ଥୀ/ପ୍ରାର୍ଥୀନୀମାନଙ୍କୁ ବିଭିନ୍ନ ପଦବୀରେ ରେଗୁଲାର ପୋଷ୍ଟିଂ କରାଯିବା ପରେ ଆଉଟସୋର୍ସିଂ ବ୍ୟବସ୍ଥାକୁ ଅଗ୍ରଗତି ଦିଆଯିବ ବୋଲି ପ୍ରତିଶ୍ରୁତି ମିଳିଥିଲା। ମାତ୍ର ଯୋଗ୍ୟ ପ୍ରାର୍ଥୀ/ପ୍ରାର୍ଥୀନୀଙ୍କୁ ନିଯୁକ୍ତି ଦିଆନଯାଇ ବିଭିନ୍ନ ଏଜେନ୍ସି ଦ୍ୱାରା ଆଉଟସୋର୍ସିଂ ମାଧ୍ୟମରେ ମୋଟା ଅଙ୍କର ଅର୍ଥ ନେଇ ନିଯୁକ୍ତି ଦିଆଯାଉଥିବା ଦେଖିବାକୁ ମିଳିଛି । ଆଉଟସୋର୍ସିଂ ପୋଷ୍ଟିଂକୁ ଅଗ୍ରାଧିକାର ଦିଆଯାଉଥିବାରୁ ଅସନ୍ତୋଷ ବଢ଼ିବାରେ ଲାଗିଛି । ଆଗାମୀ ଦିନରେ ଆଉଟସୋର୍ସିଂ ପୋଷ୍ଟିଂକୁ ସ୍ଥଗିତ ରଖାଯାଇ ୱେଟିଂ ଲିଷ୍ଟରେ ଥିବା ଯୋଗ୍ୟ ପ୍ରାର୍ଥୀ/ପ୍ରାର୍ଥୀନୀମାନଙ୍କୁ ଯଥାଶୀଘ୍ର ନିଯୁକ୍ତି ଦିଆଯାଉ। ବିଭାଗୀୟ ନିର୍ଦ୍ଦେଶନାମା ଅନୁସାରେ ଅକ୍ଟୋବର ମାସ ସୁଦ୍ଧା ଯୋଗ୍ୟ ପ୍ରାର୍ଥୀ/ପ୍ରାର୍ଥୀନୀମାନଙ୍କୁ ନିଯୁକ୍ତି ଦିଆନଯାଇ ଆଉଟସୋର୍ସିଂ ନିଯୁକ୍ତିକୁ ଅଗ୍ରାଧିକାର ଦିଆଯାଏ ତେବେ ଆଗାମୀ ଦିନରେ ଯୋଗ୍ୟ ପ୍ରାର୍ଥୀ/ପ୍ରାର୍ଥୀନୀମାନେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବା ସହ ଶେଷରେ ଆତ୍ମାହୁତି ଦେବେ ବୋଲି ଚେତାବନୀ ଦେଇଛନ୍ତି ।

## ଲକ୍ଷ୍ମୀନାରାୟଣ ବିଦ୍ୟାପୀଠରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ

ଢେଙ୍କିକୋଟ, (ସବ୍ୟୁ) : କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ ଅନ୍ତର୍ଗତ ସାନ୍ତରାପୁର ଲକ୍ଷ୍ମୀନାରାୟଣ ବିଦ୍ୟାପୀଠ ରେ ଆଜି କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ନିମନ୍ତ୍ରିତ ହୋଇ ମୁଖ୍ୟଅତିଥି ଭାବେ ବ୍ଲକ୍ ଶିକ୍ଷାଧିକାରୀ ହରେକୃଷ୍ଣ ନାୟକ, ମୁଖ୍ୟବକ୍ତା ଭାବେ ସ୍ଥାନୀୟ ସରପଞ୍ଚ ବବିତା ସିଂହ, ସମ୍ମାନିତ ଅତିଥିଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନିର୍ମଳ ଚନ୍ଦ୍ର ମହାନ୍ତ,ବରିଷ୍ଠ ସାମ୍ବାଦିକ ସଞ୍ଜୟ କୁମାର ସାହୁ, ସାନ୍ତରାପୁର ନୋଡାଲ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରୀତାଞ୍ଜଳୀ ଚକ୍ର,ବରିଷ୍ଠ ଶିକ୍ଷକ କାହ୍ନୁଚରଣ ସାମଲ ,ଏବିଓ ଜଗଦୀଶ ନାୟକ ଯୋଗଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମଟି କ୍ଲଷ୍ଟର ସି.ଆର.ସି.ସି. ସୁଧାଂଶୁ ଶେଖର ବେହେରାଙ୍କ ତତ୍ତ୍ୱାବଧାନରେ ହୋଇଥିଲା । କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ ଉକ୍ତ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ଶତପଥୀ । ଅତିଥି ପରିଚୟ ପ୍ରଦାନ କରିଥିଲେ ଛତିଆ ପ୍ରାଥମିକ ବିଦ୍ୟାଳୟ ର ବରିଷ୍ଠ ଶିକ୍ଷୟତ୍ରୀ ସ୍ମୃତିରେଖା ପଣ୍ଡା । ପ୍ରଥମେ ମା ତାରିଣୀଙ୍କ ଫଟୋ ଚିତ୍ରରେ ଧୂପ ଦୀପ ଓ ପୁଷ୍ପ ପ୍ରଦାନକରି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ସର୍ବମୋଟ ଉକ୍ତ କ୍ଲଷ୍ଟର ଅନ୍ତର୍ଭୁକ୍ତ ୧୩ ଟି ସ୍କୁଲ୍ ରୁ ୨୦୦ ରୁ ଅଧିକ ଛାତ୍ରଛାତ୍ରୀ ଯୋଗଦେଇଥିଲେ । ଛାତ୍ରଛାତ୍ରୀ ମାନେ ଚିତ୍ରାଙ୍କନ, କୁଇଜ୍, ଡିବେଟ,ନୃତ୍ୟ, ସଙ୍ଗୀତ, ଜିକେ,ଚିତ୍ରକଳା, ବକ୍ତୃତା, ହସ୍ତଲେଖା ପରି ବିଭିନ୍ନ ବିଭାଗରେ ଅଂଶଗ୍ରହଣ କରିଥିଲେ । କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା ଓ ଶିଶୁ ମାନଙ୍କର ଅନ୍ତର୍ନିହିତ ଗୁଣ ଓ ଜ୍ଞାନ ର ବିକାଶ ଓ ପରିପ୍ରକାଶ ଉପରେ ଅତିଥିମାନେ ଅଭିଭାଷଣ ଦେଇଥିଲେ । ତେବେ ସୁନ୍ଦର ପରିବେଶ ସହିତ ବ୍ୟବସ୍ଥା ମଧ୍ୟରେ ଛାତ୍ରଛାତ୍ରୀ ମାନେ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ । ଏହି ଶିଶୁ ମହୋତ୍ସବରେ ବହୁ ପ୍ରତିଭାବାନ ଛାତ୍ରଛାତ୍ରୀ ମାନଙ୍କୁ ଚିହ୍ନଟ କରାଯାଇ ପରବର୍ତ୍ତୀ ପର୍ଯ୍ୟାୟ ପାଇଁ ମନୋନୀତ କରାଯାଇଛି । ଆଜିର ଏହି କାର୍ଯ୍ୟକ୍ରମରେ ଲକ୍ଷ୍ମୀନାରାୟଣ ବିଦ୍ୟାପୀଠର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ସହଯୋଗ କରିଥିଲେ ।

## ଉତ୍କଳମଣି ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ଗୋପବନ୍ଧୁଙ୍କ ଜୟନ୍ତୀ ପାଳିତ

ଭଦ୍ରକ, (ସବ୍ୟୁ) : ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ସେବା ଓ ତ୍ୟାଗ ଆଜିର ଯୁବପିଢ଼ିଙ୍କ ଜୀବନର ବ୍ରତ ହେବା ଉଚିତ୍। ତାଙ୍କର ପଦାଙ୍କ ଅନୁସରଣ କଲେ ବର୍ତ୍ତମାନର କଳୁଷିତ ସମାଜରୁ ଦୁର୍ନୀତି, ଭ୍ରଷ୍ଟାଚାର ଦୂର ହୋଇପାରିବ। ବିଶେଷକରି ସାହିତ୍ୟ, ସାମ୍ବାଦିକତା ଦିଗରେ ତାଙ୍କର ଯେଉଁ ପ୍ରଗାଢ଼ ପ୍ରଚେଷ୍ଟା ଥିଲା, ତାହା ଯୁଗ ଯୁଗ ଧରି ଓଡ଼ିଶାବାସୀଙ୍କ ହୃଦୟରେ ଲିପିବଦ୍ଧ ହୋଇ ରହିବ ବୋଲି ତାଙ୍କର ୧୪୮ତମ ଜନ୍ମ ଜୟନ୍ତୀ ଉତ୍ସବରେ ବିଶିଷ୍ଟ ବ୍ୟକ୍ତିମାନେ ମତବ୍ୟକ୍ତ କରିଛନ୍ତି। ଭଦ୍ରକର ଉତ୍କଳମଣି ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ସଭାପତି ପ୍ରମୋଦ ରାୟଙ୍କ ଆବାହକତ୍ୱରେ ଆଜି ପ୍ରାତଃରେ ଭଦ୍ରକ ପୁରୁଣା କୋର୍ଟ ପରିସର ଓ ଡାହାଣୀ ଗଡିଆ ଠାରେ ଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ଜିଲାପାଳ ଦିଲ୍ଲୀପ ରାଉତରାଏ ଶ୍ରଦ୍ଧାସୁମନ ଅର୍ପଣ ପୂର୍ବକ ସମାଜର ପ୍ରଗତି, ସଂସ୍କାର ଓ ଭାରତର ସ୍ୱାଧୀନତା ସଂଗ୍ରାମୀ ଗୋପବନ୍ଧୁଙ୍କ ଅବଦାନ ସମ୍ପର୍କରେ ସୂଚନା ଦେଇଥିଲେ। ଏଥି ଉପଲକ୍ଷେ ଆୟୋଜିତ ସ୍ମୃତିସଭାରେ ପିସିସି ଅନୁସୂଚିତ ଜାତି ବିଭାଗର ରାଜ୍ୟ ସାଧାରଣ ସଂପାଦକ ରାଜେନ୍ଦ୍ର ପ୍ରସାଦ ଜେନା, ପୂର୍ବତନ କାଉନ୍‌ସିଲର ପ୍ରଣୟ କୁମାର ଦାସ, ସମାଜସେବୀ ନିଶିକାନ୍ତ ନାୟକ, ସାମ୍ବାଦିକ ସଂଜୀବ ନାୟକ ଓ ସୁକାନ୍ତ ମହାନ୍ତି, ଟ୍ରଷ୍ଟର କୋଷାଧ୍ୟକ୍ଷ ଝରଣା ଧଳ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଅଂଶଗ୍ରହଣ କରି ଗୋପବନ୍ଧୁଙ୍କ ଜୀବନାଦର୍ଶ ସଂପର୍କରେ ଆଲୋକପାତ କରିଥିଲେ।

## ଭଦ୍ରକରେ ନକଲି ପୁଲିସ ଅଟକ

ଭଦ୍ରକ, (ସବ୍ୟୁ) : ଭଦ୍ରକର ଜଣେ ଅସଲି ପୋଲିସଙ୍କ ନିର୍ଦ୍ଦେଶରେ ଏକ ଗ୍ରାମକୁ ତଦନ୍ତ ପାଇଁ ଯାଇ ହଟହଟା ହୋଇଛନ୍ତି ନକଲି ପୋଲିସ । ସୂଚନାରୁ ପ୍ରକାଶ ଯେ, ନକଲି ପୁଲିସ ହୋଇ ତଦନ୍ତ କରିବାକୁ ଯାଇଥିବା ଯୁବକଙ୍କୁ ଭଦ୍ରକ ଗ୍ରାମାଞ୍ଚଳ ଥାନାର ସବଇନିପେକ୍ଟର କାର୍ତ୍ତିକ ଜେନା ତଦନ୍ତକାରୀ ଅଧିକାରୀ ଭାବରେ ଏକ ମାମଲାର ତଦନ୍ତ ପାଇଁ ପଠାଇଥିଲେ । ନକଲି ପୁଲିସ ହୋଇଯାଇଥିବା ଯୁବକ ହେଉଛନ୍ତି ଧୂଷୁରୀ ଅଂଚଳର ପିୟୁଷ ରଞ୍ଜନ ପଣ୍ଡା । ପିୟୁସ ତଦନ୍ତ ପାଇଁ ଭଦ୍ରକ କଲେଇ ପଞ୍ଚାୟତର ରସିକାବାଗ ଗ୍ରାମକୁ ଯାଇଥିଲେ । ସେଠାରେ ଗ୍ରାମବାସୀ ତାଙ୍କୁ ପୁଲିସ ବାବୁ ବୋଲି ସନ୍ଦେହ କରିବା ସହ ତାଙ୍କୁ ପ୍ରକୃତରେ ପୁଲିସ ବାବୁ କି ନୁହେଁ ପଚାରି ଥିଲେ । ପୀୟୁଷ ପୁଲିସ ଷ୍ଟାଫ ନହୋଇ କିପରି ଜଣେ ସାଧାରଣ ଲୋକ ହୋଇ ତଦନ୍ତ ପାଇଁ ଯାଇଥିଲେ ବୋଲି ଗ୍ରାମବାସୀମାନେ ତାଙ୍କୁ ପୁଲିସ କି ବୋଲି ପ୍ରଶ୍ନ କରିଥିଲେ । ପରେ ଗ୍ରାମବାସୀମାନେ ଭଦ୍ରକ ଗ୍ରାମାଞ୍ଚଳ ଥାନକୁ ଫୋନ କରି ପୀୟୂଷଙ୍କ ବିଷୟରେ ଅଭିଯୋଗ କରିବା ପରେ ଗ୍ରାମାଞ୍ଚଳ ପୁଲିସ ସେହି ଗ୍ରାମକୁ ଯାଇ ପିୟୁସ ଙ୍କୁ ସେଠାରୁ ଆଣି ଭଦ୍ରକ ଗ୍ରାମାଞ୍ଚଳ ଥାନାର ଅଟକ ରଖି ପଚରା ଉଚରା ଜାରି ରଖିଥିବା ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧିକାରୀ ସମୟଙ୍କୁ କହିଛନ୍ତି । ତେବେ ଏହି ଘଟଣାରେ ପୁଲିସ କାହାକୁ ଗିରଫ କରି ନାହିଁ କି କାହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନାହାଁନ୍ତି । ଅନ୍ୟପକ୍ଷରେ ଗ୍ରାମବାସୀମାନେ ଏହି ନକଲି ପୁଲିସଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି କରିଛନ୍ତି । ଗ୍ରାମବାସୀମାନେ ସେହି ଯୁବକଙ୍କୁ ଅଟକ ରଖି ଅସଲି ପୋଲିସକୁ ହସ୍ତାନ୍ତର କରିଥିଲେ । ଭଦ୍ରକ ଗ୍ରାମାଂଚଳ ଥାନା ରସିକାବାଦ ଗାଁରେ ଘଟିଛି ଏଭଳି ଘଟଣା।

## ବାଇକ୍ ଦୁର୍ଘଟଣାରେ ମା'-ଝିଅ ଗୁରୁତର



ସିମୁଳିଆ, (ସବ୍ୟୁ) : ପୂଜା ଦେଖିବାକୁ ଯିବା ସମୟରେ ବାଇକ ଦୁର୍ଘଟଣାରେ ମା ଓ ଝିଅ ଗୁରୁତର ଅବସ୍ଥାରେ କଟକ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। ସୂଚନାରୁ ପ୍ରକାଶ ବଙ୍ଗାଳପୁର ପଞ୍ଚାୟତ ବଙ୍ଗାଳପୁର ଗ୍ରାମର ରାଜୁ ସେଠୀଙ୍କ ସ୍ତ୍ରୀ କବିତା ସେଠି ନିଜ ସ୍କୁଟି ଯୋଗେ ତିନୋଟି ପିଲାଙ୍କୁ ଧରି ମାର୍କୋଣା ଗଜଲକ୍ଷ୍ମୀ ପୂଜା ବୁଲିବାକୁ ଆସିଥିଲେ। ୧୬ନଂ ଜାତୀୟ ରାଜପଥ ସିମୁଳିଆ କଲେଜ ଛକ ନିକଟରେ ପିଲାମାନେ ଶୌଚ ହେବାକୁ କହିବାରୁ ଗାଡିଟିକୁ ଅଟକାଇଥିଲେ। ଏହି ସମୟରେ ବାଇକ ପଛପଟୁ ଅନ୍ୟଗାଡ଼ି ଆସି ଧକ୍କା ଦେଇଥିଲା । ଫଳରେ ଘଟଣା ସ୍ଥଳରେ କବିତାର ଗୋଡ଼ ଭାଙ୍ଗିଯିବା ସହ ୧୧ବର୍ଷର ଝିଅ ଦିବ୍ୟାଭାରତୀର ମୁଣ୍ଡ ଫାଟି ଲହୁଲୁହାଣ ହୋଇଥିଲେ। ଆହତମାନଙ୍କୁ ଘଟଣାସ୍ଥଳରୁ ସ୍ଥାନୀୟ ଲୋକେ ଉଦ୍ଧାର କରି ସିମୁଳିଆ ସ୍ୱାସ୍ଥ୍ୟ କେନ୍ଦ୍ର ଅବସ୍ଥା ଗୁରୁତର ହେବାରୁ ଆମ୍ବୁଲାନ୍ସ ଯୋଗେ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛ ।

## ଗ୍ରୋସରୀ ଦୋକାନରୁ ତାଲା ଭାଙ୍ଗି ଚୋରି

ବେତନଟୀ ,(ସବ୍ୟୁ):ଦୋକାନରୁ ବୁଧବାର ବିଳମ୍ବିତ ରାତ୍ରୀରେ ଚୋରି କରିନେଲେ ଦୁର୍ବୃତ୍ତ। ପ୍ରାପ୍ତ ସୂଚନା ମୁତାବକ ପାଟଳିପୁରା ଗ୍ରାମର ଲକ୍ଷ୍ମଣ ଜେନାଙ୍କ ଏକ ଗ୍ରୋସରୀ ଦୋକାନ ପାଟଳିପୁରା ଛକରେ ଥିବା ବେଳେ ଦୈନନ୍ଦିନ ପରି ସେ ବୁଧବାର ରାତ୍ରିରେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ମାତ୍ର ଆଜି ଗୁରୁବାର ସକାଳ ସମୟରେ ଦୋକାନ ତାଲା ଭଙ୍ଗା ଯାଇଥିବାର ଦେଖିବାକୁ ପାଇଥିଲେ । ସେ କବାଟ ଖୋଲି ଭିତରକୁ ଯିବା ବେଳକୁ ବିଭିନ୍ନ ଗ୍ରୋସରୀ ସାମଗ୍ରୀ ସମେତ ନଗଦ ୧୨,୫୦୦ଟଙ୍କା ଚୋରି ହୋଇଯାଇଥିବାର ଜାଣିବାକୁ ପାଇଥିଲେ । ଏ ନେଇ ସେ ବୈଶିଙ୍ଗା ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ । ଲିଖିତ ଅଭିଯୋଗକୁ ଆଧାର କରି ବୈଶିଙ୍ଗା ପୁଲିସ ୫୧୨/୨୫ ନମ୍ବରର ଏକ ମାମଲା ରୁଜୁ କରି ଘଟଣାସ୍ଥଳରେ ଯାଇ ତଦନ୍ତ କରିଥିବା ଜଣାଯାଇଛି ।

## ଲକ୍ଷାଧିକ ଟଙ୍କା ସମେତ ସୁନା ଅଳଙ୍କାର ଚୋରି

ସୋର, (ସବ୍ୟୁ) : ସୋର ଥାନା ଦାଣ୍ଡ ହରିପୁର ପଞ୍ଚାୟତ ଆରୁହା ଗ୍ରାମରେ ଆଜି ଅପରାହ୍ନରେ ଘରେ କେହି ନ ଥିବା ବେଳେ ଗଡ଼ରେଜ ଭାଙ୍ଗି ଘରୁ ନଗଦ ଟଙ୍କା ସହ ସୁନା ଗହଣା ଚୋରି କରିନେଇଥିବା ନେଇ ସୋର ଥାନାରେ ଅଭିଯୋଗ ହୋଇଛି। ଆଜି ଅପରାହ୍ନରେ ଏହି ଗ୍ରାମର କମଳାକାନ୍ତ ମହାନ୍ତିଙ୍କ ସ୍ତ୍ରୀ ମମତା ମହାନ୍ତି ନିକଟସ୍ଥ ଦେଢ଼ଶୁରଙ୍କ ଘରକୁ ଯାଇଥିଲେ। ଘରେ କେହି ନଥିବାର ସୁଯୋଗ ନେଇ ଦୁର୍ବୃତ୍ତମାନେ ତାଙ୍କ ଘରେ ପଶି ଘରେ ଥିବା ଦୁଇଟି ଗଡ଼ରେଜ ଚାବି ଭାଙ୍ଗି ସେଥିରେ ଥିବା ୩୦ ଗ୍ରାମର ଏକ ରାଣୀହାର, ୧୩ ଗ୍ରାମର ଏକ ହଳ କାନଫୁଲ, ୧୦ ଗ୍ରାମର ଏକ ସୁନା ଚେନ, ପଲା ଏକ ହଳ, ଛଅ ହଳ ସୁନା କାନ ଟପ ସମେତ ନଗଦ ୧ ଲକ୍ଷ ୪୦ ହଜାର ଚୋରି କରି ନେଇ ଫେରାର ହୋଇଯାଇଥିଲେ। ପରେ ମମତା ଘରକୁ ଫେରିବା ପରେ ଘର କବାଟ ଖୋଲା ଥିବା ସହିତ ଗଡ଼ରେଜ ଚାବି ଭଙ୍ଗା ଯାଇଥିବା ଦେଖି ସାଉଡ଼ ଫାଣ୍ଡି କୁ ଖବର ଦେଇଥିଲେ। ଖବର ପାଇ ସାଉଡ଼ ଫାଣ୍ଡି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରି ଫେରିଥିବା ଜଣାପଡିଛି। ତେବେ ଖବର ଲେଖା ପର୍ଯ୍ୟନ୍ତ ସୋର ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି।

## ସାପ କାମୁଡାରେ ବୃଦ୍ଧ ମୃତ

ଖଇରା, (ସବ୍ୟୁ) : ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଅଧିନ ଚାନ୍ଦଗୋଛି ଗ୍ରାମର ପଦ୍ମଲୋଚନ ପତି(୮୭) ଘରେ ଶୋଇଥିବା ବେଳେ ସାପ କାମୁଡାରେ ପ୍ରାଣ ହରାଇଛନ୍ତି । ବୁଧବାର ରାତିରେ ଘରେ ଶୋଇଥିବା ବେଳେ ଏକ ରଣାସାପ ଦଂଶନ କରିଥିଲା । ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଖଇରା ଓ ପରେ ଭଦ୍ରକ ମେଡିକାଲ ନିଆଯାଇଥିଲେ ହେଁ ସେଠାରେ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ଘଟିଥିଲା । ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଉକ୍ତ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି ।

## ବାଣ ବୋଝେଇ ପିକ୍‌ଅପ୍ ଜବତ

ବେତନଟୀ, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲାର ବେତନଟୀ ପୁଲିସ ୧୮ନଂ ଜାତୀୟ ରାଜପଥ ଉପରେ ପେଟ୍ରୋଲିଂ କରୁଥିବା ବେଳେ ରାସ୍ତା ଠାରେ ଚଢାଉ କରି ଏକ ବାଣ ବୋଝେଇ ପିକଅପ ଭ୍ୟାନକୁ ଜବତ କରିଛି । ସୂଚନା ମୁତାବକ ବାଣ ଚାଲାଣ ନେଇ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବେତନଟୀ ପୁଲିସ ପେଟ୍ରୋଲିଂ ଟିମ୍ ୧୮ନଂ ଜାତୀୟରାଜପଥରେ ପଟ୍ରୋଲିଂକୁ କଡାକଡି କରିଥିଲେ । ସନ୍ଦେହ ହେବାରୁ ଓଡି -୧୧ୱାଇ - ୫୮୧୮ ନମ୍ବର ବିଶିଷ୍ଟ ପିକଅପ ଭ୍ୟାନକୁ ଅଟକାଇ ଯାଞ୍ଚ କରିଥିଲେ । ଯାଞ୍ଚ ସମୟରେ ପିକଅପଭ୍ୟାନରେ ବିପୁଳ ପରିମାଣର ବାଣ ଥିବାବେଳେ ବାଣ ପରିବହନ ନେଇ କୌଣସି ବୈଧ କାଗଜପତ୍ର ଦେଖାଇ ପାରିନଥିଲେ । ଏନେଇ ବେତନଟୀ ପୁଲିସ ଏକମାମଲା ରୁଜୁ କରି ବାଣ ଭର୍ତ୍ତି ପିକଅପ ଭ୍ୟାନକୁ ଜବତକରି ଅଧିକ ତଦନ୍ତ ଜାରି ରଖିଥିବା ଜଣାଯାଇଛି ।

## ଉଚ୍ଛେଦ ହେଲା ଦୁଇ ମହଲା କୋଠା

ଭଦ୍ରକ, (ସବ୍ୟୁ) : ଭଦ୍ରକ- ଚାନ୍ଦବାଲି ରାସ୍ତାର ବାଇପାସ୍ ରାସ୍ତାର ସରକାରନଗର ଠାରେ ବୁଧବାର ଜିଲା ପ୍ରଶାସନ ପକ୍ଷରୁ ଏକ ୨ ମହଲା କୋଠାଘର ଭାଙ୍ଗି ଦିଆଯାଇଛି। ସରକାରୀ ଜାଗାରେ ୨ ଜଣ ବ୍ୟକ୍ତି ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରି ଭଡ଼ା ଲଗାଇ ମୋଟା ଅଙ୍କର ଟଙ୍କା ରୋଜଗାର କରୁଥିଲେ ବୋଲି ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ଥିବା ତହସିଲଦାର ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଣ୍ଟିଆ କହିଛନ୍ତି। ନୟନଯୋରି କିସମ ଜମିରେ ଏହି କମ୍ପ୍ଲେକ୍ସ ନିର୍ମାଣ ହୋଇଥିଲା। ଗରିବ ଲୋକଙ୍କ ନାମରେ ଧନୀ ଲୋକ ମାନେ ସରକାରୀ ଜାଗା ମାଡ଼ି ବସିଥିବା କହିଛନ୍ତି। ବାରମ୍ବାର ନୋଟିସ ଦିଆଯାଇଥିଲା। ସରକାରୀ ଜାଗାକୁ ଅବରୋଧ ମୁକ୍ତ କରିବା ଓ ସୁରକ୍ଷିତ ରଖିବା ତହସିଲଦାରଙ୍କ ଦାୟିତ୍ୱ ବୋଲି ସେ କହିଛନ୍ତି। ଉଚ୍ଛେଦ ପ୍ରକ୍ରିୟାରେ ଅତିରିକ୍ତ ଏସ୍‌ପି ଅଂଶୁମାନ ଦ୍ୱିବେଦୀଙ୍କ ନେତୃତ୍ୱରେ୧ ପ୍ଲାଟୁନ ଫୋର୍ସ ମୁତୟନ ରହିଥିଲେ। ତେବେ ବିଭିନ୍ନ ସ୍ଥାନରେ ଉଚ୍ଛେଦ କରାଯାଇଥିବା ବେଳେ ସେମାନଙ୍କୁ ଥଇଥାନ କରାଯାଇ ନଥିବାରୁ ବ୍ୟବସାୟୀ ସଂଘ ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇବା ସହ ଏକାଧିକବାର ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

## ଆଇନଜୀବୀଙ୍କ ହତ୍ୟାକାରୀକୁ ଗିରଫ ଦାବିରେ ଓକିଲଙ୍କ କଲମ ଛାଡ

ଧାମନଗର, (ସବ୍ୟୁ) : ରାଜ୍ୟ ଆଇନଜୀବୀ ପରିଷଦର ସଦସ୍ୟ ପୀତବାସ ପଣ୍ଡାଙ୍କୁ ଗୁଳି ମାରୀ ହତ୍ୟା କରାଯାଇଥିବା ପ୍ରତିବାଦରେ ରାଜ୍ୟ ଓକିଲ ସଂଘର ନିର୍ଦ୍ଦେଶକ୍ରମେ ଓକିଲମାନେ କଲମ ଛାଡ ଆନ୍ଦୋଳନ କରିଛନ୍ତି। ଏହି ଅବସରରେ ଧାମନଗର ଓକିଲ ସଂଘ ତରଫରୁ ବୁଧବାର ଦିନ କଲମ ଛାଡ ଆନ୍ଦୋଳନ କରିବାସହ ସ୍ୱର୍ଗତ ପଣ୍ଡାଙ୍କ ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏଥିରେ ସଂଘର ସଭାପତି ଅଶୋକ କୁମାର ଦାସ,ସାଧାରଣ ସମ୍ପାଦକ ରଞ୍ଜିତ କୁମାର ମହାନ୍ତି,ଆଇନଜୀବୀ ଅମର ମହାନ୍ତି,ପ୍ରଜ୍ଞା ପରମିତା ଦାସ,ଅମରେନ୍ଦ୍ର ମହାନ୍ତି,ଅଭିରାମ ମହାନ୍ତି,ପର୍ଶୁରାମ ମହାପାତ୍ର,ଗୋପାଳ ବାରିକ,ଅଜିତ କୁମାର ଦାସ,ରାମଚନ୍ଦ୍ର ରାଉତ,ସେହାଶିସ ପଣ୍ଡା,ମିନତି ମଲିକ,ନିରଞ୍ଜନ ଦାସ,ସନ୍ତୋଷ କୁମାର ତ୍ରିପାଠୀ,ସୁବ୍ରତ ନନ୍ଦ,ବିଷ୍ଣୁମୋହନ ପତି,ଜୟନୁଲ ଆବେଦିନ,ସୁଦର୍ଶନ ସାମଲ,ସୁବାସ ଚନ୍ଦ୍ର ସାୟନ୍ତ,ଲକ୍ଷ୍ମୀନାରାୟଣ ମହାପାତ୍ର ପ୍ରମୁଖ ଉପସ୍ଥିତ ହୋଇ ଏକ ଦାବିପତ୍ର ବିଚାରପତିଙ୍କୁ ପ୍ରଦାନ କରିଥିଲେ।

## ବରହମପୁରରେ ରାବଣ ପୋଡ଼ି ଉତ୍ସବ

ନୀଳଗିରି, (ସବ୍ୟୁ) : ବୁଧବାର ରାତିରେ ବରହମପୁର ଷ୍ଟାଡିଅମରେ ସାର୍ବଜନୀନ ରାବଣ ପୋଡି କାର୍ଯ୍ୟକ୍ରମ ଧୁମଧାମରେ ପାଳନ ହୋଇ ଯାଇଅଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ,ମୁଖ୍ୟ ବକ୍ତା ଫ୍ରାନସିସ ବେକନ ସ,ସମ୍ମାନିତ ଅତିଥି ଭାବେ ଦେବାଶିଷ ଆଚାର୍ଯ୍ୟ,ରାବଣ ପୋଡି କମିଟିର ସଦସ୍ୟ ରାଜୀବ ଲୋଚନ ଚୌଧୁରୀ,ବରିଷ୍ଠ ସଦସ୍ୟ କୈଳାଶ ପାତ୍ର,ଟୁନା ମିଶ୍ର,ହେମେନ୍ଦ୍ର ବେହେରା,ମାନସ ମିଶ୍ର,ମାର୍ତ୍ତଣ୍ଡ ମହାପାତ୍ର ପ୍ରମୁଖ ମଂଚାସୀନ ଥିଲେ । ବୁଢ଼ା ଚୌଧୁରୀ ମଞ୍ଚ ପରିଚାଳନା କରିଥିଲେ । ମୁଖ୍ୟ ଅତିଥି ଚନ୍ଦ୍ରବିନ୍ଦୁ ଭଗବାନ ଶ୍ରୀରାମ ଏବଂ ରାବଣଙ୍କ ବ୍ୟକ୍ତିତ୍ୱ ର ସୁନ୍ଦର ବାଖ୍ୟା କରିବା ସହ ଭବିଷ୍ୟତ ରେ ମଧ୍ୟ ରାବଣ ପୋଡି କମିଟି ସହ ସହଯୋଗର ହାତ ବଢ଼ାଇବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ହଜାର ହଜାର ଦର୍ଶକ ବିଳମ୍ବିତ ରାତି ପର୍ଯ୍ୟନ୍ତ ରହି ସାଂସ୍କୃତିକ ନୃତ୍ୟ ଏବଂ ରାବଣ ପୋଡି କୁ ଉପଭୋଗ କରିଥିଲେ ।

## ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ



ଆନନ୍ଦପୁର,(ସବ୍ୟୁ) :ଆନନ୍ଦପୁର ତାଲୁକ ଆଇନ ସେବା କମିଟି ଓ ବରିଷ୍ଠ ନାଗରିକ ପରିଷଦର ମିଳିତ ଆନୁକୂଲ୍ୟରେ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ସଭାରେ ଆନନ୍ଦପୁର ଉପଖଣ୍ଡସ୍ତରୀୟ ସିଭିଲ ଜଜ ଗୌରୀଶଙ୍କର ପଣ୍ଡା ମୁଖ୍ୟଅତିଥି ଭାବରେ ଯୋଗଦାନ କରି ବରିଷ୍ଠ ନାଗରିକମାନଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ନ୍ୟାୟିକ ସୁବିଧା ସୁଯୋଗ ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ । ବୟସ୍କ ବ୍ୟକ୍ତିମାନଙ୍କ ଅଭିଜ୍ଞତା ହିଁ ରାଷ୍ଟ୍ର ପାଇଁ ପ୍ରେରଣାଦାୟକ ବୋଲି ସେ ମତ ଦେଇଥିଲେ । ଆନନ୍ଦପୁର ବରିଷ୍ଠ ନାଗରିକ ପରିଷଦର ସଭାପତି ରମାକାନ୍ତ ନାୟକ ତାଙ୍କ ଭାଷଣରେ ଉକ୍ତ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ସୂଚନା ଦେବା ସହିତ ବରିଷ୍ଠ ନାଗରିକମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ନ୍ୟାୟାଳୟର ଦୃଷ୍ଟି ଆକର୍ଷଣ କରିଥିଲେ । କାର୍ଯ୍ୟକାରୀ ସଭାପତି ଅଶୋକ କୁମାର ସାହୁ କୋର୍ଟରେ ଦୀର୍ଘ ଦିନରୁ ବିଚାରାଧୀନ ଥିବା ବରିଷ୍ଠ ନାଗରିକମାନଙ୍କ ମକଦ୍ଦମା ଗୁଡିକକୁ ଅଗ୍ରାଧିକାର ଭିତ୍ତିରେ ଫଇସଲା କରିବାକୁ ନିବେଦନ କରିଥିଲେ । ଆନନ୍ଦପୁର ବାର କାଉନସିଲ ସଭାପତି ଦୟାନିଧି ଦାସ,ସ୍ୱତନ୍ତ୍ର ସରକାରୀ ଆଇନଜୀବୀ ବାଇଧର ସେଠୀ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରି ସେମାନଙ୍କର ମୂଲ୍ୟବାନ ବକ୍ତବ୍ୟ ପ୍ରଦାନ କରିଥିଲେ । ତାଲୁକ ଆଇନ ସେବା ସଦସ୍ୟ ଭାଗିରଥି ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ କୀର୍ତ୍ତନ ବିହାରୀ ସାହୁ, ରାମ ନାରାୟଣ ମହାରଣା, ବିନୋଦ ମିଶ୍ର, ବିନୋଦ ଦାସ, ରାମଚନ୍ଦ୍ର ଜେନା, ପ୍ରଦୀପ ଦାସ, କନକ ରାମ, ସାବିତ୍ରୀ ଦାସ,ସବିତା ଦାସ, ପିତାମ୍ବର ବିଶ୍ୱାଳ, କିଶୋର ମିଶ୍ର,ନଗେନ ଚାନ୍ଦ,ଦିଲ୍ଲୀପ ସିଂ, ମମତା ରାଣୀ ଜେନା, ପବିତ୍ର ବେହେରା, ଅଯୋଧ୍ୟା ଘଡେଇ, ପୁରୁଷୋତ୍ତମ ମିଶ୍ର ପ୍ରମୁଖ ବହୁ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ ।

## ୧୨ ଗ୍ରାମ୍ ବ୍ରାଉନସୁଗର ଜବତ, ଆସାମୀ ଗିରଫ

ବାଲେଶ୍ୱର, (ସବ୍ୟୁ) : ଗୁରୁବାର ପୂର୍ବାହ୍ନ ରେ ପୋଲିସର ପେଟ୍ରୋଲିଂ ଟିମ୍‌ର ସୂଚନା ମୁତାବକ ମାଜିଷ୍ଟ୍ରେଟଙ୍କ ଉପସ୍ଥିତି ରେ ସହଦେବଖୁଣ୍ଟା ଥାନା ର ସବଇନିସ୍ପେକ୍ଟର ଆଲୋକ ଜେନା ଙ୍କ ନେତୃତ୍ୱ ରେ ଏକ ପୋଲିସ ଟିମ ଅରଡ଼ ବଜାରର ମସଜିଦ ଗଳି ର ମଣ୍ଟୁ ତରେଇ (୩୩)ଙ୍କ ନିକଟ ରୁ ୧୨୧. ୨ ଗ୍ରାମ ଓଜନ ର ବେଆଇନ ବ୍ରାଉନ ସୁଗର ଓ ନଗଦ ୨୧୦୦ ଟଙ୍କା ଜବତ ହୋଇଛି। ଜେରା ବେଳେ ସେ ପଶ୍ଚିମ ବଙ୍ଗର ମୁର୍ଶିଦାବାଦରୁ ଏହି ନିଶା ଦ୍ରବ୍ୟ ଆଣିଥିବା ସ୍ୱୀକାର କରିଛି। ପୋଲିସ ଏନ ଡ଼ି ପି ଏସ ଆକ୍ଟ ୧୯୮୫ ର ଧାରା ୨୧(ବି)ରେ ଆସାମୀ କୁ କୋର୍ଟ ଚାଲାଣ କରାଯାଇଛି ।

## ବାଇକ୍ ଦୁର୍ଘଟଣାରେ କନିଷ୍ଠ ଯନ୍ତ୍ରୀ ଗୁରୁତର


ଖଇରା, (ସବ୍ୟୁ) : ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକରେ କାର୍ଯ୍ୟରତ କନିଷ୍ଠ ଯନ୍ତ୍ରୀ ଶ୍ରଦ୍ଧାନନ୍ଦ ପାଣିଗ୍ରାହୀ ବାଇକ ଦୁର୍ଘଟଣା ରେ ଗୁରୁତର ଆହତ ହୋଇଛନ୍ତି । ପ୍ରଥମେ ଭଦ୍ରକ ଓ ପରେ ଚିକିତ୍ସାପାଇଁ ଭୁବନେଶ୍ୱର ର ଏକ ଘରୋଇ ହସପିଟାଲରେ ଭର୍ତ୍ତି କରାଯାଇଛି । ଗୁରୁବାର ଯନ୍ତ୍ରୀ ଶ୍ରୀ ପାଣିଗ୍ରାହୀ ବର୍ତ୍ତନା-ବାଉଁଶଗଡିଆ ରାସ୍ତାରେ ନିର୍ମାଣ କାର୍ଯ୍ୟ ଦେଖିବାକୁ ବାଉଁଶଗଡିଆ ଯାଉଥିବା ବେଳେ ହରିପୁର କେନାଲ ପୋଲ ନିକଟରେ ୨ମହିଳାଙ୍କୁ ସାଇଡ ଦେବାକୁ ଯାଇ ଭାରସାମ୍ୟ ହରାଇ ତଳକୁ ଖସି ପଡିଥିଲେ । ମୁଣ୍ଡରେ ଆଘାତ ଲାଗିଥିବା ବେଳେ ତାଙ୍କୁ ସ୍ଥାନୀୟ ଗ୍ରାମବାସୀଙ୍କ ସହାୟତାରେ ଭଦ୍ରକ ମେଡିକାଲ ନିଆଯାଇଥିଲା।

## ଧାମନଗର ପଞ୍ଚାୟତ ସମିତି ସଭାଗୃହରେ ଜନଶୁଣାଣି

ଧାମନଗର, (ସବ୍ୟୁ) : ଧାମନଗର ପଂଚାୟତ ସମିତି ସମ୍ମିଳନୀ କକ୍ଷରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଓ ପଂଚଦଶ ଅର୍ଥ କମିଶନ ଯୋଜନା ଓ ସାମାଜିକ ସମୀକ୍ଷା ସମ୍ପର୍କିତ ବ୍ଲକସ୍ତରୀୟ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଭଦ୍ରକ ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦୁ ସାମଲ,ପଂଚାୟତ ସମିତି ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା,ବିଡ଼ିଓ ବନବିହାରୀ ଦିଣ୍ଡା,ପଂଚାୟତ ସମିତି ଉପାଧ୍ୟକ୍ଷ ଜଗବନ୍ଧୁ ପ୍ରଧାନ,ବ୍ଲକ ସାମାଜିକ ସମୀକ୍ଷା ସଂଯୋଜକ ଜଗନ୍ନାଥ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଚଳିତ ଆର୍ଥିକ ବର୍ଷରେ ଧାମନଗର ପଂଚାୟତ ସମିତି ତରଫରୁ କାର୍ଯ୍ୟକାରୀ ହୋଇଥିବା ସମସ୍ତ କାର୍ଯ୍ୟ ନିମନ୍ତେ ଆସିଥିବା ଅର୍ଥ ଓ ତା'ର ବିନିଯୋଗ ସମ୍ପର୍କରେ ଆଲୋଚନା କରାଯାଇଥିଲା। କାର୍ଯ୍ୟରେ ହୋଇଥିବା ତ୍ରୁଟି ଓ ଆର୍ଥିକ ଅନିୟମିତତା ସମ୍ପର୍କରେ ସାମାଜିକ ସଂଯୋଜକ ଶ୍ରୀପଣ୍ଡା ସୂଚନା ପ୍ରଦାନ କରିଥିଲେ। କିଛି ମୃତ ବ୍ୟକ୍ତିଙ୍କ ନାମରେ ସେମାନଙ୍କର ପରିବାର ଲୋକେ ଚାଉଳ ନେଉଥିବାର ପରିଲକ୍ଷିତ ହୋଇଥିଲା ଏବଂ ଏହା ବାବଦରେ ଯୋଗାଣ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ପଂଚଦଶ ଅର୍ଥ ଆୟୋଗରେ କିଛି ପଂଚାୟତରେ କାର୍ଯ୍ୟର ତାଳମେଳ ରହି ନଥିଲା ଓ କାର୍ଯ୍ୟ ନିକଟରେ ସୂଚନା ଫଳକ ନଥିଲା ବୋଲି ଅଭିଯୋଗ ହୋଇଥିଲା। ବିଶେଷ କରି ବିଭିନ୍ନ ସ୍ଥାନରେ ଚାରା ରୋପଣ ଉପରେ ଗୁରୁତ୍ୱ ଦିଆଯାଇଥିଲା। ସାମାଜିକ ସମୀକ୍ଷାରେ ଅଂଶ ଗ୍ରହଣ କରୁଥିବା ଭିଆରପିମାନେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ପ୍ରତିପାଦନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବାରୁ ସେମାନଙ୍କୁ ସାମାଜିକ ସମୀକ୍ଷାରେ ସମ୍ପୂର୍ଣ୍ଣ ସହଯୋଗ ଯୋଗାଇ ଦେବାପାଇଁ ଏହି ଶିବିରରେ ଆଲୋଚନା କରାଯାଇଥିଲା। ଶେଷରେ ଏହି ଯୋଜନାର ସହକାରୀ ଅଧିକାରୀ ସନ୍ଧ୍ୟାରାଣୀ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

## ସାଧାରଣ ମଣିଷର ଦରଦୀ ବନ୍ଧୁ ଥିଲେ ମାନସ

# ଜନ୍ମମାଟି ହସନାବାଦରେ ଶ୍ରାଦ୍ଧ ଉତ୍ସବ



ଭଦ୍ରକ/ଅସୁରାଳି/ଧୁଷୁରି, (ସବ୍ୟୁ) : ଦୈନିକ ସକାଳର ପ୍ରାକ୍ତନ ସମ୍ପାଦକ ଧାମନଗରର ପୂର୍ବତନ ବିଧାୟକ ଜନନେତା ମାନସ ରଞ୍ଜନ ମଲ୍ଲିକଙ୍କ ତ୍ରୟୋଦଶତମ ଶ୍ରାଦ୍ଧ ଉତ୍ସବ ଆଜି ତାଙ୍କର ଜନ୍ମମାଟି ହସନାବାଦ ପଂଚାୟତର ଗୋପବନ୍ଧୁନଗର ଠାରେ ପାଳିତ ହୋଇଯାଇଛି। ସ୍ମୃତି କମିଟିର ସଭାପତି ବରିଷ୍ଠ ଅଧିବକ୍ତା ଦେବାଶିଷ ସାମଲଙ୍କ ପୌରହିତ୍ୟରେ ଆୟୋଜନ କରାଯାଇଥିବା ସଭାରେ ବହୁ ରାଜନେତା,ସାହିତ୍ୟିକ,ଶିକ୍ଷାବିତ,ଜନପ୍ରତିନିଧି ଯୋଗ ଦେଇଥିଲେ। ଅତିଥି ବକ୍ତାମାନେ ମାନସଙ୍କ ରାଜନୈତିକ ଜୀବନ ସମ୍ପର୍କରେ ଅବତାରଣା କରି ସେ ସାଧାରଣ ମଣିଷର ଦରଦୀ ବନ୍ଧୁ ଥିଲେ ବୋଲି ମତବ୍ୟକ୍ତ କରିବା ସହ ତାଙ୍କୁ ସାଲିସବିହୀନ ମଣିଷ ଭାବରେ ବର୍ଣ୍ଣନା କରିଥିଲେ। ପୂର୍ବତନ ବାଚସ୍ପତି ତଥା ବିଂଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ,ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ,ବରୀ ବିଧାୟକ ବିଶ୍ୱ ରଞ୍ଜନ ମଲ୍ଲିକ,ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ,ପୂର୍ବ ସାଂସଦ ମଂଜୁଲତା ମଣ୍ଡଳ,ପୂର୍ବ ବିଧାୟକ ରାଜେନ୍ଦ୍ର ଦାସ,ମୁକ୍ତିକାନ୍ତ ମଣ୍ଡଳ,ଜିଲ୍ଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଯେନା,ଧାମନଗର ଏନଏସି ଅଧ୍ୟକ୍ଷା ନିବେଦିତା ଜେନା,ପ୍ରାକ୍ତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଜଗନ୍ନାଥ ସ୍ୱାଇଁ,ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଅଶୋକ ନାୟକ,ବିନୋଦ ନାୟକ,ଧାମନଗର ପ୍ରେସ କ୍ଲବ ସଭାପତି କିଷାନ ରାଉତ,ଜିଲ୍ଲା ପରିଷଦ ସଭ୍ୟା ବିଦ୍ୟୁତଲତା ନାୟକ,ସଭ୍ୟ ସାରଦା ପ୍ରସନ୍ନ ସାହୁ,ବିଜେଡି ନେତା ଡା.ସଞ୍ଜୟ ଦାସ,ପ୍ରତାପ ସାମଲ, ମୁକୁନ୍ଦଦେବ ସାମଲ,ଅଶୋକ ବଳ,ଭାରତ ବିଜୟ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ ମଲ୍ଲିକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପୁତ୍ର ବିଜେଡି ମୁଖପାତ୍ର ଅମିତ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

## ଟିପିଏନଓଡିଏଲର ସାମାଜିକ ଦାୟିତ୍ୱବୋଧତା

# ଦିବ୍ୟାଙ୍ଗଙ୍କୁ ବାଣ୍ଟିଲା ବ୍ୟାଟେରୀ ଚାଳିତ ତିନି ଚକିଆ ଯାନ




ବାଲେଶ୍ୱର, (ସବ୍ୟୁ) : ସାମାଜିକ ଦାୟିତ୍ୱବୋଧତା କ୍ଷେତ୍ରରେ ଆଉ ଏକ ଉଲ୍ଲେଖନୀୟ ଅଧ୍ୟାୟ ଯୋଡ଼ିଛି ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ନର୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏନଓଡିଏଲ) । ଟିପିଏନଓଡିଏଲ ପକ୍ଷରୁ ଟାଟା ପାୱାର ପେ ଅଟେନସନ ପ୍ରୋଗ୍ରାମ ଅଧୀନରେ ଦିବ୍ୟାଙ୍ଗମାନଙ୍କୁ ୬ଟି ବ୍ୟାଟେରୀ ଚାଳିତ ତିନି ଚକିଆ ଗାଡି ପ୍ରଦାନ କରାଯାଇଛି। ଯାହାକି ସେମାନଙ୍କ ନିତିଦିନିଆ ଜୀବନଯାପନ ଶୈଳୀକୁ ସରଳ କରିବା ସହ ସେମାନଙ୍କ ପାଇଁ ଆତ୍ମନିର୍ଭରଶୀଳ ହେବାର ପନ୍ଥା ମଧ୍ୟ ସୃଷ୍ଟି କରିଛି। ବ୍ୟାଟେରୀ ଚାଳିତ ତିନି ଚକିଆ ଯାନରେ ସାମଗ୍ରୀ ନେବା ଆଣିବାର ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଫଳ ସ୍ୱରୂପ ଦିବ୍ୟାଙ୍ଗମାନେ ବିଭିନ୍ନ ସଂସ୍ଥାରେ ଡେଲିଭରି ବୟ ଭାବେ କାର୍ଯ୍ୟ କରିବା ସହ ଆତ୍ମନିର୍ଭରଶୀଳ ହେବାର ପନ୍ଥା ପାଇ ପାରିବେ। ଟିପିଏନଓଡିଏଲ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଗଜାନନ କାଲେଙ୍କ ପୌରୋହିତ୍ୟରେ କର୍ପୋରେଟ କାର୍ଯ୍ୟାଳୟରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଦିବ୍ୟାଙ୍ଗମାନଙ୍କୁ ବ୍ୟାଟେରୀ ଚାଳିତ ତିନି ଚକିଆ ଗାଡି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଟିପିଏନଓଡ଼ିଏଲ ବାଣିଜ୍ୟିକ ମୁଖ୍ୟ ଜୟଦୀପ ରୟ, ପରିଚାଳନା ମୁଖ୍ୟ ନୀଲେଶ ପୋଟଫଡେ, ପ୍ରକଳ୍ପ ମୁଖ୍ୟ ପ୍ରଦୀପ କୁମାର ମହାନ୍ତି, ଚୁକ୍ତି ଓ ସାମଗ୍ରୀ ପରିଚାଳନା ମୁଖ୍ୟ ହରିଶ ଶର୍ମାଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ,ନିଜର ଉପଭୋକ୍ତାମାନଙ୍କୁ ଗୁଣାତ୍ମକ ବିଜୁଳି ସେବା ଯୋଗାଇବା ଦିଗରେ ସର୍ବଦା ଗୁରୁତ୍ୱ ଦେବା ସହ ସିଏସଆର ବିନିଯୋଗ କ୍ଷେତ୍ରରେ ମଧ୍ୟ ଟିପିଏନଓଡିଏଲ ଗୁରୁଦାୟିତ୍ୱ ବହନ କରୁଛି। ଶିକ୍ଷାରୁ ବଞ୍ଚିତ ପିଲାମାନଙ୍କୁ ଶିକ୍ଷାଦାନ, ବିଭିନ୍ନ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଜରିଆରେ ଯୁବବର୍ଗଙ୍କୁ ଆତ୍ମନିର୍ଭରଶୀଳ ହେବା ପାଇଁ ପ୍ରଶିକ୍ଷଣ, ନିରକ୍ଷର ମହିଳାମାନଙ୍କୁ ଶିକ୍ଷାଦାନ ଓ ଦକ୍ଷତା ବିକାଶ ଆଦି କାର୍ଯ୍ୟକ୍ରମ ଆୟୋଜନ କରିବା ସହ ଗ୍ରାମାଳରେ ମୌଳିକ ସ୍ୱାସ୍ଥ୍ୟ ସେବା ଯୋଗାଇବା ପାଇଁ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ଗାଡ଼ିର ବ୍ୟବସ୍ଥା କରିଛି। ଟିପିଏନଓଡିଏଲ ପ୍ରଶିକ୍ଷଣ କେନ୍ଦ୍ରଗୁଡ଼ିକରୁ ପ୍ରଶିକ୍ଷଣ ନେଇ ଯୁବବର୍ଗ ବିଭିନ୍ନ ବହୁରାଷ୍ଟ୍ରୀୟ କମ୍ପାନୀରେ ନିଯୁକ୍ତି ପାଇବାର ସୁଯୋଗ ପାଇଛନ୍ତି। ସେହିଭଳି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ସଦସ୍ୟମାନଙ୍କୁ ଟେଲରିଂ, ବ୍ୟୁଟିସିଆନ ଆଦି ପ୍ରଶିକ୍ଷଣ ଦିଆଯିବା ସହ ଆତ୍ମନିର୍ଭରଶୀଳ କରାଇବା ଦିଗରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି।

(ଶ୍ରୀମଭଗବଦ୍ ଗୀତା ୧୮/୫୯)
–ମୋକ୍ଷଯୋଗଃ–
(ଶ୍ରୀଭଗବାନୁବାଚ )

**ଯଦହଙ୍କାରମାଶ୍ରିତ୍ୟ ନ ଯୋତ୍ସ୍ୟ ଇତି ମନ୍ୟସେ ।**
**ମିଥ୍ୟୈବ ବ୍ୟବସାୟସ୍ତେ ପ୍ରକୃତିସ୍ତ୍ୱାଂ ନିୟୋକ୍ଷ୍ୟତି ।। ୫୯ ।।**

(କାମଂ ବିନଙ୍କ୍ଷ୍ୟାମି, ନ ତୁ ବନ୍ଧୁଭିଃ ଯୁଦ୍ଧଂ କରିଷ୍ୟାମି ଇତି ଚେତ୍ ତତ୍ରାହ)–(ମଦୁକ୍ତିଂ ଅନାଦୃତ୍ୟ) ଅହଙ୍କାରଂ ଆଶ୍ରିତ୍ୟ ( ଅବଲମ୍ବ୍ୟ) (ଅହଂ) ନ ଯୋତ୍ସ୍ୟ ( ଯୁଦ୍ଧଂ ନ କରିଷ୍ୟାମି) ଇତି ଯତ୍ ମନ୍ୟସେ (ଅଧ୍ୟବସ୍ୟସି), (ଏଷଃ) ତେ ବ୍ୟବସାୟଃ ( ନିଶ୍ଚୟଃ) (ତବ ଅସ୍ୱତନ୍ତ୍ରତ୍ୱାତ୍) ମିଥ୍ୟା ଏବ, (ଯତଃ) ପ୍ରକୃତିଃ (କ୍ଷାତ୍ରସ୍ୱଭାବଃ) ରଜୋଗୁଣରୂପେଣ (ପରିଣତା ସତୀ) ତ୍ୱାଂ ନିୟୋକ୍ଷ୍ୟତି ( ଯୁଦ୍ଧେ ପ୍ରବର୍ତ୍ତୟିଷ୍ୟତି) ।। ୫୯ ।।

# ଜୋର ବର୍ଷାରେ ବେହାଲ ଭୁବନେଶ୍ୱର

ଏବେ ତ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଚାରିଆଡ଼େ । ସେ ଦୃଷ୍ଟିରୁ ଅନିୟମିତ ବା ଅସ୍ୱାଭାବିକ ବୃଷ୍ଟିପାତ ପ୍ରାୟ ପରିଲକ୍ଷିତ ହୋଇଥାଏ । ମୌସୁମୀ ବର୍ଷା ଉପରେ ମଧ୍ୟ ଆମେ ଏବେ ଭରସା କରି ପାରୁନାହୁଁ । ଲଘୁଚାପ ଜନିତ ବୃଷ୍ଟିପାତ ହିଁ ଆମର ସାହା ଓ ଭରସା । ଯେଉଁ ପ୍ରାକୃତିକ ନିୟମରେ ଚାଷକାର୍ଯ୍ୟ ପୂର୍ବରୁ ହେଉଥିଲା, ସେପରି ହେଉନାହିଁ । କୃଷି ପାଇଁ ଅତ୍ୟାଧୁନିକ ବ୍ୟବସ୍ଥା ସବୁ କରାଯାଇଥିବା ସତ୍ତ୍ୱେ, ଅନିୟମିତ ବୃଷ୍ଟିପାତ ହିଁ କୃଷି କାର୍ଯ୍ୟକୁ ଆଗେଇ ନେବାରେ ବାଧା ସୃଷ୍ଟି କରି ଚାଲିଛି । ଏପରିକି କର୍ଣ୍ଣାଟକ ଢାଞ୍ଚାର ଅନୁସରଣ କରି ବିଗତ ନବୀନ ପଟ୍ଟନାୟକ ସରକାର ସ୍ୱତନ୍ତ୍ର ଭାବରେ 'କୃଷି ବଜେଟ' ବ୍ୟବସ୍ଥା ଆରମ୍ଭ କରିଥିଲେ । ମାତ୍ର ଏବର ବିଜେପି ସରକାର ତାହାର ଅନୁସରଣ ନ କରି କୃଷି ପାଇଁ ସ୍ୱତନ୍ତ୍ର ବଜେଟର ଆବଶ୍ୟକତା ନାହିଁ ବୋଲି ଅନୁଭବ କରି ସେ ବ୍ୟବସ୍ଥାର ଉଚ୍ଛେଦ କରିଛନ୍ତି । ଓଡ଼ିଶାର କୃଷି ଓ କୃଷକଙ୍କ ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ କୃଷି ବିଭାଗ ଦାୟିତ୍ୱରେ ଥିବା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଅବଶ୍ୟ ଅନେକ କିଛି କରିଛନ୍ତି । ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ମାତ୍ର ରାଜଧାନୀ ଭୁବନେଶ୍ୱର, ପୁରୁଣା ରାଜଧାନୀ କଟକ ବା ଅନ୍ୟାନ୍ୟ ସହରମାନଙ୍କରେ ଯେଉଁଠି କୃଷି ନାହିଁ କିନ୍ତୁ ସରକାରୀ ଦପ୍ତର ଓ ଜନବସତି ରହିଛି, ସେ ସବୁ ସ୍ଥାନରେ ଅତ୍ୟଧିକ ବୃଷ୍ଟିପାତ ଯୋଗୁଁ ସହରବାସୀ ସମସ୍ତେ ଯେଉଁ ଦୁର୍ଦ୍ଦଶା (ଆମ ସାଧାରଣତନ୍ତ୍ରର ୭୫ ବର୍ଷ ପରେ ବି) ଭୋଗ କରି ଆସୁଛନ୍ତି, ସେ ବିଷୟରେ ନ କହିବା ଭଲ ।

୧୯୪୮ ମସିହା ଏପ୍ରିଲ ୧୩ ତାରିଖରେ ବିଶାଳ ଜନସମାବେଶରେ ଓ ଖୁବ୍ ଆନନ୍ଦମମୁଖର ପରିବେଶ ମଧ୍ୟରେ ଭୁବନେଶ୍ୱରରେ ନୂତନ ରାଜଧାନୀ ନିର୍ମାଣ ସକାଶେ ଶୁଭାରମ୍ଭ ହୋଇଥିଲା । ତତ୍କାଳୀନ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହରେକୃଷ୍ଣ ମହତାବଙ୍କ ଅନୁରୋଧରେ ତତ୍କାଳୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁ ନୂତନ ରାଜଧାନୀର ଶୁଭାରମ୍ଭ କରିଥିଲେ । ସେ ତାଙ୍କ ଭାଷଣରେ କହିଥିଲେ–'ପ୍ରାଚୀନ ନଗର ଉପରେ ନୂଆ ରାଜଧାନୀ ଗଢ଼ା ହେବାକୁ ଯାଉଥିବାରୁ ସେ ଆଜି ଆନନ୍ଦ ଉପଲବ୍ଧି କରି ପାରିଛନ୍ତି । ସହରରେ ଲୋକେ କିପରି ରହିବେ, ନାରୀମାନେ କିପରି ଭଲ ଭାବରେ ରହିପାରିବେ ଓ ପିଲାମାନେ କିପରି ଶିକ୍ଷା ପାଇବେ ଏବଂ ଏହା ସମାଜରେ ବିଭିନ୍ନ କାର୍ଯ୍ୟକଳାପର ସ୍ନାୟୁକେନ୍ଦ୍ର ହେବା ଉଚିତ । ବଡ଼ ବଡ଼ କୋଠାଘର ବା ଜାକଜକମ ସହରର ଆଦର୍ଶ ହେବା ଉଚିତ ନୁହେଁ ।...(ନୂଆ ରାଜଧାନୀ :ପ୍ରଜାତନ୍ତ୍ର ଓ ମହତାବ, ଡକ୍ଟର ମନ୍ମଥନାଥ ଦାସ)

ଉଲ୍ଲେଖନୀୟ ଯେ ମନ୍ଦିର ମାଳିନୀ ଭୁବନେଶ୍ୱର ଏବେ ହର୍ମ୍ୟମାଳିନୀ ଭୁବନେଶ୍ୱରରେ ପରିଣତ ହୋଇଛି । କିନ୍ତୁ ବର୍ଷା ହେଲେ ରାଜଧାନୀ ଭୁବନେଶ୍ୱରର ତଳିଆ ଅଞ୍ଚଳ ଓ ବିଭିନ୍ନ ରାସ୍ତାଘାଟର ଅବସ୍ଥା ଶୋଚନୀୟ ହୋଇପଡୁଛି । ପ୍ରତ୍ୟେକ ଲୋକଙ୍କ ଘରେ ଏକାଧିକ ଗାଡ଼ିମୋଟର । ମୋ' ବସ୍‌ରୁ ଆମ ବସ୍ ହୋଇଥିବା ଗାଡ଼ିମାନଙ୍କରେ ବେଳେ ବେଳେ ଲୋକ ଭର୍ତ୍ତି ତ ଅନ୍ୟ କେତେ ବେଳେ ବସ୍ ଖାଲି । ଏବେ ତ ଡବଲ ଡେକର ବସ୍ ବି ଚାଲୁଛି । କିନ୍ତୁ ଲୋକ ହଉ ନାହାନ୍ତି । କାରଣ କ'ଣ ?

ଗତ ଅକ୍ଟୋବର ୮ ତାରିଖରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୁମ୍ବାଇର ବିମାନ ବନ୍ଦରର ସଂପ୍ରସାରଣ ଓ ସେଠାରେ ମେଟ୍ରୋ ଟ୍ରେନର ଶୁଭାରମ୍ଭ କରିଛନ୍ତି । ଏହାର ଆବଶ୍ୟକତା ଖୁବ୍ ଜରୁରୀ ମନେହୁଏ । ମାତ୍ର ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ସ୍ୱତନ୍ତ୍ର ଦୃଷ୍ଟିରେ ଓଡ଼ିଶା ଥିଲେ ମଧ୍ୟ ରାଜଧାନୀ ଭୁବନେଶ୍ୱରରେ ବର୍ଷା ବେଳେ କୃତ୍ରିମ ବନ୍ୟା ପରିସ୍ଥିତିକୁ ସୁଧାରିବା ଲାଗି ବିଶେଷ କିଛି କରାଯାଇ ନାହିଁ । ଅବଶ୍ୟ ବିଭାଗୀୟ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ନାଳ ନର୍ଦ୍ଦମାରେ ରହିଥିବା ତ୍ରୁଟି କଥାକୁ ସ୍ୱୀକାର କରି ଏ ଦିଗରେ ତୁରନ୍ତ ପଦକ୍ଷେପ ନିଆଯାଉଛି ବୋଲି ପ୍ରକାଶ କରିଛନ୍ତି । ଏଥିପାଇଁ ପ୍ରଶାସନର ନିଷ୍ଠା ଓ ଜନସାଧାରଣଙ୍କ ସହଯୋଗର ଆବଶ୍ୟକତା ରହିଛି । ଅବଶ୍ୟ ମୁମ୍ବାଇ, ଦିଲ୍ଲୀ, କଲିକତା ବା ମାଡ୍ରାସ ପରି ମହାନଗରଗୁଡ଼ିକରେ ମଧ୍ୟ ଅତ୍ୟଧିକ ବୃଷ୍ଟିପାତ ଯୋଗୁଁ ଲୋକେ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି । ତେବେ ସେଠାରେ ଯେପରି ରାଜ୍ୟ ସରକାରମାନେ ତତ୍ପରତା ପ୍ରକାଶ କରି ଆସୁଛନ୍ତି, ଏଠି ମଧ୍ୟ ରାଜ୍ୟ ସରକାର ଓ ବିରୋଧୀ ଦଳ ଏକତ୍ର ଏହି ସମସ୍ୟାର ସମାଧାନ ଅଚିରେ କରି ପାରନ୍ତେ । ମାତ୍ର ଏଥିପାଇଁ ଇଚ୍ଛା ଶକ୍ତି ଦରକାର ।

ଭୁବନେଶ୍ୱରରେ ଏବେ ବହୁମୂଲ୍ୟବାନ ଗଛଗୁଡ଼ିକ କାଟି ଦିଆଯାଇ ସେଠାରେ କଂକ୍ରିଟ ଘର କରାଯିବା ଲାଗି ଉଦ୍ୟମ ହେଉଛି । ଏହା ଫଳରେ ପରିବେଶର ସନ୍ତୁଳନ ରହିବ ନାହିଁ ଏବଂ ଖରା ବା ବର୍ଷାରେ କେବଳ ଜନସାଧାରଣ ନୁହନ୍ତି, ସହର ମଧ୍ୟ ଦୁର୍ଦ୍ଦଶାଗ୍ରସ୍ତ ହେବ । 'ମହାବାତ୍ୟା' ବା ପରବର୍ତ୍ତୀ କାଳରେ 'ଫନୀ' ସମୟରେ ଭୁବନେଶ୍ୱର ଯେପରି ଦୁର୍ଦ୍ଦଶା ଭୋଗିଥିଲା, ଅତି ବର୍ଷା ବା ପବନରେ ରାଜଧାନୀ ସହର ଭୁବନେଶ୍ୱର ଅନ୍ତତଃ ସେପରି ଦୁର୍ଦ୍ଦଶାର ସମ୍ମୁଖୀନ ନହେଉ ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ହୃଦୟ ଖୋଜିବା ଆସ



ଡ. ନିରଞ୍ଜନ ସାହୁ

## କଥା ନିରବଧି

ହୃତ୍‌ପିଣ୍ଡକୁ ମାନବ ଶରୀରର କେନ୍ଦ୍ରସ୍ଥଳ ବୋଲି ବିଚାର କରାଯାଏ । ଅନ୍ୟାନ୍ୟ ଅଙ୍ଗପ୍ରତ୍ୟଙ୍ଗ କାର୍ଯ୍ୟକ୍ଷମ ଓ କ୍ରିୟାଶୀଳ ଥିଲେ ମଧ୍ୟ ହୃଦ୍‌ଘାତ ହେଲେ ଜୀବନ ଅକାଳରେ ଚାଲିଯାଏ । ହୃତ୍‌ପିଣ୍ଡ କେବଳ ରକ୍ତସଂଚାଳନ କରେ ବୋଲି ସାଧାରଣ ଧାରଣା ଥିଲେ ମଧ୍ୟ ଏହା ଆହୁରି ଅନେକ କାର୍ଯ୍ୟ ସମ୍ପାଦନ କରେ, ଯେପରି ସମତୁଲ ଭାବରେ ଶରୀରର ସବୁ ଅଙ୍ଗପ୍ରତ୍ୟଙ୍ଗ ଭିତରେ ଉତ୍ତାପର ସନ୍ତୁଳନ, ଶରୀରର ବିଭିନ୍ନ ସ୍ଥାନରେ ଅମ୍ଳଜାନର ଚଳପ୍ରଚଳ, ରକ୍ତବାହୀ ନଳୀଗୁଡ଼ିକ ମାଧ୍ୟମରେ ବିଭିନ୍ନ ଖାଦ୍ୟସାରର ପ୍ରେରଣ, ଶରୀରରେ ଯଥାରୀତି ରକ୍ତଚାପର ସମତା ରକ୍ଷା ଇତ୍ୟାଦି ।

ଅନେକ ସମୟରେ ହୃତ୍‌ପିଣ୍ଡକୁ ଆମେ ହୃଦୟର ଏକ ପ୍ରତିଶବ୍ଦ ଭାବରେ ବ୍ୟବହାର କରୁ, ଯେପରି କବିବର ରାଧାନାଥ ରାୟ ତାଙ୍କର ସୁପ୍ରସିଦ୍ଧ 'ଦରବାର' କାବ୍ୟରେ ସାମନ୍ତ ଚନ୍ଦ୍ରଶେଖରଙ୍କ ଅମରକୃତି 'ସିଦ୍ଧାନ୍ତ ଦର୍ପଣ' ବିଷୟରେ ଲେଖିଥିଲେ –

*'ସିଦ୍ଧାନ୍ତ ଦର୍ପଣ ହେବ ନାହିଁ ଲୟ*
*ନର ଦେହେ ଥିବ ଯାବତ ହୃଦୟ।'*

ଅର୍ଥାତ୍ ମଣିଷ ଶରୀର ଥିବା ଯାଏ ଯେମିତି ହୃଦୟ ଅକ୍ଷୟ ରହିଥାଏ ଠିକ୍ ସେଇମିତି ଭାବରେ ଓଡ଼ିଆ ଚେତନା ଭିତରୁ 'ସିଦ୍ଧାନ୍ତ ଦର୍ପଣ' କାବ୍ୟ କେବେହେଲେ ବିଚ୍ୟୁତ ହୋଇପାରିବ ନାହିଁ।

ଅନୁରୂପ ଭାବରେ ହୃତ୍‌ପିଣ୍ଡରେ ଘଟୁଥିବା ସମସ୍ତ ରୋଗକୁ ହୃଦ୍‌ରୋଗ ଭାବରେ ଆମେ ବିଚାର କରିଥାଉଁ । ହେଲେ ଆମ ସମସ୍ତଙ୍କର ହୃତ୍‌ପିଣ୍ଡ ରହିଛି କି କହିଲେ ନିଶ୍ଚିତ ଉତ୍ତର ଆସିବ ହଁ, ମାତ୍ର ସମସ୍ତେ ହୃଦୟବାନ କି କହିଲେ କ'ଣ ସମାନ ଉତ୍ତର ମିଳିବ କି?

ବୋଧହୁଏ ଆଧ୍ୟାତ୍ମିକ ଚିନ୍ତନରେ ହୃଦୟ କହିଲେ ସେଇ କାଳ୍ପନିକ ଅବୟବ ଯାହା ଅତ୍ୟନ୍ତ ସୂକ୍ଷ୍ମ ଓ ନରମ, ଯାହା ଆମର ଚେତନାର କେନ୍ଦ୍ରସ୍ଥଳ ଏବଂ ସମସ୍ତ ଭାବପ୍ରବଣତାର ନାଭିକେନ୍ଦ୍ର । ଏହାକୁ ଆତ୍ମାର ପ୍ରବେଶସ୍ଥଳ ବୋଲି ମଧ୍ୟ ଧରାଯାଇଥାଏ ।

କିଛିଦିନ ଆଗରୁ କୁହାଯାଉଥିଲା ଆଧୁନିକ ଶିକ୍ଷା କହିଲେ ବୁଝାଯାଏ ଏହା ହେଉଛି ତିନିଟି ଆର (R) ଭିତ୍ତିକ ଶିକ୍ଷା। ସେଗୁଡ଼ିକ ହେଲା Reading, Writing and Arithmetic ବା ପଢ଼ିବା, ଲେଖିବା ଓ କିଛି ଗାଣିତିକ ସୂତ୍ର ଭିତ୍ତିରେ ହିସାବ ପତ୍ର କରିବା । ମାତ୍ର ଅନ୍ୟ ଏକ ମତ ଅନୁସାରେ ବାସ୍ତବ ସମ୍ପୂର୍ଣ୍ଣ ଶିକ୍ଷା ହେଲା ତିନି H (ଏଚ୍) ପ୍ରାଧାନ୍ୟ ଭିତ୍ତିକ ଶିକ୍ଷା– ଯାହାକୁ ବିସ୍ତାରରେ କୁହାଯାଇପାରିବ Hand, Head and Heart ହାତ ବା ଶାରୀରିକ ଦକ୍ଷତା, ମୁଣ୍ଡ ବା ମାନସିକ ଦକ୍ଷତା ଏବଂ ହୃଦୟ ବା ଆବେଗିକ ପରିପକ୍ୱତା । ଏବେ ଆପଣ ଭାବିବେଣି, ହୃଦୟ ତା'ହେଲେ କେବଳ ସ୍ୱାସ୍ଥ୍ୟର ଅଂଶବିଶେଷ ନୁହେଁ ଏହା ଆମର ଶିକ୍ଷାର ମଧ୍ୟ ଏକ ମାର୍ମିକ ଅଂଶ । ଯଦି ମଣିଷ ହୃଦୟହୀନ ତା'ର ଭିତରେ କରୁଣା, କ୍ଷମା, ସହାନୁଭୂତି, ଉଦାରତା ଆଦିର ଘୋର ସଂକଟ, ସେ ମଣିଷ ପଦବାଚ୍ୟ ହେବା ବି ସମ୍ଭବ ନୁହେଁ, ଶିକ୍ଷାପ୍ରାପ୍ତ ବୋଲି ତାକୁ ଧରିବା ଦୁରୂହ ଓ ଏକ ଅସମ୍ଭବ ବ୍ୟାପାର ।

ଆଜିର ଦୁନିଆଁକୁ ଲକ୍ଷ୍ୟ କଲେ ଆପଣ ଦେଖୁଥିବେ ଅନେକ ଜିନିଷ ଏଠି ହାଉଯାଉ, ବସ୍ତୁତତ୍ତ୍ୱର ପ୍ରାବଲ୍ୟ ମାତ୍ର ହୃଦୟର ଭାବନାରେ ସାଂଘାତିକ ସଂକଟ । ଆଜି ସକାଳର ସମ୍ବାଦପତ୍ର ଲେଉଟାଇଲେ ଯେପରି ଅମାନବୀୟ ଘଟଣାମାନ ଆମ ନଜରକୁ ଆସୁଛି ତାହା ଆମକୁ ମନସ୍ତାପ ଭିତରକୁ ଠେଲି ନେଉଛି । ମଣିଷ କେତେ କ୍ରୁର ଓ ନୃଶଂସ ପାଲଟିଯାଇଛି ସତେ ! ଟିକିଟିକି କଥାରେ ହିଂସା ଓ ଈର୍ଷା–ଛୋଟ ଛୋଟ କାରଣରୁ ହତ୍ୟା ଓ ଗୃହଦାହ କିମ୍ବା ଦୁଷ୍କର୍ମ ପରି ମର୍ମନ୍ତୁଦ ବ୍ୟଭିଚାର। ମଣିଷ କ'ଣ ଆଗଠାରୁ ବେଶି ହୃଦୟହୀନ ହୋଇଯାଇଛି ସତରେ?

ଆମ ସମୟର ଜଣେ ପ୍ରଖ୍ୟାତ କଥାକାର ଜଗଦୀଶ ମହାନ୍ତି ତାଙ୍କର ପୁସ୍ତକ 'ଈର୍ଷା ଏକ ଋତୁ'ରେ ଗୋଟିଏ ଅଞ୍ଚଳର ଝିଅମାନଙ୍କର ଚରିତ୍ର ଚିତ୍ରଣ କରିବା ବେଳେ ଯାହା ଲେଖିଛନ୍ତି ତାହା ଆପଣଙ୍କୁ କିଛି ସମୟ ପାଇଁ ତାଜୁବ କରିଦେବ– 'ଏଠାକାର ଝିଅମାନଙ୍କର ତାହାହିଁ ବିଶେଷତ୍ୱ, ସେମାନଙ୍କର ଛାତିତଳେ ଗୋଟେ ହୃଦୟ ନାହିଁ

**ଆଜିର ଦୁନିଆଁକୁ ଲକ୍ଷ୍ୟ କଲେ ଆପଣ ଦେଖୁଥିବେ ଅନେକ ଜିନିଷ ଏଠି ହାଉଯାଉ, ବସ୍ତୁତତ୍ତ୍ୱର ପ୍ରାବଲ୍ୟ ମାତ୍ର ହୃଦୟର ଭାବନାରେ ସାଂଘାତିକ ସଂକଟ । ଆଜି ସକାଳର ସମ୍ବାଦପତ୍ର ଲେଉଟାଇଲେ ଯେପରି ଅମାନବୀୟ ଘଟଣାମାନ ଆମ ନଜରକୁ ଆସୁଛି ତାହା ଆମକୁ ମନସ୍ତାପ ଭିତରକୁ ଠେଲି ନେଉଛି । ମଣିଷ କେତେ କ୍ରୁର ଓ ନୃଶଂସ ପାଲଟିଯାଇଛି ସତେ ! ଟିକିଟିକି କଥାରେ ହିଂସା ଓ ଈର୍ଷା–ଛୋଟ ଛୋଟ କାରଣରୁ ହତ୍ୟା ଓ ଗୃହଦାହ କିମ୍ବା ଦୁଷ୍କର୍ମ ପରି ମର୍ମନ୍ତୁଦ ବ୍ୟଭିଚାର। ମଣିଷ କ'ଣ ଆଗଠାରୁ ବେଶି ହୃଦୟହୀନ ହୋଇଯାଇଛି ସତରେ?**

ବରଂ ଅଫିସ ଭଳି କେତୋଟି କୋଠରି ଅଛି, ଆଉ ସେଗୁଡ଼ିକ ଜଣେ ଜଣେ ନିର୍ଦ୍ଦିଷ୍ଟ ପୁରୁଷ ପାଇଁ ଉଦ୍ଦିଷ୍ଟ' । ହୁଏତ ଆଜିର ଦିନରେ ନାରୀ ପୁରୁଷର ସମ୍ପର୍କରେ ସ୍ୱର୍ଗୀୟ ପ୍ରେମ ଭାବ ଉଜୁଡ଼ି ଯାଇ ତାହା କେବଳ କାମନାର ରଙ୍ଗମଞ୍ଚ ଭିତରେ ସୀମିତ ହୋଇଯାଇଥିବା ଅନୁଭବ କରି କଥାକାରଙ୍କର ଯେ ବିଦ୍ରୁପ । ମଣିଷ ହୃଦୟହୀନ ହେଲେ ଆହୁରି ହଜାରେ ରକମ ବିପତ୍ତିର ସମ୍ଭାବନା ସୃଷ୍ଟି ହୁଏ । ସେ ହୋଇପାରେ କୃତଘ୍ନ, ଅବିବେକୀ, କ୍ରୋଧୀ, ଅମିତବ୍ୟୟୀ, ଅଶାଳୀନ ଓ ବନ୍ୟଜନ୍ତୁ ଠାରୁ ଢେର୍ ଭୟଙ୍କର ।

ଡାକ୍ତର ସିନା ହୃଦ୍‌ରୋଗର ନିଦାନ କରନ୍ତି ମାତ୍ର ବାହାରକୁ ସବୁ ହୃତ୍‌ପିଣ୍ଡ ସମାନ ହୋଇଥିବା ବେଳେ ସବୁ ଲୋକ କାହିଁକି ହୃଦୟବାନ୍ ହୋଇପାରୁ ନାହାନ୍ତି ତାହା ବୋଧହୁଏ ଆଧୁନିକ ଯୁଗର ସବୁଠୁଁ ବଡ଼ ବିଡ଼ମ୍ବନା । ଶ୍ରୀମଦ୍ ଭଗବତ୍ ଗୀତାରେ ଭଗବାନ ଶ୍ରୀକୃଷ୍ଣ ଯେଉଁ ସତ୍ତ୍ୱ, ରଜ ଓ ତମ ଗୁଣ ସମ୍ପର୍କରେ କହିଛନ୍ତି, ସେଇ ସାତ୍ତ୍ୱିକ ଲୋକମାନେ ବୋଧହୁଏ ହୃଦୟବତ୍ତାର ସୂତ୍ରଧର। ଅନ୍ୟମାନେ ତାଙ୍କ ହୃଦୟର ଅଳିନ୍ଦ ନିଳୟକୁ କଥାକାର ଜଗଦୀଶଙ୍କ ଭାଷାର କୋଠରି କରି ଭଡ଼ା ସୂତ୍ରରେ ଦେଇ ଦିଅନ୍ତି ଅବା ।

ମାତ୍ର ସେଇ ଭଗବତ୍ ଗୀତାର ଅଷ୍ଟାଦଶ ଅଧ୍ୟାୟରେ (୬୧ ନମ୍ବର ଶ୍ଳୋକ) ଭଗବାନ ଶ୍ରୀକୃଷ୍ଣଙ୍କ ମୁଖନିସୃତ କଥାଟି ଭୁଲିଯିବାର ନୁହେଁ – ଯେତେବେଳେ ତାଙ୍କ ମୁହଁରୁ ବାହାରିଛି –

*'ଈଶ୍ୱରଂ ସର୍ବଭୂତାନାଂ ହୃଦ୍ଦେଶେଽର୍ଜୁନ ତିଷ୍ଠତି ।'*

ଅର୍ଥାତ୍ ପ୍ରତି ପ୍ରାଣୀଙ୍କର ହୃଦୟରେ ଭଗବାନଙ୍କର ଅବସ୍ଥିତି ରହିଛି । ଯେ ସମ୍ପର୍କରେ ଏକ ଚମତ୍କାର କଥାର ଅବତାରଣା କରିଛନ୍ତି ବିଖ୍ୟାତ ହୃଦ୍‌ବିଜ୍ଞାନୀ ପଦ୍ମଭୂଷଣ ଡକ୍ଟର ବି.ଏମ୍. ହେଗଡ଼େ ।

ତାଙ୍କର ବନ୍ଧୁ ଡାକ୍ତର ମେହେଟ୍ଟା ତାଙ୍କୁ କହିଥିଲେ ନିଜ ଜୀବନର ଏକ ଅପାସୋରା କାହାଣୀ । ଦିନେ ତାଙ୍କ ନିକଟରେ ପହଞ୍ଚିଥିଲେ ଗୋଟିଏ ଦମ୍ପତି ନିଜର ପାଞ୍ଚ–ଛଅ ବର୍ଷର ଝିଅଟିକୁ ଧରି– ସାଥୀରେ ଆଣିଥିଲେ ଏକ ବିଶାଳ ଫାଇଲ ଭର୍ତ୍ତି ଚିଠା– ଆଗରୁ ଦେଖାଇଥିବା ବିଭିନ୍ନ ଡାକ୍ତରଙ୍କ ପ୍ରେସ୍‌କ୍ରିପ୍‌ସନ୍ ଓ ବିଭିନ୍ନ ପରୀକ୍ଷାନିରୀକ୍ଷାର ଫଳାଫଳ । ସେଗୁଡ଼ିକ ଦେଖିବା ପରେ ଡକ୍ଟର ମେହେଟ୍ଟା ଜାଣିପାରୁଥିଲେ ଯେ ଝିଅଟିର ହୃଦୟର ଅବସ୍ଥା ଯାହା ସେଥିରେ ଶଲ୍ୟ ଚିକିତ୍ସାର ସମ୍ଭାବନା ଖୁବ୍ କମ୍–ମାତ୍ର ପିତାମାତାଙ୍କର ଦୁଃଖରେ ସେଦିନ ସେ ଦ୍ରବୀଭୂତ ହୋଇଗଲେ କିଛି ଅଜ୍ଞାତ କାରଣରୁ ଏବଂ କହିଲେ କିଛିଦିନ ସେ ପର୍ଯ୍ୟବେକ୍ଷଣ କରିବେ ପିଲାଟିକୁ ଓ ତା'ପରେ ଅପରେସନ୍ କରିବେ ।

ପାଞ୍ଚ–ଛଅ ବର୍ଷର କୁନିଝିଅଟିଏ – ତାକୁ ଦେଖିଦେଲେ ଡକ୍ଟର ମେହେଟ୍ଟା ଏକ ଅଦ୍ଭୁତ ଆନନ୍ଦ ପାଉଥିଲେ ଆଉ ପରମୁହୂର୍ତ୍ତରେ ତାଙ୍କ ମନ ଆନ୍ଦୋଳିତ ହେଉଥିଲା ଯେ କେତେ କମ୍ ଦିନର ଅତିଥି ଏତେ ସୁନ୍ଦର ଛୁଆଟି ! ଦିନେ ଛୁଆଟି କହିଲା–'ଡକ୍ଟର ଅଙ୍କଲ, ମୁଁ ମୋ ବାପାଙ୍କ ଠାରୁ ଶୁଣିଥିଲି ଶିଶୁର ହୃଦୟରେ ଭଗବାନ ଥାଆନ୍ତି ବୋଲି। ଆପଣ ଯେତେବେଳେ ମୋତେ ଅପରେସନ କରିବେ ଭଗବାନଙ୍କ ସହିତ ଆପଣଙ୍କର ତ ଦେଖା ହେବ – ତାଙ୍କୁ ମୋ କଥା କହିବେ ନିଶ୍ଚୟ ।'

ଅପରେସନ କରିବାର ଦିନ ପାଖେଇ ଆସିଲା । ଡକ୍ଟର ମେହେଟ୍ଟା ଥିଲେ ବାସ୍ତବବାଦୀ – ଭଗବାନଙ୍କ ଉପରେ ତାଙ୍କର କିଛି ଧାରଣା ନ ଥିଲା । ସେ ହଜାର ହଜାର ଅପରେସନ କରିଥିଲେ ଆଗରୁ–କେବେ ଭଗବାନଙ୍କ ସହାୟତା ଖୋଜିବାର ଆବଶ୍ୟକତା ପଡ଼ିନଥିଲା । ସେଦିନ ଅପରେସନ ଆରମ୍ଭ ହେବାର ଅଳ୍ପ ସମୟ ଭିତରେ ସେ ଲକ୍ଷ୍ୟ କଲେ ହୃତ୍‌ପିଣ୍ଡ ବନ୍ଦ ହୋଇଯାଇଛି । ସେ ହଠାତ୍ ସ୍ତବ୍ଧ ହୋଇଗଲେ । ତାଙ୍କ ମନ ଭିତରେ ପଶିଆସିଲା ଝିଅଟି କହିଥିବା କଥା – କାହିଁକି କେଜାଣି ପ୍ରଥମ ଥର ସେ ଅନୁଭବ କଲେ ଈଶ୍ୱରଙ୍କ ଅସ୍ତିତ୍ୱ ଆଉ ଯେମିତି ଗୋପନରେ ତାଙ୍କୁ କହିଲେ କ'ଣ କହିବେ ସେ ଅପରେସନ ପରେ । ଆଶା ଛାଡ଼ିଦେଇ ଯେତେବେଳେ ସେ ଅଧସ୍ତନମାନଙ୍କୁ ନିର୍ଦ୍ଦେଶ ଦେଲେ ସବୁ ଯନ୍ତ୍ରର ସ୍ୱିଚ୍ ଅଫ୍ କରିଦେବା ପାଇଁ । କାରଣ ଆପାତତଃ ତାଙ୍କ ବିଚାରରେ କୁନିଝିଅଟି ଆଖି ବୁଜି ସାରିଥିଲା, ସେତିକି ବେଳେ ଜଣେ ଜୁନିଅର ଡାକ୍ତର ଧାଇଁ ଆସି ଏକ ଅଦ୍ଭୁତ ଚମତ୍କାର ଦେଖି ଚମକିପଡ଼ିବା ଭଳି କହିଲେ– ସାର୍, ପୁଣି କ'ଣ ଆଉଥରେ ଢୁକ୍ ଢୁକ୍ ଆରମ୍ଭ ହେଲାଣି । ଡାକ୍ତର ମେହେଟ୍ଟା ପୁଣି ଚେତନାକୁ ଫେରିଲେ । ଅପରେସନ ହେଲା ସଫଳ–ଜଣେ ଈଶ୍ୱର ଅବିଶ୍ୱାସୀ ଚିରଦିନ ପାଲଟିଗଲେ ଆସ୍ଥାବାନ । ଡକ୍ଟର ହେଗ୍‌ଡ଼େଙ୍କ କଥା ଯଦି ଆପଣ ଶୁଣିଥିବେ ତା'ହେଲେ ଆପଣ ବି ଅଶ୍ରୁପାତ କରିଥିବେ ।

ଯେତେବେଳେ ଭଗବତ୍ ସାନ୍ନିଧ ମିଳେ, ସେତେବେଳେ ଏକ ସ୍ଥୂଳ ହୃତ୍‌ପିଣ୍ଡ ହୃଦୟରେ ପରିଣତ ହୁଏ । ହୃଦୟବାନ୍ ମଣିଷଙ୍କ ମେଳରେ ପୃଥିବୀ ପାଲଟିଯାଏ ବୈକୁଣ୍ଠ । ଲୁଚିଯାଇଥିବା ମଣିଷ ପଣିଆର ପୁନରାଗମନ ହୁଏ । ସବୁ ମଣିଷଙ୍କ ହୃତ୍‌ପିଣ୍ଡ ସତରେ ହୃଦୟ ପାଲଟି ଯାଆନ୍ତା ସିନା !

**ମୋ–୯୪୩୮୪୮୨୯୧୧**
*(ଲେଖକ ଭାରତୀୟ ପ୍ରଶାସନିକ ସେବାର ପୂର୍ବତନ ଅଧିକାରୀ ଓ କଥାଶିଳ୍ପୀ )*

# ପରାଶକ



ରାକେଶ ପଣ୍ଡା

ଜଣେ ବ୍ୟକ୍ତି କୌଣସି ଏକ କ୍ଷେତ୍ରରେ ସଫଳତା ଲାଭ କରିବାରେ କିମ୍ବା ବଡ ହୋଇ ସମାଜରେ ପ୍ରତିଷ୍ଠିତ ହେବାରେ କେବଳ ତାର ପରିବାର ସଦସ୍ୟଙ୍କର ଅବଦାନ ନଥାଏ, ଉକ୍ତ କୃତିରେ ସମାଜ ଓ ସମାଜରେ ବାସ କରୁଥିବା ବିଭିନ୍ନ ବ୍ୟକ୍ତିଙ୍କର ମଧ୍ୟ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ଅଂଶଦାନ ରହିଥାଏ । କିନ୍ତୁ, ବ୍ୟକ୍ତି ଜଣଙ୍କର ମନ ଓ ଚିନ୍ତାଧାରାରେ କେବଳ ନିଜ ପରିବାର ସଦସ୍ୟ ଦେଇଥିବା ଅବଦାନର ପ୍ରତିଦାନ ଓ ପରିଶୋଧ କଥା ରହିଥାଏ ଏବଂ ସମାଜର କଥାକୁ ସେ ଭୁଲିଯାଏ । ଅପରପକ୍ଷରେ, ସମାଜକୁ ଦେବା ପରିବର୍ତ୍ତେ, ବର୍ତ୍ତମାନ ସମୟରେ ପ୍ରାୟ ଅଧିକାଂଶ ମଣିଷଙ୍କର ପ୍ରବୃତ୍ତି ଅନ୍ୟଠାରୁ ପାଇବା, ଯୋଗ୍ୟ ହିତାଧିକାରୀର ଭାଗ ଓ ଅଂଶକୁ କଳେ, ବଳେ ଓ କୌଶଳେ ହାତେଇ ନେବା, ସମାଜରେ ଗରିବ ବ୍ୟକ୍ତିଟିଏ ଉପବାସରେ ରହୁ, କିନ୍ତୁ ନିଜର ସିନ୍ଦୁକ କଳାଧନରେ ପରିପୂର୍ଣ୍ଣ କରିବାର ସମସ୍ତ ଚେଷ୍ଟା ଚାଲୁଛି । ଏମିତି ଅନେକ ଲୋକ ତଥା ସଂସ୍ଥା ମଧ୍ୟ ସମାଜରେ ଆଜି ବିଦ୍ୟମାନ ଅଛନ୍ତି, ଯେଉଁମାନେ ଗରିବ ଓ ଅଭାବୀ ବ୍ୟକ୍ତିଙ୍କୁ ସାହାଯ୍ୟ କରୁଛନ୍ତି ଏବଂ ସାହାଯ୍ୟ ଉଦ୍ଦେଶ୍ୟରେ କିଛି ଟଙ୍କା ଓ ଦ୍ରବ୍ୟ ଦାନ ହିସାବରେ ଦେବା ସମୟରେ ନିଜର ଫୋଟୋ ଉତ୍ତୋଳନ କରି, ଉକ୍ତ ଛବିଗୁଡିକୁ ପରବର୍ତ୍ତୀ ମୁହୂର୍ତ୍ତରେ ନିଜର ତଥା ଅନ୍ୟର ସାମାଜିକ ଗଣମାଧ୍ୟମଗୁଡିକରେ ଭାଗ କରିଥାନ୍ତି ଏବଂ ଶସ୍ତା ଆତ୍ମ–ପ୍ରଚାର ଲାଭ କରିଥାନ୍ତି ।

କିଛି ଏମିତି ବଦାନ୍ୟ ବ୍ୟକ୍ତି ମଧ୍ୟ ସମାଜରେ ଅଛନ୍ତି, ଯେଉଁମାନେ କି କେଉଁ ଦରକାରୀ ଲୋକ ନିକଟକୁ ସାହାଯ୍ୟ କରିବାକୁ ଯିବା ପୂର୍ବରୁ କିଛି ଗଣମାଧ୍ୟମକୁ ଆଗରୁ ଜଣାଇଥାନ୍ତି । ଉକ୍ତ ଘଟଣାକୁ କ୍ୟାମେରାରେ ଆବଦ୍ଧ କରି ପରବର୍ତ୍ତୀ ମୁହୂର୍ତ୍ତରେ ସେମାନଙ୍କର ଚାନେଲ ମାଧ୍ୟମରେ ପ୍ରସାରିତ କରିବା ନିମନ୍ତେ ଯୋଜନା କରିଥାନ୍ତି । ସେମାନେ ସମାଜସେବୀ ଓ ସମାଜ ସୁଧାରକ ଭାବରେ ମଧ୍ୟ ନିଜର ପରିଚୟ ବାଢିଥାନ୍ତି । ଯେଉଁଥିରେ ଦାନର ପ୍ରକ୍ରିୟା କମ୍ ଏବଂ ଆତ୍ମ–ପ୍ରଚାର ତଥା ଆତ୍ମ–ପ୍ରସାରର ସ୍ପଷ୍ଟ ଗନ୍ଧ ବାରିହୁଏ । ଏହି ପରିପ୍ରେକ୍ଷୀରେ, କିଛି ଘଟଣାକୁ ତୃଣମୂଳ ସ୍ତରରେ ଅନୁସନ୍ଧାନ କରିବା ପରେ, ଏହା ମଧ୍ୟ ଜ୍ଞାତସାରକୁ ଆସିଲା ଯେ ଉକ୍ତ ପ୍ରଚାର ଓ ପ୍ରସାର କାର୍ଯ୍ୟକ୍ରମରେ ପଛଦ୍ୱାରର ବ୍ୟବସ୍ଥା ମଧ୍ୟ କାର୍ଯ୍ୟ କରିଥାଏ । ଏତଦ୍‌ବ୍ୟତୀତ, ସମାଜରେ କିଛି ବ୍ୟକ୍ତି ବିଭିନ୍ନ ସାମାଜିକ କଲ୍ୟାଣମୂଳକ କାର୍ଯ୍ୟ ତଥା ଗରିବ, ଅଭାବୀ ଓ ଅସହାୟ ବ୍ୟକ୍ତିଙ୍କୁ ସହାୟତା ପ୍ରଦାନ ଉଦ୍ଦେଶ୍ୟରେ ବିଭିନ୍ନ ସରକାରୀ ଯୋଜନା ମାଧ୍ୟମରେ ଉପଲବ୍ଧ ବିଭିନ୍ନ ଅନୁଦାନ ରାଶି ଏବଂ ବିଦେଶରୁ ମଧ୍ୟ କିଛି ସୁପ୍ରତିଷ୍ଠିତ ଓ ବଦାନ୍ୟ ବ୍ୟକ୍ତି ବିଶେଷ ଏବଂ ସଂସ୍ଥାଙ୍କ ଠାରୁ ସହାୟତା ଅର୍ଥ ପାଇବା ନିମନ୍ତେ ବିଭିନ୍ନ ବେସରକାରୀ ସଂସ୍ଥା (NGO) ତଥା ସ୍ୱେଚ୍ଛାସେବୀ ସଂଗଠନ ଏବଂ ଟ୍ରଷ୍ଟ ଆକାରରେ ଅନେକ ଅନୁଷ୍ଠାନ ପଞ୍ଜୀକୃତ କରିଛନ୍ତି । କିନ୍ତୁ ବାସ୍ତବରେ, ସମାଜ କଲ୍ୟାଣରେ ସେମାନେ ପାଇଥିବା ଉକ୍ତ ଅନୁଦାନ ଟଙ୍କାର ସୁବିନିଯୋଗ ନହୋଇ, ଅଧିକାଂଶ ଅର୍ଥ ବାଟମାରଣା ହୁଏ । ପରବର୍ତ୍ତୀ ମୁହୂର୍ତ୍ତରେ, କୌଣସି ଉପାୟରେ କାରସାଦି କରି ଅର୍ଥ ପ୍ରଦାନ କରିଥିବା ସଂସ୍ଥା କିମ୍ବା ବ୍ୟକ୍ତିଙ୍କୁ ଦାନ ଅର୍ଥର ସୁବିନିଯୋଗ ରିପୋର୍ଟ ସଠିକ ପ୍ରଦାନ

**କିଛି ଏମିତି ବଦାନ୍ୟ ବ୍ୟକ୍ତି ମଧ୍ୟ ସମାଜରେ ଅଛନ୍ତି, ଯେଉଁମାନେ କି କେଉଁ ଦରକାରୀ ଲୋକ ନିକଟକୁ ସାହାଯ୍ୟ କରିବାକୁ ଯିବା ପୂର୍ବରୁ କିଛି ଗଣମାଧ୍ୟମକୁ ଆଗରୁ ଜଣାଇଥାନ୍ତି । ଉକ୍ତ ଘଟଣାକୁ କ୍ୟାମେରାରେ ଆବଦ୍ଧ କରି ପରବର୍ତ୍ତୀ ମୁହୂର୍ତ୍ତରେ ସେମାନଙ୍କର ଚାନେଲ ମାଧ୍ୟମରେ ପ୍ରସାରିତ କରିବା ନିମନ୍ତେ ଯୋଜନା କରିଥାନ୍ତି । ସେମାନେ ସମାଜସେବୀ ଓ ସମାଜ ସୁଧାରକ ଭାବରେ ମଧ୍ୟ ନିଜର ପରିଚୟ ବାଢିଥାନ୍ତି । ଯେଉଁଥିରେ ଦାନର ପ୍ରକ୍ରିୟା କମ୍ ଏବଂ ଆତ୍ମ–ପ୍ରଚାର ତଥା ଆତ୍ମ–ପ୍ରସାରର ସ୍ପଷ୍ଟ ଗନ୍ଧ ବାରିହୁଏ ।**

କରାଯାଏ । ଫଳରେ, ଅର୍ଥର ପର କିସ୍ତି ମଧ୍ୟ ସେମାନେ ପାଇବାକୁ ସକ୍ଷମ ହୋଇଥାନ୍ତି ।

ତେବେ, ଜଣେ ମଣିଷର ସମାଜ ସହିତ ଏକ ଗଭୀର ସମ୍ପର୍କ ରହିଛି । ସେହି ଦୃଷ୍ଟିକୋଣରୁ, ସମାଜ ପ୍ରତି ଜଣେ ବ୍ୟକ୍ତି ପ୍ରତ୍ୟକ୍ଷ ଅବା ପରୋକ୍ଷ ଭାବରେ ଯେଉଁ ଋଣ ଗ୍ରହଣ କରିଛନ୍ତି, ତାର ପରିଶୋଧର ଏକ ବଡ ଅଂଶ ତଥା ପଦକ୍ଷେପ ହେଉଛି ନିଃସ୍ୱାର୍ଥ 'ଦାନ' । ଶାସ୍ତ୍ରରେ ପୂଜା ଏବଂ ପ୍ରାର୍ଥନା ସହିତ ଦାନ ଏବଂ ସତ୍‌କର୍ମକୁ ମଧ୍ୟ ବହୁତ ଗୁରୁତ୍ୱ ଦିଆଯାଇଛି । ବିଶ୍ୱାସ କରାଯାଏ ଯେ ଜଣେ ବ୍ୟକ୍ତି ନିଜ ରୋଜଗାରର ଦଶମାଂଶ ଗରିବ ଲୋକଙ୍କୁ ଦାନ କରିବା ଉଚିତ । ଦାନର ପ୍ରବୃତ୍ତି ହେଉଛି ଜଣେ ମଣିଷର ଉନ୍ନତ ଏବଂ ସମୃଦ୍ଧ ଆଧ୍ୟାତ୍ମିକ ସଂସ୍କୃତିର ଜୀବନ ଉପାଦାନ । ଗୀତାର ୧୭ତମ ଅଧ୍ୟାୟରେ ଶ୍ରୀକୃଷ୍ଣ ସାତ୍ତ୍ୱିକ ଦାନ ବିଷୟରେ ବର୍ଣ୍ଣନା କରି କହିଛନ୍ତି, 'ଯେଉଁ ବ୍ୟକ୍ତି ସ୍ଥାନ, ସମୟ ଏବଂ ଗ୍ରହୀତାଙ୍କୁ ବିଚାର କରି ଦାନ କରିବା ଉଚିତ ବୋଲି ଭାବି ପ୍ରତିଦାନ କରେ ନାହିଁ, ତାହାକୁ ସାତ୍ତ୍ୱିକ ଦାନ କୁହାଯାଏ ।' ଯେଉଁ ଦାନ ହେଉଛି ସର୍ବୋତ୍ତମ ଦାନ । ପ୍ରାୟତଃ ଦେଖାଯାଏ, ଯେତେବେଳେ ଜଣେ ବ୍ୟକ୍ତି କାହାକୁ କିଛି ଦିଅନ୍ତି, ସେ ନିଶ୍ଚିତ ଭାବରେ ପ୍ରତିବଦଳରେ କିଛି ଅନୁଗ୍ରହ ଆଶା କରିଥାନ୍ତି । ଏହି ପ୍ରବୃତ୍ତି ଦାନର ପ୍ରକୃତ ସୌନ୍ଦର୍ଯ୍ୟକୁ ନଷ୍ଟ କରିଦିଏ । ଦାନର ସରଳ ଅର୍ଥ ହେଉଛି କୌଣସି ଜିନିଷ ଉପରେ ନିଜର ଅଧିକାର ତ୍ୟାଗ କରି ଅନ୍ୟ କାହାର ଅଧିକାର ସ୍ଥାପନ କରିବା । ଯେଉଁଥିଲାଗି, କୌଣସି ଜିନିଷ ବିନିମୟରେ ନିଆଯାଏ ନାହିଁ । ଦାନର ମୂଳ ଅର୍ଥ ହେଉଛି ଖାଦ୍ୟ, ଟଙ୍କା ଇତ୍ୟାଦି ଭୌତିକ ଜିନିଷ, ଯାହା ଜଣେ ବ୍ୟକ୍ତି ନ୍ୟାୟପୂର୍ଣ୍ଣ ଓ ସଚ୍ଚୋଟ ଉପାୟରେ ଅର୍ଜିତ କରିଛନ୍ତି, ତାହା ନିଜର ସାମର୍ଥ୍ୟ ଅନୁସାରେ ଜଣେ ଯୋଗ୍ୟ ବ୍ୟକ୍ତିଙ୍କୁ ଦାନ କରିବା ଏବଂ ନିଜ ସମ୍ପତ୍ତିକୁ ଅନ୍ୟମାନଙ୍କ ସମ୍ପତ୍ତିରେ ପରିଣତ କରିବା ।

ପୁରାଣର ବର୍ଣ୍ଣନା ଅନୁସାରେ, ବୃତ୍ତାସୁରର ଆକ୍ରମଣ ଯୋଗୁଁ ଦେବତାମାନଙ୍କ ଦଳ ପରାଜୟ ସ୍ୱୀକାର କରିଥିଲେ । ତାଙ୍କଠାରୁ ନିଜକୁ ରକ୍ଷା କରିବା ଏବଂ ତାଙ୍କୁ ମାରିବା ପାଇଁ ଦଧିଚିଙ୍କ ଅସ୍ଥି ଆବଶ୍ୟକ ଥିଲା । ଯେତେବେଳେ ଦେବତାମାନେ ଦଧିଚିଙ୍କ ନିକଟକୁ ଯାଇ ପ୍ରାର୍ଥନା କଲେ, ସେ ଖୁସିରେ ନିଜକୁ ବଳିଦାନ ଦେଲେ ଏବଂ ମାନବ ଜାତିକୁ ଅମର କରିଥିଲେ । ସେ କହିଥିଲେ – 'ମୁଁ ଘୋଷଣା କରୁଛି ଯେ ଯେତେବେଳେ ବିଶ୍ୱ କୌଣସି ସଙ୍କଟର ସମ୍ମୁଖୀନ ହେବ, ଏହି ମଣିଷ ରକ୍ତ, ହାଡ଼ ଏବଂ ଜୀବନ ଦାନ କରିବ' । ଏହି ଦାନ ଶତ୍ରୁକୁ ପରାସ୍ତ କରିବାରେ ଏକ ମହାନ ଦାନ । ତେଣୁ, ମଣିଷ ହେଉଛି ସବୁଠାରୁ ବଡ଼ ଦାତା । ତୁଳସୀ ଦାସ ଲେଖିଛନ୍ତି , 'ମାନବ ଶରୀର ପାଇବା ଏକ ବଡ଼ ଭାଗ୍ୟର ବିଷୟ' । ଏହି ମଣିଷ ଜଣେ ସାଧାରଣ ମଣିଷ ନୁହେଁ । ସେ 'ହିମାଳୟ ଅପେକ୍ଷା ଉଚ୍ଚ, ସମୁଦ୍ର ଅପେକ୍ଷା ଗଭୀର ଅଟେ' । ତେବେ, ଜଣେ ମଣିଷ ପାଇଁ ଏତେ ପ୍ରଶଂସା କାହିଁକି ? କାରଣ କେବଳ ମଣିଷ ହିଁ ଦାନ ଦେଇପାରିବେ । ଏହି ପ୍ରକାରରେ ଦାନ ହେଉଛି ମଣିଷର ମହାନ କାର୍ଯ୍ୟ ମଧ୍ୟରୁ ଗୋଟିଏ, ଯାହା କେବେ ନଷ୍ଟ ହୁଏ ନାହିଁ । ସେଥିପାଇଁ କୁହାଯାଏ –'ଦାନେନ ତୁଲ୍ୟୋ ବିଧିରସ୍ତି ନାନୟୋ' । ଅର୍ଥ – ଦାନଠାରୁ ଭଲ ଅନ୍ୟ କୌଣସି ପଦ୍ଧତି ନାହିଁ , କିମ୍ବା ଏହାର ଅନ୍ୟ କିଛି ବିକଳ୍ପ ନାହିଁ । ଶ୍ରୀରାମଚରିତ ମାନସ (ଲଙ୍କା କାଣ୍ଡ )ରେ 'ଦାନ ପରସୁ ବୁଦ୍ଧି ଶକ୍ତି ପ୍ରଚଣ୍ଡ' ବୋଲି ଉଲ୍ଲେଖ ଅଛି । ଏଥିରେ ଦାନକୁ ପରାଶକ କୁହାଯାଏ । ଯେପରି ଗଛ ଏବଂ ପର୍ବତକୁ କୁରାଢ଼ି ଦ୍ୱାରା କଟାଯାଏ, ସେହିପରି ଦାନ ସହିତ ସମସ୍ତ ପାପ କଟାଯାଏ । ଦାନ ସହିତ ସମସ୍ତ ଦୁଃଖ ମଧ୍ୟ କଟିଯାଏ ।

ତେବେ, ନିଃସ୍ୱାର୍ଥପର ଭାବରେ ଦିଆଯାଇଥିବା ଉକ୍ତ ଦାନ ଆଧ୍ୟାତ୍ମିକତାର ପଥ ପ୍ରଶସ୍ତ କରେ । ଏହା ମଣିଷର ମାନସିକ ସ୍ତରରେ ଥିବା ଅହଂକାର, ଲୋଭ ଏବଂ ସ୍ୱାର୍ଥପରତାକୁ ନଷ୍ଟ କରିବା ସହ ତାର ଚିନ୍ତାଧାରାରେ ଆନନ୍ଦ ଓ ନମ୍ରତା ଉଜାଗର କରେ । ଏଥିସହ, ଏହା ମଣିଷର ଆଧ୍ୟାତ୍ମିକ ଜୀବନରେ ବାଧା ସୃଷ୍ଟି କରୁଥିବା ଭୌତିକ ଜିନିଷ ପ୍ରତି ଆସକ୍ତିକୁ ହ୍ରାସ କରେ ଏବଂ ବ୍ୟକ୍ତିକୁ ସୁଖ ଏବଂ ଶାନ୍ତିର ପଥରେ ନେଇଯାଏ । ଅନ୍ୟ ଏକ ଅର୍ଥରେ, ଦାନ କେବଳ ଜଣେ ଅଭାବୀ ବ୍ୟକ୍ତିକୁ ଟଙ୍କା ଆକାରରେ ନୁହେଁ, ବିଭିନ୍ନ ରୂପ ତଥା ଆକାରରେ ମଧ୍ୟ ଦିଆଯାଇ ପାରିବ । ଏମିତିକି ଦାନ ଦେଉଥିବା ବ୍ୟକ୍ତି ଯେଉଁଥିରେ ସକ୍ଷମ ତଥା ଶକ୍ତ ସେ ସେହି ରୂପରେ ଆଉ ଜଣେ ଦରକାରୀ ବ୍ୟକ୍ତିକୁ ଦାନ ଦେଇପାରିବେ । ଯେମିତିକି, ଯେଉଁ ବ୍ୟକ୍ତି ଅର୍ଥରେ ସକ୍ଷମ ସେ ଟଙ୍କା ଦାନ, ସମ୍ପତ୍ତିରେ ସକ୍ଷମ ଥିବା ବ୍ୟକ୍ତି ସମ୍ପତ୍ତି, ଭରପୂର ଖାଦ୍ୟଦ୍ରବ୍ୟ ଥିବା ବ୍ୟକ୍ତି ଭୋଜନ, ଜ୍ଞାନୀ ଲୋକ ଶିକ୍ଷା ଓ ବୁଦ୍ଧି, ଶାରୀରିକ ସ୍ତରରେ ଶକ୍ତ ଥିବା ବ୍ୟକ୍ତି ଶ୍ରମ ଦାନ ଏମିତି ବିଭିନ୍ନ ରୂପରେ ପ୍ରଦାନ କରିପାରିବେ । ଅତଏବ, ଆଜିର ସମାଜରେ ପ୍ରତ୍ୟକ ବ୍ୟକ୍ତି ନିଜର ମନ, ହୃଦୟ ଓ ଚିନ୍ତାଧାରାକୁ ସାମାନ୍ୟ ବଡ କରି, ପ୍ରତିଟି ବ୍ୟକ୍ତି କିପରି ସମାଜରେ ଖୁସିରେ ରହିବେ ତାକୁ ଅନ୍ତରରେ ଅନୁଭବ କରି, ନିଜ ଅର୍ଜିତ ଧନ, ସମ୍ପତ୍ତି, ଜ୍ଞାନ, ଶକ୍ତି ଆଦିର କିଛି ଅଂଶ ଅଭାବୀ ବ୍ୟକ୍ତିଟିଏକୁ ନିଃସ୍ୱାର୍ଥ ଓ ନିଃସର୍ତ୍ତରେ ପ୍ରଦାନ କରିବା ଉଚିତ । ଉକ୍ତ ଦାନ ପାଇ ଦରକାରୀ ଲୋକଟିର ଓଠରେ ଫୁଟି ଉଠିଥିବା ହସ ମଧ୍ୟରେ ନିଜ ଜୀବନର ବାସ୍ତବ ଖୁସିକୁ ଅନୁଭବ କରିବା ଜରୁରୀ ।

**ବନ୍ଦାଳ, ଟାଙ୍ଗୀ,**
**କଟକ–୭୫୪୦୨୨**
**ମୋ– ୯୩୩୭୮୯୭୬୫୦**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଭାରତ-ବ୍ରିଟେନ୍...

ପଦକ୍ଷେପ ସ୍ଥାନ ପାଇଛି । ଟେଲି ଯୋଗାଯୋଗ ଓ ବିରଳ ଧାତବ ଏଆଇ ଓ ବୈଷୟିକ ସ୍ୱାସ୍ଥ୍ୟ, ଅଗ୍ରଣୀ ପ୍ରତିରକ୍ଷା, ସୁରକ୍ଷା କ୍ଷେତ୍ରରେ ସହଭାଗିତା ନେଇ ଆଲୋଚନା କରାଯାଇଛି । ସେହିଭଳି ଲାଇଟ୍ ୱେଟ୍ ମଲ୍ଟିରୋଲ୍ ମିଶାଇଲ (ଏଲ୍ଏମ୍ଏମ୍) ସିଷ୍ଟମ କିଣିବା ପାଇଁ ଦୁଇ ଦେଶ ମଧ୍ୟରେ ଚୁକ୍ତି କରାଯାଇଛି । ଭାରତ ଓ ବ୍ରିଟେନ୍ ମଧ୍ୟରେ ୪୬୮ ନିୟୁତ ଡଲାରର ଏକ ପ୍ରତିରକ୍ଷା ଚୁକ୍ତି ସ୍ୱାକ୍ଷରିତ ହୋଇଛି । ପୂର୍ବେ ଏଲଏମଏମ୍ କ୍ଷେପଣାସ୍ତ୍ର ଆସିବ ଭାରତୀୟ ସେନାର କ୍ଷମତା ବୃଦ୍ଧି ପାଇବ । କେବଳ ପଦାତିକ ବାହିନୀ ନୁହେଁ, ବାୟୁସେନା ଓ ନୌସେନା ମଧ୍ୟ ଏହାକୁ ବ୍ୟବହାର କରିପାରିବେ । ବ୍ରିଟେନ୍ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଭାରତ ଓ ବ୍ରିଟେନ୍ ମଧ୍ୟରେ ସମ୍ପର୍କ ଗଣତାନ୍ତ୍ରିକ ମୂଲ୍ୟବୋଧ, ସ୍ୱାଧୀନତା ଓ ଆଇନ୍‌ର ବ୍ୟବସ୍ଥା ଉପରେ ଆଧାରିତ । ବିଶ୍ୱରେ ଏବେ ଅସ୍ଥିରତା ଦେଖାଦେଇଛି । ଆମର ସହଭାଗିତା ଏ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ । ଆମେ ନୂଆ ଆଧୁନିକ ସହଭାଗିତା ଉପରେ ଦୃଷ୍ଟି ଦେଉଛୁ । ଭାରତ ସରକାର ୨୦୪୭ ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟରେ ବ୍ରିଟେନ୍ ବଡ ସହଯୋଗୀ ରହିବ । ଉଭୟ ଦେଶ ମଧ୍ୟରେ ଏଆଇ ଅତ୍ୟାଧୁନିକ ଟେକ୍ ଯୋଗାଯୋଗ ଓ ପ୍ରତିରକ୍ଷା ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବ । ଉଭୟ ନେତାଙ୍କ ମଧ୍ୟରେ ଏହି ବୈଠକ ଅନେକ ସକାରାତ୍ମକ ଦିଗକୁ ଇଙ୍ଗିତ କରୁଛି । ପ୍ରଧାନମନ୍ତ୍ରୀ ମୋଦି ସୁରକ୍ଷା ସହଯୋଗ ଉପରେ ନୂଆ ପଦକ୍ଷେପ ନେଇ ସୂଚନା ଦେଇଛନ୍ତି । ଉଭୟ ନେତା ଏପ୍ରିଲ ୨୦୨୫ରେ ଜମ୍ମୁ-କାଶ୍ମୀରର ପହଲଗାମରେ ହୋଇଥିବା ଆତଙ୍କୀ ଆକ୍ରମଣକୁ ନିନ୍ଦା କରିଛନ୍ତି । ସେହିଭଳି ବିଶ୍ୱରେ ଆତଙ୍କବାଦର ନିପାତ ପାଇଁ ଉଭୟ ପରସ୍ପରକୁ ସହଯୋଗ କରିବେ ବୋଲି କହିଛନ୍ତି । ଭାରତରେ ୯ ବ୍ରିଟେନ୍ ବିଶ୍ୱବିଦ୍ୟାଳୟର କ୍ୟାମ୍ପସ ଖୋଲିବ । ବ୍ରିଟେନ୍ ପ୍ରଧାନମନ୍ତ୍ରୀଙ୍କ ସହ ପ୍ରଭାବଶାଳୀ ଶିକ୍ଷା ପ୍ରତିନିଧି ଦଳ ଆସିଛନ୍ତି । ସାମରିକ ତାଲିମ କ୍ଷେତ୍ରରେ ସହଯୋଗ ପାଇଁ ଚୁକ୍ତି ସ୍ୱାକ୍ଷର କରାଯାଇଛି । ଏହି ଚୁକ୍ତି ଅନୁଯାୟୀ ଭାରତୀୟ ବାୟୁସେନାର ଫ୍ଲାଇଂ ପ୍ରଶିକ୍ଷକମାନେ ୟୁକେର ରୟାଲ ବାୟୁସେନାର ପ୍ରଶିକ୍ଷକ ଭାବେ କାର୍ଯ୍ୟ କରିବେ । ବ୍ରିଟେନରେ ରହୁଥିବା ୧.୮ ନିୟୁତ ଭାରତୀୟ ଆମ ସହଭାଗିତାରେ ଏକ ଗତିଶୀଳ ସଂଯୋଗ । ବ୍ରିଟିଶ ସମାଜ ଏବଂ ଅର୍ଥନୀତିରେ ସେମାନଙ୍କ ମୂଲ୍ୟବାନ ଅବଦାନ ମାଧ୍ୟମରେ ସେମାନେ ଆମ ଦୁଇଦେଶ ମଧ୍ୟରେ ବନ୍ଧୁତା, ସହଯୋଗ ଏବଂ ବିକାଶର ସେତୁକୁ ମଜଭୁତ କରିଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

## ବଣିକ...

ଥିବା ଅନଲାଇନ୍ ପରୀକ୍ଷା କେନ୍ଦ୍ରରେ କ୍ରାଇମବ୍ରାଞ୍ଚ ଚଢାଉ କରି ସିଲ୍ କରିଥିବା ବେଳେ ଗୁରୁବାର ବଣିକ କୋଚିଂ ସେଣ୍ଟରରେ ଚଢାଉ ହୋଇଛି । ଡିଏସପିଙ୍କ ନେତୃତ୍ୱରେ ତିନିଜଣିଆ ଟିମ୍ ଗୁରୁବାର ଅପରାହ୍ନରେ ବଣିକ କୋଚିଂସେଣ୍ଟରରେ ପହଞ୍ଚିଥିଲେ । କୋଚିଂସେଣ୍ଟରରେ କାର୍ଯ୍ୟରତ ଥିବା କର୍ମଚାରୀଙ୍କୁ କ୍ରାଇମବ୍ରାଞ୍ଚରୁ ଆସିଥିବା ସୂଚନା ଦେଇ ଭିତରକୁ ଯାଇ କମ୍ପ୍ୟୁଟର ଓ ଲାପଟପ୍‌କୁ ଜାବ୍ଦ କରିନେଇଥିଲେ । ଏହିପରିକି କରିବାନୁଯାୟୀ କମ୍ପ୍ୟୁଟର ଓ ଲାପଟପରେ ୨୫ବର୍ଷର ନିଯୁକ୍ତି ରେକର୍ଡ ଥିବାରୁ ତାହାକୁ ଆମେ ତନ ତନ କରି ଯାଞ୍ଚ କରୁଛୁ । ବଣିକ କୋଚିଂସେଣ୍ଟରରେ ବିଭିନ୍ନ ପ୍ରକାର ସରକାରୀ ଚାକିରି ପାଇଁ ଆଶାୟୀଙ୍କୁ କୋଚିଂ ଦିଆଯାଉଥାଏ । ଏସ୍ଆଇ ଘୋଟାଲାରେ କାର୍ପେଟବାର ଶଙ୍କର ପୁଷ୍ଟି ରଘୁନାଥପୁରରେ ଅନ୍ଲାଇନ୍ ପରୀକ୍ଷା କେନ୍ଦ୍ର କରିବା ସହ ବଣିକ କୋଚିଂସେଣ୍ଟରକୁ ବାରମ୍ବାର ଆସେ । କାରଣ ବଣିକ କୋଚିଂସେଣ୍ଟରରେ ୨୫ଲକ୍ଷ ଟଙ୍କା ଦେଉଥିବା ଆଶାୟୀଙ୍କୁ କୋଚିଂ ଦିଆଯାଉଥିବା ନେଇ ସୂଚନା ମିଳିଛି । ଗିରଫ ହୋଇଥିବା ଆଶାୟୀଙ୍କ ମଧ୍ୟରେ ବଣିକର ପିଲା ଥିବାରୁ କ୍ରାଇମବ୍ରାଞ୍ଚର ସନ୍ଦେହ ଦୃଢ଼ୀଭୂତ ହୋଇଥିଲା ।

ଗିରଫ ଆଶାୟୀଙ୍କ ବୟାନ ରେକର୍ଡ ଅନୁଯାୟୀ ସୋମବାରେ ଚଢାଉ କରାଯାଇଥିବା ତଦନ୍ତକାରୀ ଅଫିସର ଗଣମାଧ୍ୟମକୁ କହିଛନ୍ତି । କମ୍ପ୍ୟୁଟର ଓ କାଗଜପତ୍ର ପ୍ରଭୃତି ଯାଞ୍ଚ କରି ଆବଶ୍ୟକ ଦସ୍ତାବିଜ୍ କ୍ରାଇମବ୍ରାଞ୍ଚ ସଂଗ୍ରହ କରୁଛି । ଏସ୍ଆଇ ନିଯୁକ୍ତି ଘୋଟାଲାରେ ବଣିକର ସମ୍ପୃକ୍ତି ଥିବା କୁହାଯାଉଥିବା ବେଳେ ମାଲିକ ସୁବ୍ରତ ଛାଟୋଇ ସମ୍ପୂର୍ଣ୍ଣ ଖଣ୍ଡନ କରିଛନ୍ତି । ତାଙ୍କ କହିବାନୁଯାୟୀ ବଣିକ ୧୫ବର୍ଷର କୋଚିଂସେଣ୍ଟର । ଏଠାରେ ଭଲ ଟିୟୁଟରଙ୍କୁ ନିଯୁକ୍ତି ଦିଆଯାଇ ବିଭିନ୍ନ ସରକାରୀ ପରୀକ୍ଷା ଚାକିରି ପାଇଁ କୋଚିଂ ଦିଆଯାଏ । ତେଣୁ ଚାକିରି ଆଶାୟୀମାନେ ଏଠାରେ ନାମ ଲେଖାଇ ପାଠ ପଢିବା ପାଇଁ ଆଗ୍ରହ ପ୍ରକାଶ କରନ୍ତି । କୋଚିଂସେଣ୍ଟର ମାଲିକ ଏହା କହୁଥିବା ବେଳେ କ୍ରାଇମ୍‌ବ୍ରାଞ୍ଚର ତଦନ୍ତକାରୀ ଅଫିସର କହିଛନ୍ତି, ବଣିକ ବିଷୟରେ ଘୋଟାଲାକୁ ନେଇ ଆମ ପାଖରେ ସୂଚନା ନଥିଲେ ଆମେ କାହିଁକି ଏଠାକୁ ଆସିଥାନ୍ତୁ । କ'ଣ ଜବତ କଲେ ବୋଲି ପଚରା ଯିବାରୁ ଆବଶ୍ୟକ ଦସ୍ତାବିଜ୍ ଜବତ କରାଯାଇଥିବା ଚଢାଉରେ ସାମିଲ ଥିବା ଟିମ୍ ସୂଚନା ଦେଇଛନ୍ତି ।

## ମୁକ୍ତ...

ଅପରାଧିକ ସମ୍ପୃକ୍ତି ନେଇ ଘୋଷଣାନାମା ମୁଦ୍ରିତ ଗଣମାଧ୍ୟମରେ ପ୍ରକାଶ କରିବା ସହ ଆୟୋଗଙ୍କୁ ଏ ବାବଦରେ ଅବଗତ କରାଇବା ବାଧ୍ୟତାମୂଳକ କରାଯାଇଛି । ଦଳ ଓ ପ୍ରାର୍ଥୀଙ୍କ ଖର୍ଚ୍ଚର ବିବରଣୀ, ତାରକା ପ୍ରଚାରକଙ୍କ ତାଲିକା ଏବଂ ଆଦର୍ଶ ଆଚରଣ ବିଧିର ସଠିକ୍ ଅନୁପାଳନ ନେଇ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା । ଚଳିତବର୍ଷ ଭାରତ ନିର୍ବାଚନ ଆୟୋଗଙ୍କ ମାର୍ଗଦର୍ଶିକା ଅନୁଯାୟୀ ପ୍ରତି ବୁଥରେ ଭୋଟର ସଂଖ୍ୟା ୧୨୦୦ ମଧ୍ୟରେ ସୀମିତ କରାଯାଇଛି । ଚଳିତ ଉପନିର୍ବାଚନରେ ୧,୨୪,୧୦୮ ଜଣ ପୁରୁଷ ଭୋଟର ରହିଥିବାବେଳେ ୧,୨୯,୪୯୫ ଜଣ ମହିଳା, ୨୧ ଜଣ ତୃତୀୟ ଲିଙ୍ଗ ଭୋଟରଙ୍କ ସହ ମୋଟ ୨,୫୩,୬୨୪ ଜଣ ଭୋଟର ଚୂଡ଼ାନ୍ତ ଭୋଟର ତାଲିକାରେ ସ୍ଥାନ ପାଇଛନ୍ତି । ଚୂଡ଼ାନ୍ତ ଭୋଟର ତାଲିକାରେ ୯,୪୨୯ ଜଣ ଯୁବ ଭୋଟର ରହିଥିବାବେଳେ ୩୯୮୮ ଜଣ ଦିବ୍ୟାଙ୍ଗ ଭୋଟର ଏବଂ ୧୭୮୬ ଜଣ ବରିଷ୍ଠ ନାଗରିକ (୮୫ ବର୍ଷରୁ ଊର୍ଦ୍ଧ୍ୱ) ରହିଛନ୍ତି । ଉପନିର୍ବାଚନ ପାଇଁ ୫୬ଟି ନୂତନ ବୁଥ୍ ପ୍ରତିଷ୍ଠା ହୋଇଛି । ଏହି ବୈଠକରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିଙ୍କ ସମେତ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶାନ୍ତ କୁମାର ମିଶ୍ର, ଅତିରିକ୍ତ ଶାସନ ସଚିବ ପ୍ରମୋଦ କୁମାର ସାହୁ ଓ ରାମଚନ୍ଦ୍ର କିସ୍କୁ, ଯୁଗ୍ମ ଶାସନ ସଚିବ ଗୋପୀନାଥ କୁଅଁର, ଉପମୁଖ୍ୟ ନିର୍ବାଚନ ଅଧିକାରୀ ଡ. ଲକ୍ଷ୍ମୀ ପ୍ରସାଦ ସାହୁ ଓ ଅନାମିକା ସିଂହ ପ୍ରମୁଖ ଉପସ୍ଥିତ ଥିଲେ ।

## ବ୍ୟବସାୟୀଙ୍କୁ...

ଜୈନ ନିଜ ହୋଟେଲରୁ ଏକ ସ୍କୁଟି ଯୋଗେ ନିଜ ଘରକୁ ଫେରୁଥିବା ବେଳେ ପଛ ପଟରୁ ଏକ ଧଳା ରଙ୍ଗର ନମ୍ବର ବିହୀନ ବୋଲେରୋ ଗାଡି ଷ୍ଟେସନରୁ ପିଛା କରି ଆସୁଥିବା ବେଳେ ଟିଟିଲାଗଡ଼ ବିଡିସିସି ବ୍ୟାଙ୍କ ସମ୍ମୁଖରେ ନିଛାଟିଆ ସ୍ଥାନ ଦେଖି ଜୋରରେ ସ୍କୁଟି ଉପରେ ବୋଲେରୋ ଗାଡି ଚଢାଇ ମାରିଦେବାର ଉଦ୍ୟମ କରି ଦ୍ରୁତ ଗତିରେ ଫେରାର ମାରିଥିଲା । ଗୁରୁତର ଅବସ୍ଥାରେ ଶିବ ଜୈନଙ୍କୁ ପରିବାର ଲୋକେ ଉଦ୍ଧାର କରି ଟିଟିଲାଗଡ଼ ମୁଖ୍ୟ ଡାକ୍ତର ଖାନାରେ ଭର୍ତି କରିଥିଲେ । ଶିବ ଦୟାଲର ମୁଣ୍ଡ ଏବଂ ହାତରେ ଗଭୀର ଆଘାତ ଲାଗିଥିବା ବେଳେ ଶରୀରର ଅନେକ ସ୍ଥାନରେ ଆଘାତ ଲାଗିଛି । ସିସି ଟିଭି କୁ ଅନୁଧ୍ୟାନ କରିବା ପରେ ଉକ୍ତ ନମ୍ବର ବିହୀନ ବୋଲେରୋ ଗାଡି ଟି ଷ୍ଟେସନ ପରିସରରୁ ହିଁ ଶିବ ଦୟାଲ ଜୈନ ପଛରେ ପିଛା କରୁଥିବା ଜଣାପଡୁଛି । ଘଟଣା ନେଇ ଆହତ ଶିବ ଦୟାଲ ଟିଟିଲାଗଡ଼ ଥାନାରେ ଏକ ମାମଲା ରୁଜୁ କରିବା ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିଲା । ଉକ୍ତ ନମ୍ବର ବିହୀନ ବୋଲେରୋ ଗାଡିଟି ଟିଟିଲାଗଡ଼ ନୀଳଚକ୍ର ନଗରର ସ୍ଥାନୀୟ ବିଧାୟକଙ୍କ ମୁଖ୍ୟ ପରାମର୍ଶ ଦାତା କୁହାଯାଉଥିବା ଅଙ୍କୁର ଅଗ୍ରୱାଲଙ୍କ ନାମରେ ରହିଥିବା ବେଳେ ଉକ୍ତ ଗାଡିର ଡ୍ରାଇଭର କୁଆଡେ ଅଙ୍କୁର ଅଗ୍ରୱାଲଙ୍କ ଇସାରା ରେ ସମ୍ପୃକ୍ତ ହୋଟେଲ ମାଲିକ ତଥା ଯୁବ ବ୍ୟବସାୟୀଙ୍କୁ ଗାଡି ଚପାଇ ହତ୍ୟା କରିବାପାଇଁ ସୁପାରୀ କିଲର ଭାବରେ ନିୟୋଜିତ କରିଥିବା ନେଇ ଏବେ ସହରରେ ଚର୍ଚ୍ଚା ଜୋର ଧରିଛି । ପୋଲିସ ମୋବାଇଲ କଲ ରେକର୍ଡ ଏବଂ ବିଭିନ୍ନ ପ୍ରମାଣ କୁ ଆଧାର କରି ବିଳମ୍ବିତ ରାତ୍ରି ରେ ଅଙ୍କୁର ଅଗ୍ରୱାଲଙ୍କୁ ନିଜ ବାସ ଭବନ ରୁ ଉଠାଇ ଆଣି ଟିଟିଲାଗଡ଼ ଥାନାରେ ରଖି ପଚରା ଉଚରା ଜାରି ରଖିଥିଲା । ଏହି ଘଟଣା ଉପରେ ପୋଲିସ ପ୍ରଶାସନ କୌଣସି ପ୍ରତିକ୍ରିୟା ଦେବାକୁ ମନା କରିଥିବା ବେଳେ ଟିଟିଲାଗଡ଼ ଏସ ଡି ପି ଓ ଏନେଇ କୌଣସି ସୂଚନା ପାଇନଥିବା କହିଥିବା ବେଳେ ଲୋକେ ଯାହା ଶୁଣିଛନ୍ତି ଏସ ଡି ପି ଓ ମଧ୍ୟ ସେତିକି କଥା ଚର୍ଚ୍ଚା ଶୁଣିଥିବା କହିବା ବିଷୟ ସାଧାରଣରେ ଘଟଣା ର ନିରପେକ୍ଷ ତଦନ୍ତ ନେଇ ସନ୍ଦେହ ପ୍ରକାଶ ପାଇଛି । ହତ୍ୟା କରିବା ଉଦ୍ୟମ ନେଇ ଜଘନ୍ୟ କାଣ୍ଡ ଘଟାଇବାକୁ ଉଦ୍ୟମ କରୁଥିବା ମୁଖ୍ୟ ଅଭିଯୁକ୍ତକୁ ପୋଲିସ ସମସ୍ତ ପ୍ରକାର ସୁରକ୍ଷା ବ୍ୟବସ୍ଥା ଯୋଗାଇ ଦେବା ସହ ଗଣମାଧ୍ୟମ ଠାରୁ ଲୁଚାଇ ରଖିବା, ଘଟଣା ସମ୍ପର୍କ ରେ ମୁହଁ ନ ଖୋଲିବା, ଅଙ୍କୁର ଅଗ୍ରୱାଲ ଏବଂ ଅଭିଯୋଗକାରି ଶିବ ଦୟାଲ ଜୈନଙ୍କୁ ସଇଁତଲା ପୋଲିସ ଥାନାରେ ମିଳାମିଶା କରିବା ପାଇଁ ଉଦ୍ୟମ କରିବା ଘଟଣା ପୋଲିସ ର ନିରପେକ୍ଷ ତଦନ୍ତ ଉପରେ ପ୍ରଶ୍ନ ବାଚୀ ସୃଷ୍ଟି କରିଛି । ଯେଉଁଠି ସାଧାରଣ ଲୋକଙ୍କ ଜୀବନ ପ୍ରତି ବିପଦ ରହିଥିବା ବେଳେ ଜଣେ ଅସାମାଜିକ ବ୍ୟକ୍ତି ଯିଏ କି ବିଧାୟକଙ୍କ ଛତ୍ରଛାୟା ତଳେ ରହିଥିବା ବିଜେପି କର୍ମୀଙ୍କୁ ଘଟଣାର ଆପୋଷ ବୁଝାମଣା ନେଇ ଅଭିଯୋଗ କାରି ଉପରେ ଚାପ ପ୍ରୟୋଗ କରିବା ଘଟଣାକୁ ବିଭିନ୍ନ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । କୁଆଡେ ଏହି ଘଟଣାରେ ସମାଧାନ ପାଇଁ କୋଟିଏ ଟଙ୍କାର କାରବାର ହୋଇଥିବା ଏବେ ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି ।

## ଆଜିଠୁ...

ଅଞ୍ଚଳରେ ଉତ୍ତର-ପୂର୍ବ ମୌସୁମୀ ବର୍ଷାର ଆଗମନ ଆରମ୍ଭ ହେବାର ସମ୍ଭାବନା ରହିଛି । ଆସନ୍ତାକାଲି(ଶୁକ୍ରବାର) ସୁଦ୍ଧା ଉତ୍ତର-ବଙ୍ଗୋପସାଗର ଅଞ୍ଚଳରେ ପୁଣି ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହା ବିଶେଷ ଘନୀଭୂତ ହେବାର ସମ୍ଭାବନା ନାହିଁ । ତଥାପି କିଛି ସ୍ଥାନରେ ବିଜୁଳି ଘଡଘଡି ସହ ବର୍ଷା ଜାରି ରହିବ ।

ରାଜ୍ୟରୁ ଧୀରେ ଧୀରେ ବାୟୁ ଚଳାଚଳର ଦିଗ ବଦଳିବା ସହିତ ପଶ୍ଚିମ ଓଡ଼ିଶାର କିଛି ସ୍ଥାନରୁ ମୌସୁମୀ ବାୟୁ ବିଦାୟ ନେବା ପାଇଁ ପାଗ ଅନୁକୂଳ ହେବ । ଶୁକ୍ରବାର ଗଞ୍ଜାମ, ଗଜପତି, କନ୍ଧମାଳ, ମାଲକାନଗିରି, କେନ୍ଦ୍ରାପଡ଼ା, ଭଦ୍ରକ, ଜଗତସିଂହପୁର ଓ ମୟୂରଭଞ୍ଜ ଜିଲ୍ଲାର ସ୍ଥାନେ ସ୍ଥାନେ ପ୍ରବଳ ବର୍ଷା ହୋଇପାରେ । ଶନିବାର ଗଞ୍ଜାମ, ଗଜପତି, କୋରାପୁଟ ଓ ମାଲକାନଗିରି ଏବଂ ରବିବାର କନ୍ଧମାଳ, କୋରାପୁଟ, ମାଲକାନଗିରି ଓ ରାୟଗଡ଼ଶ ଜିଲ୍ଲାକୁ ପ୍ରବଳ ବର୍ଷା ଲାଗି ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହୋଇପାରେ ବୋଲି ଆକଳନ କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ।

# ରାଇରଙ୍ଗପୁରରେ ଖୋଲିବ ଇଗ୍ନୋର ନୂତନ ଆଞ୍ଚଳିକ କେନ୍ଦ୍ର

ନୂଆଦିଲ୍ଲୀ: ଓଡ଼ିଶାରେ ଉଚ୍ଚଶିକ୍ଷାର ଦ୍ରୁତପ୍ରସାର ପାଇଁ ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୋ) କର୍ତ୍ତୃପକ୍ଷ ଏକ ପ୍ରଶଂସନୀୟ ପଦକ୍ଷପ ସ୍ୱରୂପ ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁରଠାରେ ଏକ ଆଞ୍ଚଳିକ କେନ୍ଦ୍ର ଖୋଲିବା ପାଇଁ ନିଷ୍ପତ୍ତି ନେଇଛନ୍ତି । ରାଇରଙ୍ଗପୁର ଆଞ୍ଚଳିକ କେନ୍ଦ୍ର ଦ୍ୱାରା ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ ଏବଂ ଯାଜପୁର ଜିଲ୍ଲାରେ ଇଗ୍ନୋର ଉଚ୍ଚଶିକ୍ଷା ସମ୍ପର୍କିତ ବିଭିନ୍ନ ଗତିବିଧି ସମନ୍ୱିତ ହେବ ବୋଲି ଇଗ୍ନୋ ଆଞ୍ଚଳିକ କେନ୍ଦ୍ର ଭୁବନେଶ୍ୱରର ବରିଷ୍ଠ ଆଞ୍ଚଳିକ ନିର୍ଦ୍ଦେଶକ ଡ଼ ମନୋଜ କୁମାର ଦାଶ ଜଣାଇଛନ୍ତି । ବର୍ତ୍ତମାନ ସୁଦ୍ଧା ଏହି ଜିଲ୍ଲାଗୁଡିକରେ ଇଗ୍ନୋର କାର୍ଯ୍ୟକ୍ରମଗୁଡ଼ିକ ଭୁବନେଶ୍ୱର ଆଞ୍ଚଳିକ କେନ୍ଦ୍ର ଦ୍ୱାରା ପରିଚାଳିତ ହୋଇ ଆସୁଥିଲା । ଏହି ନୂତନ ଆଞ୍ଚଳିକ କେନ୍ଦ୍ର ପ୍ରତିଷ୍ଠା ଦ୍ୱାରା ଉପରୋକ୍ତ ଜିଲ୍ଲାଗୁଡିକରେ ଇଗ୍ନୋ, ବିଦ୍ୟାର୍ଥୀଙ୍କ ଆହୁରି ନିକଟରେ ପହଞ୍ଚିପାରିବ ବୋଲି ଡ ଦାଶ ଜଣାଇଛନ୍ତ । ବର୍ତ୍ତମାନ ସୁଦ୍ଧା ଓଡ଼ିଶାରେ ଇଗ୍ନୋର ତିନିଟି ଆଞ୍ଚଳିକ କେନ୍ଦ୍ର - ଭୁବନେଶ୍ୱର, କୋରାପୁଟ ଏବଂ ଅନୁଗୁଳ ଠାରେ କାର୍ଯ୍ୟକ୍ଷମ ଥିଲା । ଭାରତୀୟ ସଂସଦର ଏକ ଅଧିନିୟମ ଦ୍ୱାରା ପ୍ରତିଷ୍ଠିତ ଇଗ୍ନୋ ଏହାର ପ୍ରତିଷ୍ଠାର ଉଦ୍ଦେଶ୍ୟ ଅନୁଯାୟୀ କୋଣ ଅନୁକୋଣରେ ଉଚ୍ଚକୋଟୀର ଉଚ୍ଚ ଶିକ୍ଷା ସୁଲଭ ମୂଲ୍ୟରେ ପ୍ରଦାନ କରିଆସିଛି । ବଞ୍ଚିତ ବର୍ଗ, ଚାକିରି କରୁଥିବା ବ୍ୟକ୍ତି, ଗୃହିଣୀ ଏବଂ ଉଚ୍ଚକାଂକ୍ଷୀ ବିଦ୍ୟାର୍ଥୀଗଣ ଇଗ୍ନୋର ପାଠ୍ୟକ୍ରମରୁ ଉପକୃତ ହୋଇଆସିଛନ୍ତି ।

# ଜିଓ ପକ୍ଷରୁ ମାଗଣା "ଏଆଇ କ୍ଲାସରୁମ୍" ପାଠ୍ୟକ୍ରମ ଆରମ୍ଭ

ନୂଆଦିଲ୍ଲୀ: ଯେତେବେଳେ ଭାରତର ବିଶିଷ୍ଟ ଶିଳ୍ପପତି ମୁକେଶ ଅମ୍ବାନୀ "ସମସ୍ତଙ୍କ ପାଇଁ ଏଆଇ" ପାଇଁ କହିଥିଲେ, ସେତେବେଳେ କେହି ଭବିଷ୍ୟବାଣୀ କରିପାରି ନ ଥିଲେ ଯେ ଜିଓ ମାତ୍ର କିଛି ମାସ ମଧ୍ୟରେ ଏଆଇ କ୍ଲାସରୁମ୍ ଫାଉଣ୍ଡେସନ୍ କୋର୍ସ ଆରମ୍ଭ କରିବ । ଏହି ଚାରି ସପ୍ତାହର ପାଠ୍ୟକ୍ରମ ସମ୍ପୂର୍ଣ୍ଣ ମାଗଣା ଏବଂ ଏଆଇରେ ନିଜ ପକ୍ଷରୁ ଚେଷ୍ଟା କରିବାକୁ ଚାହୁଁଥିବା ଯେକୌଣସି ବ୍ୟକ୍ତିଙ୍କ ପାଇଁ ଉନ୍ମୁକ୍ତ ରହିଛି । ଇଣ୍ଡିଆ ମୋବାଇଲ୍ କଂଗ୍ରେସ ୨୦୨୫ ର ଉଦଘାଟନୀ ଦିନରେ ଏହି ଶୁଭାରମ୍ଭ ଘୋଷଣା କରାଯାଇଛି ।

କମ୍ପାନୀ ଅନୁଯାୟୀ, ଭାରତକୁ କୃତ୍ରିମ ବୁଦ୍ଧିମତ୍ତା କ୍ଷେତ୍ରରେ ଏକ ସୁପରପାୱାର କରିବା ମିଶନକୁ ଆଗକୁ ବଢ଼ାଇବା ପାଇଁ ଜିଓ ପିସି ଏବଂ ଜିଓ ଇନଷ୍ଟିଚ୍ୟୁଟ୍ ଏଆଇ କ୍ଲାସରୁମ୍ ଆରମ୍ଭ କରିଛନ୍ତି । ବ୍ୟକ୍ତିଗତ କମ୍ପ୍ୟୁଟର, ଡେସ୍କଟପ୍ କିମ୍ବା ଲାପଟପ୍ ବ୍ୟବହାର କରୁଥିବା ଯେକୌଣସି ବ୍ୟକ୍ତି ଏହି କୋର୍ସର ଲାଭ ନେଇପାରିବେ । ତେବେ, ପ୍ରମାଣପତ୍ର (ସାର୍ଟିଫିକେଟ) କେବଳ ଜିଓ ପିସି ବ୍ୟବହାର କରି କୋର୍ସ ସମାପ୍ତ କରୁଥିବା ବ୍ୟକ୍ତିଙ୍କ ପାଇଁ ଉପଲବ୍ଧ ହେବ । ଅନ୍ୟମାନଙ୍କୁ ଏକ ସମାପ୍ତି ବ୍ୟାଜ୍ ପ୍ରଦାନ କରାଯିବ । ଏହି ପାଠ୍ୟକ୍ରମଟି http://www.jio.com/ai-classroom ରେ ଉପଲବ୍ଧ ।

ଏଆଇ କ୍ଲାସରୁମ୍ ପାଠ୍ୟକ୍ରମ ଶିକ୍ଷାର୍ଥୀମାନଙ୍କୁ ବିଭିନ୍ନ ଏଆଇ ଉପକରଣ ଶିଖିବା ଏବଂ ବୁଝିବାର ସୁଯୋଗ ପ୍ରଦାନ କରିବ । ଏହି ପାଠ୍ୟକ୍ରମ ଛାତ୍ରଛାତ୍ରୀମାନଙ୍କୁ ଏଆଇର ମୌଳିକ ତତ୍ତ୍ୱଗୁଡ଼ିକୁ ବୁଝିବା, ସେମାନଙ୍କର ଜ୍ଞାନ ଏବଂ ଅଧ୍ୟୟନକୁ ସଂଗଠିତ କରିବା, ଡିଜାଇନ୍, କାହାଣୀ ଏବଂ ଉପସ୍ଥାପନା ସୃଷ୍ଟି କରିବା ଏବଂ ସମସ୍ୟା ସମାଧାନ ପାଇଁ ଏଆଇ ବ୍ୟବହାର କରିବା ପାଇଁ ସୁଯୋଗ ଦେବ ।

ଶୁଭାରମ୍ଭ ଅବସରରେ, ରିଲାଏନ୍ସ ଜିଓର ମୁଖପାତ୍ର କହିଛନ୍ତି, "ଆମେ ବିଶ୍ୱାସ କରୁଛୁ ଯେ ପ୍ରଯୁକ୍ତିର ପ୍ରକୃତ ଶକ୍ତି ପ୍ରତ୍ୟେକ ବ୍ୟକ୍ତିଙ୍କୁ ସଶକ୍ତ କରିବାର କ୍ଷମତାରେ ରହିଛି । ଜିଓ ଏଆଇ କ୍ଲାସରୁମ୍ ଆରମ୍ଭ ହେବା ସହିତ, ଆମେ ଯୁବ ପିଢ଼ି ତଥା ଛାତ୍ରଛାତ୍ରୀମାନଙ୍କୁ ଏଆଇ ପାଇଁ ପ୍ରସ୍ତୁତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଉଛୁ । ଏହି ପଦକ୍ଷେପ ସ୍କୁଲ ପିଲାମାନଙ୍କୁ କୃତ୍ରିମ ବୁଦ୍ଧିମତ୍ତା ସହିତ ପରିଚିତ କରାଇବ । ଆମେ ଏଆଇ ଶିକ୍ଷାରେ ଜିଓ ପିସି ଏବଂ ଜିଓ ଇନଷ୍ଟିଚ୍ୟୁଟର ଉପଲବ୍ଧତା ଏବଂ ଶୈକ୍ଷିକ ଉତ୍କର୍ଷତାକୁ ବ୍ୟବହାର କରିବାକୁ ପ୍ରତିବଦ୍ଧ । ଏହି ପଦକ୍ଷେପ ଏଆଇ ଶିକ୍ଷାକୁ ସମସ୍ତଙ୍କ ପାଇଁ ଉପଲବ୍ଧ କରିବ ଏବଂ ଏଆଇ ବିପ୍ଳବରେ କେହି ଯେପରି ପଛରେ ନପଡ଼ିବେ ତାହା ସୁନିଶ୍ଚିତ କରିବ ।"

ଜିଓ ପିସି ଉପଭୋକ୍ତାମାନେ ହୋମ୍ ସ୍କ୍ରିନରେ ଏକ ଡେସ୍କଟପ୍ ସର୍ଟକଟ୍ ମାଧ୍ୟମରେ ପାଠ୍ୟକ୍ରମକୁ ପ୍ରବେଶ କରିପାରିବେ । ଏହି ପାଠ୍ୟକ୍ରମ ମୋବାଇଲ୍ ଡିଭାଇସରେ କାମ କରିବ ନାହିଁ । ଯେଉଁମାନେ ଜିଓ ପିସି ମାଧ୍ୟମରେ ପାଠ୍ୟକ୍ରମ ନେବେ ସେମାନେ ଉନ୍ନତ ଏଆଇ ଟୁଲ୍ସ ଗୁଡ଼ିକର ବ୍ୟବହାର ସୁଯୋଗ ପାଇବେ ଏବଂ ପାଠ୍ୟକ୍ରମ ସମାପ୍ତ ହେବା ପରେ ଜିଓ ଇନଷ୍ଟିଚ୍ୟୁଟରୁ ଏକ ସାର୍ଟିଫିକେଟ ପାଇବେ ।

# ପ୍ରଦେଶ ମହିଳା କଂଗ୍ରେସ କମିଟି ଗଠିତ

ଭୁବନେଶ୍ୱର (ସବ୍ୟୁ): ରାଜ୍ୟରେ ମହିଳା କଂଗ୍ରେସକୁ ସୁଦୃଢ଼କରିବା ପାଇଁ ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ମୀନାକ୍ଷି ବାହିନିପତିଙ୍କ ରାଜ୍ୟ ମହିଳା କଂଗ୍ରେସ କମିଟି ପ୍ରସ୍ତାବୁ ଅନୁମୋଦନ କରି ଅଖିଳ ଭାରତ ମହିଳା କଂଗ୍ରେସ କମିଟି ସଭାନେତ୍ରୀ ଅଲକା ଲାମ୍ବା ସେମାନଙ୍କ ନାମ ଓ ତାଲିକା ପ୍ରକାଶ କରିଛନ୍ତି । ଉକ୍ତ କମିଟିରେ ଉପସଭାପତି ଭାବେ ଜୟଶ୍ରୀ ପଟ୍ଟନାୟକ, ଦେବାସ୍ମିତା ସାମଲ, ଯବାମଣି ଟୁଡୁ, ସୁନିତା ବିଶ୍ୱାଳ, ବିଶ୍ୱକଲ୍ୟାଣି କର, ଦ୍ରୌପଦୀ ମାଝୀ, ପ୍ରତିମା ମଲ୍ଲିକ, ଅନିତା ନାୟକ, ସ୍ୱର୍ଣ୍ଣପ୍ରଭା ପେଶାୟତ, ପ୍ରଣତୀ ମିଶ୍ର ରହିଥିବାବେଳେ ସାଧାରଣ ସମ୍ପାଦୀକା ଭାବେ ବାସନ୍ତୀ ସାମଲ, ହାରାବତି ଗଣ୍ଡ, ଶ୍ରୀୟାସ୍ମିତା ପଣ୍ଡା, ଗୋରେତୀ ଏକ୍କା, ପ୍ରୀତିଛନ୍ଦା କୈବଲ୍ୟ ନାୟକ, ଦିପ୍ତିରାଣୀ ପ୍ରଧାନ, ଅମିଶା ସାମନ୍ତରାୟ, ଲିଜାରାଣି ରାଉତ, ନିରୁପମା ପାତ୍ର, ସୁପ୍ରଭା ବରାଇ, ଶ୍ରୀୟା ମହାନ୍ତି, ବନ୍ଦିତା ମହାନ୍ତି, ସୁଭସ୍ମିତା ଦାସ, ଏଲିସ୍ ମିଞ୍ଜ, ପିଙ୍କି କଅଁର, ପ୍ରଗତି ନାୟକ, ସୁରଭି ବିଷୋୟୀ, ମଞ୍ଜୁଶ୍ରୀ ମିଶ୍ର, ମୀରା ମଣ୍ଡଳ, ଇସ୍ରାତ ଜାହାନ, ଲିଜାରାଣୀ ରାଉତ, ସୁନିତା ଲାକ୍ରା ରହିଛନ୍ତି । ଅନୁରୂପ ଭାବେ ସମ୍ପାଦକ ଭାବେ ବିନତୀ ପିଆରୀ, ମୋତୀ କୈବର୍ତ୍ତ୍ୟ, ଦେବସ୍ମିତା ସାହୁ, ନନ୍ଦୀ ଗୋମ୍ବରୀ, ମାଳତୀ ନାୟକ, ଜ୍ୟୋତି ଲାକ୍ରା, ନନ୍ଦିନି ଲାକ୍ରା, ସବିତା ଚାନ୍ଦ, ରୀନା ବେହେରା, ମାମିନା ଭୂୟା, ସ୍ୱସ୍ତିକ ପଣ୍ଡା, ନମିତା ମାଝୀ, ମାମିନା ପାତ୍ର, ସୁଦୀପ୍ତା ଦାସ, ମହେନ୍ଦ୍ରୀ ସାହୁ, ଚୈତାଳି ପଟ୍ଟନାୟକ, ଗୋମ୍ବରୀ ବିଶୋୟୀ, କବିତା ପ୍ରିୟଦର୍ଶନୀ ଦାସ, ମିନତୀ ରାଉତ, ପ୍ରଜ୍ଞା ପି. ବେହେରା, ପ୍ରତିମା ପଣ୍ଡା, ସିଲି ସେଠୀ, ସୁନିତା ବାଗ, ରଞ୍ଜିତା ଜୋଷି, ତ୍ରିଷ୍ଣା ରୟ, ମନୋରମା ଖଟୁଆ, ଉଷାରଞ୍ଜନ ମହନ୍ତ, ରଞ୍ଜିତା ନାୟକ, ଜ୍ୟୋଷ୍ଣା ସେନାପତି, ବୁଦ୍ଧି ସେଠ, ମୀନାକ୍ଷି ପ୍ରଧାନୀ, ସ୍ୱର୍ଣ୍ଣଲତା ବାନାରା, ଲିପିକା ପାଲ, ନିରୁପମା ବେହେରା, ନଳିମା ଅଗ୍ରୱାଲ, ବଂଶିଧର ସାମନ୍ତରାୟ, ରଞ୍ଜିତା ହେମ୍ବ୍ରମ୍, ନିନି ବୁଦ୍, ପ୍ରତିମା ନାୟକ, ଲକ୍ଷ୍ମୀ ସବର, ସୁଦେଷ୍ଣା ପଣ୍ଡା, ଜ୍ୟୋତି ତାଲୁଜା, ଜୟସ୍ମିତା ମହାନ୍ତି, ପୂର୍ଣ୍ଣିମା ବେହେରା, ରୀନା ବେହେରା ରହିଛନ୍ତି । କମିଟିରେ ସ୍ୱତନ୍ତ୍ର ପରାମର୍ଶଦାତା ଭାବେ ବିଜୟଲକ୍ଷ୍ମୀ ସାହୁ, ସରସ୍ୱତୀ ହେମ୍ବ୍ରମ, ଗିରିବାଳା ବେହେରା, ରନିମଣୀ ଉଲ୍‌କା ପ୍ରମୁଖ ସ୍ଥାନ ପାଇଛନ୍ତି ବୋଲି ଏକ ପ୍ରେସ ବିଜ୍ଞପ୍ତିରେ ରାଜ୍ୟ ମହିଳା କଂଗ୍ରେସର ସଭାନେତ୍ରୀ ଶ୍ରୀମତୀ ବାହିନିପତି ଜଣାଇଛନ୍ତି । ଏହି ଅବସରରେ ଜନନାୟକ ତଥା ବିରୋଧି ଦଳର ନେତା ରାହୁଲ ଗାନ୍ଧୀଙ୍କ ହାତ ମୁଠାକୁ ଟାଣ କରିବା ପାଇଁ ଏବଂ ରାଜ୍ୟରେ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ହାତରେ ହାତ ମିଳାଇ ନିଷ୍ଠାର ସହ କାର୍ଯ୍ୟ କରିବା ପାଇଁ ନୂତନ ମହିଳା ପଦାଧିକାରୀଙ୍କୁ ପରାମର୍ଶ ଦେବା ସହ ସେମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି ଶ୍ରୀମତୀ ବାହିନିପତି । ସେହିପରି ଏ.ଆଇ.ସି.ସି. ମହିଳା କଂଗ୍ରେସ ପ୍ରଭାରୀ ତୁଲିକା କର୍ମା, ନୂତନ ମହିଳା କଂଗ୍ରେସ କର୍ମକର୍ତ୍ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।


**AFFIDAVIT**

By virtue of an Affidavit sworn before Notary public Bhubaneswar, on the dated 06.10.2025. I Purnima Sahu, D/o- Rama Chandra Sahu, Resident of At- Mugupal, Po- Mugupal, Dist- Jajpur, Odisha- 755009. Declare that I have changed my name from Purnima Swain to Purnima Sahu. Henceforth, She shall be know as Purnima Sahu for all purposes.

Sd/- Purnima Sahu

**OFFICE OF THE NOTIFIED AREA COUNCIL, BARPALI**
At/Po- Barpali, Dist-Bargarh, Pin-768029
Mail - barpalinac@gmail.com, website- nacbarpali.in

No. 2122 / Dt. 08.10.2025

C-1245 : Sealed Quotations are invited in prescribed format from the registered /reputed firm/Manufactures /Govt, order supplier/ Private frim having up to date GST clearance certificate /PAN card etc. for supply of "Non-Core Components in Extension of Administrative Building of FSTPs under FSTP 2.0" with required specification mentioned in the quotation .The Quotationer shall have to quote the price unit wise including all taxes. The rate quoted documents should be submitted to the undersigned on or before 17.10.2025 up to 03.00 PM during office hour through registered post/ speed post or in person drop in tender box and the same will be opened on dated 18.10.2025 at 11.00 AM in presence of quotationers or their authorized representative. Beyond the date and time or any postal delay no quotation shall be entertained. The detailed specification of quotation will be available in district web site of Bargarh i.e http:// bargarh.odisha.gov.in and official web site of NAC, Barpali i.e www.barpali.nic.in . The quotationer shall have to deposit Rs.4,000/- (Rupees four thousand) only towards paper cost (Non-Refundable) in shape of Demand Draft in favour of Executive Officer Barpali NAC payable at Barpali from any Nationalized bank and EMD of Rs,10,000/- (Rupees Ten Thousand) only in shape of TDR/FDR/NSC duly pledged in favour of "Executive Officer, Barpali NAC which is refundable . The undersigned has the right to reject whole or part of the quotation without assign any reason thereof.

Sd/- Executive Officer
NAC, Barpali

OIPR : 13127/11/0020/2526

A-712

**GOVERNMENT OF ODISHA**
**DEPARTMENT OF WATER RESOURCES**
Office of the Superintending Engineer
U.K. Head Works Division, Kolabnagar (K), PIN. 764011

e-Procurement notice - SE-UKHWD-06/2025-26 Dated. 06.10.2025 (ONLINE)

| | | | |
|---|---|---|---|
| 1. | Name of Work | : | Civil Works |
| 2. | No. of Work | : | 09 (Nine) Nos. |
| 3. | Approximate Value of Work | : | 5.07 Lakhs to 13.70 Lakhs |
| 4. | Class of Contractor | : | Registered & licensed Contractors of 'C' & 'D' Class |
| 5. | Period of Completion | : | 03 (Three) Calendar Months. |
| 6. | Date & time of availability of bid documents on line | : | 14.10.2025 at 11.00 Hours to 23.10.2025 upto 18.00 Hours. |
| 7. | Date & Place of opening of Bid on line | : | 24.10.2025 (11.00 Hours) of office of the Superintending Engineer, UKHWD, Kolab Nagar |
| 8. | Name of the officer inviting Bids. | : | Superintending Engineer, UKHWD, Kolab Nagar |

Further details can be seen from the e-procurement portal http://tendersodisha.gov.in. Addendum/Corrigendum/Cancellation, if any, required will be published in Govt. website only.

Sd/- Superintending Engineer
Upper Kolab Head Works Division
Kolabnagar

OIPR : 32015/11/0044/2526

**OFFICE OF THE PURI MUNICIPALITY, PURI**
Letter No. 9273 Dated. 09.10.25

C-1248

Mail ID : purim.hud@nic.in
purim-hud@gmail.com

REQUEST FOR PROPOSAL (RFP) FOR "SELECTION OF AGENCY FOR DEVELOPMENT, INSTALLATION AND OPERATION OF MOBILE BASED DIGITAL ATTENDANCE MONITORING SYSTEM APPLICATION FOR WORKING UNDER PURI MUNICIPALITY, PURI

Puri Municipality invites Request For Proposal (RFP) for "Selection of agency for development, installation and operation of mobile based digital attendance monitoring system application for working under Puri Municipality, Puri". The details terms & conditions can be downloaded from the website www.purimunicipality.nic.in & www.puri.nic.in. The detail Technical & Financial proposal in conformity with the terms and conditions of the RFP documents shall be submitted to the office of the Executive Officer, Puri Municipality, Puri on or before Dt. 20.10.2025 at 05.00 PM through speed post/Regd. Post only. The Technical bids will be opened on Dt. 22.10.2025 at 12 PM in the office chamber of the Executive Officer, Puri Municipality, Puri.

The authority reserves the right to reject any or all the tenders without assigning any reason thereof.

Sd/- Executive Officer
Puri Municipality, Puri

OIPR : 13159/11/0072/2526

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ନଂ.ST-OT-OUT-SOURCING-KUR-502, ତା.06.10.2025ରିଖ

କାର୍ଯ୍ୟର ନାମ : 02 (ଦୁଇ) ବର୍ଷ ନିମନ୍ତେ ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ସଂକେତ ଏବଂ ଦୂରସଂଚାର ରକ୍ଷଣାବେକ୍ଷଣ କାର୍ଯ୍ୟକଳାପକୁ ସୁଦୃଢ଼ କରିବା ପାଇଁ ଜନଶକ୍ତିର ଆଉଟସୋର୍ସିଂ ।

ଟେଣ୍ଡର ମୂଲ୍ୟ (ଟଙ୍କାରେ): 19,49,99,474.07, EMD (ଟଙ୍କାରେ) : 11,25,000/-, ଟେଣ୍ଡର ଦସ୍ତାବିଜ ମୂଲ୍ୟ (ଟଙ୍କାରେ) : 11,800/- ।

ବିଡ୍ ଆରମ୍ଭ ହେବା ତାରିଖ : ତା.17.10.2025 ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.31.10.2025 ରିଖ 1100 ଘଣ୍ଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିଅର/ହାତ ଦ୍ୱାରା କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ଼ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ପ୍ରସ୍ତାବଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ସମ୍ପୂର୍ଣ୍ଣ ଇ-ଟେଣ୍ଡରର ଇ-ଟେଣ୍ଡର ଦସ୍ତାବିଜ ସହିତ ସମସ୍ତ ବିସ୍ତୃତ ବିବରଣୀ ୱେବସାଇଟ www.ireps.gov.in ରେ ଉପଲବ୍ଧ ଅଛି ।

ସୂଚନା : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି ।

ବରିଷ୍ଠ ମଣ୍ଡଳ ସଙ୍କେତ ଏବଂ ଦୂରସଂଚାର ଯନ୍ତ୍ରୀ/ ଖୋର୍ଦ୍ଧା ରୋଡ଼

PR-668/Q/25-26

O-829

Email : rd_bgh@yahoo.co.in
Gmail : rwd.bgh@gmail.com

**OFFICE OF THE EXECUTIVE ENGINEER**
**RURAL WORKS DIVISION, BARGARH**
e-Procurement Notice No. ONLINE-BGH-08 OF 2025-26

| | | | |
|---|---|---|---|
| 1. | Name of the Work | : | Building work during 2025-26 in the district of Bargarh |
| 2. | EMD | : | @ 1% of the estimated cost put to tender |
| 3. | Other details | : | As per DTCN |

| Procurement officer | Bid Identification No. | Availability of Tender online for bidding | | Last date & time of seeking tender clarification | Date & Time of opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Bargarh | ONLINE-BGH-08 OF 2025-26 | 13.10.2025 at 11.00 A.M. | 24.10.2025 upto 5.00 P.M. | 24.10.2025 upto 4.00 A.M. | 27.10.2025 at 11.00 A.M. |

Further details can be seen from the website www.tendersorissa.gov.in

Sd/- Executive Engineer
R.W. Division, Bargarh

OIPR : 25062/11/0034/2526

O - 830

**OFFICE OF THE EXECUTIVE ENGINEER**
**RURAL WORKS CIRCLE, BARGARH**
e-Procurement Notice No. ONLINE-BGH-09 OF 2025-26

| | | | |
|---|---|---|---|
| 1. | Name of the work | : | Construction of Building works for the year 2025-26 |
| 2. | EMD | : | @ 1% of the Estimated Cost |
| 3. | Other details | : | As per DTCN |

| Procurement Officer | Bid Identification No. | Availability of tender On-line for bidding | | Last Date & Time of Seeking Tender Clarification | Date and Time of opening of tender in R.W. Division, Bargarh | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works, Division, Bargarh | ONLINE-BGH-05 OF 2025-26 | 13.10.2025 at 11.00 A.M. | 24.10.2025 up to 5.00 P.M. | 24.10.25 up to 4.00 P.M. | 27.10.2025 at 11.00 A.M. | 30.11.2025 at 11.00 A.M. |

Further details can be seen from the website www.tendersodisha.gov.in

Sd/- Executive Engineer
R.W. Division, Bargarh

OIPR : 25062/11/0035/2526

**OFFICE OF THE MUNICIPAL COUNCIL: KHORDHA**
At/P.O. /Dist. - Khordha, Phone No. 06755-220674, E-Mail- khurda_municipality@yahoo.co.in
DETAILED TENDER CALL NOTICE
RFP Notice No. 3505/KMC. Date. 08.10.25
Bid Identification No.
NATIONAL COMPETITIVE BIDDING THROUGH e-Procurement

C-1230 : The Executive Officer, Khordha Municipality, Khordha, H & UD Deptt, Govt, of Odisha, invites Request for Proposal (RFP) on behalf of Khordha Municipal Council (KMC), for the work "Processing and Disposal of Bio Remediation of Legacy Waste for Reclamation of land situated near MCC, Chachera Sahi,W.NO 01 of Khordha Municipality, in the District of Khordha, Odisha." In Double Cover (Technical & Financial) from registered & eligible Firm / Agency for tendering their Bids through Online mode only.

The bid documents comprising of eligibility criteria, instruction to Bidders, scope of the work etc. can be seen / downloaded, from e-procurement portal of Govt, of Odisha, during the period as stipulated under Critical date.

| Sl. No. | Name of the Work | Bid Security | Cost of Document | Period of Completion |
|---|---|---|---|---|
| 1 | 2 | 3 | 4 | 5 |
| 1 | Processing and Disposal of Bio Remediation of Legacy Waste for Reclamation of land sitated near MCC, Chachera Sahi, W.No 01 of Khordha Municipality, in the District of Khordha, Odisha." | Rs.2,00,000.00 (Rupees Two Lakhs) only | Rs. 11,800.00 (Rupees Eleven Thousand Eight hundred) only. | 06 Months (180 days) |

1. Mode of Submission: Bid documents should be submitted online in www.tendersodisha.gov.in. Bid submitted through any other modes shall not be entertained.
2. The bidders desirous to participate in bidding must possess compatible Digital Signature Certificate and should follow the changes/ modifications/addendum to DTCN if any.
3. Other details can be seen in the bidding documents, which is available in website www.tendersodisha.gov.in.
4. Subsequent corrigendum, if required, shall appear in the website.
5. Authority reserves the right to cancel the entire bid process or part of it, at any stage without assigning any reason thereof.
6. Please note that no liability will be accepted for difficulties in, and/or incomplete download of the Tender document.

Critical Dates :

| Sl.No. | Description | | Critical Dates |
|---|---|---|---|
| (i) | Period of availability of bid documents on-line | : | 10.10.2025 at 11:00 AM |
| (ii) | Last date & time of submission of Proposal on- | : | 30.10.2025 upto 05:00 PM |
| (iii) | Submission of Hard Copy | : | 30.10.2025 upto 05:00 PM |
| (iv) | Date & time of opening of Technical Bid | : | 31.10.2025 at 11:30 AM |
| (v) | Opening of Financial Bid | : | To be intimated on-line in due course. |

Sd/- Executive Officer
Khordha Municipality

OIPR : 13082/11/0045/2526


## ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୮ ।

# ଅରୁନ୍ଧତୀ ଜୁଏଲର୍ସଙ୍କୁ ଇଟି ନାଓ ଟପ୍ - ୫୦ ଜୁଏଲାରୀ ବ୍ରାଣ୍ଡସ୍ ଅଫ୍ ଇଣ୍ଡିଆ ସମ୍ମାନ

ଭୁବନେଶ୍ୱର, (ସବ୍ୟୁ): ଟାଇମ୍ସ ଗ୍ରୁପ୍‌ର ଇଟି ନାଓ ଦ୍ୱାରା ଆୟୋଜିତ ସମ୍ମାନଜନକ ଟପ୍-୫୦ ଜୁଏଲାରୀ ବ୍ରାଣ୍ଡ ଅଫ୍ ଇଣ୍ଡିଆ-୨୦୨୫ ପୁରସ୍କାରରେ ଓଡ଼ିଶାର ସର୍ବବୃହତ ଓ ସର୍ବଶ୍ରେଷ୍ଠ ଜୁଏଲାରୀ ବ୍ରାଣ୍ଡ ଅରୁନ୍ଧତୀ ଜୁଏଲର୍ସଙ୍କୁ ମୁମ୍ବାଇ ଠାରେ ସମ୍ମାନୀତ କରାଯାଇଛି । ଦୀର୍ଘ ୨୫ବର୍ଷ ଧରି ରାଜ୍ୟ ଅଳଙ୍କାର ବ୍ୟବସାୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଅରୁନ୍ଧତୀ ଜୁଏଲର୍ସଙ୍କୁ ଏହି ସମ୍ମାନରେ ସମ୍ମାନୀତ କରାଯାଇଛି । ସେପ୍ଟେମ୍ବର ୨୫ତାରିଖରେ ମୁମ୍ବାଇ ହୋଟେଲ ସାହାରା ଷ୍ଟାର ଠାରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟ ସଚିବ ଶୀତାରାମ କୁଣ୍ଟେ ଅରୁନ୍ଧତୀ ଗ୍ରୁପ୍‌ର ନିର୍ଦ୍ଦେଶକ ପ୍ରତୀକ ମେହେରଙ୍କୁ ଏହି ସମ୍ମାନରେ ସମ୍ମାନୀତ କରିଥିଲେ । ଏହି ଅବସରରେ ବହୁ ବିଶିଷ୍ଟ ବ୍ୟକ୍ତି ଓ ଭାରତ ବର୍ଷରେ ଜୁଏଲାରୀ ଇଣ୍ଡଷ୍ଟ୍ରିକ୍‌କୁ ଗୌରବାନ୍ୱିତ କରିଥିବା ପ୍ରତିଭାଶାଳୀ ବ୍ୟକ୍ତି ଉପସ୍ଥିତ ଥିଲେ ।




୨୦୦୦ ମସିହାରୁ ଆରମ୍ଭ ହୋଇଥିବା ଅରୁନ୍ଧତୀର ଏହି ଯାତ୍ରା ଦୀର୍ଘ ୨୫ବର୍ଷ ଧରି ନିଜର ଆତ୍ମୀୟତାଭରା ସେବା ମନୋଭାବ, ସୁନା ଗହଣା ଓ ହୀରାମାନରେ ଶୁଦ୍ଧତା ତଥା ପ୍ରତ୍ୟେକ ବ୍ୟବସାୟକ ପଦକ୍ଷେପରେ ସ୍ୱଚ୍ଛତା ଅବଲମ୍ବନ କରି ଅରୁନ୍ଧତୀ ଜୁଏଲର୍ସ ପ୍ରତ୍ୟେକ ଓଡ଼ିଆ ନାରୀର ଆଭୁଷଣକୁ ସମୃଦ୍ଧ କରିଛି । ଆଗାମୀ ଦିନରେ ମଧ୍ୟ ନିଜ କର୍ତ୍ତବ୍ୟପରାୟଣ ଭାବକୁ ଅରୁନ୍ଧତୀ ବଜାୟ ରଖିବ ବୋଲି ଶ୍ରୀ ମେହେର ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ ।

# ଜୟକୃଷ୍ଣଙ୍କୁ ବନ୍ୟଜୀବ ପୁରସ୍କାର

ଭୁବନେଶ୍ୱର, (ସବ୍ୟୁ): ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦତ୍ତ 'ବନ୍ୟଜୀବ ସଂରକ୍ଷଣ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ପୁରସ୍କାର' ଭୁବନେଶ୍ୱର ବନଖଣ୍ଡ ତରଫରୁ ଚଳିତ ବର୍ଷ ଓଡ଼ିଶା ପରିବେଶ ସମିତିର କାର୍ଯ୍ୟକାରୀ ସଭାପତି ଡ. ଜୟକୃଷ୍ଣ ପାଣିଗ୍ରାହୀଙ୍କୁ ପ୍ରଦାନ କରାଯାଇଛି ଓ ଜାତୀୟ ନଗରବନ୍ଧୁ ପୁରସ୍କାର ତଥା ଅନ୍ୟ ୨୦ରୁ ଅଧିକ ପୁରସ୍କାରରେ ଉଭୟ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନମାନଙ୍କ ଦ୍ୱାରା ସମ୍ମାନିତ ହୋଇଛନ୍ତି ଓ ପ୍ରାଣୀ ବିଜ୍ଞାନ ଓ ପରିବେଶ ବିଜ୍ଞାନର ଜଣେ ଶିକ୍ଷକ ଭାବରେ, ଓଡିଶା ପରିବେଶ ସମିତିର ସମ୍ପାଦକ ତଥା ବର୍ତ୍ତମାନ କାର୍ଯ୍ୟକାରୀ



ବନ୍ୟଜୀବ ସପ୍ତାହ ପାଳନ ଉପଲକ୍ଷେ ଖୋର୍ଦ୍ଧା ବନଖଣ୍ଡ କାର୍ଯ୍ୟାଳୟରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ବନଖଣ୍ଡ ଅଧିକାରୀ ଲାଡ଼େ ଗଜାନନ ଅନ୍ୟ ଅତିଥିମାନଙ୍କ ଉପସ୍ଥିତିରେ ଏହି ସମ୍ମାନ ଡ. ପାଣିଗ୍ରାହୀଙ୍କୁ ପ୍ରଦାନ କରିଥିଲେ ଓ ପରିବେଶ କ୍ଷେତ୍ରକୁ ତାଙ୍କର ନିରନ୍ତର ଅବଦାନ ପରିପ୍ରେକ୍ଷୀରେ ସେ ପୂର୍ବରୁ ବିଜୁ ପଟ୍ଟନାୟକ ବନ୍ୟଜୀବ ପୁରସ୍କାର, ଜାନକୀ ବଲ୍ଲଭ ପଟ୍ଟନାୟକ ପରିବେଶ ପୁରସ୍କାର, ପ୍ରକୃତି ବନ୍ଧୁ ପୁରସ୍କାର, ସଭାପତି ଭାବରେ ଏବଂ ଜଣେ ଲେଖକ ଓ ଗବେଷକ ଭାବରେ ପରିବେଶ ଏବଂ ବନ୍ୟପ୍ରାଣୀ କ୍ଷେତ୍ରର ବିଭିନ୍ନ ପ୍ରସଙ୍ଗକୁ ଲୋକଲୋଚନକୁ ଆଣିବା ଏବଂ କାର୍ଯ୍ୟପନ୍ଥା ଗ୍ରହଣ ନିମନ୍ତେ ସେ ଉଦ୍ୟମ ଅବ୍ୟାହତ ରଖିଛନ୍ତି ଓ ପୂର୍ବରୁ ବନାଗ୍ନି ଉପରେ ସରକାରଙ୍କ ଦ୍ୱାରା ଗଠିତ ଟାସ୍କ ଫୋର୍ସର ସଦସ୍ୟ ଭାବରେ ସେ କାର୍ଯ୍ୟ ସମ୍ପାଦନ କରିଛନ୍ତି ଏବଂ ବର୍ତ୍ତମାନ କେତେକ କମିଟିରେ ସଦସ୍ୟ ରୂପେ ମଧ୍ୟ ଅନ୍ତର୍ଭୁକ୍ତ ଅଛନ୍ତି ଓ



ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଉପସ୍ଥିତିରେ ଉତ୍କଳ ଯାଦବ ସମାଜର ରାଜ୍ୟ ସାଧାରଣ ସମ୍ପାଦକ ତଥା ପୂର୍ବତନ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆଙ୍କ ବ୍ୟକ୍ତିଗତ ସହାୟକ ରାମଲାଲ ହଂସ କଂଗ୍ରେସ ଦଳରେ ଯୋଗଦେଇଛନ୍ତି ।

### ମହାନତା ଦେଖାଇଲେ ଖୋର୍ଦ୍ଧା ରୋଟାରୀ କ୍ଲବ୍‌ର ସଦସ୍ୟ

# ଅଜଣା ଶିଶୁ କନ୍ୟାର ମୃତଦେହକୁ କଲେ ସତ୍କାର

ଖୋର୍ଦ୍ଧା, (ସବ୍ୟୁ): ଜଣେ ନବଜାତ ଶିଶୁ କନ୍ୟାର ମୃତଦେହକୁ ସତ୍କାର କରି ମାନବିକତାର ପରିଚୟ ଦେଇଛନ୍ତି ଖୋରଧା ରୋଟାରୀ କ୍ଲବ୍‌ର ସଦସ୍ୟମାନେ । ଗତ ଅକ୍ଟୋବର ୪ ତାରିଖ ସକାଳ ପ୍ରାୟ ୯ଟା ସମୟରେ ଖୋରଧା ଆଦର୍ଶଥାନା ଅନ୍ତର୍ଗତ ନାଲିପଡ଼ା ଅର୍ଜ୍ଜୁନପୁର ନିକଟସ୍ଥ ହଳଦିପଦା ରାସ୍ତା ପାଶ୍ୱର୍ରେ ଏକ ନବଜାତ ଶିଶୁ କନ୍ୟାର ମୃତ ଦେହ ପଡ଼ିଥିବା ପୋଲିସ କୋ÷ଣସି ସୂତ୍ରରୁ ଖବର ପାଇଥିଲା । ପରେ ମୃତ ଶିଶୁକନ୍ୟାଟିକୁ ଉଦ୍ଧାର କରି ବ୍ୟବଚ୍ଛେଦ ନିମନ୍ତେ ଖୋରଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପୋଲିସ ବ୍ୟବଚ୍ଛେଦ ପାଇଁ ଭର୍ତି କରିଥିଲେ । ଏ ନେଇ ଆଦର୍ଶ ଥାନା ପକ୍ଷରୁ ୫୪/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିଲା । ମୃତ ଶବଟିର ପରିଚୟ ନ ଥିବାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଶବଗୃହରେ ୯୬ଘଂଟା ପର୍ଯ୍ୟନ୍ତ ଶବଟିକୁ ସୁରକ୍ଷିତ ରଖାଯାଇଥିଲା । ପରେ ମ୍ୟାଜିଷ୍ଟ୍ରେଟ୍‌ଙ୍କ ନିର୍ଦ୍ଦେଶ କ୍ରମେ ଶିଶୁ କନ୍ୟାଟିର ଶବଟିକୁ ବ୍ୟବଚ୍ଛେଦ କରାଯାଇଥିଲା । ଏହା ଜାଣିବା ପରେ ରୋଟାରୀ କ୍ଲବ୍‌ର ପ୍ରାକ୍ତନ ସଭାପତି ରୁଦ୍ରନାଥ ଦତ (ଦାଉ) ଶବ ବ୍ୟବଚ୍ଛେଦ କରିବା ପାଇଁ ଆଦର୍ଶ ଥାନା ସହ ଯୋଗାଯୋଗ କରିଥିଲେ । ଆଦର୍ଶଥାନା ଅଧିକାରୀ ସଂଜୟ ନାୟକ ଏବଂ ତଦନ୍ତକାରୀ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା ସମ୍ମତି ପ୍ରକାଶ କରିବା ସହ ରୋଟାରୀ କ୍ଲବ୍‌ର ସଦସ୍ୟଙ୍କ ଉପସ୍ଥିତିରେ ସ୍ଥାନୀୟ ଶ୍ମଶନରେ ଶିଶୁ କନ୍ୟାର ଶବ ସତ୍କାର କରାଯାଇଥିଲା । ଏଥିରେ ରୋଟାରୀ କ୍ଲବ୍‌ର ସମ୍ପାଦକ ସଂଜୟ ବର୍ମନ, ରୋଟାରୀୟାନ ଦେବୀ ପ୍ରସାଦ ମଜୁମଦାର, ତାପସ ବୋଷ, ନୂତନ ସଭାପତି ସୁକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ । ଏହାକୁ ମିଶାଇ ରୁଦ୍ରଙ୍କ ସହାୟତାରେ ରୋଟାରୀ କ୍ଲବ୍ ୮ଗୋଟି ଶବ ସତ୍କାର କରିଥିବା ବେଳେ ଏହିପରି କାର୍ଯ୍ୟ ପାଇଁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସାଧୁବାଦ ଜଣାଇଛନ୍ତି ।

### ଓଡିଶା ଇଣ୍ଟରନ୍ୟାସନାଲ ସେଣ୍ଟର ଦ୍ୱାରା

# ଶରତ ପୂର୍ଣ୍ଣିମାରେ ଧଉଳିଗିରିରେ ବୋଧିଦ୍ରୁମ ଆଳତି ଅନୁଷ୍ଠିତ

ଭୁବନେଶ୍ୱର (ସବ୍ୟୁ): ମଙ୍ଗଳବାର କୁମାର ପୂର୍ଣ୍ଣମୀ ଅବସରରେ ଧଉଳି ପଞ୍ଚାୟତ ଅଫିସ୍ ନିକଟସ୍ଥ ବୁଦ୍ଧ ବିହାର ଠାରେ ମଧ୍ୟାହ୍ନରେ ବୋଧିଦ୍ରୁମ ଆଳତୀ (ଶ୍ରୀଲଙ୍କା, ଅନୁରାଧା ପୁରରୁ ଓଆଇସିର ପୂର୍ବତନ ଅଧ୍ୟକ୍ଷ ସ୍ୱର୍ଗତ ପରେଶ ଭାଇଙ୍କ ଦ୍ୱାରା ଅଣାଯାଇଥିବା ପବିତ୍ର ଅଶ୍ୱତ୍ଥ ଗଛକୁ ପ୍ରତ୍ୟେକ ମାସ ପୂର୍ଣ୍ଣିମା ଦିନ ପବିତ୍ର ବୋଧି ଦ୍ରୁମ ଆଳତୀ କରାଯାଏ । ଓଡ଼ିଶା ଇଣ୍ଟରନ୍ୟାସନାଲ ସେଣ୍ଟରର( ଓଆଇସିର ) ସଦସ୍ୟା, ସଦସ୍ୟ, କାର୍ଯ୍ୟକାରୀ ସମିତିର ସମସ୍ତ ସଭ୍ୟା/ ସଭ୍ୟ , ଉପଦେଷ୍ଟା ମଣ୍ଡଳୀ ଓ ଶୁଭେଚ୍ଛୁ ବନ୍ଧୁ ମାନେ ଯୋଗଦାନ କରି ପବିତ୍ର ବୋଧୀଦ୍ରୁମ ଆଳତି ମହା ସମାରୋହରେ ସମ୍ପାଦନ କରିଥିଲେ । ବୋଧିଦ୍ରୁମ ଆଳତୀ ପରେ ସମସ୍ତଙ୍କ ଉପସ୍ଥିତିରେ ଓଆଇସି ର ମାସିକ ବୈଠକ ଓଆଇସି ର ମାନେଜିଙ୍ଗ ଟ୍ରଷ୍ଟି ଭାବଗ୍ରାହି ଶାନ୍ତିଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଥିଲା । ଓଆଇସି ଆନୁକୁଲ୍ୟରେ ସଦ୍ୟ ସମାପ୍ତ ନବଦିନ ବ୍ୟାପି ନବରାତ୍ର ଉତ୍ସବର ସଫଳତା ପାଇଁ ବରିଷ୍ଠ ସଦସ୍ୟ କିଶୋର ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ । ପୁରୀ ବଡଦାଣ୍ଡରେ ଆସନ୍ତା ପବିତ୍ର ଦେବ ଦୀପାବଳୀ ଉତ୍ସବର (ଆସନ୍ତା ନଭେମ୍ବର ୨୦ ତାରିଖ) ପ୍ରସ୍ତୁତି ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରାଯାଇଥିଲା । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଏହି ଦୀପାବଳୀ କାର୍ଯ୍ୟକ୍ରମ କିପରି ସଫଳ ଭାବେ ପାଳନ କରାଯିବ,ସେ ବିଷୟରେ ମାନେଜିଙ୍ଗ ଟ୍ରଷ୍ଟି ସମସ୍ତଙ୍କର ସହଯୋଗ କାମନା କରିଥିଲେ । ଏହା ପରେ ଆଜୀବନ ସଦସ୍ୟ ମନୋରଂଜନ ମହାନ୍ତିଙ୍କ ସହଯୋଗ ରେ ତାଳବୃକ୍ଷ ମଞ୍ଜି ରୋପଣ କରାଯିବା ସହ ଷଣ୍ଢ ଓ ଗୋରୁ ଗାଇ ମାନଙ୍କୁ ରୁଟି ଓ ପ୍ରସାଦ ଖାଇବାକୁ ଦିଆଯାଇ ଗୋସେବା କରାଯାଇଥିଲା ।



ବୈଠକ ଶେଷରେ ଅନନ୍ତ ବାସୁଦେବ ମନ୍ଦିରରୁ ଆସିଥିବା ପ୍ରସାଦ ସମସ୍ତେ ସେବନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ମାନେଜିଙ୍ଗ ଟ୍ରଷ୍ଟି ଭାବଗ୍ରାହୀ ଶାନ୍ତି, କାର୍ଯ୍ୟକାରୀ କମିଟିର ବରିଷ୍ଠ ସଦସ୍ୟ କିଶୋର ପ୍ରଧାନ, ଗଦାଧର ବରାଳ, ଇନ୍ଦିରା ମିଶ୍ର, ସୁନାରାମ ଭାଇ, ପ୍ରଶନ୍ନ କୁମାର ମିଶ୍ର, ବରିଷ୍ଠ ସଦସ୍ୟ ପ୍ରଶାନ୍ତ ମହାନ୍ତି,ସ୍ମିତାରାଣୀ ମହାନ୍ତି, ରଞ୍ଜନ କୁମାର ସାହୁ, ଡଃ ଅରୁନ୍ଧତୀ ତେଜ, ଛାୟା ତେଜ, ବୁଟୁ ବକ୍ସି,ସୁମନ ଦାଶ,ଅଜୟ ସାମନ୍ତରାୟ, ପ୍ରମୋଦ ବିଶ୍ୱାଳ, ଅଶୋକ ସାହୁ , ମଣ୍ଟୁ ଜେନା ,ଦିନବନ୍ଧୁ ନାୟକ, ପୂଜା ସ୍ୱାଇ ,ଭାରତୀ ଶାନ୍ତି, ରିଭା ମହାନ୍ତି , ରୁବି ପଣ୍ଡା, ଅଜୟ ପଟ୍ଟନାୟକ ଓ ଅନ୍ୟାନ୍ୟ ସଦସ୍ୟା ସଦସ୍ୟା ମାନେ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ ।

# କର୍ତ୍ତବ୍ୟ ନିର୍ବାହରେ ପ୍ରଶଂସନୀୟ କାର୍ଯ୍ୟ ପାଇଁ ଖୋର୍ଦ୍ଧାରୋଡ଼ ଡିଭିଜନର ୩ କର୍ମଚାରୀ ସମ୍ବର୍ଦ୍ଧିତ

ଜଟଣୀ,(ସବ୍ୟୁ): ଉତ୍ସର୍ଗୀକୃତ ଏବଂ ସତର୍କତାକୁ ସ୍ୱୀକୃତି ଦେଇ ଏକ ପ୍ରଶଂସନୀୟ ପଦକ୍ଷେପ ସ୍ୱରୂପ ପୂର୍ବତଟ ରେଳପଥ ଖୋର୍ଦ୍ଧାଁ ରେଡ ରେଳମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ ମଣ୍ଡଳ ପ୍ରବନ୍ଧକ ଆଲୋକ ତ୍ରିପାଠୀ ୩ ରେଳ କର୍ମଚାରୀଙ୍କୁ ସମ୍ମାନିତ କରିଛନ୍ତି । ଖୋର୍ଦ୍ଧାରୋଡ଼ ମେମୁସେଡ୍‌ରେ କାର୍ଯ୍ୟରତ କନିଷ୍ଠ ଯନ୍ତ୍ରୀ ସୋମନାଥ ପଣ୍ଡା, ଟେକ୍‌ନିସିଆନ୍ କୃଷ୍ଣଚନ୍ଦ୍ର ପାଢ଼ୀ ଓ ବଡ଼ବନ୍ଧ ଷ୍ଟେସନ ମ୍ୟାନେଜର ସୁରେଶ ଚନ୍ଦ୍ର ଲେଙ୍କା ସେମାନଙ୍କର ନିୟମିତ କର୍ତବ୍ୟ ସମ୍ପାଦନ ସମୟରେ ଅସାଧାରଣ ସତର୍କତା ପ୍ରଦର୍ଶନ କରିଛନ୍ତି ଏବଂ ବୁଦ୍ଧିର ଉପସ୍ଥିତି ପ୍ରଦର୍ଶନ କରି ଦ୍ରୁତ ଏବଂ ପ୍ରଭାବଶାଳୀ ପଦକ୍ଷେପ ନେଇଛନ୍ତି ଯାହା ଟ୍ରେନଗୁଡ଼ିକର ନିରାପଦ ଏବଂ ସୁଗମ ପରିଚାଳନାରେ ଅବଦାନ ରଖିଛି । ଟ୍ରେନ୍ ଗୁଡିକର ନିରାପଦ ଓ ସୁଗମ ପରିଚାଳନା ପାଇଁ ନିୟମିତ କର୍ତବ୍ୟ ନିର୍ବାହ ସମୟରେ ଅସାଧାରଣ ସତର୍କତା ଓ ଉପସ୍ଥିତ ବୁଦ୍ଧି ପ୍ରଦର୍ଶନ କରିବା ଯୋଗୁଁ କର୍ମଚାରୀଙ୍କୁ ସମ୍ମାନିତ କରାଯାଇଥିଲା । ଏହି ଅବସରରେ ପ୍ରବନ୍ଧକ ଶ୍ରୀ ତ୍ରିପାଠୀ କର୍ମଚାରୀଙ୍କ ପ୍ରତିବଦ୍ଧତା ଓ କଠିନ ପରିଶ୍ରମକୁ ପ୍ରଶଂସା କରିଥିଲେ ।

### ପ୍ରଦେଶ ଯୁବ କଂଗ୍ରେସର ପ୍ରତାରଣା ପ୍ରତିବାଦ ସମାବେଶ

# ଭୋଟଚୋରି ଓ ଚାକିରି ବିକ୍ରି ବିରୁଦ୍ଧରେ ବିକ୍ଷୋଭ

ଭୁବନେଶ୍ୱର,(ସବ୍ୟୁ): ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ରଙ୍କ ନେତୃତ୍ୱରେ ଭୋଟ ଚୋରି ଓ ଚାକିରି ବିକ୍ରୀ ବିରୁଦ୍ଧରେ ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ବିକ୍ଷୋଭ କାର୍ଯ୍ୟକ୍ରମରେ ଅଖିଳ ଭାରତ ଯୁବ କଂଗ୍ରେସର ସଭାପତି ଉଦୟ ଭାନୁ ଚିବ୍ ଯୋଗଦେଇଥିଲେ । ଶ୍ରୀ ଚିବ୍‌ଙ୍କୁ ସତ୍ୟନଗର ଠାରୁ ଏକ ବାଇକ୍ ଶୋଭାଯାତ୍ରାରେ ମାଷ୍ଟର କ୍ୟାଂଟିନ ଛକ ପର୍ଯ୍ୟନ୍ତ ଅଣାଯାଇଥିଲା । ସେଠାରେ ଆୟୋଜିତ ବିକ୍ଷୋଭ ସମାବେଶରେ ଉଦ୍‌ବୋଧନ ଦେଇ ଶ୍ରୀ ଚିବ୍ କହିଥିଲେ ଯେ ମୋଦି ସରକାର ଓ ମୋହନ ସରକାର ନିର୍ବାଚିତ ସରକାର ନୁହଁନ୍ତି । ସାଧାରଣ ଲୋକଙ୍କ ଭୋଟକୁ ଚୋରି କରାଯାଇ ଏହି ସରକାର ଗଠନ କରାଯାଇଛି ।ଆଜିର ପ୍ରତାରଣା ପ୍ରତିବାଦ ସମାବେଶ ମାଧ୍ୟମରେ ଓଡ଼ିଶାର ଯୁବ ସମାଜ କେବଳ ଭୋଟଚୋରି ଓ ଚାକିରି ବିକ୍ରୀ ନୁହେଁ ଓଡ଼ିଶାରେ ଉତ୍କଣ୍ଟ ବେକାରୀ, ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତି, ମହିଳା ନିର୍ଯାତନା ବୃଦ୍ଧି ଓ ଦରଦାମ ବୃଦ୍ଧି ପ୍ରତିବାଦରେ ସେମାନଙ୍କର ଅସନ୍ତୋଷକୁ ବ୍ୟକ୍ତ କରିଛନ୍ତି ।

ଭୋଟ ଗ୍ରହଣ ଦିନ ସନ୍ଧ୍ୟା ୫ଟାରୁ ରାତି ୯ ଟା ମଧ୍ୟରେ ଓଡ଼ିଶାରେ ୪୨ ଲକ୍ଷ ଭୋଟ ଗ୍ରହଣ କରାଯାଇଥିବା ଆଶ୍ଚର୍ଯ୍ୟଜନକ ଘଟଣା । ଏହା ଭୋଟ ଚୋରିକୁ ପ୍ରମାଣିତ କରୁଛି । ସେହିଭଳି ବିଜେଡ଼ି ସରକାରରେ ଥାଇ ମଧ୍ୟ ୨୧ଟ ଲୋକସଭା ଆସନରୁ ଗୋଟିଏବି ଆସନରେ ଜୟଲାଭ କରିପାରିଲା ନାହିଁ । କଂଗ୍ରେସ ଗୋଟିଏ ଆସନ ଜିତିଥିବା ବେଳେ ବାକି ୨୦ଟି ଆସନ ବିଜେପି ପୋଛିନେଲା । ୫୧ଟି ବିଧାନସଭା ଆସନରେ ବିଜୟଲାଭ କରିମଧ ବିଜେଡ଼ି ଗୋଟିଏ ଲୋକସଭା ସିଟ ପାଇପାରିଲା ନାହିଁ ।



ଶ୍ରୀ ଚିବ୍ କହିଲେ ଯେ ବିଜେପି ଏବଂ ଏହାର ଛାମୁଆ ସଂଗଠନ ଦେଶରେ ଓ ଓଡ଼ିଶାରେ ବିଷମଞ୍ଜି ବୁଣିବାପାଇଁ ଲଗାତାର ହୀନ ଚକ୍ରାନ୍ତ କରୁଛନ୍ତି । ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତିଙ୍କ ଉପରକୁ ଯୋତା ଫୋପାଡ଼ିବା ଅର୍ଥ ଗଣତନ୍ତ୍ର, ସମ୍ବିଧାନ ଏବଂ ଏ ଦେଶରେ ସାଧାରଣ ଜନତାଙ୍କ ଉପରକୁ ଯୋତା ଫୋପାଡ଼ିବା ସହ ସମାନ । ବିଜେପି ଏବଂ ଏହାରେ ସହଯୋଗୀ ଗୈରିକ ସଂଗଠନ ଗୁଡ଼ିକ ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥାକୁ ସାଂଘାତିକ ଅସମ୍ମାନିତ କରୁଛନ୍ତି ।

ଓଡ଼ିଶାରେ ବିପର୍ଯ୍ୟସ୍ତ ଆ ଇ ନ ଶୃ ଙ୍ଖ ଳ । ପରିସ୍ଥିତି ପ୍ରତି ଶ୍ରୀ ଚିବ୍ ଉଦବେଗ ପ୍ରକାଶ କରିଥିଲେ । ଓଡ଼ିଶାରେ ପୋଲିସ ଏସଆଇ ପଦବୀକୁ ୨୫ଲକ୍ଷ ଟଙ୍କା ଧାର୍ଯ୍ୟ ହୋଇଥିବାର ଲୋ । କ ଲୋ । ଚ ନ କୁ ଆସିଛି । ପୋଲିସ ଏସଆଇ ପଦବୀ ବିକ୍ରୀ ପାଇଁ ପ୍ରାୟ ୫୦୦ ରୁ ଉର୍ଦ୍ଧ୍ୱର୍ ପରୀକ୍ଷାର୍ଥୀଙ୍କୁ ଯୋଗାଯୋଗ ହୋଇଥିବାର ଅଭିଯୋଗ ହୋଇଛି । କାର୍ଯ୍ୟକ୍ରମରେ ଓଡ଼ିଶା ପ୍ରଭାରୀ ମହେଶ ଦେଶମୁଖ ଯୋଗଦେଇ ଭୋଟ ଚୋରି ଓ ଚାକିରି ବିକ୍ରୀ ବିରୋଧରେ ନିର୍ବାଚନ କମିଶନର ଓ ମୋହନ ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ । ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର କହିଥିଲେ ଯେ ଓଡ଼ିଶାର ଯୁବକ ଯୁବତୀମାନଙ୍କର ଅଧିକାର ପାଇଁ ଯୁବ କଂଗ୍ରେସ ଲେଇ ଜାରି ରଖିବ । ବିକ୍ଷୋଭ ପରେ ଯୁବ କଂଗ୍ରେସର କର୍ମୀ ଓ କର୍ମକର୍ତ୍ତାମାନେ ମୁଖ୍ୟ ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟ ଘେରାଉ କରିବାକୁ ଯାଉଥିବା ବେଳେ ଲୋୟର ପିଏମଜି ଠାରେ ପୋଲିସ ପଥ ଅବରୋଧ କରିଥିଲା । ଯୁବ କଂଗ୍ରେସ ରାଷ୍ଟ୍ରୀୟ ସଭାପତି ଓ ଅନ୍ୟମାନଙ୍କୁ ପୋଲିସ ଘଟଣାସ୍ଥଳରୁ ଗିରଫ କରିଥିଲା । ଏହି କାର୍ଯ୍ୟକ୍ରମରେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ବିଧାୟକ ରମେଶ ଜେନା, ଅଖିଳ ଭାରତ ଯୁବ କଂଗ୍ରେସର ସମ୍ପାଦକ ରିୟାନା ରାଜୁ ଓ ସହ ସମ୍ପାଦିକା ଖୁସି ଟିଗା, ମନୋଜ ଜେନା, ମହମ୍ମଦ ଇମଦାଦ, ମନୋଜ ବିଶ୍ୱାଳ, ଜାତୀୟ ଯୁବ କଂଗ୍ରେସ ଗଣମାଧ୍ୟମ ସଂଯୋଜକ ସୁଦିପ ସାମଲ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

### ବେଦାନ୍ତ ଆଲୁମିନିୟମ ବର୍ଷ ଶେଷ ସୁଦ୍ଧା

# ସମ୍ପୂର୍ଣ୍ଣ ମହିଳା ଲୋକୋମୋଟିଭ୍ କ୍ରୁମାନଙ୍କ ସଂଖ୍ୟା ଦ୍ୱିଗୁଣିତ କରିବ

ଭୁବନେଶ୍ୱର, (ସବ୍ୟୁ): ବେଦାନ୍ତ ଆଲୁମିନିୟମ, ୨୦୨୫ ଶେଷ ସୁଦ୍ଧା ଏହାର ଝାରସୁଗୁଡା ଆଲୁମିନିୟମ ସ୍ମେଲଟରରେ ବେଦାନ୍ତ ଗ୍ରୁପର ପ୍ରଥମ ସମ୍ପୂର୍ଣ୍ଣ ମହିଳା ଲୋକୋମୋଟିଭ୍ ଇଞ୍ଜିନ୍ ଦଳର ସଂଖ୍ୟା ଦ୍ୱିଗୁଣିତ କରିବାକୁ ଯୋଜନା ଘୋଷଣା କରିଛି । କମ୍ପାନୀ ବର୍ତମାନର ସାତ ସଦସ୍ୟ ବିଶିଷ୍ଟ ଦଳରେ ଆଉ ଛଅ ଜଣ ମହିଳା ବୃତିଗତଙ୍କୁ ଯୋଡିବାକୁ ଯୋଜନା କରୁଛି । ବେଦାନ୍ତ ବିଶ୍ୱର ସର୍ବବୃହତ ଆଲୁମିନିୟମ ପ୍ଲାଣ୍ଟ ମଧ୍ୟରୁ ଗୋଟିଏର ବର୍ଦ୍ଧିତ ଲଜିଷ୍ଟିକ୍ ଏବଂ କାର୍ଯ୍ୟକ୍ଷମ ଚାହିଦା ପରିଚାଳନା କରିବା ପାଇଁ ଦ୍ୱିତୀୟ ସମ୍ପୂର୍ଣ୍ଣ ମହିଳା ଲୋକୋମୋଟିଭ୍ ଦଳ ସୃଷ୍ଟି କରିବାର ଯୋଜନା ମଧ୍ୟ ଘୋଷଣା କରିଛି ।

ଏହି ପଦକ୍ଷେପ ବେଦାନ୍ତ ଆଲୁମିନିୟମର ଏକ ଅନ୍ତର୍ଭୁକ୍ତ ଶିଳ୍ପ ଇକୋସିଷ୍ଟମ ସୃଷ୍ଟି କରିବାର ଯାତ୍ରାରେ ଆଉ ଏକ ମାଇଲଖୁଂଟ ଚିହ୍ନିତ କରେ ଯେଉଁଠାରେ ମହିଳାମାନେ ଉତ୍ପାଦନ, ଲଜିଷ୍ଟିକ୍ସ ଏବଂ ପ୍ରଯୁକ୍ତିବିଦ୍ୟା



କାର୍ଯ୍ୟରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟର ନେତୃତ୍ୱ ନିଅନ୍ତି । କମ୍ପାନୀର ସମ୍ପୂର୍ଣ୍ଣ ମହିଳା ଲୋକୋମୋଟିଭ୍ ଦଳ, ୨୦୨୫ ମଧ୍ୟଭାଗରେ ନିୟୋଜିତ, ଝାରସୁଗୁଡ଼ା ସ୍ମେଲଟରରେ କଂଚାମାଲର ଆଭ୍ୟନ୍ତରୀଣ ଗତିବିଧି ପାଇଁ ଉତ୍ସର୍ଗୀକୃତ ଲୋକୋମୋଟିଭ୍ ଇଞ୍ଜିନକୁ ପରିଚାଳନା ଏବଂ ରକ୍ଷଣାବେକ୍ଷଣ କରନ୍ତି, ଯାହା ଆଲୁମିନିୟମ ଉତ୍ପାଦନ ପ୍ରକ୍ରିୟାରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଏବଂ ଉଚ୍ଚ-ଦାୟିତ୍ୱପୂର୍ଣ୍ଣ ଲଜିଷ୍ଟିକ୍ କାର୍ଯ୍ୟ ମଧ୍ୟରୁ ଅନ୍ୟତମ ଅଟେ ।

ସମ୍ପ୍ରସାରଣ ଘୋଷଣା କରି, ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, "ଆମର ପ୍ରଥମ ସମ୍ପୂର୍ଣ୍ଣ ମହିଳା ଲୋକୋମୋଟିଭ୍ ଦଳ ଦକ୍ଷତା, ସଠିକତା ଏବଂ ନେତୃତ୍ୱ କୌଣସି ଲିଙ୍ଗକୁ ଜାଣନ୍ତି ନାହିଁ ବୋଲି ପ୍ରମାଣ କରି ନୂତନ କିର୍ତିମାନ ସୃଷ୍ଟି କରିଛନ୍ତି । ଏହି ଘୋଷଣା ବେଦାନ୍ତ ଆଲୁମିନିୟମର ନୂତନ ଡିଜିଟାଲ୍ ଫିଲ୍ମ, "ଅନ୍ ଦି ରାଇଟ୍ ଟ୍ରାକ୍" ର ଶୁଭାରମ୍ଭ ସହିତ ସମନ୍ୱିତ ହେଉଛି, ଯାହା ଏହି ଅଗ୍ରଣୀ ମହିଳା ଲୋକୋମୋଟିଭ୍ ଅପରେଟରଙ୍କ ପ୍ରେରଣାଦାୟକ ଯାତ୍ରାକୁ ପାଳନ କରେ । ବେଦାନ୍ତ ଆଲୁମିନିୟମର ଚାଲୁଥିବା ଅଭିଯାନର ଏକ ଅଂଶ ଅଟେ, ଏହି ଫିଲ୍ମଟି ଝାରସୁଗୁଡାରେ ବିଶାଳ ଇନ-ପ୍ଲାଂଟ ରେଳ ନେଟୱାର୍କକୁ ନେଭିଗେଟ୍ କରିବା ସମୟରେ ସେମାନଙ୍କର ଦୃଢ଼ ନିଷ୍ଠା ଏବଂ ଦଳଗତ କାର୍ଯ୍ୟକୁ ଦୃଶ୍ୟମାନ କରେ, ଯାହାକି ନବସୃଜନ ଏବଂ କାର୍ଯ୍ୟକ୍ଷମ ଉତ୍କର୍ଷତାକୁ ଇନ୍ଧନ ଦିଏ ।

# ହାତୀବଂଶର ସୁରକ୍ଷା ନିମନ୍ତେ ସଚେତନତା ଶୋଭାଯାତ୍ରା

ଆଠଗଡ,(ସବ୍ୟୁ) : ଅଠଗଡ ବନଖଣ୍ଡରେ ହାତୀବଂଶର କିଭଳି ଭାବେ ସୁରକ୍ଷା ହୋଇପାରିବ ଏବଂ ହାତୀ ଓ ମଣିଷ ମଧ୍ୟରେ ସୁ-ସମ୍ପର୍କ ରହିପାରିବ ଏହାକୁ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ବିଶେଷ ଧ୍ୟାନ ଦିଆଯାଇ ଜନ ସେଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଅଛି। ଏହି ପରିପ୍ରକ୍ଷିରେ ଆଠଗଡ ବନଖଣ୍ଡ ଓ ସେଭ ଏଲିଫ୍ୟାଂଟ ଫାଉଣ୍ଡେସନର ମିଳିତ ଆନୁକୁଲ୍ୟରେ ତଥା ଖୁଂଟୁଣୀ ବନାଂଚଳ ଅଧିକାରୀ ନିଳମାଧବ ସାହୁଙ୍କ ସଂଯୋଜନାରେ ସ୍ଥାନିୟ ଖୁଣ୍ଟୁଣୀ ରାଧାନାଥ ବିଦ୍ୟାପୀଠ ଠାରେ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରଦ୍ଧାଞ୍ଜଳୀ ସାମଲଙ୍କ ଅଧ୍ୟକ୍ଷତାରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ହାତୀର ସୁରକ୍ଷା ଏବଂ ତାକୁ ବଂଚିବାକୁ ଦେବା ନିମନ୍ତେ ରେଞ୍ଜର ଶ୍ରୀ ସାହୁ ସାଧରଣରେ ଅନୁରୋଧ ରଖିଥିଲେ।

# ସୋଆ ଛାତ୍ରଛାତ୍ରୀଙ୍କ ଗ୍ରାଜୁଏସନ୍ କାର୍ଯ୍ୟକ୍ରମ ୨୦୨୫

ଭୁବନେଶ୍ୱର, (ସବ୍ୟୁ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ଅଧିନସ୍ଥ ବିଭିନ୍ନ ଅନୁଷ୍ଠାନର ଛାତ୍ରଛାତ୍ରୀଙ୍କ ନିମନ୍ତେ ସ୍ୱତନ୍ତ୍ର ଭାବେ ଗ୍ରାଜୁଏସନ୍ କାର୍ଯ୍ୟକ୍ରମ ୨୦୨୫ ଆୟୋଜିତ ହୋଇଯାଇଛି । ନିକଟରେ ବିଭିନ୍ନ ଦିବସରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସୋଆର ବିଭିନ୍ନ ଶିକ୍ଷାନୁଷ୍ଠାନର ଅଣ୍ଡରଗ୍ରାଜୁଏଟ୍, ପୋଷ୍ଟ ଗ୍ରାଜୁଏଟ୍ , ଡିଏମ୍ ଏବଂ ଏମ୍‌ସିଏଚ୍ ଛାତ୍ରଛାତ୍ରୀ ମାନଙ୍କ ନିମନ୍ତେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ସେପ୍ଟେମ୍ବର ୧୬ ତାରିଖରୁ ଆରମ୍ଭ ହୋଇଥିବା ଏହି ଗ୍ରାଜୁଏସନ୍ କାର୍ଯ୍ୟକ୍ରମ ବୁଧବାର ଶେଷ ହୋଇଥିବା ବେଳେ ପ୍ରାୟ ୪୦୦୦ ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଡିଗ୍ରୀ ଗ୍ରହଣ କରିଥିବା ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ସୂଚନା ଦେଇଛନ୍ତି ।

ବୁଧବାର ସୋଆ ନ୍ୟାସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲ (ଏସ୍‌ଏନଆଇଏଲ୍)ରୁ ଆଇନ୍ ପାଠ୍ୟକ୍ରମରେ ଶିକ୍ଷା ସମାପ୍ତ କରିଥିବା ଛାତ୍ରଛାତ୍ରୀଙ୍କୁ ଅନୁଷ୍ଠାନର କ୍ୟାମ୍ପସ୍‌ରେ ଆୟୋଜିତ ଗ୍ରାଜୁଏସନ୍ କାର୍ଯ୍ୟକ୍ରମରେ ଡିଗ୍ରୀ ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ଛାତ୍ରଛାତ୍ରୀମାନଙ୍କୁ ଡିଗ୍ରୀ ପ୍ରଦାନ କରିଥିଲେ । ଏହି ଅବସରରେ ସୋଆର କଂଟ୍ରୋଲର ଅଫ୍ ଏଗ୍‌ଜାମିନେସନ୍ ପ୍ରଫେସର ମଞ୍ଜୁଳା ଦାସ, ଉପକୁଳପତି ପ୍ରଫେସର ଅନୁପ କୁମାର ସାମନ୍ତରାୟ, ଏସ୍‌ଏନ୍‌ଆଇଏଲ୍‌ର ଡିନ୍ ପ୍ରଫେସର ଏସ୍. ଏ. କେ. ଆଜାଦ, ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ, ସିନିୟର ପ୍ରଫେସର ପ୍ରବୀର ପଟ୍ଟନାୟକ ଏବଂ ସିନିୟର ପ୍ରଫେସର ମଧୁସୁଦନ ଦାସଙ୍କ ସମେତ ବିଭାଗୀୟ ମୁଖ୍ୟ ଏବଂ ଫ୍ୟାକଲ୍ଟି ସଦସ୍ୟମାନେ ଉପସ୍ଥିତ ଥିଲେ ।

ସେହିପରି ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ ହସ୍ପିଟାଲର ପୋଷ୍ଟଗ୍ରାଜୁଏଟ୍ ଏବଂ ସୁପରସ୍ପେଶିଆଲିଟି ବିଭାଗର ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରାଯାଇଥିବା ବେଳେ ଏହି ଅବସରରେ ସୋଆ କୁଳପତି, ଉପକୁଳପତି ପ୍ରଫେସର ପ୍ରସେନ୍‌ଜିତ ମହାନ୍ତି, କଂଟ୍ରୋଲର ଅଫ୍ ଏଗ୍‌ଜାମିନେସନ ଏବଂ ଛାତ୍ର ମଙ୍ଗଳ ଡିନ୍ ଓ ଆଇଏମ୍‌ଏସ୍ ଆଣ୍ଡ ସମ ହସ୍ପିଟାଲ୍‌ର ଡିନ୍ ପ୍ରଫେସର ସଂଘମିତ୍ରା ମିଶ୍ର, ଆଡିସ୍‌ନାଲ୍ ଡିନ୍ ପ୍ରଫେସର ରଚିତା ଷଡ଼ଙ୍ଗୀଙ୍କ ସମେତ ବିଭାଗୀୟ ମୁଖ୍ୟ ଓ ଫ୍ୟାକଲ୍ଟି ସଦସ୍ୟମାନେ ଉପସ୍ଥିତ ଥିଲେ ।

ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡେଂଟାଲ୍ ସାଇନ୍‌ସେସ୍ (ଆଇଡିଏସ୍) ର ଛାତ୍ରଛାତ୍ରୀଙ୍କୁ ଗ୍ରାଜୁଏସନ୍ କାର୍ଯ୍ୟକ୍ରମରେ ଡିଗ୍ରୀ ପ୍ରଦାନ କରାଯାଇଥିଲା । ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବିଜିନେସ ଆଣ୍ଡ କମ୍ପ୍ୟୁଟର ଷ୍ଟଡିଜ୍ ଏବଂ ସ୍କୁଲ ଅଫ୍ ହୋଟେଲ ମ୍ୟାନେଜମେଂଟର ଛାତ୍ରଛାତ୍ରୀଙ୍କୁ ଗୋଟିଏ ଦିନରେ ଡିଗ୍ରୀ ପ୍ରଦାନ କରାଯାଇଥିଲା ।

## ଟ୍ରମ୍ପ ପ୍ରଶାସନର ନିଷ୍ପତ୍ତି

# ଜେନେରିକ୍ ଔଷଧ ଉପରେ ଲାଗିବନି ଶୁଳ୍କ



ୱାଶିଂଟନ :ଜେନେରିକ୍ ଔଷଧ ଉପରେ ଟାରିଫ ଲଗାଯିବ ନାହିଁ । ଟ୍ରମ୍ପ ପ୍ରଶାସନ ପକ୍ଷରୁ ଏହା ସ୍ପଷ୍ଟ କରାଯାଇଛି । ଏହା ଭାରତ ପାଇଁ ଆଶ୍ୱସ୍ତି ଆଣିଦେଇଛ । କାରଣ ଭାରତ ଆମେରିକାକୁ ମୁଖ୍ୟତଃ ଜେନେରିକ ଔଷଧ ରପ୍ତାନି କରିଥାଏ । ଦି ଓ୍ୱାଲ ଷ୍ଟ୍ରିଟ୍ ଜର୍ଣ୍ଣାଲର ରିପୋର୍ଟ ଅନୁସାରେ ପ୍ୟାଟେଣ୍ଟେଡ୍ ଓ ବ୍ରାଣ୍ଡେଡ୍ ଔଷଧ ପରି ଜେନେରିକ ଔଷଧ ଉପରେ ବି ଟାରିଫ ଲଗାଇବାକୁ ଟ୍ରମ୍ପ ପ୍ରଶାସନ ପ୍ରସ୍ତୁତି ଆରମ୍ଭ କରିଦେଇଥିଲା । କିନ୍ତୁ ଏହାକୁ ସୀମିତ ରଖିବାକୁ ଆମେରିକାର ବାଣିଜ୍ୟ ବିଭାଗ ସୁପାରିଶ କରିଥିଲା । କାରଣ ଜେନେରିକ ଔଷଧ ଉପରେ ଟାରିଫ ଲଗାଗଲେ ତାହା । ଆମେରିକାରେ ଔଷଧ ଓ ସ୍ୱାସ୍ଥ୍ୟସେବାକୁ ମହଙ୍ଗା କରିବାର ଆଶଙ୍କା ଥିଲା । ଗତ ମାସରେ ଟ୍ରମ୍ପ ପ୍ରଶାସନ ଘୋଷଣା କରିଥିଲା ଯେ ପ୍ୟାଟେଣ୍ଟେ ହୋଇଥିବା ଓ ବ୍ରାଣ୍ଡେଡ୍ ଔଷଧ ଉପରେ ଟାରିଫ ଲଗାଯିବ ।ଦି ଓ୍ୱାଲ ଷ୍ଟ୍ରିଟ୍ ଜର୍ଣ୍ଣାଲର ରିପୋର୍ଟ ଅନୁସାରେ ପ୍ୟାଟେଣ୍ଟେଡ୍ ଓ ବ୍ରାଣ୍ଡେଡ୍ ଔଷଧ ପରି ଜେନେରିକ ଔଷଧ ଉପରେ ବି ଟାରିଫ ଲଗାଇବାକୁ ଟ୍ରମ୍ପ ପ୍ରଶାସନ ପ୍ରସ୍ତୁତି ଆରମ୍ଭ କରିଦେଇଥିଲା । କିନ୍ତୁ ଏହାକୁ ସୀମିତ ରଖିବାକୁ ଆମେରିକାର ବାଣିଜ୍ୟ ବିଭାଗ ସୁପାରିଶ କରିଥିଲା ।କାରଣ ଜେନେରିକ ଔଷଧ ଉପରେ ଟାରିଫ ଲଗାଗଲେ ତାହା ଆମେରିକାରେ ଔଷଧ ଓ ସ୍ୱାସ୍ଥ୍ୟସେବାକୁ ମହଙ୍ଗା କରିବାର ଆଶଙ୍କା ଥିଲା ।ଏପରି ହେଲେ ଆମେରିକା ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାର ଆଶଙ୍କା ଥିଲା । ଏହାକୁ ଦୃଷ୍ଟିରେ ରଖି ଟ୍ରମ୍ପ ପ୍ରଶାସନ ଏପରି ନିଷ୍ପତ୍ତିରୁ ଓହରିଯାଇଥିବା ଏହି ରିପୋର୍ଟରେ କୁହାଯାଇଛି ।

ତଥ୍ୟ ଅନୁସାରେ ଆମେରିକା ଆମଦାନୀ କରୁଥିବା ପ୍ରାୟ ୪୭% ଜେନେରିକ ଔଷଧ ଭାରତରୁ ଯାଇଥାଏ । ଏହା ଉପରେ ଟାରିଫ ଲାଗିଥିଲେ ଭାରତୀୟ ଫାର୍ମାସୁଟିକାଲ୍ସ ବିଶେଷଭାବେ କମ୍ପାନି ପ୍ରଭାବିତ ହୋଇଥାନ୍ତେ ।

# କ୍ରାଜନାହୋରକାଇଙ୍କୁ ସାହିତ୍ୟରେ ନୋବେଲ୍

ଷ୍ଟକହୋମ୍ : ହଙ୍ଗେରୀର ପ୍ରସିଦ୍ଧ ଲେଖକ ଲାସଜଲୋ କ୍ରାଜନାହୋରକାଇ ସାହିତ୍ୟରେ ପାଇବେ ନୋବେଲ । ସାହିତ୍ୟ କ୍ଷେତ୍ରରେ ତାଙ୍କୁ ନୋବେଲ ପୁରସ୍କାର ପାଇଁ ଚୟନ କରାଯାଇଛି । ସେ ଲେଖିଥିବା ଉପନ୍ୟାସ ପାଇଁ ତାଙ୍କୁ ନୋବେଲ ସମ୍ମାନ ମିଳିବ । ତାଙ୍କୁ ଏହି ସମ୍ମାନ ତାଙ୍କର ଅସାଧାରଣ ଓ ଦୂରଦର୍ଶୀ ରଚନା ପାଇଁ ପ୍ରଦାନ କରାଯିବ । ବିନାଶ ଓ ଭୟର ସ୍ଥିତି ମଧ୍ୟରେ ତାଙ୍କ କଳାର ଶକ୍ତିକୁ ସେ ପ୍ରତିପାଦନ କରିପାରିଛନ୍ତି । ସେ ନିଜର ଉପନ୍ୟାସରେ ଜର୍ମାନୀର ସାମାଜିକ ଅସ୍ଥିରତା କେମିତି ହିଂସା ଓ ସୁନ୍ଦରତା ଉପରେ ପ୍ରଭାବ ପକାଉଛି, ତା'କୁ ଉପସ୍ଥାପନ କରିଥିଲେ।



୧୯୫୪ରେ ରୋମାନିଆକୁ ଲାଗିଥିବା ହଙ୍ଗେରୀ ସୀମାନ୍ତ ସହର ଗୟୁଲାରେ କ୍ରାଜନାହୋରକାଇ ଜନ୍ମ ଗ୍ରହଣ କରିଥିଲେ । ୩୧ ବର୍ଷ ବୟସରେ ଅର୍ଥାତ୍ ୧୯୮୫ ମସିହାରେ ତାଙ୍କର ପ୍ରଥମ ଉପନ୍ୟାସ ପ୍ରକାଶ ପାଇଥିଲା । ଏହି ୭୧ ବର୍ଷୀୟା ଔପନ୍ୟାସିକଙ୍କ ସାହିତ୍ୟ କୃତିକୁ ପ୍ରଶଂସା କରି ନୋବେଲ ଫାଉଣ୍ଡେସନ ତରଫରୁ କୁହାଯାଇଛି ଯେ ତାଙ୍କ ରଚନାରେ ରହିଛି ମନୋମୁଗ୍ଧକର ଓ ଦୂରଦର୍ଶୀ ସୃଜନକର୍ମ ଯାହା ପାରମ୍ପରିକ ବିଶ୍ୱରେ ଭୟ ଓ ଆତଙ୍କର ସ୍ଥିତି ଭିତରେ ବି ସାରସ୍ୱତ ସୃଜନଶିଳ୍ପର ଶକ୍ତିକୁ ଦୃଢ଼ ଓ ସୁନ୍ଦର ଭାବେ ଛିଡ଼ା କରାଇବାରେ ସମର୍ଥ ଓ ସଫଳ ହୋଇଛି । ସେ ନିଜର ଦୀର୍ଘ, ଜଟିଳ ବାକ୍ୟ ଓ ଦାର୍ଶନିକ ଗଭୀରତା ପାଇଁ ବେଶ ପରିଚିତ । ତାଙ୍କ ଲେଖାଗୁଡ଼ିକୁ ସବୁବେଳେ ଫ୍ରାଞ୍ଜ କାଫକା ଓ ଥୋମାସ ବ୍ରେନହାର୍ଡଙ୍କ ସହ ତୁଳନା କରାଯାଏ । କାରଣ ତାଙ୍କ ଲେଖାଗୁଡ଼ିକରେ ବିଚିତ୍ର କଳ୍ପନା ଓ ଆଭ୍ୟନ୍ତରୀଣ ଆଧ୍ୟାତ୍ମିକତାର ମିଶ୍ରଣ ରହିଥାଏ । ନୋବେଲ କମିଟି କ୍ରାଜନାହୋରକାଇଙ୍କୁ କେନ୍ଦ୍ରୀୟ ୟୁରୋପୀୟ ପରମ୍ପରାର ଜଣେ ମହାନ ଲେଖକ ଭାବେ ଚିତ୍ରଣ କରିଛି । ୨୦୨୫ରେ ପୁରସ୍କାର ଜିତିଥିବା ତାଙ୍କର ଓerticheଙ୍କ ୦୭୭୬୯କୁ ମହାନ ପାରମ୍ପରିକ ଜର୍ମାନ ଉପନ୍ୟାସର ଆଖ୍ୟା ମିଳିଛି । ଗୋଟିଏ ଛୋଟ ଥୁରିନଜିଆନ ସହର କେମିତି ସାମାଜିକ ବିବାଦକ, ହିଂସା ଓ ପୋଡ଼ାଜଳା ଦ୍ୱାରା ପ୍ରଭାବିତ ହେଉଛି, ସେକଥା ନିଜ ଉପନ୍ୟାସରେ ଲେଖିଥିଲେ କ୍ରାଜନାହୋରକାଇ ।

# କିଲର କଫ୍ ସିରପ ପ୍ରସ୍ତୁତ କରୁଥିବା କମ୍ପାନୀ ନିଷିଦ୍ଧ

ନୂଆଦିଲ୍ଲୀ, ୯ ।୧୦ : ଔଷଧ ପ୍ରସ୍ତୁତ କମ୍ପାନୀ ସ୍ରେସନ୍ ଫାର୍ମା ପକ୍ଷରୁ ପ୍ରସ୍ତୁତ କଫ୍ ସିରପ ଯାହାକି ୨୦ରୁ ଊର୍ଦ୍ଧ୍ୱ ଶିଶୁଙ୍କ ଜୀବନ ନେଇଛି । ସମ୍ପୃକ୍ତ କମ୍ପାନୀକୁ ନିଷିଦ୍ଧ କରାଯାଇଥିବା ସୂଚନା ମିଳିଛି । ୨୦୧୧ରୁ ଏହି କମ୍ପାନୀ ଲାଇସେନ୍ସ ପାଇ କଫ୍ ସିରପ ତିଆରି କରୁଥିଲେ । ଏହି କଫ୍ ସିରପରେ ବିଷାକ୍ତ ଦ୍ରବ୍ୟ ଥିବାରୁ ୨୦ ପିଲାଙ୍କ ମୃତ୍ୟୁ ହୋଇଛି । ତାମିଲନାଡୁରେ ଥିବା ଏହାର କାରଖାନାରେ ଅନୁସନ୍ଧାନ ସମୟରେ ୩୬୪ଟି ନିୟମ ଉଲ୍ଲଂଘନ ହୋଇଥିବା ଜଣାପଡିଛି । ଯାହା ମଧ୍ୟରେ ୩୮ଟି ଗୁରୁତର ଉଲ୍ଲଙ୍ଘନ ହୋଇଥିବା କୁହାଯାଉଛି । ସ୍ରେସନ୍ ଫାର୍ମା କୋଲ୍ଡରିଫ୍ ସିରପ ପ୍ରସ୍ତୁତ କରିଥାଏ ।

ଉକ୍ତ କମ୍ପାନୀର ଲାଇସେନ୍ସ ୨୦୧୬ରେ ନବୀକରଣ କରାଯାଇଥିଲା । ସିଡିଏସ୍‌ସିଇଓ ଏବେ ଏହାର ଅନୁସନ୍ଧାନ କରୁଛନ୍ତି । ସବୁ ରାଜ୍ୟରେ କଫ୍ ସିରପ ପ୍ରସ୍ତୁତ କରୁଥିବା କମ୍ପାନୀର ତାଲିକା ମଗାଯାଇଛି । ଆସନ୍ତାମାସ ସୁଦ୍ଧା ଏହାର ପରୀକ୍ଷଣ ରିପୋର୍ଟ ଆସିଯିବ । ସିଡିଏସ୍‌ସିଇଓ ପକ୍ଷରୁ ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ଭେଷଜ ନିୟନ୍ତ୍ରକମାନଙ୍କୁ ତଦାରଖ ଜୋରଦାର କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । କଞ୍ଚାମାଲ୍‌ଗୁଡ଼ିକୁ ଯାଞ୍ଚ କରିବା ପାଇଁ କୁହାଯାଇଛି । ସିଡିଏସ୍‌ସିଇଓ ପକ୍ଷରୁ ଏକ ଯୁଗ୍ମ ପରୀକ୍ଷଣ କରାଯାଇ ମଧ୍ୟପ୍ରଦେଶରେ ୧୯ ସିରପର ନମୁନା ସଂଗ୍ରହ କରାଯାଇଛି । ତା'ମଧ୍ୟରୁ ତିନୋଟି ଗୁଣାତ୍ମକ ପରୀକ୍ଷାରେ ବିଫଳ ହୋଇଛନ୍ତି । ରାଜସ୍ଥାନରେ ଯେଉଁ ମୃତ୍ୟୁ ହୋଇଛି ତାହା କଫ୍ ସିରପ ପାଇଁ ନୁହେଁ ବୋଲି ଜଣାପଡିଛି । କେରଳରେ ମଧ୍ୟ କଫ୍ ସିରପ ବିକ୍ରି ଉପରେ ନିଷିଦ୍ଧାଦେଶ ଜାରି କରାଯାଇଛି ।

# ଆଇବି ମନ୍ତ୍ରଣାଳୟର ସ୍ୱଚ୍ଛତା ହିଁ ସେବା ଅଭିଯାନ

ନୂଆଦିଲ୍ଲୀ : ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ସେପ୍ଟେମ୍ବର ୧୭ ରୁ ଅକ୍ଟୋବର ୨, ୨୦୨୫ ପର୍ଯ୍ୟନ୍ତ ସ୍ୱଚ୍ଛତା ହିଁ ସେବା (ଏସଏଚଏସ) ୨୦୨୫ ଅଭିଯାନକୁ ସଫଳତାର ସହିତ ସମାପ୍ତ କରିଛି । ମନ୍ତ୍ରଣାଳୟ ବିଭିନ୍ନ ବିଷୟବସ୍ତୁ ଅଧୀନରେ ୨,୭୬୬ଟି କାର୍ଯ୍ୟକ୍ରମ ଆୟୋଜନ କରିଥିଲା, ଯେଉଁଥିରେ ସ୍ୱଚ୍ଛତା ଟାର୍ଗେଟ ୟୁନିଟ୍ (ସିଟିୟୁ) ସଫା କରିବା, ସ୍ୱଚ୍ଛତା ଅଭିଯାନ, ଦ୍ୱାର-ଦ୍ୱାର କାର୍ଯ୍ୟକଳାପ, ସଚେତନତା ଅଭିଯାନ, ଚିତ୍ରକଳା ପ୍ରତିଯୋଗିତା, ସ୍ୱଚ୍ଛତା ରାଲି ଏବଂ କବିତା ପାଠ, ପଥପ୍ରାନ୍ତ ନାଟକ ଏବଂ ସ୍ଲୋଗାନ ଲେଖା ଭଳି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକଳାପ ଅନ୍ତର୍ଭୁକ୍ତ ଥିଲା, ଯେଉଁଥିରେ ୫୯,୧୨୨ ଜଣ ଅଂଶଗ୍ରହଣ କରିଥିଲେ ।




ସ୍ୱଚ୍ଛତା ହିଁ ସେବା ୨୦୨୫ ଅଭିଯାନ ଅଧୀନରେ ସଫା କରାଯାଇଥିବା ସ୍ଥାନଗୁଡ଼ିକର ମୋଟ ସଂଖ୍ୟା ୧,୫୮୮ ଥିଲା, ରୂପାନ୍ତରଣ କରାଯାଇଥିବା ସିଟିୟୁ ଗୁଡ଼ିକର ମୋଟ ସଂଖ୍ୟା ୮୨୪ ଥିଲା, ଏବଂ ସ୍ୱଚ୍ଛତାର ଗୁରୁତ୍ୱକୁ ପ୍ରୋତ୍ସାହିତ କରିବା ପାଇଁ କ୍ଲିନ୍ ଗ୍ରୀନ୍ ଉତ୍ସବ ଏବଂ ସଫାଇ ମିତ୍ର ସୁରକ୍ଷା ଶିବିର ଅଧୀନରେ ଆୟୋଜିତ କାର୍ଯ୍ୟକ୍ରମଗୁଡ଼ିକର ମୋଟ ସଂଖ୍ୟା ଯଥାକ୍ରମେ ୧୯୮, ୪୯ ଏବଂ ୧୦୭ ଥିଲା ।

ମନ୍ତ୍ରଣାଳୟ ୨୫ ସେପ୍ଟେମ୍ବରରେ 'ଏକ ଦିନ ଏକ ଘଣ୍ଟା ଏକ ସାଥ' ଏବଂ ୨ ଅକ୍ଟୋବରରେ 'ସ୍ୱଚ୍ଛ ଭାରତ ଦିବସ' ଅବସରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରିଥିଲା, ଯେଉଁଠାରେ ଅଧିକାରୀ ଏବଂ କର୍ମଚାରୀମାନେ ସ୍ୱଚ୍ଛତା ଉପରେ ସଚେତନତା ପ୍ରସାର କରିବା ପାଇଁ ରାସ୍ତା ସଫା କରିବା ପାଇଁ ଝାଡୁ ଧରି ଆଗକୁ ଆସିଥିଲେ ।

ସୂଚନା ଏବଂ ପ୍ରସାରଣ ସଚିବ ଶ୍ରୀ ସଞ୍ଜୟ ଜାଜୁ ସମସ୍ତ ଗଣମାଧ୍ୟମୟୁନିଟର ମୁଖ୍ୟ ଏବଂ ସେମାନଙ୍କର ନୋଡାଲ ଅଧିକାରୀଙ୍କ ସହିତ ପ୍ରସ୍ତୁତି ଏବଂ କାର୍ଯ୍ୟାନ୍ୱୟନ ପର୍ଯ୍ୟାୟର ଅଗ୍ରଗତି ସମୀକ୍ଷା କରିଥିଲେ ଏବଂ ଅଭିଯାନ କାର୍ଯ୍ୟକ୍ରମଗୁଡ଼ିକର ସଠିକ୍ କାର୍ଯ୍ୟାନ୍ୱୟନ ପାଇଁ ନିର୍ଦ୍ଦେଶ ଜାରି କରିଥିଲେ ।

# ଶାନ୍ତି ଯୋଜନାରେ ସହମତ ହେଲେ ଇସ୍ରାଏଲ-ହମାସ

ନୂଆଦିଲ୍ଲୀ: ଯୁଦ୍ଧ ଶେଷ କରିବାକୁ ରାଜି ହେଲେ ଇସ୍ରାଏଲ ଏବଂ ହମାସ । ଆମେରିକାର ମଧ୍ୟସ୍ଥତାରେ ହୋଇଥିବା ଶାନ୍ତି ଯୋଜନାର ପ୍ରଥମ ପର୍ଯ୍ୟାୟରେ ଇସ୍ରାଏଲ ଏବଂ ହମାସ ଶାନ୍ତି ପ୍ରତିଷ୍ଠା ନେଇ ସହମତ ହୋଇଛନ୍ତି । ଏ ବିଷୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଘୋଷଣା କରିଛନ୍ତି । ଟ୍ରମ୍ପଙ୍କ ଘୋଷଣା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରତିକ୍ରିୟା ସାମ୍ନାକୁ ଆସିଛି । ଏକ୍ସରେ ପୋଷ୍ଟ କରି ସେ ଏହି ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି ।

ସେ କରିଥିବା ଏକ୍ସ ପୋଷ୍ଟରେ ଲେଖାଯାଇଛି ଯେ, ଆମେ ରାଷ୍ଟ୍ରପତି ଟ୍ରମ୍ପଙ୍କ ଶାନ୍ତି ଯୋଜନାର ପ୍ରଥମ ପର୍ଯ୍ୟାୟରେ ଚୁକ୍ତିକୁ ସ୍ୱାଗତ କରୁଛୁ ।ଏହା ପ୍ରଧାନମନ୍ତ୍ରୀ ନେତାନ୍ୟାହୁଙ୍କ ଦୃଢ଼ ନେତୃତ୍ୱର ମଧ୍ୟ ପ୍ରତିଫଳନ । ଆମେ ଆଶା କରୁଛୁ ଯେ ବନ୍ଧକଙ୍କ ମୁକ୍ତି ଏବଂ ଗାଜାର ଲୋକମାନଙ୍କୁ ବର୍ଦ୍ଧିତ ମାନବିକ ସହାୟତା ସେମାନଙ୍କ ପାଇଁ ଆଶ୍ୱସ୍ତି ଆଣିବ ଏବଂ ସ୍ଥାୟୀ ଶାନ୍ତି ପାଇଁ ପଥ ପ୍ରଶସ୍ତ କରିବ । ଇସ୍ରାଏଲ-ହମାସ ଚୁକ୍ତିନାମା ଗାଜାରେ ଚାଲିଥିବା ଯୁଦ୍ଧ ବନ୍ଦ କରିବା ଏବଂ ବନ୍ଦୀମାନଙ୍କ ମୁକ୍ତି ସୁନିଶ୍ଚିତ କରିବା ଉପରେ ଧ୍ୟାନ ଦେବ । ଏହି ଐତିହାସିକ ଚୁକ୍ତିନାମା ଗୁରୁବାର ଇଜିପ୍ଟରେ ସ୍ୱାକ୍ଷରିତ ହୋଇଥିଲା । ଟ୍ରମ୍ପ ଏହାକୁ ସ୍ଥାୟୀ ଶାନ୍ତି ଦିଗରେ ପ୍ରଥମ ପଦକ୍ଷେପ ବୋଲି କହିଥିଲେ । ଅନ୍ୟପକ୍ଷରେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଏହାକୁ ଏକ କୂଟନୈତିକ ସଫଳତା ଏବଂ ଏକ ନୈତିକ ବିଜୟ ବୋଲି କହିଥିଲେ ।

ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତାଙ୍କ ସୋସିଆଲ ମିଡିଆ ପ୍ଲାଟଫର୍ମ ଟ୍ରୁଥ୍ ସୋସିଆଲରେ ପୋଷ୍ଟ କରି ଲେଖିଛନ୍ତି ଯେ, ମୁଁ ଗର୍ବିତ ଯେ ଇସ୍ରାଏଲ ଏବଂ ହମାସ ଉଭୟ ଆମର ଶାନ୍ତି ଯୋଜନାର ପ୍ରଥମ ପର୍ଯ୍ୟାୟରେ ସହମତ ହୋଇଛନ୍ତି ।ଏହାର ଅର୍ଥ ହେଉଛି ସମସ୍ତ ବନ୍ଧକଙ୍କୁ ଖୁବ୍ ଶୀଘ୍ର ମୁକ୍ତ କରାଯିବ ଏବଂ ଇସ୍ରାଏଲୀ ସେନା ନିର୍ଦ୍ଧାରିତ ସୀମାକୁ ପ୍ରତ୍ୟାହାର କରିବ । ଏହା ସ୍ଥାୟୀ ଶାନ୍ତି ଦିଗରେ ପ୍ରଥମ ପଦକ୍ଷେପ ।

# ଭୋଟର ତାଲିକାରୁ ନାମ କାଟିବାକୁ ଏସ୍‌ଆଇଆର ବ୍ୟବସ୍ଥିତ ଅସ୍ତ୍ର

## ସୁପ୍ରିମକୋର୍ଟରେ ଯୋଗେନ୍ଦ୍ର ଯାଦବଙ୍କ ଅଭିଯୋଗ

ନୂଆଦିଲ୍ଲୀ, ୯ ।୧୦ : ସ୍ପେଶାଲ ଇଣ୍ଟେନ୍‌ସିଭ ରିଭିଜନ୍ (ଏସ୍‌ଆଇଆର)କୁ ବ୍ୟବସ୍ଥିତ ଓ ଢ଼ାଞ୍ଚାଗତ ଅସ୍ତ୍ର ଭାବେ ବ୍ୟବହାର କରାଯାଇ ଭୋଟର ତାଲିକାରୁ ନାମକୁ ବାଦ୍ ଦିଆଯାଉଛି । ବିହାରରେ ଶେଷ ହୋଇଥିବା ଏସ୍‌ଆଇଆରରେ ଯେଉଁଭଳି ସଂଖ୍ୟାରେ ମତଦାତାଙ୍କ ନାମ ସୂଚିରୁ ବାଦ୍ ପଡିଛି ତାହା ଭାରତର ଇତିହାସରେ କେବଳ ଦେଖିବାକୁ ମିଳିନଥିଲା ବୋଲି ସାମାଜିକ କର୍ମୀ ଯୋଗେନ୍ଦ୍ର ଯାଦବ ସୁପ୍ରିମ୍‌କୋର୍ଟରେ କହିଛନ୍ତି ।

ଶ୍ରୀ ଯାଦବ ଆଜି ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଓ ଜଷ୍ଟିସ୍ ଜୟମାଲ୍ୟ ବାଗ୍‌ଚୀଙ୍କ ଖଣ୍ଡପୀଠରେ ତାଙ୍କର ପକ୍ଷ ରଖିଥଲେ । ସେ କହିଥିଲେ ଯେ ନଭେମ୍ବରରେ ବିହାରରେ ବିଧାନସଭା ନିର୍ବାଚନ ହେବ ଓ ଏସ୍‌ଆଇଆର ଶେଷ ହୋଇଛି । ମତଦାତା ସୂଚିରେ ଉନ୍ନତିର ଆବଶ୍ୟକତା ରହିଛି । ନିର୍ବାଚନ କମିଶନ ଏହା କରନ୍ତୁ ନାହିଁ ବୋଲି କେହି କହୁନାହାନ୍ତି । ଏହା ତାଙ୍କର କର୍ତ୍ତବ୍ୟ । ତେବେ ଯେଉଁଭଳି ପ୍ରକାରରେ ଏହାର ସଂଶୋଧନ କରାଗଲା ତାହା ଉପରେ ପ୍ରଶ୍ନ ଉଠିଛି । ଏହକୁ ଅସ୍ତ୍ରଣ ଭାବେ ବ୍ୟବହାର କରାଯାଇ ବ୍ୟବସ୍ଥିତ ଢ଼ଙ୍ଗରେ ନାମ କଟାଯାଇଛି । ଏସ୍‌ଆଇଆର ଦ୍ୱାରା ମତଦାତା ସୂଚୀ ସୀମିତ ହୋଇଛି । ୪୭ ଲକ୍ଷ ଲୋକ ବାଦ୍ ପଡିଛନ୍ତି । ଇତିହାସରେ କେବେ ଏହା ଦେଖିବାକୁ ମିଳିନଥିଲା । ୨୦କ୍% ଫର୍ବ ବୁଥ୍‌ସ୍ତରୀୟ ଅଧିକାରୀଙ୍କ ନିକଟରେ ଜବା ହୋଇଥିଲା । ଯଦି ଏହା ହୋଇନଥାନାତା ତେବେ ବାଦ୍ ପଡ଼ିବାକ ସଂଖ୍ୟା ୬୫ ଲକ୍ଷ ନୁହେଁ, ୨ କୋଟି ହୋଇଥାନ୍ତା । ଜଷ୍ଟିସ୍ ବାଗ୍‌ଚୀ କହିଥିଲେ ଯେ ନିର୍ବାଚନ ପ୍ରକ୍ରିୟାରେ ଥିବା ବିପରୀତ ଧର୍ମୀ ପଦକ୍ଷେପକୁ ରୋକିବା ଆବଶ୍ୟକ । ନିର୍ବାଚନ କମିଶନ ବଂଶାବଳୀ ପ୍ରକ୍ରିୟାକୁ ଆପଣାଇଛନ୍ତି । ପୂର୍ବରୁ ମତଦାତା ସୂଚିରେ ମହିଳାଙ୍କ ସଂଖ୍ୟା ପୁରୁଷଙ୍କ ତୁଳନାରେ ୨୦ ଲକ୍ଷ କମ୍ ରହିଥିଲା । ଚଳିତବର୍ଷ ଜାନୁଆରୀରେ ଏହା ୭ ଲକ୍ଷ ହୋଇଥିଲା । ଏସ୍‌ଆଇଆର ପରେ ଏହା ପୁନର୍ବାର ୧୬ ଲକ୍ଷ ହୋଇଛି । ୪୫ ହଜାର ନାମରେ ଅସଙ୍ଗତି ରହିଥିଲା । ସେମାନଙ୍କ ଘର ନଂ ଶୂନ ଥିଲା । ଏଭଳି ୪ ଲକ୍ଷ ୨୧ ହଜାର ଘର ରହିଛି । ସେହିଭଳି ୫.୨ ଲକ୍ଷ ଜାଲି ନାମ ରହିଛି । ଚିଠା ତାରିକାରେ ୪.୯୦ ଲକ୍ଷ ଏଭଳି ନାମ ଥିଲା । ନିର୍ବାଚନ କମିଶନ ଏହାର ସଂଶୋଧନ କରିବେ ବୋଲି ଆମେ ଭାବିଥିଲୁ । କିନ୍ତୁ ଏବେ ୩୦ ହଜାର ନୂଆ ନାଁ ଯୋଡ଼ି ହୋଇଛି । ୨୧ ଲକ୍ଷ ପରିବାର ବ୍ଲକ୍ ଭୋଟର ଅଛନ୍ତି । ପ୍ରତି ଘରେ ୧୦ ରୁ ଅଧିକ ସଦସ୍ୟ ଭୋଟ୍ ଦେଇପାରିବେ ବୋଲି ଉଲ୍ଲେଖ ରହିଛି ।




ମୁମ୍ବାଇଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗ୍ଲୋବାଲ୍ ଫିନଟେକ୍ ଫେଷ୍ଟ ୨୦୨୫ କୁ ସମ୍ବୋଦ୍ଧିତ କରିଛନ୍ତି । ଏହି ଫେଷ୍ଟିଭାଲରେ ବ୍ରିଟେନ୍ ପ୍ରଧାନମନ୍ତ୍ରୀ କୀର୍ ଷ୍ଟାର୍ମରଙ୍କୁ ପ୍ରଧାନମନ୍ତ୍ରୀ ସ୍ୱତନ୍ତ୍ର ଭାବରେ ସ୍ୱାଗତ କରିଥିଲେ । ଭାରତ ପ୍ରଯୁକ୍ତି କ୍ଷେତ୍ରରେ ଗଣତାନ୍ତ୍ରିକୀକରଣ ହାସଲ କରିଛି, ଆଜିର ଭାରତ ବିଶ୍ୱର ସବୁଠାରୁ ପ୍ରଯୁକ୍ତି ବିଦ୍ୟା ଅନ୍ତର୍ଭୁକ୍ତ ସମାଜ ମଧ୍ୟରେ ଅନ୍ୟତମ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଫିନ୍‌ଟେକ୍ ଫେଷ୍ଟ ମାଧ୍ୟମରେ ଆମର ସ୍ୱଦେଶୀ ସମାଧାନ ଗୁଡିକ ବିଶ୍ୱ ସ୍ତରୀୟ ପ୍ରାସଙ୍ଗିକତା ହାସଲ କରୁଛି । ଭାରତ ସର୍ବଦା ନୈତିକ ଏଆଇ ପାଇଁ ଏକ ବିଶ୍ୱ ସ୍ତରୀୟ ଢାଞ୍ଚାକୁ ସମର୍ଥନ କରିଆସିଛି ।

# ଧରାପଡ଼ିଲେ ୮ କୁଖ୍ୟାତ ସାଇବର ଅପରାଧୀ

ନୂଆଦିଲ୍ଲୀ: କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଅପରେସନହାଏଚି-୬ ରେ ବଡ ସଫଳତା ପାଇଛି । ଏହି ଅଭିଯାନର ଲକ୍ଷ୍ୟ ଥିଲା ସାଇବର-ଆଧାରିତ ଆର୍ଥିକ ଅପରାଧ ଏବଂ ଅନଲାଇନ୍ ଠକେଇ ରାକେଟ୍‌କୁ ରୋକିବା । ଏହି ଅଭିଯାନରେ, ସିବିଆଇ, ଆମେରିକାର ଏଫବିଆଇ ଏବଂ ଜର୍ମାନ କର୍ତ୍ତୃପକ୍ଷଙ୍କ ସହ ସହଯୋଗ କରିଥିଲା ।ଏହି ଅଭିଯାନ ସମୟରେ, ସିବିଆଇ ଆଠ ଜଣ ସାଇବର ଅପରାଧୀଙ୍କୁ ଗିରଫ କରିଥିଲା ଏବଂ ୪୫ ଜଣ ସନ୍ଦିଗ୍ଧଙ୍କୁ ଚିହ୍ନଟ କରିଥିଲା ଯେଉଁମାନେ ନାବାଳିକାମାନଙ୍କ ସହିତ ଜଡିତ ଆନ୍ତର୍ଜାତୀୟ ଅନଲାଇନ୍ ଠକେଇ ଏବଂ ଅଶ୍ଳୀଳ କାର୍ଯ୍ୟକଳାପରେ ସମ୍ପୃକ୍ତ ଥିଲେ ।

# ଚପଲ ଫିଙ୍ଗା ଘଟଣା : ମୁହଁ ଖୋଲିଲେ ସିଜେଆଇ

ନୂଆଦିଲ୍ଲୀ, ୯ ।୧୦ : ସୁପ୍ରିମ୍‌କୋର୍ଟର ପ୍ରଧାନ ବିଚାରପତି ବି.ଆର ଗଭାଇଙ୍କ ଉପରକୁ ଚପଲ ଫୋପାଡ଼ିବା ଉଦ୍ୟମ ସମ୍ପର୍କରେ ସେ ଆଜି ମୁହଁ ଖୋଲିଛନ୍ତି । ଦୁଇଦିନ ପର୍ଯ୍ୟନ୍ତ ଏହି ଘଟଣା ସମ୍ପର୍କରେ ପ୍ରଧାନ ବିଚାରପତି ନିରବ ଥିଲେ । ଆଜି କୋର୍ଟରେ ସେ କହିଛନ୍ତି ଯେ ଏହା ଏକ ଭୁଲି ଯାଇଥିବା ଅଧ୍ୟାୟ । ତାଙ୍କ ସହଯୋଗି ଭାଇ ଏବଂ ସେ ସୋମବାର ଘଟଣା ପାଇଁ ଆଶ୍ଚର୍ଯ୍ୟଚକିତ ହୋଇଯାଇଥିଲେ । ଆମ ଉଭୟଙ୍କ ପାଇଁ ଏହା ଏକ ଭୁଲିଯାଇଥିବା ଅଧ୍ୟାୟ ।

ଏହି ଘଟଣା ଘଟିବାବେଳେ ଜଷ୍ଟିସ୍ ଉଜ୍ଜ୍ୱଳ ଭୂୟାଁ ତାଙ୍କ ନିକଟରେ ବସିଥିଲେ । ଆଜି ମଧ୍ୟ ସେ ତାଙ୍କ ମତ ରଖିଛନ୍ତି । ସେ କହିଛନ୍ତି ଯେ ଦେଶର ପ୍ରଧାନ ବିଚାରପତି ଏକ ପରିହାସର ପାତ୍ର ନୁହଁନ୍ତି । ଦୀର୍ଘଦିନ ଧରି ଜଜ୍ ଭାବେ ସେ



କାର୍ଯ୍ୟ କରିଛନ୍ତି । ଆମେ ଅନେକ ଜିନିଷ ଦେଖିଛୁ ଏବଂ ଅନେକ କାର୍ଯ୍ୟ କରିଛୁ । ଆମେ ଏଭଳି ପଦକ୍ଷେପ ନେଇଛୁ ଯେ ଯାହା ଅନ୍ୟମାନେ ଚିନ୍ତା କରିନଥିବେ । ସମସ୍ତ ନ୍ୟାୟ ସଙ୍ଗତ ପଦକ୍ଷେପ ନିଆଯାଇଛି । ସଲିସେଟର ଜେନେରାଲ ତୁଷାର ମେହେଟ୍ଟା ଯେ କି ଘଟଣାବେଳେ ଉପସ୍ଥିତ ଥିଲେ । ସେ ଏହାକୁ ନିନ୍ଦା କରିବା ସହ ଏହା ଅକ୍ଷମଣୀୟ ବୋଲି ମତ ଦେଇଥିଲେ । ମାତ୍ର ଘଟଣା ଘଟିବା ସମୟରେ ପ୍ରଧାନ ବିଚାରପତି ସ୍ଥିର ରହି କୋର୍ଟ କାର୍ଯ୍ୟ ପରିଚାଳନା କରିଥିଲେ । ସେ ତାଙ୍କ କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ଯେ ଏଭଳି ଘଟଣାରେ ବିଚଳିତ ହୁଅନ୍ତୁ ନାହିଁ । ଅନ୍ୟମାନେ ଆମ ଧ୍ୟାନକୁ ବିଚ୍ୟୁତ କରିବା ପାଇଁ ପଦକ୍ଷେପ ନେବେ । ଏହା ତାଙ୍କ ଉପରେ କୌଣସି ପ୍ରଭାବ ପକାଇବ ନାହିଁ । ପରେ ସିଜେଆଇ ସମ୍ପୃକ୍ତ ଓକିଲଙ୍କ ବିରୋଧରେ କୌଣସି ଅଭିଯୋଗ ନ କରିବା ପାଇଁ ମନା କରିଦେଇଥିଲେ ।

# ବ୍ରିଟିଶ ବାୟୁସେନାକୁ ତାଲିମ ଦେବ ଭାରତ

ମୁମ୍ବାଇ : ବ୍ରିଟିଶ ବାୟୁସେନାର ପାଇଲଟ ମାନଙ୍କୁ ତାଲିମ ଦେବେ ଭାରତୀୟ ବାୟୁସେନା ପାଇଲଟ୍ । ଗୁରୁବାର ବ୍ରିଟିଶ ପ୍ରଧାନମନ୍ତ୍ରୀ କୀର ଷ୍ଟାରମରଙ୍କ ସହ ମିଳିତ ପ୍ରେସ ବିବୃତ୍ତି ସମୟରେ ପ୍ରଧାନମନ୍ତ୍ରୀ ମୋଦୀ ଏହା ଘୋଷଣା କରିଛନ୍ତି । ସେ କହିଛନ୍ତି ଆମର ପ୍ରତିରକ୍ଷା ସହଯୋଗ ମଧ୍ୟ ବୃଦ୍ଧି ପାଇଛି । ଆମେ ପ୍ରତିରକ୍ଷା ସହ-ଉତ୍ପାଦନ ଏବଂ ଉଭୟ ଦେଶର ପ୍ରତିରକ୍ଷା ଶିଳ୍ପକୁ ସଂଯୋଗ କରିବା ଦିଗରେ ଅଗ୍ରସର ହେଉଛ । ପ୍ରତିରକ୍ଷା ସହଯୋଗକୁ ଆଉ ଏକ ପାଦ ଆଗକୁ ନେଇ, ଆମେ ସାମରିକ ତାଲିମ କ୍ଷେତ୍ରରେ ସହଯୋଗ ପାଇଁ ଏକ ଚୁକ୍ତି ସ୍ୱାକ୍ଷର କରିଛୁ । ଏହି ଚୁକ୍ତି ଅନୁଯାୟୀ, ଭାରତୀୟ ବାୟୁସେନାର ଫ୍ଲାଇଂ ପ୍ରଶିକ୍ଷକମାନେୟୁକେର ରୟାଲ୍ ବାୟୁସେନାରେ ପ୍ରଶିକ୍ଷକ ଭାବରେ କାର୍ଯ୍ୟ କରିବେ । ବ୍ରିଟେନ ହିଁ ଭାରତୀୟ ବାୟୁସେନାକୁ ପ୍ରତିଷ୍ଠା କରିଥିଲା । ୧୯୩୨, ଅକ୍ଟୋବର ୮ ତାରିଖରେ ଭାରତକୁ ଶାସନ କରୁଥିବା ବ୍ରିଟିଶ ସରକାର ରୟାଲ ଇଣ୍ଡିଆନ ଏୟାରଫୋର୍ସ ପ୍ରତିଷ୍ଠା କରିଥିଲେ । ସ୍ୱାଧୀନତା ପରେ ଏହାର ନାମ ହୋଇଥିଲା ଇଣ୍ଡିଆନ ଏୟାରଫୋର୍ସ ବା ଭାରତୀୟ ବାୟୁସେନା ।ଏବେ ସମୟର ଚକ ଓଲଟିଯାଇଛି । ଭାରତୀୟ ବାୟୁସେନା ବ୍ରିଟିଶ ବାୟୁସେନାକୁ ତାଲିମ ଦେବ ।

## ଆଇପିଏସ୍ ଆତ୍ମହତ୍ୟା ମାମଲା

# ସୁଇସାଇଡ୍ ନୋଟ୍ ଖୋଲୁଛି ଗୁମର





ହରିଆଣା: ଚଳିତ ସପ୍ତାହର ଆରମ୍ଭରେ ବରିଷ୍ଠ ଆଇପିଏସ୍ ଅଧିକାରୀ ଏଡିଜିପି ଓ୍ୱାଇ ପୁରନ କୁମାର ତାଙ୍କ ଚଣ୍ଡିଗଡ଼ସ୍ଥିତ ବାସଭବନରେ ମୃତ ଅବସ୍ଥାରେ ମିଳିବା ପରେ ମାମଲାକୁ ନେଇ ଅନେକ ପ୍ରଶ୍ନ ସୃଷ୍ଟି ହୋଇଛି । ଏହି ମାମଲାରେ ଏବେ ହରିଆଣା ସରକାର ରାଜ୍ୟ ପୁଲିସ ମୁଖ୍ୟ ଡିଜିପି ଶତ୍ରୁଜିତ କପୁରଙ୍କୁ ଛୁଟିରେ ପଠାଇବାକୁ ବିଚାର କରୁଛନ୍ତି । ସରକାରୀ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, କୁମାରଙ୍କ ନଅ ପୃଷ୍ଠାର ଆତ୍ମହତ୍ୟା ନୋଟରେ ଶତ୍ରୁଜିତ କପୁରଙ୍କ ନାମ ରହିଛି । ସୁଇସାଇଡ୍ ନୋଟରେ ହୋଇଥିବା ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ରାଜ୍ୟ ପ୍ରଶାସନ ଉପରେ ଚାପ ବୃଦ୍ଧି ପାଉଛି । ଏଥିପାଇଁ ଜଣେ ନୂତନ କାର୍ଯ୍ୟକାରୀ ଡିଜିପିଙ୍କୁ ନିଯୁକ୍ତ କରାଯିବାର ସମ୍ଭାବନା ରହିଥିବା ଅନୁମାନ କରାଯାଉଛି । ଅଧିକାରୀଙ୍କ ପକେଟରୁ ଉଦ୍ଧାର ହୋଇଥିବା ସୁଇସାଇଡ ନୋଟରେ ଜଣେ ଡିଜିପି-ରାଙ୍କ୍ ଅଧିକାରୀଙ୍କ ସମେତ ପ୍ରାୟ ୧୨ ଜଣ ବରିଷ୍ଠ ଅଧିକାରୀଙ୍କ ବିରୋଧରେ ଉତ୍ପୀଡ଼ନ, ଭେଦଭାବ ଏବଂ ପ୍ରଶାସନିକ ପକ୍ଷପାତିତାର ଗୁରୁତର ଅଭିଯୋଗ ପ୍ରକାଶ ପାଇବା ପରେ ଏହି ପଦକ୍ଷେପ ନିଆଯାଇଛି । କୁମାର ସାତରୁ ଆଠ ଜଣ ଆଇପିଏସ ଏବଂ ଦୁଇ ଜଣ ଆଇଏଏସ ଅଧିକାରୀଙ୍କ ନାମ ମଧ୍ୟ ନେଇଥିଲେ । ସେହି ନୋଟରେ ଇଚ୍ଛାପତ୍ର ଭାବରେ ଲେଖାଯାଇଥିବା ଏକ ପୃଷ୍ଠା ମଧ୍ୟ ଥିଲା, ଯେଉଁଥିରେ କୁମାରଙ୍କ ସମସ୍ତ ସମ୍ପତ୍ତି ତାଙ୍କ ସ୍ତ୍ରୀଙ୍କୁ ଦିଆଯାଉ ବୋଲି ଦାବି କରାଯାଇଥିଲା ।

ପୁଲିସ ବାସଭବନର ବିସ୍ତୃତ ଭାବେ ଯାଞ୍ଚ୍ କରିଛି । ଭିଡିଓଗ୍ରାଫି ଏବଂ ଫଟୋଗ୍ରାଫି ମାଧ୍ୟମରେ ଅନେକ ପ୍ରମାଣ ସଂଗ୍ରହ କରିଛି । ଅଧିକାରୀମାନେ ବର୍ତ୍ତମାନ ଅଧିକାରୀଙ୍କ ଦ୍ୱାରା କରାଯାଇଥିବା ଦାବିର ପ୍ରମାଣ ପାଇଁ ଡିଜିଟାଲ୍ ଏବଂ ହାତଲେଖା ସାମଗ୍ରୀ ଯାଞ୍ଚ କରୁଛନ୍ତି ।

## ମୁଖ୍ୟମନ୍ତ୍ରୀଙ୍କୁ ମୃତ ପୁଲିସ୍ ପତ୍ନୀଙ୍କ ଚିଠି

ଅକ୍ଟୋବର ୭ ତାରିଖରେ ଚଣ୍ଡିଗଡ଼ରେ ନିଜ ଘରେ ଆତ୍ମହତ୍ୟା କରିଥିବା ବରିଷ୍ଠ ହରିୟାଣା ଆଇପିଏସ୍ ଅଧିକାରୀ ୱାଇ ପୁରନ କୁମାରଙ୍କ ପତ୍ନୀ ଏବେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଚିଠି ଲେଖିଛନ୍ତି । ସେ ତାଙ୍କ ଚିଠିରେ କହିଛନ୍ତି ଯେ ୮ ପୃଷ୍ଠାର ଏକ ବିସ୍ତୃତ ଆତ୍ମହତ୍ୟା ନୋଟ୍ ଏବଂ ଏକ ଆନୁଷ୍ଠାନିକ ଅଭିଯୋଗ ସତ୍ତ୍ୱେ ଏପର୍ଯ୍ୟନ୍ତ କୌଣସି ଏଫଆଇଆର୍ ରୁଜୁ କରାଯାଇ ନାହିଁ । ତାଙ୍କ ଚିଠିରେ ସେ ତାଙ୍କ ସ୍ୱାମୀଙ୍କ ଆତ୍ମହତ୍ୟା ନୋଟ୍ ଉଦ୍ଧୃତ କରିଛନ୍ତି । ଏହା ସହ କହିଛନ୍ତି ଯେ ତାଙ୍କ ସ୍ୱାମୀଙ୍କୁ ଉତ୍ପୀଡ଼ନ, ଅପମାନ ଏବଂ ମାନସିକ ନିର୍ଯାତନାରେ ଉଚ୍ଚପଦସ୍ଥ ଅଧିକାରୀମାନେ ଜଡିତ ଅଛନ୍ତି । ସମସ୍ତ ବିବରଣୀ ଥାଇ ମଧ୍ୟ ଚଣ୍ଡିଗଡ଼ ପୁଲିସ ତାଙ୍କ ମୃତ୍ୟୁର କିଛି ଦିନ ପରେ ସେ ସବୁକୁ ଅଣଦେଖା କରିଛି । ଘଟଣା ସମୟରେ କୁମାରଙ୍କ ପତ୍ନୀ, ବରିଷ୍ଠ ଆଇଏଏସ୍ ଅଧିକାରୀ ଅମନୀତ ପି କୁମାର ଜାପାନରେ ସରକାରୀ ଡ୍ୟୁଟିରେ ଥିଲେ । ସେ କହିଛନ୍ତି ଯେ ସେ ତାଙ୍କ ସ୍ୱାମୀଙ୍କ ଆତ୍ମହତ୍ୟା ନୋଟ୍ ପାଇବା ପରେ ତାଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ଏବଂ ତାଙ୍କୁ ୧୫ ଥର ଫୋନ୍ କରିଥିଲେ । ତାଙ୍କର ଫୋନର ଉତ୍ତର ନ ମିଳିବା ପରେ, ସେ କୁମାରଙ୍କ ବିଷୟରେ ଜାଣିବା ପାଇଁ ସେମାନଙ୍କ ଛୋଟ ଝିଅକୁ ଫୋନ୍ କରିଥିଲେ । ଯେତେବେଳେ ସେ ଘରକୁ ଦୌଡ଼ିଗଲେ, ସେ ତାଙ୍କ ସ୍ୱାମୀଙ୍କ ନିଷ୍କ୍ରିୟ ଶରୀରକୁ ବେସମେଣ୍ଟରେ ପାଇଲେ ।

# ଆଜିଠୁ କଳିଙ୍ଗରେ ଜାତୀୟ ଜୁନିୟର ଆଥଲେଟିକ୍ସ ଚାମ୍ପିଅନସିପ୍

ଭୁବନେଶ୍ୱର, ୯।୧୦(ସବ୍ୟୁ) : ଭାରତୀୟ ଆଥଲେଟିକ୍ସ ମହାସଂଘ, ଓଡ଼ିଶା ଆଥଲେଟିକ୍ସ ସଂଘ ଏବଂ ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡ଼ିୟମ ଠାରେ ୪୦ତମ ନ୍ୟାସନାଲ ଜୁନିୟର ଆଥଲେଟିକ୍ସ ଚାମ୍ପିୟନସିପ୍ର ଆୟୋଜନ କରାଯିବ। ଅକ୍ଟୋବର ୧୦ ତାରିଖ ଠାରୁ ଅକ୍ଟୋବର ୧୪ ତାରିଖ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ।

ପ୍ରତିଯୋଗିତାରେ ବିଭିନ୍ନ ରାଜ୍ୟରୁ ପ୍ରାୟ ୨୦୦୦ କ୍ରୀଡ଼ାବିତ୍ ଅଂଶଗ୍ରହଣ କରିବେ। ଓଡ଼ିଶାରୁ ୩୮ଜଣ ପୁରୁଷ ଏବଂ ୩୭ଜଣ ମହିଳା ସର୍ବମୋଟ ୭୫ଜଣ କ୍ରୀଡ଼ାବିତ୍ ଅଂଶଗ୍ରହଣ କରିବେ। ସର୍ବାଧିକ କ୍ରୀଡ଼ାବିତ୍ (୧୪୭ ଜଣ) ହରିୟାଣା ରାଜ୍ୟରୁ ଅଂଶଗ୍ରହଣ କରିବେ ବୋଲି ଆଜି ଏକ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ସୂଚନା ପ୍ରଦାନ କରାଯାଇଛି।

କ୍ରୀଡ଼ା ଓ ଯୁବସେବା ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀ ସଚିନ ରାମଚନ୍ଦ୍ର ଯାଦବ କହିଛନ୍ତି ଯେ, "ଅକ୍ଟୋବର ୧୦ ତାରିଖ ଠାରୁ ଅକ୍ଟୋବର ୧୪ ତାରିଖ ପର୍ଯ୍ୟନ୍ତ ୪୦ତମ ନ୍ୟାସନାଲ ଜୁନିୟର ଆଥଲେଟିକ୍ସ ଚାମ୍ପିୟନସିପ୍ ଅନୁଷ୍ଠିତ ହେବାକୁ ଯାଉଛି। ଏଥିସହ ଅକ୍ଟୋବର ୧୧ ତାରିଖ ଠାରୁ ଅକ୍ଟୋବର ୧୫ ତାରିଖ ପର୍ଯ୍ୟନ୍ତ କଳିଙ୍ଗ ଷ୍ଟାଡ଼ିୟମ ଠାରେ ୨୮ତମ ଏସୀୟ ଟେବୁଲ ଟେନିସ ଟିମ୍ସ ଚାମ୍ପିୟନସିପ୍ ଅନୁଷ୍ଠିତ ହେବାକୁ ଯାଉଛି। ଏକ ସମୟରେ ଜାତୀୟ ଓ ଅନ୍ତର୍ଜାତୀୟ କ୍ରୀଡ଼ା ପ୍ରତିଯୋଗିତାର ଆୟୋଜନ କରିବା ଆମ ସମସ୍ତଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ। କ୍ରୀଡ଼ାବିତମାନେ ନିଜର ଉତ୍କୃଷ୍ଟ ପ୍ରଦର୍ଶନ ମାଧ୍ୟମରେ ସଫଳତା ଅର୍ଜନ କରିବେ ବୋଲି ମୁଁ ଆଶା କରୁଛି।"

"ଓଡ଼ିଶାରେ କଳିଙ୍ଗ ଷ୍ଟାଡ଼ିୟମରେ ବିଗତ ଅଗଷ୍ଟ ମାସରେ ସଫଳତାର ସହ ୱାର୍ଲ୍ଡ଼ କଣ୍ଟିନେଣ୍ଟାଲ ଟୁର୍ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତାର ଆୟୋଜନ ମାଧ୍ୟମରେ ବିଶ୍ୱ କ୍ରୀଡ଼ା ଜଗତରେ ଓଡ଼ିଶା ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛି। ୪୦ତମ ନ୍ୟାସନାଲ ଜୁନିୟର ଆଥଲେଟିକ୍ସ ଚାମ୍ପିୟନସିପ୍ର ଆୟୋଜନ ମଧ୍ୟ ସଫଳତାର ସହ ହେବ", ବୋଲି ଭାରତୀୟ ଆଥଲେଟିକ୍ସ ମହାସଙ୍ଗ ପକ୍ଷରୁ ଶ୍ରୀ ଆଦିଲ୍ ସୁମାରିୱାଲା ମତପ୍ରକାଶ କରିଛନ୍ତି।

# ମହିଳା ବିଶ୍ୱ କପ୍ : ମ୍ୟାଚ ଛଡାଇ ନେଲା ଦ. ଆଫ୍ରିକା

ବିଶାଖାପଟନମ୍, ୯।୧୦(ଏଜେନ୍ସି) : ବିଶାଖାପଟନମ୍ରେ ମହିଳା ଦିନିକିଆ ବିଶ୍ୱ କପ୍ର ୧୦ମ ମ୍ୟାଚ ଭାରତ ଓ ଦ. ଆଫ୍ରିକା ମଧ୍ୟରେ ଖେଳାଯାଇଛି।ଏହି ମ୍ୟାଚରେ ଭାରତ ରିଚା ଘୋଷଙ୍କ ୯୪ ରନ୍ର ଲଢୁଆ ଇନିଂସ ଯୋଗୁଁ ୪୯,୪ ଓଭରରେ ୨୫୧ ରନ୍ କରି ଅଲଆଉଟ୍ ହୋଇଥିଲା। ଜବାବରେ ଦ. ଆଫ୍ରିକା ୨୫୨ ରନ୍ର ବିଜୟ ଲକ୍ଷ୍ୟକୁ ୪୮.୫ ଓଭରରେ ୭ ୱିକେଟ୍ ହରାଇ ହାସଲ କରିନେଇଥିଲା। ନାଦିନ ଡି କ୍ଲାର୍କ ୫୪ ବଲରୁ ୮୪ ରନ୍ର ଇନିଂସ ଖେଳି ଭାରତ ହାତରୁ ମ୍ୟାଚ ଛଡାଇ ଆଣିଥିଲେ। ଏହା ଦ. ଆଫ୍ରିକାରୁ ଦ୍ୱିତୀୟ ବିଜୟ। ଭାରତ ୩ ମ୍ୟାଚରୁ ଗୋଟିଏ ପରାଜୟ ସହ ୪ ପଏଣ୍ଟ ପାଇଛି।

ବିଶାଖାପଟନମ୍ର ୱାଇଏସ୍ ରାଜଶେଖର ରେଡ୍ଡୀ କ୍ରିକେଟ୍ ଷ୍ଟାଡିୟମରେ ଦ. ଆଫ୍ରିକା ଟସ୍ ଭାରତକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ଦ. ଆଫ୍ରିକାର ସାଣିତ ବୋଲିଂ ଆଗରେ ଭାରତ ୧୦୦ ରନ୍ ମଧ୍ୟରେ ପ୍ରମୁଖ ୬ ବ୍ୟାଟରଙ୍କୁ ହରାଇ ବ୍ୟାକ୍ଫୁଟ୍କୁ ଚାଲିଥିଲା। ଓପନ୍ର ପ୍ରତିକା ରାୱଲ ୩୭, ସ୍ମୃତି ମନ୍ଧାନା ୨୩, ହାରୋଲିନ୍ ଦେୱଲ ୧୩, ଅମନ୍ ଜିତ୍ କୌର ୧୩ ରନ୍, ଅଧିନାୟିକା ହରମନପ୍ରିତ କୌର ୯ ରନ୍ କରି ଆଉଟ୍ ହୋଇଥିଲେ। ଏଭଳି ଏକ ଘଡିସନ୍ଧି ମୁହୂର୍ତ୍ତରେ ୱିକେଟ୍ ରକ୍ଷକ ରିଚା ଘୋଷ ଜମାଣିଆ ଇନିଂସ ଖେଳିଥିଲେ। ସେ ୭୭ ବଲରୁ ୧୧ ଚୌକା ଓ ୪ ଛକା ସହାୟତାରେ ୯୪ ରନ୍ କରିଥିଲେ। ତାଙ୍କ ବ୍ୟତୀତ ସ୍ନେହ ରାଣା ୩୩ ରନ୍ କରିବାରୁ ଭାରତ ୪୯,୫ ଓଭରରେ ୨୫୧ ରନ୍ ଅଲ ଆଉଟ୍ ହୋଇଥିଲା। ଦ. ଆଫ୍ରିକାର ଚୋଲି ଟ୍ରାୟନ୍ ୩ ଟି, ମାରିଜାନେ କାପ୍, ନାଦିନ ଡି କ୍ଲେର୍କ ଓ ମିଆବା ୨ ଟି କରି ୱିକେଟ୍ ସଫଳତା ହାସଲ କରିଥିଲେ।

୨୫୨ ରନକୁ ପିଛା କରିଥିବା ଦ. ଆଫ୍ରିକା ପକ୍ଷରୁ ଅଧିନାୟକ ଲୌରା ଓଲଭରଡିଟ୍ ୭୦, ମାରିଜାନେ କାର୍ଫ ୨୦, ସିନାଲୋ ଜାପଟା ୧୪, ଚୋଲି ଟ୍ରାଅନ୍ ୪୯ ରନ୍କରିଥିଲେ। ଶେଷ ଭାଗରେ ନାଦିନ ଡି କ୍ଲାର୍କ ବିସ୍ଫୋରକ ୮୪ ରନ୍ର ଇନିଂସ ଖେଳି ଭାରତ ହାତରୁ ମ୍ୟାଚ ଛଡାଇ ଆଣିଥିଲେ। ଭାରତର କ୍ରାନ୍ତିଗୌଡ ଓ ସ୍ନେହ ରାଣା ଦୁଇଟି କରି ତଥା ଅମନଜୋତ କୌର, ଶ୍ରୀଚରଣୀ ଓ ଦିପ୍ତୀଶର୍ମା ଗୋଟିଏ କରି ୱିକେଟ୍ ସଫଳତା ହାସଲ କରିଥିଲେ। ଚଳିତ ବିଶ୍ୱ କପ୍ରେ ଭାରତ ପ୍ରଥମ ପରାଜୟ ବରଣ କରିଛି।

# ରାଜ୍ୟ ଅସିଚାଳନା ପ୍ରତିଯୋଗିତା ଉଦଯାପିତ




ଭୁବନେଶ୍ୱର, ୯।୧୦(ସବ୍ୟୁ) : କଟକ ଓଡିଶା ଅସିଚାଳନା ସଂଘ ଆନୁକୂଲ୍ୟରେ ଯବାହରଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମ ଚାଲିଥିବା ଚତୁର୍ଥ ରାଜ୍ୟ ଅସିଚାଳନା ଚାମ୍ପିୟନସିପ ଗୁରୁବାର ଉଦଯାପିତ ହୋଇଯାଇଛି । ଏଥିରେ ବଲାଙ୍ଗୀର ଚାମ୍ପିୟନ ଓ ଭୁବନେଶ୍ୱର ରନର୍ସଅପ ଆଖ୍ୟା ଅର୍ଜନ କରିଛି । ମହିଳା ବିଭାଗରେ ବଲାଙ୍ଗୀରର ପୁରୁଷରେ କାହ୍ନା ଗଡତିଆ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ଅତିଥି ଭାବେ ଓଡିଶା ଓଡିଶା ଅଲମ୍ପିକ ସଂଘ ସମ୍ପାଦକ ଶ୍ରୀଯୁକ୍ତ ଅଭିଜିତ ପାଲ ଏବଂ ନିକିତା ମିଶ୍ର ଅଭିନତ୍ରୀ କୃତି ଖେଳାଳିମାନଙ୍କୁ ପୁରସ୍କୃତ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅସିଚାଳନା ସଂଘ ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ ସାଙ୍ଗଠନି ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ଉପ ସଭାପତି ରମେଶ ମଲ୍ଲିକ, କୋଷାଧକ୍ଷ ନିର୍ମଳ ବିକାଶ ମହାପାତ୍ର, ଅମ୍ରିତା ସାହୁ, ସହଦେବ ରାଉତ, ବିକାଶ ନାଏକ,କୋଚ ସୁକାନ୍ତ ସେଠ, ଅନ୍ବଷୋ ରାଉତ, କରିଶ୍ମା ରାଉତ, ନିତିନ ସ୍ୱାଇଁ, ରୋଶନ ସାହୁ, ବର୍ଷା ବେହେରା, ସାହିଲ କୁମ୍ବାର, ଲକ୍ଷ୍ମୀକାନ୍ତ ପଟ୍ଟନାୟକ, ଜୋତି ଠାକୁର, ଉପସ୍ଥିତ ଥିଲେ।

# କଳିଙ୍ଗ କପ୍- ୨୦୨୫ : ରକ୍ ଷ୍ଟାର ଚାମ୍ପିଅନ

ଭୁବନେଶ୍ୱର, ୯।୧୦(ସବ୍ୟୁ) : ଗୋପବନ୍ଧୁ କ୍ଲବ ଆନୁକୂଲ୍ୟରେ ଗତ ୨ ତାରିଖରୁ ଆରମ୍ଭ ହୋଇଥିବା ୪ର୍ଥ କଳିଙ୍ଗ କପ୍ - ୨୦୨୫, ୪ର୍ଥ ସଂସ୍କରଣରେ ରକ ଷ୍ଟାର ଚାମ୍ପିଅନ ହୋଇଛି ।

ଫାଇନାଲ ମ୍ୟାଚ ଥାର୍ଡ ଆଇ ବିଦ୍ୟୁତ ଓ ରକ ଷ୍ଟାର ମଧ୍ୟରେ ଖେଳାଯାଇଥିଲା ।

ପ୍ରତିଯୋଗିତା ଅକ୍ଟୋବର ୨ ରୁ ୯ ଭୁବନେଶ୍ୱର ଗୋପବନ୍ଧୁ ପଡିଆରେ ମ୍ୟାଚ ଗୁଡ଼ିକ ଖେଳାଯାଥିଲା । ଚଳିତ ବର୍ଷ ଏହି ଟୁର୍ନାମେଣ୍ଟ ବଡ଼ ଧରଣର ଆୟୋଜନ କରାଯିବ ସହ ବିନା କୌଣସି ଏଣ୍ଟ୍ରି ଫି ନ ଦେଇ ଓଡ଼ିଶା ସବୁ ଜିଲ୍ଲାର ଖେଳାଳୀ ଅଂଶଗ୍ରହଣ କରିଥିଲେ । ଚାମ୍ପିୟନ ଦଳକୁ ୧.୫ ଲକ୍ଷ, ରନର୍ସ ଅପକୁ ୧ ଲକ୍ଷ ଏବଂ ୩ୟ, ୪ର୍ଥ, ୫ମ, ୬ଷ୍ଠ ଓ ଶୃଙ୍ଖଳିତ ଦଳକୁ ୫୦ ହଜାର ଟଙ୍କା ଲେଖାଏଁ ପୁରସ୍କାର ପ୍ରଦାନ କରାଯାଇଥିଲା ।ପୁରସ୍କାର ପ୍ରଦାନ ଉତ୍ସବରେ ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ମୁଖ୍ୟ ଅତିଥି ଏବଂ ଗୌତମ କୁମାର ବେହେରା ଓ ଯୁବ ସମାଜସେବୀ ମନୋଜ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଗୋପବନ୍ଧୁ କ୍ଲବର ସଭାପତି ଦେବ ପ୍ରସାଦ ଜେନା, ସମ୍ପାଦକ ଅବିନାଶ ସାହୁ,ଉପ ସଭାପତି ରଞ୍ଜିତ ଜେନା ଏହି ଅବସରରେ ଉପସ୍ଥିତ ଥିଲେ । ଜ୍ଞାନ ଓ ବାବୁଲ ମ୍ୟାଚ ପରିଚାଳନା କରିଥିଲେ । ଟୁର୍ଣ୍ଣାମେଣ୍ଟର ବ୍ରାଣ୍ଡ ଆମ୍ବାସଡର ଅଭିନେତ୍ରୀ ଭୂମିକା ଏହାର ଉଦଘାଟନ କରିଥିଲେ ।





# ବିଲେନିୟର ଫୁଟବଲର ରୋନାଲ୍ଡୋ

ନୂଆଦିଲ୍ଲୀ, ୯।୧୦(ଏଜେନ୍ସି) : ପର୍ତ୍ତୁଗାଲର ତାରକା ଫୁଟବଲର କ୍ରିଷ୍ଟିୟାନ ରୋନାଲ୍ଡୋ ବିଶ୍ୱର ପ୍ରଥମ ଫୁଟବଲର ଭାବେ ବିଲେନିୟର ତାଲିକାରେ ସ୍ଥାନ ପାଇଛନ୍ତି। ବ୍ଲୁମବର୍ଗ ରିପୋର୍ଟ ଅନୁସାରେ ତାଙ୍କର ବର୍ତ୍ତମାନର ସମ୍ପତ୍ତି ୧.୪ ବିଲିୟନ୍ ଡଲାରରୁ ଅଧିକ। ଭାରତୀ ଟଙ୍କାରେ ଏହା ୧୨୩୫୨ କୋଟି ଟଙ୍କା ପାଖାପାଖି। ରୋନାଲ୍ଡୋ ୨୦୦୨ ରୁ ୨୦୨୩ ମଧ୍ୟରେ ୫୫୦ ମିଲିୟନ ଡଲାରରୁ ଅଧିକ ଆୟ କରିଥିଲେ। ୪୦ ବର୍ଷ ବୟସ୍କ ରୋନାଲ୍ଡୋଙ୍କ ଏହି ବିପୁଳ ଧନରାଶୀ ମାଞ୍ଚେଷ୍ଟର ୟୁନାଇଟେଡ୍, ରିୟଲ ମାଦ୍ରିଦ ଓ ଜୁଭେଣ୍ଟସ୍ ଭଳି ବଡ ୟୁରୋପୀୟ କ୍ଲବ ସହିତ ଖେଳିବା, ନିବେଶ ଓ ଏଣ୍ଡୋର୍ସମେଣ୍ଟରୁ ଆସିଛି। ରୋନାଲ୍ଡୋଙ୍କ ଆୟର ସବୁଠୁ ବଡ ମାଧ୍ୟମ ହେଉଛି ନାଇଟ୍ ବ୍ରାଣ୍ଡ। ଏହି ଡିଲରୁ ସେ ପ୍ରତ୍ୟେକ ବର୍ଷ ୧୮ ବିଲିୟନ ଡଲାର ପାଇଥାନ୍ତି। ନାଇଟ୍ ବ୍ୟତୀତ ସେ ଅର୍ମାନୀ, ହର୍ବଲାଇଫ୍ ଓ କ୍ଲିୟର ଭଳି ଅନ୍ୟ କ୍ଲୋବାଲ ବ୍ରାଣ୍ଡ ସହିତ ସମ୍ପୃକ୍ତ ଅଛନ୍ତି।

ସୋସିଆଲ୍ ମିଡିଆରେ ରୋନାଲ୍ଡୋଙ୍କ ଲୋକପ୍ରିୟତା ସବୁଠୁ ଅଧିକ। ତାଙ୍କ ସମକକ୍ଷ କେହି ନାହାଁନ୍ତି। ଇନ୍ଷ୍ଟାଗ୍ରାମରେ ତାଙ୍କ ଫଲୋଅର୍ସ ସଂଖ୍ୟା ସାରା ବିଶ୍ୱରେ ଅଧିକ। ୬୬୫ ବିଲିୟନରୁ ଅଧିକ ଲୋକ ତାଙ୍କୁ ଫଲୋ କରନ୍ତି। ସେ ଗୋଟିଏ ପୋଷ୍ଟ କଲେ କୋଟି କୋଟି ଟଙ୍କା ଆୟ କରନ୍ତି। ୨୦୨୩ରେ ରୋନାଲ୍ଡୋ ସାଉଦିଆରବ ଫୁଟବଲ୍ କ୍ଲବ୍ ଅଲ ନାସର ସହିତ ଚୁକ୍ତି କରିଥିଲେ। ଏହା ତାଙ୍କ ଲାଗି ମାଇଲ୍ ଖୁଣ୍ଟ ସାବ୍ୟସ୍ତ ହୋଇଛି। ଏହି କ୍ଲବରୁ ସେ ବାର୍ଷିକ ୨୦୦ ମିଲିୟନ ଡଲାର ନେଇଥାନ୍ତି। କେବଳ ଏତିକି ନୁହେଁ ଅଲ ନାସର ସହ ଚୁକ୍ତି ସମୟରେ ରୋନାଲ୍ଡୋଙ୍କୁ ୩୦ ମିଲିୟନ ଡଲାର ସାଇନିଂ ଏମାଉଣ୍ଟ ମିଳିଥିଲା। ସେ ପ୍ରଥମ ଫୁଟବଲର ଭାବେ ବିଲେନିୟର ତାଲିକାରେ ସାମିଲ ହୋଇ ନୂଆ କୀର୍ତ୍ତିମାନ ସ୍ଥାପନ କରିଛନ୍ତି।

**ଆବଶ୍ୟକ**
ବୟସ୍କ ଲୋକ କେୟାର, ବେବି କେୟାର ଓ ରୋଷେଇ ଘରକାମ ପାଇଁ ତିନିଜଣ ମହିଳା ଆବଶ୍ୟକ, ଭଲ ଦରମା ।
ମୋ- 83398 88654







Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି